# ଉତ୍କଳ ପ୍ରସଙ୍ଗ

ଅକ୍ଟୋବର ୧୯୯୪



VOL LII No. 2 UTKAL PRASANGA Regd. No. O—SN—05/90
Licence No. BNPPP—01/95—Licensed to post without Pre-payment



ଦଣ୍ଡାନିଧିପୁଟ୍ଟା ଆଦିବାସୀମାନଙ୍କ ଦ୍ୱାରା ନିର୍ମିତ ସେତୁକୁ ପ୍ରଧାନମନ୍ତ୍ରୀ ଶ୍ରୀ ନରସିଂହ ରାଓ ପରିଦର୍ଶନ କରୁଛନ୍ତି ।



କୋରାପୁଟ ଜିଲ୍ଲାର ଦଣ୍ଡାନିଧିପୁଟ୍ଟାଠାରେ ପ୍ରଧାନମନ୍ତ୍ରୀ ଶ୍ରୀ ନରସିଂହ ରାଓ ପିଲାମାନଙ୍କୁ ମଧ୍ୟାହ୍ନ-ଭୋଜନ ପରଶୁଛନ୍ତି ।



ଅନୁଗୁଳ ମାଳତୀ ଚୌଧୁରୀ ଆଶ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଗାନ୍ଧୀବାଦୀ ନେତ୍ରୀ ଓ ପ୍ରଖ୍ୟାତ ସମାଜସେବିକା ମାଳତୀ ଦେବୀ ଚୌଧୁରୀଙ୍କୁ 'ଉତ୍କଳ ସେବା' ସମ୍ମାନରେ ଭୂଷିତ କରୁଛନ୍ତି ।



କେନ୍ଦ୍ର ମାନବ ସମ୍ବଳ ରାଷ୍ଟ୍ରମନ୍ତ୍ରୀ ଡାକ୍ତର କୃପାସିନ୍ଧୁ ଭୋଇଙ୍କ ସମ୍ମାନାର୍ଥେ ରାଜ୍ୟ କଂଗ୍ରେସ ଭବନଠାରେ ଆୟୋଜିତ ଏକ ସମ୍ବର୍ଦ୍ଧନା ସଭାରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି ।

# ଉତ୍କଳ ପ୍ରସଙ୍ଗ

୫୨ ଭାଗ ୩ୟ ସଂଖ୍ୟା ମାର୍ଗଶିର ୧୯୧୭ ଶକାବ୍ଦ ଅକ୍ଟୋବର ୧୯୯୫

**ଶ୍ରୀ ସୁରସେନ ଜେନା**
ନିର୍ଦ୍ଦେଶକ
ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶା

**ସମ୍ପାଦନା ମଣ୍ଡଳୀ**

**ଶ୍ରୀ ମହେଶ୍ୱର ମୁଳିଆ**
କାର୍ଯ୍ୟନିର୍ବାହୀ ସମ୍ପାଦକ

**ଶ୍ରୀ ଶରତ ଚନ୍ଦ୍ର ସାମନ୍ତରାୟ**
ସମ୍ପାଦନା ସହଯୋଗୀ

**ପ୍ରଚ୍ଛଦପଟ**
ପରିକଳ୍ପନା ଓ ଅଭିନ୍ୟାସ ଉପ ବିଭାଗ
ଓଡ଼ିଶା ସରକାରୀ ମୁଦ୍ରଣାଳୟ

ବାର୍ଷିକ ଦେୟ : ଟ ୨୦.୦୦
ପ୍ରତି ଖଣ୍ଡ : ଟ ୨.୦୦

ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ସରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣୀ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସମ୍ପର୍କିତ ଆଲୋଚନା ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଗୁଡ଼ିକ ବିଷୟରୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଭାବିବା ଉଚିତ ନୁହେଁ ।

**"ଉତ୍କଳ ପ୍ରସଙ୍ଗ"** ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ହେଁ ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ବହୁ କ୍ଷେତ୍ରରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

ଓଡ଼ିଶା ସରକାରଙ୍କର ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ପ୍ରକାଶିତ
ଏବଂ
ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ-୧୦ ରେ ମୁଦ୍ରିତ ।

# ସୂଚୀ


ରାଷ୍ଟ୍ରର ଧ୍ରୁବତାରା ............ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ୧
ସଂହତି ଶକ୍ତି : ଦୁର୍ଗା ............ ଡକ୍ଟର ଧନେଶ୍ୱର ମହାପାତ୍ର ୩
ଶ୍ରୀଦୁର୍ଗା ............ ଡକ୍ଟର ହରିଶ୍ଚନ୍ଦ୍ର ଦାସ ୬
ଗାନ୍ଧିଜୀଙ୍କ ଜୀବନାଦର୍ଶ ............ ଶ୍ରୀ ଦେବାଶିଷ ଚକ୍ରବର୍ତ୍ତୀ ୧୦
ବୈଷ୍ଣବ ପାଣି ଏକ ଅନନ୍ୟ ପ୍ରତିଭା ............ ଶ୍ରୀ ବିଶ୍ୱେଶ୍ୱର ମହାନ୍ତି ୧୨
ମମତାର ସୀମାହୀନ ସାଗର—ମା ପାର୍ବତୀ ଗିରି ............ ଶ୍ରୀ ତାରାକାନ୍ତ ମହାନ୍ତି ୧୫
ପ୍ରଜାମଣ୍ଡଳ ଆନ୍ଦୋଳନ ଓ ବାଜି ରାଉତ ............ ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ ୧୭
ଦରିଦ୍ରର ବନ୍ଧୁ—ଗୋପବନ୍ଧୁ ............ ଶ୍ରୀମତୀ ଅର୍ଚ୍ଚନା ଦାସ ୧୯
ତୁମକୁ ମୋ କୋଟି ନମସ୍କାର ............ ଶ୍ରୀ ମହେଶ୍ୱର ମୁଳିଆ ୨୨
ଆଧୁନିକ ଓଡ଼ିଆ ସାହିତ୍ୟ ଓ କବିବର ରାଧାନାଥ ............ କୁମାରୀ ଉଷାରାଣୀ ଜେନା ୨୩
ହରିଶଙ୍କର ଓ ନୃସିଂହ ନାଥ ............ ଶ୍ରୀ ଦାଶରଥି ପାତ୍ର ୨୬
ପଣ୍ଡିତ ନୀଳକଣ୍ଠ ଦାସ : ଏକ ବହୁମୁଖୀ ପ୍ରତିଭା ............ ଶ୍ରୀ ବୈକୁଣ୍ଠନାଥ ମହାପାତ୍ର ୩୦
ଅହଲ୍ୟା ଉଦ୍ଧାର ............ ଅଧ୍ୟାପିକା ଅଞ୍ଜଳି ଖୁଣ୍ଟିଆ ୩୩
ଓଜୋନ ବାଷ୍ପ ହ୍ରାସ : ଜୀବ ଜଗତ ପ୍ରତି ବିପଦ ............ ୩୪
ପ୍ରଗତି ପ୍ରସଙ୍ଗ ............ ୪୦



ଓଡ଼ିଶାରେ ଗାନ୍ଧିଜୀ



ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସ

## ସମ୍ପାଦକୀୟ

# ଶକ୍ତିର ଆବାହନ

ଯୁଗ ଯୁଗ ଧରି ଦେବ ଓ ଦାନବ– ଏହି ଦୁଇ ଶକ୍ତି ମଧ୍ୟରେ ଅନବରତ ସଂଗ୍ରାମ ଲାଗି ରହିଛି । ଏହି ସଂଗ୍ରାମରେ ଦେବଶକ୍ତିର ସବୁବେଳେ ବିଜୟ ଘଟିଛି ।

ଜଗଜ୍ଜନନୀ ଦେବୀ ଦୁର୍ଗା ସମସ୍ତ ଦେବଶକ୍ତିର ସମଷ୍ଟି । ସେ ଆଦ୍ୟାଶକ୍ତି । ବିଶ୍ୱରୂପା । ବିଶ୍ୱର ପ୍ରତ୍ୟେକ ବସ୍ତୁରେ ସେ ବିଦ୍ୟମାନ। ତାଙ୍କରିଠାରୁ ପ୍ରତ୍ୟେକ ବସ୍ତୁର ସୃଷ୍ଟି । ତାଙ୍କରି କୋଳରେ ସମସ୍ତଙ୍କର ସ୍ଥିତି ପୁଣି ତାଙ୍କରିଠାରେ ସବୁରି ଅବଲୁପ୍ତି । ସେ ଦୁର୍ଗତିନାଶିନୀ ସଙ୍କଟହାରିଣୀ ଓ କଲ୍ୟାଣମୟୀ ।

ଦେବୀ ନବରୂପରେ ପ୍ରକଟିତା । ମହାକାଳୀ ରୂପରେ ସେ ମଧୁ–କୈଟଭ, ମହାଲକ୍ଷ୍ମୀ ରୂପରେ ମହିଷାସୁର, ମହାସରସ୍ୱତୀ ରୂପରେ ଶୁମ୍ଭ, ନିଶୁମ୍ଭ ଆଦି ଅସୁର, ରକ୍ତ ଦନ୍ତିକା ରୂପରେ ବୈପ୍ରଚିତ୍ତି, ଶ୍ରୀଦୁର୍ଗା ରୂପରେ ଦୁର୍ଗମାସୁର, ଭ୍ରାମରୀ ରୂପରେ ଅରୁଣ, ଚଣ୍ଡିକା ରୂପରେ ଚଣ୍ଡ–ମୁଣ୍ଡଙ୍କୁ ସଂହାର କରିଥିଲେ । ଶାକମ୍ଭରୀ ରୂପରେ ବିଶ୍ୱର ଅନ୍ନାଭାବ ଦୂର କରି ଜୀବଜଗତକୁ ଜୀବନଦାନ ଦେଇଥିଲେ ।

ପ୍ରାକ୍ ବୈଦିକ କାଳରୁ ଭାରତୀୟ ସଂସ୍କୃତି, ଧର୍ମ ଓ ଦର୍ଶନରେ ଶକ୍ତି ଉପାସନା ବା ମାତୃ ପୂଜାର ପରମ୍ପରା ପ୍ରଚଳିତ । ଏହାର ମୂଳତତ୍ତ୍ୱ ହେଉଛି ଅସତ୍ୟ ଉପରେ ସତ୍ୟର, ଅଧର୍ମ ଉପରେ ଧର୍ମର, ଅନ୍ୟାୟ ଉପରେ ନ୍ୟାୟର ବିଜୟ । ବେଦ, ଉପନିଷଦ, ପୁରାଣ ଅନୁସାରେ ଦେବତାମାନଙ୍କ ତେଜଶକ୍ତିରୁ ଦେବୀ ଆବିର୍ଭୂତା ହୋଇ ମହିଷାସୁର କୁ ସଂହାର କରିଥିଲେ । ଶୁମ୍ଭ–ନିଶୁମ୍ଭ, ଚଣ୍ଡ–ମୁଣ୍ଡ, ରକ୍ତବୀର୍ଯ୍ୟ ଆଦି ପ୍ରବଳ ପ୍ରତାପୀ ଅସୁରମାନଙ୍କୁ ନିପାତ କରି ବିଶ୍ୱବ୍ରହ୍ମାଣ୍ଡକୁ ଦାନବ ଅତ୍ୟାଚାରରୁ ରକ୍ଷା କରିଥିଲେ । ଦୁର୍ଗମ ଅସୁରଙ୍କୁ ବଧ କରି ଦେବୀ ଦୁର୍ଗା ଚାରି ବେଦକୁ ଉଦ୍ଧାର କରିଥିଲେ । ଦୁର୍ଗମ ଅସୁର ସହିତ ଯୁଦ୍ଧ କାଳରେ ଦେବୀଙ୍କ ଶରୀରରୁ ଦଶମାତୃକା ପ୍ରକଟିତା ହୋଇଥିଲେ ଶ୍ରୀବିଦ୍ୟା, ଶ୍ରୀମତୀ, ତ୍ରିପୁରାସୁନ୍ଦରୀ, ମାତଙ୍ଗୀ, ଭୁବନେଶ୍ୱରୀ, ଭୈରବୀ, ବଗଳା, ଧୂମା, ଛିନ୍ନମସ୍ତା, ତାରା ଓ କାଳୀ । ଏହି ଶକ୍ତି ଦେବୀମାନେ ବିଭିନ୍ନ ଶକ୍ତିପୀଠରେ ପୂଜାପାଉ ଆସୁଛନ୍ତି ।

ଶ୍ରୀଦୁର୍ଗା ନଅଦିନ ଧରି ମହିଷାସୁର ସହିତ ଯୁଦ୍ଧ କରି ଆଶ୍ୱିନ ଦଶମୀ ତିଥିରେ ତାଙ୍କୁ ବଧ କରିଥିଲେ । ସେଥିପାଇଁ ବିଜୟା ଦଶମୀ ଦୁର୍ଗା ପୂଜାର ଅନ୍ତିମ ଦିବସ ରୂପେ ବିପୁଳ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇଆସୁଛି । ଏହି ଦିବସର ବୈଶିଷ୍ଟ୍ୟ ବିଭିନ୍ନ ଭାବରେ ପୁରାଣମାନଙ୍କରେ ବର୍ଣ୍ଣିତ ହୋଇଛି । ବିଜୟା ଦଶମୀ ଦିନ ଶ୍ରୀରାମଚନ୍ଦ୍ର ରାବଣଙ୍କୁ ବଧ କରି ଲଙ୍କା ଜୟ କରିଥିଲେ । ରାବଣର ଦଶଟି ଶିର ଛେଦନ ହୋଇଥିବାରୁ ଏହି ଦିନଟି ଦଶହରା ନାମରେ ଖ୍ୟାତ । ସେଦିନ ବିଭିନ୍ନ ସ୍ଥାନରେ ରାବଣପୋଡ଼ି ଉତ୍ସବ ଅନୁଷ୍ଠିତ ହୋଇଥାଏ । ଅନ୍ୟ ଏକ ଆଖ୍ୟାନ ହେଉଛି କୁରୁକ୍ଷେତ୍ର ଯୁଦ୍ଧକାଳରେ ପାଣ୍ଡବମାନେ ବନଦୁର୍ଗାଙ୍କୁ ଆରାଧନା କରି ବିଜୟ ଲାଭ କରିଥିଲେ । ଅଜ୍ଞାତବାସ କାଳରେ ଅର୍ଜୁନ ନିଜର ଧନୁଶର ଏକ ଶମୀବୃକ୍ଷ ଉପରେ ଲୁଚାଇ ରଖିଥିଲେ । ବିଜୟା ଦଶମୀ ଦିନ ସେ ଯୁଦ୍ଧ ଅଭିଯାନରେ ବାହାରିବା ବେଳେ ଏହି ଧନୁଶର ନେଇଥିଲେ । ଶମୀବୃକ୍ଷଠାରୁ ସେ ବିଜୟୀ ହେବାକୁ ଆଶୀର୍ବାଦ ଲାଭ କରିଥିଲେ । ସେଥିପାଇଁ ଏହି ଦିନ ଶମୀବୃକ୍ଷ ପୂଜା ହୋଇଥାଏ । କ୍ଷତ୍ରିୟମାନେ ମଧ୍ୟ ସେମାନଙ୍କର କୌଳିକ ଅସ୍ତ୍ରଶସ୍ତ୍ର ପୂଜା କରିଥାନ୍ତି । ଏହିପରି ଭାବରେ ଆମର ଧାର୍ମିକ ପରମ୍ପରା ଓ ସାଂସ୍କୃତିକ ଜୀବନରେ ବିଜୟା ଦଶମୀ ବା ଦଶହରା ଏକ ବିଜୟ ଉତ୍ସବ ଭାବରେ କେଉଁ ଅନାଦିକାଳରୁ ପାଳିତ ହୋଇଆସୁଛି । ଏହି ଉତ୍ସବର ଅନ୍ତର୍ନିହିତ ଉଦ୍ଦେଶ୍ୟ ହେଲା– ଆସୁରିକ ଶକ୍ତି ଉପରେ ଦେବ–ଶକ୍ତିର ବିଜୟ ପାଇଁ ଶକ୍ତିର ଆବାହନ ।

ଆଜି ମଣିଷ ଜାତି ଅସୁର ଭଳି ହିଂସ୍ର ଓ ଅତ୍ୟାଚାରୀ ହୋଇଉଠିଛି, ଅନ୍ୟାୟ, ଅସତ୍ୟ, ଅଧର୍ମର ଅନ୍ଧକାରରେ ଏ ଜଗତ ଆଚ୍ଛନ୍ନ । ମଣିଷ ହୃଦୟରୁ ସ୍ନେହ, ପ୍ରେମ, କରୁଣା ଓ ମାନବିକତା ଲୋପ ପାଇଗଲାଣି । ଘାରିଥାଏ ଅଶାନ୍ତି, ଅସନ୍ତୋଷ ଓ ଆତଙ୍କର ବାତ୍ୟା । ହିଂସା, ଦ୍ୱେଷ, ଅସୂୟା, ଅହଙ୍କାର, ଅହମିକା ସମସ୍ତ ସମାଜକୁ ଗ୍ରାସ କରିଗଲାଣି । ଏହି ସଙ୍କଟରୁ ଦୁର୍ଗତିନାଶିନୀ ମା' ଦୁର୍ଗା ହିଁ ଏ ମଣିଷ ଜାତିକୁ ଉଦ୍ଧାର କରିପାରିବେ । ଆଜିର ପୁଣ୍ୟ ତିଥିରେ ସମସ୍ତେ ଆସନ୍ତୁ ସେହି କରୁଣାମୟୀ ଜଗଜ୍ଜନନୀଙ୍କଠାରୁ କଲ୍ୟାଣ ଭିକ୍ଷା କରିବା–ମା' ଆମ ମନରୁ ସମସ୍ତ ଅହଙ୍କାର ବିଭେଦ, ବିଦ୍ୱେଷ ଓ ହିଂସ୍ର ଭାବ ଦୂର କରି ଏକ ସୁନ୍ଦର ଶାନ୍ତି ଓ ସମୃଦ୍ଧିର ସଂସାର ଗଢ଼ିବା ପାଇଁ ଆମକୁ ଶକ୍ତି ଦିଅ ।

# ସଂକଳ୍ପର ଦିନ

ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ୧୨୫ତମ ଜନ୍ମ ବାର୍ଷିକୀର ଉଦ୍‌ଯାପନ ଉତ୍ସବ ପାଳିତ ହୋଇଯାଉଛି । ଏହି ମହାପୁରୁଷଙ୍କ ମହାନ୍ ଜୀବନ ଓ ସାଧନା କାଳ କାଳ ଧରି ପ୍ରତ୍ୟେକ ଭାରତୀୟର ଆଦର୍ଶ ଓ ପ୍ରେରଣାର ଉତ୍ସ ହୋଇ ରହିବ । ସେ ଏ ଜାତି ପାଇଁ

ଜନ୍ମ ହୋଇଥିଲେ । ଏ ଦେଶ ପାଇଁ ସଂଗ୍ରାମ କରିଥିଲେ ଓ ଶେଷରେ ଆତ୍ମବଳୀ ଦେଇଥିଲେ । ପଣ୍ଡିତ ଜବାହରଲାଲ ନେହେରୁଙ୍କ ଭାଷାରେ, "ଏକ ଆବଦ୍ଧ ଘର ଭିତରେ ଦଲକାଏ ଖୋଲା ପବନ ପରି ପରାଧୀନ ଭାରତବର୍ଷରେ ଗାନ୍ଧିଜୀଙ୍କର ଆବିର୍ଭାବ ହୋଇଥିଲା ।" କେବଳ ରାଜନୈତିକ କ୍ଷେତ୍ରରେ ନୁହେଁ ଅର୍ଥନୈତିକ, ସାମାଜିକ, ଧାର୍ମିକ ଓ ସାଂସ୍କୃତିକ କ୍ଷେତ୍ରରେ ସେ ସମାଜରେ ଅପୂର୍ବ ଜାଗରଣ ଓ ବୈପ୍ଳବିକ ପରିବର୍ତ୍ତନ ଆଣିଥିଲେ ।

ଭାରତବର୍ଷକୁ ତାଙ୍କର ସର୍ବଶ୍ରେଷ୍ଠ ଅବଦାନ ହେଉଛି ଜାତୀୟତାବୋଧ । ଏକମାତ୍ର ସେ ହିଁ ଭାରତବାସୀଙ୍କ ହୃଦୟରେ ଦେଶପ୍ରେମ ଓ ଜାତୀୟତା ଭାବ ଜାଗ୍ରତ କରି ଶକ୍ତିଶାଳୀ ବ୍ରିଟିଶ୍ ସାମ୍ରାଜ୍ୟ ବିରୁଦ୍ଧରେ ଏ ଦେଶକୁ ଐକ୍ୟବଦ୍ଧ କରାଇ ପାରିଥିଲେ । ଦେଶବାସୀଙ୍କ ମନରେ ଆତ୍ମବିଶ୍ୱାସ ଓ ଆତ୍ମତ୍ୟାଗର ଭାବନା ଉଦ୍ରେକ କରାଇଥିଲେ । ସ୍ୱରାଜ ଆନ୍ଦୋଳନରେ ଲକ୍ଷ ଲକ୍ଷ ଲୋକଙ୍କ ପ୍ରାଣରେ ସଂଗ୍ରାମ ଓ ତ୍ୟାଗର ସଙ୍କଳ୍ପ ସୃଷ୍ଟି କରିବାରେ ସମର୍ଥ ହୋଇଥିଲେ ।

ଅହିଂସାର ଅସ୍ତ୍ର ଆଗରେ କୌଣସି ଶକ୍ତି ଠିଆ ହୋଇପାରିବ ନାହିଁ – ଏହାହିଁ ସେ ପ୍ରମାଣିତ କରି ଦେଲେ ଇଂରେଜମାନଙ୍କୁ ଏଦେଶରୁ ହଟାଇ, ନୈତିକ ପ୍ରଭାବ ପକାଇ ସେ ଶତ୍ରୁର ହୃଦୟକୁ ଜୟ କରିଥିଲେ, ହିଂସାରେ ନୁହେଁ । ଆତ୍ମଶକ୍ତିର ବଳରେ ସେ ଅସାଧ୍ୟ ସାଧନ କରିଥିଲେ । ତାଙ୍କରି ତ୍ୟାଗ ଓ ତପସ୍ୟାରୁ ଭାରତ ଆଜି ସ୍ୱାଧୀନତା ଲାଭ କରିଛି । ସମାଜର ବିପୁଳ ପରିବର୍ତ୍ତନ ଘଟିଛି । ସାରା ବିଶ୍ୱରେ ଭାରତ ସମ୍ମାନିତ ହୋଇଛି ।

ଗାନ୍ଧିଜୀ କହୁଥିଲେ, ଶାନ୍ତି ଓ ଅହିଂସା ନୀତି ପାଖରେ ଦେଶର ସ୍ୱାଧୀନତା ଗୌଣ । ତାଙ୍କ ସାଧନାରେ ସ୍ୱାଧୀନତା ଚରମ ଲକ୍ଷ୍ୟ ବା ପରିଣତି ନଥିଲା । ଏକ ମହାନ୍ ଆଦର୍ଶ ଓ ଲକ୍ଷ୍ୟ ସାଧନ ପାଇଁ ଏହା ଏକ ମହାମନ୍ତ୍ର ବୋଲି ସେ ମନେ କରୁଥିଲେ । ଶାନ୍ତି ଓ ଅହିଂସା ନୀତି ଉପରେ ଏକ ସୁସ୍ଥ ସୁନ୍ଦର ଓ ସମୃଦ୍ଧ ସମାଜ ଗଠନ ପାଇଁ ସେ ସାରା ଜୀବନ ଉଦ୍ୟମ କରିଥିଲେ ।

ସେ କହୁଥିଲେ– ମୁଁ ସ୍ୱର୍ଗ ଚାହେଁ ନାହିଁ । ରାଜ୍ୟ ଚାହେଁ ନାହିଁ । ମୋକ୍ଷ ଚାହେଁ ନାହିଁ । ମୁଁ କେବଳ ଏତିକି ଚାହେଁ ଯେ ଦୀନ–ଦୁଃଖୀମାନେ ଦୁଃଖରୁ ମୁକ୍ତି ଲାଭ କରନ୍ତୁ । ସେ ଏଭଳି ଏକ ଭାରତବର୍ଷର କଳ୍ପନା କରିଥିଲେ ଯେଉଁଠି ଦୁଃଖ, ଦାରିଦ୍ର୍ୟର ଚିହ୍ନ ଦେଖିବାକୁ ମିଳିବ ନାହିଁ ।

"ମୁଁ ସେହି ଭାରତ ପାଇଁ ଲଢ଼ିବି, ଯେଉଁ ଭାରତକୁ ସବୁଠାରୁ ଗରିବ ଲୋକ ନିଜର ଦେଶ ବୋଲି ମନେ କରିପାରିବ ଏବଂ ତା'ର କଥା ସରକାର ମାନୁଛି ବୋଲି ଅନୁଭବ କରି ପାରିବ । ତାହା ଏପରି ଏକ ଭାରତ ହେବ ଯେ ଯେଉଁଠି ଉଚ୍ଚ, ନୀଚ ଭେଦଭାବ ରହିବ ନାହିଁ । ସବୁ ସମ୍ପ୍ରଦାୟର ଲୋକ ପରସ୍ପର ବନ୍ଧୁ ଭାବରେ ଚଳିପାରିବେ । ଅସ୍ପୃଶ୍ୟତା କି ମଦ୍ୟପାନ ନଥିବ । ପୁରୁଷ ଲୋକଙ୍କ ସହିତ ସ୍ତ୍ରୀ ଲୋକମାନେ ସମାନ ଅଧିକାର ପାଇବେ । ସେହି ହେଉଛି, ମୋର ସ୍ୱପ୍ନର ଭାରତ ।"

ଗାନ୍ଧିଜୀଙ୍କର ସେହି ସ୍ୱପ୍ନକୁ ସାର୍ଥକ କରିବାର ସଙ୍କଳ୍ପ ହେଉଛି ଗାନ୍ଧୀ ଜୟନ୍ତୀ ଦିବସର ମହତ୍ୱ । ଦେଶବାସୀଙ୍କ ମଧ୍ୟରେ ଜାତୀୟତାବୋଧ, ସାମ୍ପ୍ରଦାୟିକସମ୍ପ୍ରୀତି ଓ ଏକତାର ଭାବନା ଜାଗ୍ରତ କରିବା ସଙ୍ଗେ ସଙ୍ଗେ ଏକ ଦାରିଦ୍ର୍ୟମୁକ୍ତ, ଶୋଷଣ ଓ ଶ୍ରେଣୀହୀନ ସମାଜ ଗଠନରେ ହିଁ ତାଙ୍କ ପ୍ରତି ଏ ଜାତିର ଉପଯୁକ୍ତ ସମ୍ମାନ ଓ ଶ୍ରଦ୍ଧାଞ୍ଜଳି ହେବ ।

# ରାଷ୍ଟ୍ରର ଧ୍ରୁବତାରା

ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ

ଗାନ୍ଧିଜୀ ଭାରତବର୍ଷର ଅଦ୍ୱିତୀୟ ନେତା ଯେ କେବଳ ଥିଲେ ତା'ନୁହେଁ, ସାରା ପୃଥିବୀରେ ସେ ଜଣେ ଅତି ଶ୍ରେଷ୍ଠ ପୁରୁଷ ଭାବରେ ପରିଗଣିତ ହେଉଥିଲେ। ବିଂଶ ଶତାବ୍ଦୀରେ ଯେଉଁମାନେ ଜନ୍ମଗ୍ରହଣ କରିଥିଲେ ତାଙ୍କ ମଧ୍ୟରେ ମହାତ୍ମା ଗାନ୍ଧୀ ସର୍ବଶ୍ରେଷ୍ଠ, ଆଜି ସାରା ବିଶ୍ୱ ତାଙ୍କୁ ସ୍ୱୀକାର କରୁଛି। ବିଭିନ୍ନ ଦେଶରେ ଆଜି ମହାତ୍ମା ଗାନ୍ଧୀଙ୍କ ବିଷୟରେ ଯେତେ ଚର୍ଚ୍ଚା ହେଉଛି ଭାରତବର୍ଷରେ ହେଉନି। ବୁଦ୍ଧଙ୍କୁ ସାରା ପୃଥିବୀରେ ଗ୍ରହଣ କରାଯାଇଛି। କିନ୍ତୁ ଭାରତବର୍ଷ ବୌଦ୍ଧ ଧର୍ମକୁ ପରିତ୍ୟାଗ କରିଥିଲା। ସେହିପରି ଭାବରେ ଭାରତରେ ମହାତ୍ମା ଗାନ୍ଧୀଙ୍କର ଜନ୍ମ। ଆଜି ମହାତ୍ମା ଗାନ୍ଧୀ ପୃଥିବୀର ସବୁ ଦେଶରେ, ସବୁ ରାଷ୍ଟ୍ରରେ ସମ୍ମାନିତ। ମହାତ୍ମା ଗାନ୍ଧୀଙ୍କର ନାଁ ଧରି ପୃଥିବୀରେ ବିପ୍ଳବ ହେଉଛି। ସମାଜର ପରିବର୍ତ୍ତନ ପାଇଁ ଅନେକ ଲୋକ ଆଜି ପୃଥିବୀ ସାରା କାମ କରୁଛନ୍ତି। ତେଣୁ ଆମେ ଗାନ୍ଧିଜୀଙ୍କୁ ଆମ ରାଷ୍ଟ୍ରର ଧ୍ରୁବତାରା ଭାବରେ ଗ୍ରହଣ କରିବା ଦରକାର। ତାଙ୍କର ଆଦର୍ଶକୁ ଆଖି ଆଗରେ ରଖି ଆମେ ଯେତିକି ପାରିବା, ଆମ ଦ୍ୱାରା ଯାହା ସମ୍ଭବ ଆମେ କରିବା ଉଚିତ। ମହାତ୍ମା ଗାନ୍ଧୀଙ୍କ ସମ୍ପର୍କରେ ଆଇନ୍ ଷ୍ଟାଇନ୍ କହିଥିଲେ ଯେ ଭବିଷ୍ୟତରେ ଲୋକେ ବିଶ୍ୱାସ କରିବେନି ଯେ ଏଭଳି ଜଣେ ରକ୍ତ ମାଂସ ଦେହଧାରୀ ଲୋକ ପୃଥିବୀରେ ଜନ୍ମ ହୋଇଥିଲା।

ଯେଉଁ ବିପ୍ଳବ ହେଉଛି ଭବିଷ୍ୟତ ପାଇଁ ତାଙ୍କୁ ଆଧାର ରୂପେ ଗ୍ରହଣ କରାଯାଇ ପାରିବ। ବିପ୍ଳବ ହେଉଛି ସାରା ପୃଥିବୀରେ। କିନ୍ତୁ ଗାନ୍ଧିଜୀ ତା'ର ବ୍ୟତିକ୍ରମ ରହି ସବୁଠାରୁ ଯେଉଁଟା ଶକ୍ତିଶାଳୀ ସାମ୍ରାଜ୍ୟ, ସେ ସାମ୍ରାଜ୍ୟକୁ ସେ ଅହିଂସାରେ ପରାଭୂତ କରି ପାରିଥିଲେ। ଭବିଷ୍ୟତ ହେଉଛି ଅହିଂସାର ସମୟ। ଆମେ କେବେ ଆଣବିକ ବୋମାକୁ ପ୍ରୟୋଗ କରି ପୃଥିବୀରେ ଶାନ୍ତି ପ୍ରତିଷ୍ଠା କରି ପାରିବା ନାହିଁ। ପୃଥିବୀରେ ଶାନ୍ତି ପ୍ରତିଷ୍ଠିତ ହେବ କେବଳ ଅହିଂସା ମାର୍ଗରେ। ତେଣୁ ମହାତ୍ମା ଗାନ୍ଧୀ ଖାଲି ଭାରତବର୍ଷର ନୁହଁନ୍ତି ସେ ସାରା ପୃଥିବୀର ନେତା। ସାରା ପୃଥିବୀର ଆଦର୍ଶ ଏବଂ ସେହି ଭାବରେ ଆମେ ତାଙ୍କୁ ଗ୍ରହଣ କରିବା ଦରକାର।

ଆଜି ଆମ ଦେଶର ମୁଷ୍ଟିମେୟ ଲୋକ ଅବଶ୍ୟ ଗାନ୍ଧିଜୀଙ୍କର ବିରୋଧ କରୁଛନ୍ତି। ତାଙ୍କୁ ହରିଜନମାନଙ୍କର ଶତ୍ରୁ ବୋଲି କହୁଛନ୍ତି। ହରିଜନମାନଙ୍କୁ ଯଦି ଭାରତବର୍ଷରେ କେହି ଉଠେଇ ଥାଏ, ତା'ହେଲେ ସେ ଗାନ୍ଧିଜୀ। ଅତି ଦୁଃଖର ବିଷୟ କେତେକ ଲୋକ ଜାତିବାଦ ଦ୍ୱାରା ବିଶେଷ ଭାବରେ ଅନୁପ୍ରାଣିତ ହୋଇ ମହାତ୍ମା ଗାନ୍ଧୀଙ୍କର ଏପରି ସମାଲୋଚନା କରୁଛନ୍ତି। ମହାତ୍ମା ଗାନ୍ଧୀ ବିଭିନ୍ନ ଜାତିର ଯେଉଁମାନେ ଅସ୍ପୃଶ୍ୟ ସମସ୍ତଙ୍କୁ ହରିଜନ ନାଁ ଦେଇ, ସେମାନଙ୍କର ଉତ୍ଥାନରେ ଭାରତର ଉତ୍ଥାନ ବୋଲି ସବୁବେଳେ କହୁଥିଲେ। ତାଙ୍କର ବିଭିନ୍ନ ପଦଯାତ୍ରାର ନାଁ ଥିଲା ହରିଜନ ପଦଯାତ୍ରା। ହରିଜନଙ୍କର ପାଣ୍ଠି ସଂଗ୍ରହ। ସ୍ୱାଧୀନତା ପରେ ସେ ଆସି ରହିଥିଲେ, ବିରଳା ଭବନରେ। କିନ୍ତୁ ତା'ପୂର୍ବରୁ ଯେତେଥର ଦିଲ୍ଲୀ ଆସିଛନ୍ତି ସେ ହରିଜନ ବସ୍ତିରେ ରହିଛନ୍ତି। ହରିଜନ ସେବକ ସଂଘ ନାମରେ ଗୋଟିଏ ସଂଘ ତାଙ୍କର ଥିଲା। ଯେଉଁ ସଂଘ ପାଇଁ ସେ ସବୁଠାରୁ ବେଶୀ ଦୃଷ୍ଟି ଦେଉଥିଲେ ହରିଜନମାନଙ୍କର ଉତ୍ଥାନ ପାଇଁ। ନିଜେ ଭଙ୍ଗୀୟ କାମ କରୁଥିଲେ। ଯେତେବେଳେ ସେ ଚମ୍ପାରଣ ସତ୍ୟାଗ୍ରହ କଲେ ୧୯୧୭ ମସିହାରେ, ସେତେବେଳେ ସେ ପ୍ରଥମ ଶିକ୍ଷା ଦେଲେ ଯେ ସମସ୍ତେ ସମାନ। ସମସ୍ତଙ୍କୁ ହରିଜନ କରିବାକୁ ହେବ। ସମସ୍ତଙ୍କୁ ଏକାଠି ବସି ଏକାଠି ଚଳିବାକୁ ପଡ଼ିବ। ସେତେବେଳେ ଡଃ ରାଜେନ୍ଦ୍ର ପ୍ରସାଦ, ଆଚାର୍ଯ୍ୟ କୃପାଳିନୀ ଏମାନେ ସବୁ ସେଠିକି ଯାଇଥିଲେ। ମଜରୁହକ୍ ଗାନ୍ଧିଜୀଙ୍କ କ୍ୟାମ୍ପରେ ଯାଇ ଯୋଗ ଦେଲେ। ଗାନ୍ଧିଜୀ କହିଲେ ଏଠି ସମସ୍ତଙ୍କ ପାଇଁ ଗୋଟିଏ ରୋଷେଇ ହେବ। ସମସ୍ତେ ଏକାଠି ବସି ଖାଇବେ। ସେତେବେଳେ ସେମାନେ ସେଥିପାଇଁ ଅଭ୍ୟସ୍ତ ନଥିଲେ। ଏକାଠି ସବୁ ଜାତିର ଲୋକଙ୍କ ସାଙ୍ଗରେ ବସି ଖାଇବା ସେତେବେଳେ କେହି ଗ୍ରହଣ କରୁନଥିଲେ। ଗାନ୍ଧିଜୀ ନୋଟିସ୍ ଦେଲେ ଆଜି ରାତି ଭିତରେ ଆପଣମାନେ ନିଷ୍ପତ୍ତି ନେବେ ତା'ନହେଲେ କ୍ୟାମ୍ପ ଛାଡ଼ି ଚାଲିଯିବେ। ଆଚାର୍ଯ୍ୟ କୃପାଳିନୀ ତାଙ୍କ ପୁସ୍ତକରେ ଲେଖିଛନ୍ତି ଯେ ରାତି ସାରା ସମସ୍ତେ ଏ ବିଷୟରେ ବହୁ ଆଲୋଚନା ହେବା ପରେ ସମସ୍ତେ ନିଷ୍ପତ୍ତି ଗ୍ରହଣ କଲେ, ଆମେ ଗାନ୍ଧିଜୀଙ୍କ ପଙ୍କ୍ତିରେ ଖାଇବା। ସମସ୍ତଙ୍କୁ ସେଠି ରୋଷେଇ କରିବାକୁ ପଡ଼ିବ। ସମସ୍ତଙ୍କୁ ଭଙ୍ଗୀୟ କାର୍ଯ୍ୟ କରିବାକୁ ପଡ଼ିବ। ସେବା ଗ୍ରାମରେ ଯିଏ ଯୋଗ ଦେଉଥିଲା ପ୍ରଥମେ ତା'ର କାମ ଥିଲା ନିଜର ପାଇଖାନା ସଫା କରିବା, ସମସ୍ତଙ୍କ ପାଇଖାନା ସଫା କରିବା। ତେଣୁ ଗାନ୍ଧିଜୀ ଯେଉଁ ସବୁ କାର୍ଯ୍ୟ ତଥାକଥିତ ନୀଚ ଲୋକଙ୍କ କାର୍ଯ୍ୟ, ଅସ୍ପୃଶ୍ୟ ଲୋକଙ୍କ କାର୍ଯ୍ୟ ବୋଲି ଭାରତରେ ସେତେବେଳେ ଗ୍ରହଣ କରାଯାଉଥିଲା, ତାକୁ ସେ ନିଜେ କରୁଥିଲେ। ଅନ୍ୟମାନଙ୍କୁ ଶିଖାଉଥିଲେ ଯେ ସମସ୍ତ କାମ ସମାନ ଏବଂ ସବୁ ଜାତିର ଲୋକ ସମାନ। ସେ କେବଳ ରାଜନୈତିକ ବିପ୍ଳବ ନୁହେଁ; ରାଜନୈତିକ ବିପ୍ଳବ, ସାମାଜିକ ବିପ୍ଳବ, ଅର୍ଥନୈତିକ ବିପ୍ଳବ ଆଣିଥିଲେ। ହରିଜନର ସଂଜ୍ଞା ଯାହା ଗାନ୍ଧିଜୀ ଦେଇଥିଲେ ତାକୁ ଆଜି ବିଶେଷ ଭାବରେ ଆମର

ପ୍ରଣିଧାନ କରିବାର କଥା । ସେ କହିଥିଲେ ଯେ ହରିଜନ ହେଉଛି ସେହି ବ୍ୟକ୍ତି ଯିଏ ହେଉଛି Socially at the bottom of the ladder and Economically Zero ସର୍ବହରା ବୋଲି ଲେଲିନ୍ କହିଥିଲେ । କିନ୍ତୁ ଗାନ୍ଧିଜୀ ତାଙ୍କୁ କହିଥିଲେ ସର୍ବହରାଙ୍କଠାରୁ ବଳି ଲୋକ ମଧ୍ୟ ଭାରତବର୍ଷରେ ଅଛନ୍ତି ଯେଉଁମାନଙ୍କର ଅବସ୍ଥା ତା'ଠାରୁ ଖରାପ । ଅର୍ଥାତ୍ ସମାଜ କ୍ଷେତ୍ରରେ ସେମାନଙ୍କୁ ନୀଚ ବୋଲି ଗ୍ରହଣ କରାଯାଉଛି । ଏ ଦୃଷ୍ଟିରୁ ଗାନ୍ଧିଜୀଙ୍କୁ ଆମେ ଆଜି ହରିଜନଙ୍କର ମୁକ୍ତିଦାତା, ସାରା ଭାରତବର୍ଷର ଜନସାଧାରଣଙ୍କର ମୁକ୍ତିଦାତା ଭାବରେ ଗ୍ରହଣ କରିବା ଉଚିତ । ସେ ଆମର ବିପ୍ଳବର ଧ୍ରୁବତାରା । ଭାରତବର୍ଷ ଯେତେଦିନ ପର୍ଯ୍ୟନ୍ତ ଗାନ୍ଧିଜୀଙ୍କର ଆଦର୍ଶ ଅନୁସରଣ କରୁଥିବ ସେତେ ଦିନ ପର୍ଯ୍ୟନ୍ତ ବିଶ୍ୱରେ ଭାରତର ଖ୍ୟାତି ରହିଥିବ, ଭାରତର ସମ୍ମାନ ରହିଥିବ । ଯେଉଁ ଦିନ ଭାରତବର୍ଷ ଗାନ୍ଧିଜୀଙ୍କର ବାଟରୁ ଅଲଗା ରହିବ ସେଦିନ ଭାରତବର୍ଷ ପୃଥିବୀରେ ତା'ର ସମ୍ମାନ ହରେଇବ ।

ମହାତ୍ମା ଗାନ୍ଧୀ କେବଳ ଭାରତବର୍ଷର ନୁହେଁ ସେ ସାରା ବିଶ୍ୱର । ଆଜି ପୃଥିବୀରେ କୌଣସି ଦେଶ ନାହିଁ ଯିଏ କି ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ ନକରେ । କୌଣସି ଜାତି ନାହିଁ ମହାତ୍ମା ଗାନ୍ଧୀଙ୍କୁ ନିଜର ବୋଲି ଗ୍ରହଣ କରୁନାହିଁ । ଏଭଳି ଜଣେ ବିଶ୍ୱ ମାନବ ଭାରତବର୍ଷରେ ଜନ୍ମ ଗ୍ରହଣ କରିଥିଲେ ଏବଂ ଏ ମାଟିରେ ସେ ଚାଲିଥିଲେ, ଏ ଘାସରେ ସେ ଚାଲିଥିଲେ । ସେଥିପାଇଁ ଆମେ ସମସ୍ତେ ଗର୍ବିତ ହେବା ଉଚିତ । ଗାନ୍ଧିଜୀ ଚାହୁଁଥିଲେ ସ୍ୱାବଲମ୍ବନ, ସ୍ୱଦେଶୀ, ସ୍ୱାଭିମାନ । ଏ ତିନୋଟି ବିଷୟ ଉପରେ ସବୁଠାରୁ ସେ ଗୁରୁତ୍ୱ ଦେଉଥିଲେ । ଭାରତ କେବେହେଲେ ପରମୁଖାପେକ୍ଷୀ ହେବା ଉଚିତ ନୁହେଁ । ଭାରତର ନିଜର ଆତ୍ମାଭିମାନ ରହିବା ଦରକାର । ଭାରତ ନିଜେ ସମସ୍ତ କ୍ଷେତ୍ରରେ ସ୍ୱାବଲମ୍ବନ, ସ୍ୱଦେଶୀ ଅବଲମ୍ବନ କରିବା ଉଚିତ । ଆଜି ସେହି କଥା ଆମେ ବିଶେଷ ଭାବରେ ସ୍ମରଣ କରିବା କଥା । ଓଡ଼ିଶା ପ୍ରତି ଗାନ୍ଧିଜୀଙ୍କର ଯଥେଷ୍ଟ ଆବେଗ ଥିଲା, ଶ୍ରଦ୍ଧା ଥିଲା । ଓଡ଼ିଶାକୁ ସେ ବାରମ୍ବାର ଆସିଥିଲେ । ଓଡ଼ିଶାରେ ଗରିବ ଲୋକଙ୍କୁ ଦେଖି ତାଙ୍କର ପରିବର୍ତ୍ତନ ହୋଇଥିଲା । ସେ ନିଜେ ଆଣ୍ଠୁ ନଲୁଚିବା ଲୁଗା ପିନ୍ଧିବା ଆରମ୍ଭ କରିଥିଲେ । କୁର୍ତ୍ତା ଛାଡ଼ି ଦେଇଥିଲେ । ସେହି କଥା ଆଜି ଆମେ ବିଶେଷ ଭାବରେ ମନେ ରଖିବାର କଥା ଏବଂ ଯେତେ ଦିନ ପର୍ଯ୍ୟନ୍ତ ଓଡ଼ିଶାର ଗରିବ ଅବସ୍ଥା ଦୂର ନହୋଇଛି ସେତେଦିନ ପର୍ଯ୍ୟନ୍ତ ଗାନ୍ଧିଜୀଙ୍କ ଆଦର୍ଶ ପୂରଣ ହେବ ନାହିଁ, ସେତେ ଦିନ ପର୍ଯ୍ୟନ୍ତ ତାଙ୍କର ଲକ୍ଷ୍ୟ ପୂରଣ ହେବ ନାହିଁ । ଯଦି ଓଡ଼ିଶାର ଦାରିଦ୍ର୍ୟ ଦୂର ହେବ ତା'ହେଲେ ଭାରତବର୍ଷର ଦାରିଦ୍ର୍ୟ ଦୂର ହେବ । ଏହାହିଁ ଥିଲା ମହାତ୍ମା ଗାନ୍ଧୀଙ୍କର ବାର୍ତ୍ତା । ଆଜି ସେ ଦିଗରେ ଆମକୁ କାର୍ଯ୍ୟ କରିବାର ଯେଉଁ ସୁଯୋଗ ମିଳିଛି, ଆମେ ସେ ସୁଯୋଗକୁ କାର୍ଯ୍ୟକାରୀ କରିବା ପାଇଁ ଆଗଭର ହେବା ଦରକାର, ଯେପରିକି ଅଳ୍ପ ଦିନ ଭିତରେ ଓଡ଼ିଶାର ଗରିବ ଅବସ୍ଥା ଦୂର ହୋଇ ଭାରତବର୍ଷରେ ଓଡ଼ିଶା ଏକ ସ୍ୱାଭିମାନୀ ଜାତି, ସ୍ୱାବଲମ୍ବୀ ଜାତି ଏକ ଗର୍ବିତ ଜାତି ଭାବରେ ଗାନ୍ଧିଜୀଙ୍କ ଆଦର୍ଶବାଦ ଉଜ୍ଜ୍ୱଳ ରଖିବା ପାଇଁ ଆମେ ସମସ୍ତେ ବ୍ରତ ଗ୍ରହଣ କରିବା । ଏହାହିଁ ହେଉଛି ଆଜି ଦିନର ବାର୍ତ୍ତା ।

(ଗାନ୍ଧିଜୀଙ୍କ ୧୩୭ତମ ଜୟନ୍ତୀ ଅବସରରେ ଅକ୍ଟୋବର ୨ ତାରିଖରେ ଭୁବନେଶ୍ୱର ସୂଚନା ଭବନ ଓ ବିଧାନ ସଭା ଭବନ ପ୍ରାଙ୍ଗଣରେ ଅନୁଷ୍ଠିତ ସଭାରେ ମୁଖ୍ୟମନ୍ତ୍ରୀଙ୍କ ପ୍ରଦତ୍ତ ଭାଷଣରୁ ସଂଗୃହୀତ) ।

■ କୌଣସି ପ୍ରକାର ହିଂସାତ୍ମକ କାର୍ଯ୍ୟକଳାପକୁ ତୁରନ୍ତ ଲକ୍ଷ୍ୟ ହାସଲର ପନ୍ଥା ସ୍ୱରୂପ ଗ୍ରହଣ କରିବାରେ ମୁଁ ଆଦୌ ବିଶ୍ୱାସ କରେ ନାହିଁ । ଉଦ୍ଦେଶ୍ୟ ଯେତେ ମହତ୍ ହେଲେ ସୁଦ୍ଧା ଏବଂ ସେଥିପ୍ରତି ମୋର ସବୁପ୍ରକାର ସହାନୁଭୂତି ରହିଥିଲେ ମଧ୍ୟ ସେହି ମହତ୍ ଉଦ୍ଦେଶ୍ୟ ସାଧନ ନିମନ୍ତେ ହିଂସାତ୍ମକ ପଦ୍ଧତି ଅବଲମ୍ବନ ମୁଁ ବରଦାସ୍ତ କରିପାରିବି ନାହିଁ ।

—ଗାନ୍ଧିଜୀ

# ସଂହତି ଶକ୍ତି : ଦୁର୍ଗା

ଡକ୍ଟର ଧନେଶ୍ୱର ମହାପାତ୍ର

ତତୋଽତିକୋପପୂର୍ଣ୍ଣସ୍ୟ ଚକ୍ରିଣୋ ବଦନାତ୍ ତତଃ ।
ନିଶ୍ଚକ୍ରାମ ମହତ୍ ତେଜୋ ବ୍ରାହ୍ମଣଃ ଶଙ୍କରସ୍ୟ ଚ ॥
ଅନ୍ୟେଷାଂ ଚୈବ ଦେବାନାଂ ଶକ୍ରାଦୀନାଂ ଶରୀରତଃ ।
ନିର୍ଗତଂ ସୁମହତ୍ ତେଜ ସ୍ତଚ୍ଚୈକ୍ୟଂ ସମଗଚ୍ଛତ ॥
ଅତୀବ ତେଜସାଂ କୂଟଂ ଜ୍ୱଳନ୍ତମିବ ପର୍ବତମ୍ ।
ଦଦୃଶୁସ୍ତେ ସୁରା ସ୍ତତ୍ର ଜ୍ୱାଳାବ୍ୟାପ୍ତ ଦିଗନ୍ତରମ୍ ॥
ଅତୁଳଂ ତତ୍ର ତତ୍ ତେଜଃ ସର୍ବଦେବ ଶରୀରଜମ୍ ।
ଏକସ୍ଥଂ ତଦଭୂନ୍ନାରୀ ବ୍ୟାପ୍ତ ଲୋକତ୍ରୟଂ ତ୍ୱିଷା ॥

(ଦେବୀମାହାତ୍ମ୍ୟ ଦ୍ୱିତୀୟ ଅଧ୍ୟାୟ ୧୦-୧୩)

ଅତ୍ୟନ୍ତ କ୍ରୋଧାନ୍ୱିତ ବିଷ୍ଣୁ, ବ୍ରହ୍ମା ଓ ଶିବଙ୍କ ମୁଖରୁ ପ୍ରଚଣ୍ଡ ତେଜ ନିର୍ଗତ ହେଲା । ଇନ୍ଦ୍ର ପ୍ରଭୃତି ଅନ୍ୟ ଦେବତାମାନଙ୍କର ଶରୀରରୁ ମଧ୍ୟ ସେହିପରି ପ୍ରଚଣ୍ଡ ତେଜ ନିର୍ଗତ ହେଲା । ସେହି ସମସ୍ତ ତେଜ ଏକଜ ହୋଇ ଜ୍ୱଳନ୍ତ ପର୍ବତ ପରି ଦେଖାଗଲା । ତାହାର ଜ୍ୱାଳା ଦିଗଦିଗନ୍ତରରେ ବ୍ୟାପ୍ତ ହେଲା । ଦେବତାମାନେ ସେହି ତେଜୋରାଶି ଆଡ଼କୁ ଚାହିଁବାରେ ଲାଗିଲେ । ସର୍ବ ଦେବଙ୍କର ଶରୀର ନିର୍ଗତ ସେହି ଏକୀଭୂତ, ଅତୁଳନୀୟ ତେଜ ତିନିଭୁବନକୁ ଜ୍ୟୋତିରେ ଉଦ୍ଭାସିତ କରି ଏକ ନାରୀ ରୂପରେ ପରିଣତ ହେଲା ।

ଏହା ହେଉଛି ଦେବୀ ଦୁର୍ଗାଙ୍କର ଆବିର୍ଭାବର ବିବରଣୀ । ତାଙ୍କର ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକରେ ଉତ୍ପତ୍ତି ବିବରଣୀ ମଧ୍ୟ ବିଶଦ୍ ଭାବରେ ବର୍ଣ୍ଣିତ ହୋଇଛି–

ଶିବଙ୍କ ଶରୀରରୁ ଯେଉଁ ତେଜ ନିର୍ଗତ ହେଲା, ସେଥିରୁ ଦେବୀଙ୍କର ମୁଖ ସୃଷ୍ଟି ହେଲା । ବିଷ୍ଣୁଙ୍କ ତେଜରୁ ତାଙ୍କର ବାହୁଗୁଡ଼ିକ ସୃଷ୍ଟି ହେଲା । ଏହିପରି ଯମଙ୍କ ତେଜରୁ କେଶ, ଚନ୍ଦ୍ରଙ୍କ ତେଜରୁ ସ୍ତନଯୁଗଳ, ଇନ୍ଦ୍ରଙ୍କ ତେଜରୁ କଟୀ, ବରୁଣଙ୍କ ତେଜରୁ ଉରୁ ପୃଥିବୀର ତେଜରୁ ନିତମ୍ବ, ବ୍ରହ୍ମାଙ୍କ ତେଜରୁ ପାଦ, ସୂର୍ଯ୍ୟଙ୍କ ତେଜରୁ ପାଦାଙ୍ଗୁଳି, ବସୁମାନଙ୍କ ତେଜରୁ କରାଙ୍ଗୁଳି, କୁବେରଙ୍କ ତେଜରୁ ନାସିକା, ପ୍ରଜାପତିଙ୍କ ତେଜରୁ ଦନ୍ତ, ଅଗ୍ନିଙ୍କ ତେଜରୁ ନେତ୍ର, ପବନଙ୍କ ତେଜରୁ କର୍ଣ୍ଣ ଏବଂ ଅନ୍ୟାନ୍ୟ ଦେବଦେବୀଙ୍କ ତେଜରୁ ଅନ୍ୟାନ୍ୟ ଅଙ୍ଗପ୍ରତ୍ୟଙ୍ଗ ସୃଷ୍ଟି ହେଲା ।

(ଦେବୀ ମାହାତ୍ମ୍ୟ ୨/୧୪/୧୮)

ମହିଷାସୁର ଥିଲା ପ୍ରଚଣ୍ଡ ଶକ୍ତିଶାଳୀ ଦୁରାତ୍ମା । ତାକୁ ଏବଂ ତା'ର ଅଗଣିତ ଦୁର୍ଦ୍ଦାନ୍ତ ସେନାଗଣଙ୍କୁ ମାରିବା ପାଇଁ ଦେବୀଙ୍କୁ ପ୍ରକୃତ ମାରାତ୍ମକ ଅସ୍ତ୍ରଶସ୍ତ୍ର ଦରକାର ପଡ଼ିଲା । ତାହାସବୁ ଦେବୀ ପାଇଲେ କେଉଁଠୁ ? ଏ ବିଷୟ ମଧ୍ୟ ବିଶଦ ଭାବରେ ବର୍ଣ୍ଣନା କରାଯାଇଛି–

ଶିବ ତାଙ୍କୁ ନିଜର ତ୍ରିଶୂଳ ଦେଲେ । ବିଷ୍ଣୁ ଦେଲେ ଚକ୍ର, ଅଗ୍ନି ଦେଲେ ଶକ୍ତି–ଅସ୍ତ୍ର, ପବନ ଦେଲେ ଧନୁ ଏବଂ ଶରପୂର୍ଣ୍ଣ ଦୁଇଟି ତୂଣୀର, ଇନ୍ଦ୍ର ଦେଲେ ବଜ୍ର, ଯମ ଦେଲେ ଦଣ୍ଡାସ୍ତ୍ର ଏବଂ ବରୁଣ ପାଶ–ଅସ୍ତ୍ର ପ୍ରଦାନ କଲେ । ସୂର୍ଯ୍ୟ ଦେବୀଙ୍କର ପ୍ରତି ଲୋମକୂପରେ ତେଜ ଭରିଦେଲେ, କାଳଦେବତା ଖଡ୍‌ଗ ଦେଲେ ଏବଂ ବିଶ୍ୱକର୍ମା ପରଶୁ ଅସ୍ତ୍ର ଦେଲେ । ଏହିପରି ସର୍ବ ଦେବଗଣ ଦେବୀ ଦୁର୍ଗାଙ୍କୁ ନିଜ ନିଜର ଆୟୁଧମାନ ପ୍ରଦାନ କଲେ । (ଦେବୀ ମାହାତ୍ମ୍ୟ ୨/୨୦-୨୪)

ସମସ୍ତ ଦେବଗଣଙ୍କ ତେଜଃପୁଞ୍ଜରୁ ସଂଭୂତା ଦେବୀଦୁର୍ଗା ସମସ୍ତ ଦେବଗଣଙ୍କ ଅସ୍ତ୍ରଶସ୍ତ୍ର ଧରି ମହିଷାସୁରକୁ ମାରିବା ପାଇଁ ଯୁଦ୍ଧ କ୍ଷେତ୍ରରେ ଅବତୀର୍ଣ୍ଣ ହେଲେ ।

ମହିଷାସୁର କି ଡରିଯିବାର ଅସୁର ? ସେ ଦେବୀଙ୍କୁ ପରାସ୍ତ କରିବା ପାଇଁ ଅନେକ ବ୍ୟୂହ, ଅନେକ ମାୟା ରଚନା କଲା । ସେ ଥିଲା ପ୍ରଚଣ୍ଡ ମାୟାବୀ । ତା'ର ଯେତେ ସୈନ୍ୟ ନିହତ ହେଲେ, ସେ ମାୟାରେ ପୁଣି ସେତେ ସୈନ୍ୟ ସୃଷ୍ଟି କଲା । ଗୋଟିଏ ଗୋଟିଏ ନିହତ ଅସୁରର ରକ୍ତରୁ ଦଶ ,ଦଶ ଅସୁର ଜନ୍ମଲାଭ କଲେ । ଦେବୀ ଏବେ କେତେ ନିହତ କରିବେ ? ଅସୁର ଅଟ୍ଟହାସ୍ୟ ପୂର୍ବକ ଗର୍ଜନ କରିବାରେ ଲାଗିଲା ।

ଦେବୀ ପ୍ରଚଣ୍ଡ କ୍ରୋଧରେ ଜର୍ଜରିତା ହୋଇ କହିଲେ–

ଗର୍ଜ ଗର୍ଜ କ୍ଷଣଂ ମୂଢ଼ ମଧୁ ଯାବତ୍ ପିବାମ୍ୟହମ୍ ।
ମୟା ତ୍ୱୟି ହତେଽତ୍ରୈବ ଗର୍ଜିଷ୍ୟନ୍ତ୍ୟାଶୁ ଦେବତାଃ ॥

(ଦେବୀ ମାହାତ୍ମ୍ୟ ୩/୩୮)

ରେ ମୂଢ଼, ତୁ ଆଉ ଅଳ୍ପ ସମୟ ଗର୍ଜନ କର । ମୁଁ ମଦ୍ୟପାନ କରିନିଏ । ତୁ ଶୀଘ୍ର ମୋ ହାତରେ ମରିବୁ ଏବଂ ଦେବତାମାନେ ଏଠି ଗର୍ଜନ କରିବେ ।

ଏହା କହି ଦେବୀ ମଦ୍ୟପାନ କରି ଅତ୍ୟନ୍ତ ଉନ୍ମତ୍ତା ହୋଇଗଲେ ଏବଂ ନିର୍ମମ ଭାବରେ ଅସୁରମାନଙ୍କୁ ନିପାତ କରିବାକୁ ଲାଗିଲେ । ତାଙ୍କର ଅଭୂତପୂର୍ବ ଉନ୍ମତ୍ତ ଅସ୍ତ୍ର ଚାଳନାରେ ମହିଷାସୁରର ସମସ୍ତ ପରାକ୍ରମ ଓ ମାୟା ବ୍ୟର୍ଥ ହୋଇଗଲା । ଶେଷରେ ସେ ଦେବୀଙ୍କ ହସ୍ତରେ ନିହତ ହୋଇଗଲା ।

ଦୁର୍ଗାଦେବୀଙ୍କ ଆବିର୍ଭାବ ଓ ମହିଷାସୁର ବଧ ବିଷୟରେ ଏଇ ଯେଉଁ ପୌରାଣିକ ବୃତ୍ତାନ୍ତ ରହିଛି, ଏହା ମୂଳରେ ନିଶ୍ଚୟ ଏକ ତାତ୍ପର୍ଯ୍ୟ ରହିଛି । ତାହା ହେଉଛି– ଦେବଗଣଙ୍କ ମଧ୍ୟରେ ପ୍ରଥମେ ସଂହତି ନଥିଲା ଏବଂ ସେମାନେ ଜଣ ଜଣ ହୋଇ ମହିଷାସୁର ସହ ଯୁଦ୍ଧ କରି ପରାସ୍ତ ହୋଇଥିଲେ । ସ୍ୱୟଂ ବିଷ୍ଣୁ ମଧ୍ୟ ସେହି ଦୁର୍ଦ୍ଦାନ୍ତ ଦାନବଙ୍କୁ ଦମନ କରି ପାରିନଥିଲେ । ପରେ ସେମାନେ ସଂଘବଦ୍ଧ ହୋଇ, ସମସ୍ତଙ୍କର ସମ୍ମିଳିତ ଶକ୍ତି ଲଗାଇ ତାକୁ ଦମନ କରିଥିଲେ । ଦେବତାମାନଙ୍କର ସେହି ସମ୍ମିଳିତ ଶକ୍ତି ହେଉଛନ୍ତି ଦୁର୍ଗା । ତେଣୁ ଦୁର୍ଗାଙ୍କର ଅନ୍ୟ ନାମ "ଶକ୍ତି" ।

ପୌରାଣିକ ବୃତ୍ତାନ୍ତ କେତେଦୂର ସତ୍ୟ, ସେ ବିଷୟରେ ହୁଏ ତ ସନ୍ଦେହ ପୋଷଣ କରାଯାଇପାରେ, କିନ୍ତୁ ତାହା ଯେ, ବାସ୍ତବ କିମ୍ବା ସମ୍ଭବ ଘଟଣାର ପ୍ରତିକ ଚିତ୍ର, ଏଥିରେ ସନ୍ଦେହ ନାହିଁ । ମହିଷାର, ବିଶେଷତଃ ଅରଣ୍ୟ ମହିଷର ଭୟଙ୍କର ମାରଣା ପ୍ରକୃତି ଯୋଗୁ ତାହାକୁ ଯମଙ୍କ ବାହନ ବୋଲି କଳ୍ପନା କରାଯାଇଛି । ମହିଷାସୁର ଅର୍ଦ୍ଧମହିଷ ଓ ଅର୍ଦ୍ଧମନୁଷ୍ୟ ଆକୃତିରୁ ସୂଚିତ ହୁଏ ଯେ ସେଇଟା ଗୋଟାଏ ନିତାନ୍ତ ଅତ୍ୟାଚାରୀ ପଶୁ ପ୍ରକୃତିର ଲୋକ ଥିଲା । ଦେବତା ଓ ଅସୁର ନାମରେ ଦୁଇଟି ଜାତି ବ୍ରହ୍ମାଣ୍ଡରେ କେଉଁଠି ଥିଲେ ବା ନଥିଲେ, କେହି କହିପାରିବେ ନାହିଁ । କିନ୍ତୁ ଏ ଦୁଇଟି ଜାତି ଯଥାକ୍ରମେ ସାଧୁ ପ୍ରକୃତିର ଓ ଅସାଧୁ ପ୍ରକୃତିର ମନୁଷ୍ୟମାନଙ୍କୁ ହିଁ ବୁଝାଏ । ସାଧୁ ମନୁଷ୍ୟମାନେ ସତ୍ ଜୀବିକା ଜୀବୀ, ସତ୍‌ଚିନ୍ତାଶୀଳ ତଥା ସତ୍‌କର୍ମପରାୟଣ । ସେମାନେ ବିଳାସବ୍ୟସନ ପ୍ରତି ବୀତସ୍ପୃହ । ସେମାନେ ଅନ୍ୟର ଅନିଷ୍ଟ କରନ୍ତି ନାହିଁ, ଅନିଷ୍ଟ ଚିନ୍ତା ମଧ୍ୟ କରନ୍ତି ନାହିଁ । ଯଥା ଶକ୍ତି ଅନ୍ୟର ମଙ୍ଗଳ କରିବା, ମଙ୍ଗଳ ଚିନ୍ତା କରିବା ସେମାନଙ୍କର ଧର୍ମ । ଅସାଧୁ ବ୍ୟକ୍ତିମାନେ ଅର୍ଥଲୋଭି, କ୍ଷମତାପ୍ରିୟ ଓ ଇନ୍ଦ୍ରିୟସୁଖଲାଳସୀ । ଏହି ପ୍ରବୃତ୍ତିକୁ ଚରିତାର୍ଥ କରିବା ପାଇଁ ସେମାନେ ଯେକୌଣସି ପନ୍ଥା ଧରନ୍ତି । କୁଟକପଟ, ମାୟାବୁଦ୍ଧି, ପ୍ରତାରଣା, କୃତଘ୍ନତା, ହିଂସାଆଦି ପ୍ରୟୋଗ କରିବାରେ ସେମାନେ ଧୁରୀଣ ହୁଅନ୍ତି । ସେମାନଙ୍କର ନିତାନ୍ତ ସ୍ୱାର୍ଥକେନ୍ଦ୍ରିକ ନୀତି ସାଧୁଲୋକମାନଙ୍କର ଜୀବନକୁ ଦୁଃଖ ଜର୍ଜରିତ କରେ । କ୍ରମେ ଅସାଧୁମାନଙ୍କର ଦୌରାତ୍ମ୍ୟ ବଢ଼େ ଏବଂ ସାଧୁଲୋକମାନେ ଅତିଷ୍ଠ ହୋଇଉଠନ୍ତି । ଶେଷରେ ସାଧୁଲୋକମାନେ ସଂଘବଦ୍ଧ ହୋଇ ଅସୁର ପ୍ରକୃତିର ପାପାଚାରୀ ଦୁରାତ୍ମାମାନଙ୍କ ବିରୁଦ୍ଧରେ ସଂଗ୍ରାମ କରନ୍ତି । ସେମାନଙ୍କର ସମ୍ମିଳିତ ଶକ୍ତି ନିକଟରେ ଦୁରାତ୍ମାମାନଙ୍କର ଶକ୍ତି ପରାହତ ହୁଏ ।

କଠିନ ଶ୍ରମ କରି ସତ୍ ଜୀବନଯାପନ କରୁଥିବା ସଜ୍ଜନମାନେ ଥରେ ପ୍ରକୁପିତ ହେଲେ ସହଜରେ ଶାନ୍ତ ହୁଅନ୍ତି ନାହିଁ । ସେମାନଙ୍କର ସୌହାର୍ଦ୍ଦ୍ୟପୂର୍ଣ୍ଣ ଶାନ୍ତିର ପନ୍ଥା ବିଫଳ ହେଲେ ସେମାନେ ପ୍ରଚଣ୍ଡ କ୍ରୋଧରେ ଉନ୍ମତ୍ତ ହୋଇଉଠନ୍ତି ଏବଂ ଦୁରାତ୍ମାମାନଙ୍କୁ ହାଣିକାଟି ସଫା କରିଦିଅନ୍ତି । ଇତିହାସରେ ଏହାକୁ କୁହାଯାଏ ଗଣବିପ୍ଳବ । ସମ୍ମିଳିତ ଦେବଶକ୍ତି ସ୍ୱରୂପା ଦେବୀଦୁର୍ଗା ଯେ ମଦପାନ କରି ଉନ୍ମତ୍ତା ହୋଇଉଠିଲେ, ଏହାର ମୂଳରେ ରହିଛି ବାସ୍ତବ ତାତ୍ପର୍ଯ୍ୟ ।

ସାଧୁତାର ଓ ଅସାଧୁତାର ସଂଗ୍ରାମରେ ସାଧୁତା କେବେ ପରାଜିତ ହୋଇନାହିଁ କି ହେବନାହିଁ । ଅତୀତରେ ଏ ଦେଶରେ କେତେ ଦୁରାତ୍ମା ଉପଦ୍ରବ କରିଥିଲେ । ସମସ୍ତେ ଦେବୀଙ୍କ ହାତରେ ଦଣ୍ଡିତ ହେଲେ । କଂସ, ରାବଣ, ହିରଣ୍ୟାକ୍ଷ, ହିରଣ୍ୟକଶିପୁ, ମୁର, ତ୍ରିପୁରା ଆଦି ଅନେକ ଦୁର୍ଦ୍ଦାନ୍ତ ଅସୁର ହତ୍ୟା, ଧର୍ଷଣ, ବିଭୀଷିକାର ତାଣ୍ଡବ ସୃଷ୍ଟି କରିଥିଲେ । କିନ୍ତୁ କାହାରି ପ୍ରତାପ ଅପ୍ରତିହତ ହୋଇ ରହିଲାନାହିଁ । ଦୁନିଆଁରେ ଉପଦ୍ରବ କରିକରି, ଶୋଷଣ, ଧର୍ଷଣ, ମାରଣ ମାରପେଞ୍ଚ, ପ୍ରତାରଣା, କୃତଘ୍ନତା ନୀତି ଚଳାଇ ଚଳାଇ କେହି ଯଶସ୍ୱୀ ହୋଇନାହିଁ । ସାଧୁତାର ସହିତ ଜୀବନଯାପନ କଲେ ମନୁଷ୍ୟକୁ ଦୁଃଖ ଭୋଗିବାକୁ ପଡ଼େ, ଏହା ଏକ ଭୁଲ ବିଶ୍ୱାସ । ଏହି ଭୁଲ ବିଶ୍ୱାସରେ କାଳେ କେହି ପ୍ରଭାବିତ ହେବ, ଏଥିପାଇଁ ଭଗବାନ୍ ଶ୍ରୀକୃଷ୍ଣ ସ୍ୱ କଣ୍ଠରେ ଘୋଷଣା କରିଛନ୍ତି– "ନ ହି କଲ୍ୟାଣକୃତ୍ କଶ୍ଚିଦ୍ ଦୁର୍ଗତିଂ ତାତ ଗଚ୍ଛତି ।" (ଗୀତା–୬/୪୦) (ଆରେ ବାପ ! ଯେଉଁ ଲୋକ ମଙ୍ଗଳକାର୍ଯ୍ୟ କରୁଥାଏ, ସେ କେବେହେଲେ ଦୁର୍ଗତିର ପାତ୍ର ହୁଏ ନାହିଁ ।)

ସାଧୁ, ଶ୍ରମୀ, ମଙ୍ଗଳକାମୀ, ମଙ୍ଗଳକାରୀ ଲୋକମାନଙ୍କର ସଂହତିରୁ ଉତ୍ପନ୍ନ ମହାଶକ୍ତିର ପ୍ରତୀକ ହେଉଛନ୍ତି ଦେବୀ ଦୁର୍ଗା । ଏହି ମହାଶକ୍ତି ନିଃସନ୍ଦେହ ଭାବେ ଅସାଧୁ, ଅର୍ଥଲୋଭୀ, କ୍ଷମତାମତ୍ତ, ଛଦ୍ମାଚାରୀ, ଦୁରାତ୍ମାମାନଙ୍କର ଧ୍ୱଂସସାଧନ କରେ । ଏହି ମହାଶକ୍ତିର ଗୋଟିଏ ସୃଜନଶୀଳ, ସୁନ୍ଦର ସ୍ୱରୂପ ମଧ୍ୟ ରହିଅଛି । ତାହାର ପ୍ରତୀକ ହେଉଛନ୍ତି ଦେବୀ ଲକ୍ଷ୍ମୀ । ଲକ୍ଷ୍ମୀଙ୍କ ହସ୍ତରେ ଥିବା ପଦ୍ମ, ଧାନକେଣ୍ଡା ଓ ଅମୃତ କଳସ ପ୍ରଭୃତି ହେଉଛି ସୁଖ, ସମ୍ପଦ, ସୌନ୍ଦର୍ଯ୍ୟ ଓ ଶାନ୍ତିର ନିଦର୍ଶନ, ଯାହାକି ସତ୍ ଜୀବନଯାପନକାରୀମାନଙ୍କର ସଂହତିରୁ ମିଳିଥାଏ ।

---

କଲ୍ୟାଣୀ ନଗର,
କଟକ–୧୩

# ଶ୍ରୀ ଦୁର୍ଗା

ଡଃ ହରିଶ୍ଚନ୍ଦ୍ର ଦାସ

ମହାଦେବୀ ଦୁର୍ଗାଙ୍କର ଆବିର୍ଭାବ ବୈଦିକଯୁଗରୁ ହୋଇଥିବାର ପ୍ରମାଣ ଶାସ୍ତ୍ରରୁ ମିଳିଥାଏ । ତୈତ୍ତିରୀୟ ଆରଣ୍ୟକ ଅନ୍ତର୍ଗତ ଯାଜ୍ଞିକ ଉପନିଷଦରେ ଦୁର୍ଗାଦେବୀଙ୍କ ସମ୍ବନ୍ଧରେ ବର୍ଣ୍ଣନା ସର୍ବପ୍ରାଚୀନ । 'କାତ୍ୟାୟନାୟ ବିଦ୍ମହେ କନ୍ୟାକୁମାରୀ ଧୀମହି ତନ୍ନୋ ଦୁର୍ଗିଃ ପ୍ରଚୋଦୟାତ୍' । 'ଦୁର୍ଗି' ଏଠାରେ ଦୁର୍ଗା ଅର୍ଥରେ ବ୍ୟବହୃତ । ନାରାୟଣ ଉପନିଷଦରେ ଦୁର୍ଗାଙ୍କ ବିଷୟରେ ନିମ୍ନୋକ୍ତ ଶ୍ଳୋକରେ ବର୍ଣ୍ଣନା କରାଯାଇଛି ।

ତାମଗ୍ନିବର୍ଣ୍ଣାଂ ତପସା ଜ୍ୱଳନ୍ତୀଂ ବୈରୋଚନୀଂ କର୍ମଫଳେଷୁ ଜୁଷ୍ଟାମ
ଦୁର୍ଗାଂଦେବୀଂ ଶରଣମହଂପ୍ରପଦ୍ୟେ ସୁତରସି ତରସେ ନମଃ ।

ସାଧାରଣତଃ ଦୁର୍ଗା ଦୁର୍ଗତୀନାଶିନୀ ବୋଲି ଲୋକେ ତାଙ୍କର ଆରାଧନା କରିଥାଆନ୍ତି । ପରବର୍ତ୍ତୀ ପୁରାଣ ସାହିତ୍ୟରେ ଦୁର୍ଗାଙ୍କୁ ଦୁର୍ଗର ଅଧିଷ୍ଠାତ୍ରୀ ଦେବୀ ହିସାବରେ ବର୍ଣ୍ଣନା କରାଯାଇଛି । ଶବ୍ଦ କଳ୍ପଦ୍ରୁମରେ ଦୁର୍ଗା ଶବ୍ଦର ଅର୍ଥ–

ଦୁର୍ଗୋଦୈତ୍ୟେ ମହାବିଘ୍ନେ ଭବବନ୍ଧେ କୁକର୍ମଣି ।
ଶୋକେ ଦୁଃଖେଚ ନରକେ ଯମଦଣ୍ଡେ ଚ ଜନ୍ମନି ॥
ମହାଭୟେଽତିରୋଗେ ଚାପ୍ୟାଶବ୍ଦୋ ହନ୍ତୃବାଚକଃ ।
ଏତାନ୍ ହନ୍ତ୍ୟେବ ଯା ଦେବୀ ସାଦୁର୍ଗା ପରିକୀର୍ତ୍ତିତା ॥

ଅର୍ଥାତ୍–ଦୁର୍ଗ–ଦୁର୍ଗନାମକ ଦୈତ୍ୟ, ମହାବିଘ୍ନ, ଭବବନ୍ଧ, କୁକର୍ମ, ଶୋକ, ଦୁଃଖ, ନରକ, ଯମଦ, ଜନ୍ମ, ମହାଭୟ ଓ ଅତିରୋଗ.ଆ, ଶବ୍ଦ ହନ୍ତୃବାଚକ । ଏହିସବୁ ବିପ୍ରୁକୁ ଯେଉଁ ଦେବୀ ହତ୍ୟା କରନ୍ତି ସେ ଦୁର୍ଗା ନାମରେ ପରିକୀର୍ତ୍ତିତା ।

ଦୁର୍ଗା ଶବ୍ଦରେ ବ୍ୟୁତ୍ପତ୍ତି କରି ଅନ୍ୟ ଏକ ଶ୍ଳୋକରେ କୁହାଯାଇଛି ।

ଦୈତ୍ୟନାଶାର୍ଥବଚନୋ ଦକାରଃ ପରିକୀର୍ତ୍ତିତଃ ।
ଉକାରୋ ବିଘ୍ନନାଶସ୍ୟ ବାଚକୋ ବେଦସମ୍ମତଃ ॥
ରେଫୋ ରୋଗଘ୍ନବଚନୋ ଗଶ୍ଚ ପାପଘ୍ନବାଚକଃ ।
ଭୟଶତ୍ରୁଘ୍ନ ବଚନଶ୍ଚାକାରଃ ପରିକୀର୍ତ୍ତିତା ॥

ତନ୍ତ୍ରୀ ଗ୍ରନ୍ଥରେ ଦେବୀ ଦୁର୍ଗାସି ଦୁର୍ଗଭବସାଗର–ନୌରସଙ୍ଗା ଅର୍ଥାତ୍–ଭବସାଗରର ନୌକା ସ୍ୱରୂପ ବୋଲି ସେ ଦୁର୍ଗା । ଅନ୍ୟ ଏକ ମତରେ ଦେବୀ ଦୁର୍ଗମ ନାମକ ଅସୁରଙ୍କୁ ବଧ କରିଥିବାରୁ ସେ ଦୁର୍ଗାନାମରେ ପରିଚିତା ହେଲେ । ପୁଣି ତାଙ୍କୁ ଦୁର୍ଗ ରକ୍ଷାକାରିଣୀ ଦୁର୍ଗର ଅଧିଷ୍ଠାତ୍ରୀ ଦେବୀ ହିସାବରେ ଗ୍ରହଣ କରାଯାଇଛି । ଦୁର୍ଗା ଯେ ଦୁର୍ଗର ରକ୍ଷାକାରିଣୀ ଏହାର ଯଥେଷ୍ଟ ଐତିହାସିକ ତାତ୍ପର୍ଯ୍ୟ ରହିଛି । ପ୍ରାଚୀନ କାଳର ମାତୃପ୍ରଧାନ ସମାଜରେ ମା ଥିଲେ ସର୍ବମୟୀ କର୍ତ୍ତ୍ରୀ । ତାଙ୍କର ନିର୍ଦ୍ଦେଶରେ ସମସ୍ତ କାର୍ଯ୍ୟ ପରିଚାଳିତ ହେଉଥିଲା । ଏ ବିଷୟରେ ନୃତତ୍ତ୍ୱବିତ୍‌ମାନେ ବିଶଦ ଆଲୋଚନା କରିଅଛନ୍ତି । ପ୍ରାଚୀନ କାଳରୁ ହିଁ ମାଙ୍କୁ ଦେବୀ ହିସାବରେ ଗ୍ରହଣ କରାଯାଇଛି । ଅବଶ୍ୟ ବୈଦିକ ଯୁଗରେ ଦେବୀଙ୍କର ବିଭିନ୍ନ ରୂପ ସେମାନଙ୍କର ମହିମା ପ୍ରତିଷ୍ଠା କରାଯାଇଛି । ମୌର୍ଯ୍ୟଯୁଗରୁ ଦେବୀଙ୍କୁ ଦୁର୍ଗର ଅଧିଷ୍ଠାତ୍ରୀ ଦେବୀ ହିସାବରେ ଗ୍ରହଣ କରାଯାଇଥିବାର ପ୍ରମାଣ ମିଳେ ।

ଦେବୀଙ୍କର ଉତ୍ପତ୍ତି ଯେଉଁ ପରିସ୍ଥିତିରେ ହୋଇଥାଉନା କାହିଁକି ସେ ଅରିମର୍ଦ୍ଦିନୀ ଓ ଶସ୍ତ୍ରଧାରିଣୀ । ତାଙ୍କର ଏହି ଦୁର୍ଗତିନାଶିନୀ ରୂପ ବିଶେଷ ପ୍ରାଧାନ୍ୟ ଲାଭ କରିଛି । ମହାଭାରତର ବିରାଟ ପର୍ବ ଅନ୍ତର୍ଗତ ଯୁଧିଷ୍ଠିରଙ୍କ ଦ୍ୱାରା ଦୁର୍ଗାସ୍ତବ ଭୀଷ୍ମପର୍ବ ଅନ୍ତର୍ଗତ ଶ୍ରୀକୃଷ୍ଣ ଉପଦେଶ ଅନୁସାରେ ଅର୍ଜୁନଙ୍କ ଦେବୀସ୍ତବ ସାର୍ବଜନୀନ ଓ ଜାତୀୟ ଦେବୀଙ୍କର ମହତ୍ୱ ପ୍ରତିପାଦିତ କରେ । ଯୁଧିଷ୍ଠିରଙ୍କ ସ୍ତବରେ ଦୁର୍ଗା ଯଶୋଦା ଗର୍ଭ ସମ୍ଭୂତା, କଂସ ଦ୍ୱାରା ଶିଳାରେ ବିକ୍ଷିପ୍ତା ଓ ଆକାଶରେ ଅନ୍ତର୍ହିତା, ଦେବୀ ଦିବ୍ୟମାଲ୍ୟ ବିଭୂଷିତା ଦିବ୍ୟାମ୍ବର ଧରା, ଖଡ୍ଗଖେଟକ ଧାରିଣୀ, ବାଳାର୍କବର୍ଣ୍ଣା, ପୂର୍ଣ୍ଣଚନ୍ଦ୍ରନିଭାନନା, ଚତୁର୍ଭୁଜା ଓ ଚତୁର୍ବକ୍ତ୍ରା । ସେ ମହିଷମର୍ଦ୍ଦିନୀ ଓ ବିନ୍ଧ୍ୟବାସିନୀ । ଅର୍ଜୁନଙ୍କ ସ୍ତବରେ ଦେଖିବାକୁ ପାଉଁ ଯେ ଦେବୀ ଭଗବତୀ, ପରମସିଦ୍ଧିଦାତ୍ରୀ, ବ୍ରହ୍ମସ୍ୱରୂପିଣୀ ସୃଷ୍ଟି–ସ୍ଥିତି ପ୍ରଳୟକାରିଣୀ, ଜରା–ମୃତ୍ୟୁହୀନା, ବିଜୟା, କଲ୍ୟାଣପ୍ରଦା, ମାତୃସ୍ୱରୂପା, ସାବିତ୍ରୀ, କାଳରୂପିଣୀ, ମୋହିନୀ କାନ୍ତିମତି, ଶ୍ରୀ, ହ୍ରୀ ଓ ଜନନୀ । ଦେବୀ ପୂଜାର ଇତିହାସରେ ଏହି ଦୁଇଟି ଦୁର୍ଗାସ୍ତବ ଉପରେ ଯଥେଷ୍ଟ ଗୁରୁତ୍ୱ ଆରୋପ କରାଯାଏ । ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଅନାର୍ଯ୍ୟ ସମାଜରେ ମହାଭାରତ ଯୁଗ ପର୍ଯ୍ୟନ୍ତ ମଦ୍ୟ ମାଂସ ବଳିପ୍ରିୟା ଦେବୀ ଶବର, କିରାତ, ପୁଲିନ୍ଦ ବର୍ବରମାନଙ୍କ ଦ୍ୱାରା ପୂଜା ପାଉଥିଲେ । ସମ୍ଭବତଃ ଏହି ସମୟରେ ଦୁର୍ଗାଦେବୀ ଉମା, ପାର୍ବତୀଙ୍କ ସମନ୍ୱିତ ହୋଇ ବ୍ରାହ୍ମଣ୍ୟ ଧର୍ମରେ ପ୍ରତିଷ୍ଠା ଲାଭ କଲେ । ପୌରାଣିକ ଯୁଗରେ ଏହି ସମନ୍ୱୟ ଉଲ୍ଲେଖଯୋଗ୍ୟ । ଏଠାରେ ପ୍ରଣିଧାନର ବିଷୟ ଯେ ଉମା–ପାର୍ବତୀ ଓ ଦୁର୍ଗା ଏକ ନା ଭିନ୍ନ । ପାର୍ବତୀ ହିମାଳୟ କନ୍ୟା, ଶିବଙ୍କର ପତ୍ନୀ, ଗଣେଶ ଓ କୁମାରଙ୍କର ଜନନୀ । କାଳକ୍ରମେ ଲକ୍ଷ୍ମୀ ଓ ସରସ୍ୱତୀ ତାଙ୍କ ଦୁହିତା ରୂପେ ପରିଗଣିତା

ହେଲେ । ପାର୍ବତୀଙ୍କର ଏହି ମାତୃତ୍ୱ ରୂପ ସମାଜରେ ବିଶେଷ ଭାବରେ ଆଦୃତା । କିନ୍ତୁ ମହାଦେବୀ ଦୁର୍ଗା ରଣୋନ୍ମାଦିନୀ, ଅସୁରନାଶିନୀ, ମହିଷାସୁର ବିମର୍ଦ୍ଦିନୀ ରୂପେ ବିଶେଷ ଖ୍ୟାତିଲାଭ କରିଛନ୍ତି । ତେଣୁ ଦୁର୍ଗା–ଚଣ୍ଡୀଙ୍କର ଉତ୍ପତ୍ତି ଦର୍ଶନ ପୂଜା ପଦ୍ଧତି ପାର୍ବତୀଙ୍କଠାରୁ ଭିନ୍ନ ।

ମହାଦେବୀ ଦୁର୍ଗାଙ୍କର ଚଣ୍ଡୀରୂପ ମାର୍କଣ୍ଡେୟ ପୁରାଣୋକ୍ତ ଦେବୀ ମହାତ୍ମ୍ୟରେ ପୂର୍ଣ୍ଣଭାବରେ ପ୍ରକାଶ ଲାଭ କରିଛି । ଦେବୀମାହାତ୍ମ୍ୟ ଶାକ୍ତ ସମ୍ପ୍ରଦାୟରେ ସର୍ବାଧିକ ପ୍ରଚଳିତ ଶ୍ରେଷ୍ଠ ଶାସ୍ତ୍ର । ଏହି ଗ୍ରନ୍ଥରେ ମହାଦେବୀଙ୍କର ସର୍ବ........ମୟୀ ରୂପର ବର୍ଣ୍ଣନା ଦିଆଯାଇଛି । କେତେବେଳେ ଭଗବତୀ–ପରମେଶ୍ୱରୀ, କେତେବେଳେ ଅମ୍ବିକା, ଦୁର୍ଗା, ଗୌରୀ, କାତ୍ୟାୟନୀ, କୌଶିକୀ, କାଳୀ, ଶାକମ୍ଭରୀ, ଭୀମା, ଭ୍ରମରୀ, ଶିବଦୂତୀ ହିସାବରେ ସମ୍ବୋଧିତା କରିଛନ୍ତି । ଦେବୀଙ୍କର ଆକୃତି ପ୍ରକୃତି ଓ କାର୍ଯ୍ୟ ମଧ୍ୟ ଗ୍ରନ୍ଥରେ ଦିଆଯାଇଛି । ସାରା ଚଣ୍ଡୀ ଗ୍ରନ୍ଥରେ 'ଉମା' ନାମ କୌଣସି ସ୍ଥାନରେ ଦିଆଯାଇ ନାହିଁ । ଯଦିଓ ପାର୍ବତୀଙ୍କ ନାମ ତିନିଥର ଉଲ୍ଲେଖ କରାଯାଇଛି । ଏଠାରେ ପାର୍ବତୀ ପର୍ବତ କନ୍ୟା ହିସାବରେ ନୁହେଁ, ପର୍ବତ ବାସିନୀ ହିସାବରେ ବର୍ଣ୍ଣିତା ହୋଇଥାଆନ୍ତି । ଐତିହାସିକ ଦୃଷ୍ଟିରୁ ସ୍ପଷ୍ଟ ଭାବରେ ପ୍ରତୀୟମାନ ହୁଏ ଯେ ଚଣ୍ଡୀ ଦୁର୍ଗାଙ୍କର ଧାରା ଉମା ପାର୍ବତୀଙ୍କ ଧାରାରୁ ସମ୍ପୂର୍ଣ୍ଣ ଭିନ୍ନ ।

ଚଣ୍ଡୀ ଗ୍ରନ୍ଥରେ ୩ଟି ଘଟଣା ଅବଲମ୍ବନରେ ଦେବୀଙ୍କର ମହିମା ପ୍ରଚାରିତ ହୋଇଛି । ପ୍ରଥମତଃ ଦେବୀ ମହାମାୟାଙ୍କ ସହାୟତାରେ ବିଷ୍ଣୁଙ୍କ ଦ୍ୱାରା ମଧୁକୈଟଭ ରାକ୍ଷସ ଦ୍ୱୟଙ୍କର ନିଧନ, ଦ୍ୱିତୀୟରେ ଦେବୀକର୍ତ୍ତୃକ ମହିଷାସୁରର ବଧ । ତୃତୀୟରେ ଦେବୀଙ୍କ ଦ୍ୱାରା ଶୁମ୍ଭ, ନିଶୁମ୍ଭ ପ୍ରଭୃତି ରାକ୍ଷସମାନଙ୍କୁ ବଧ କରିବା ପାଇଁ ସମସ୍ତ ଦେବତାମାନଙ୍କର ଘନୀଭୂତ ତେଜରେ ଆବିର୍ଭୂତ ଦେବୀଙ୍କର କାହାଣୀ ଆଶ୍ଚର୍ଯ୍ୟଜନକ । ଦେବତାମାନଙ୍କର ପୁଞ୍ଜିଭୂତ ଶକ୍ତିରୁ ଉଦ୍ଭୂତା ଦେବୀ ଶିବଙ୍କର ଶକ୍ତି ନୁହନ୍ତି । ଶିବଙ୍କର ଦେବୀ ସହିତ ସମ୍ପର୍କ ଗୌଣଭାବରେ ବର୍ଣ୍ଣନା କରାଯାଇଛି । ଶାସ୍ତ୍ରରେ ଦେବୀଙ୍କର ସୃଷ୍ଟି ମୂଳତଃ ବିଷ୍ଣୁଶକ୍ତି ହିସାବରେ । ମଧୁକୈଟଭ ବଧ ପ୍ରସଙ୍ଗରେ ଦେଖିବାକୁ ପାଉଁ ଯେ ଦେବୀ ଜଗତ୍ପତିଙ୍କର ଯୋଗନିଦ୍ରା ଓ ହରିଙ୍କର ମହାମାୟା ।

ତନ୍ନାଦ୍ ବିସ୍ମୟଃକାର୍ଯ୍ୟା ଯୋଗନିଦ୍ରା ଜଗତ୍ପତେଃ ।
ମହାମାୟା ହରଶ୍ଚୈତତ୍ତୟା ସଂମୋହ୍ୟତେ ଜଗତଃ ॥

ପ୍ରଥମେ ବ୍ରହ୍ମାସ୍ତବ ଦ୍ୱାରା ନିଦ୍ରାଙ୍ଗୀ ଦେବୀଙ୍କୁ ଜାଗ୍ରତ କଲେ । ଏହି ଶକ୍ତିଙ୍କର ଜାଗରଣ ଫଳରେ ବିଷ୍ଣୁଙ୍କ ପକ୍ଷରେ ମଧୁକୈଟ ଅସୁରଙ୍କର ବଧ ସମ୍ଭବ ହେଲା । ଏହି ବିଶ୍ୱେଶ୍ୱରୀ ଜଗଦଧାତ୍ରୀ, ସଂହାରକାରିଣୀ ଭଗବତୀ ହେଉଛନ୍ତି ବିଷ୍ଣୁଙ୍କର ନିଦ୍ରାଶକ୍ତି । ବିଷ୍ଣୁଙ୍କର ଅଖଣ୍ଡ ପ୍ରଭାବ ପରମେଶ୍ୱର ବିଷ୍ଣୁଙ୍କ ଉପରେ ରହିଛି । ତେଣୁ ଏ ସମ୍ପର୍କରେ କୁହାଯାଇଛି :–

ଯଥା ତ୍ୱୟା ଜଗତ୍ସ୍ରଷ୍ଟା ଜଗତ୍ପାତାତ୍ତି ଯୋ ଜଗତ୍ ।
ସୋଽପି ନିଦ୍ରାବଶଂ ନିତଃ କସ୍ତ୍ୱାଂ ସ୍ତୋତୁମିହେଶ୍ୱରଃ ॥

ଯେ ଜଗତ୍ସ୍ରଷ୍ଟା, ଜଗତ୍ଗ୍ରାସକାରୀ ସେ ମଧ୍ୟ ତୁମ ଦ୍ୱାରା ନିଦ୍ରାବଶରେ ନୀତ ହୁଅନ୍ତି । ତୁମର ସ୍ତବ କରିବା ପାଇଁ କିଏ ସମର୍ଥ ? ବୋଧନ ଦ୍ୱାରା ଶକ୍ତିକୁ ଜାଗରଣ କରିପାରିଲେ ବିଷ୍ଣୁଙ୍କର କ୍ରିୟା ପ୍ରବୃତ୍ତି ତରଙ୍ଗାୟିତ ହୁଏ । ଏହି ଶକ୍ତିର ବୁଦ୍ଧିପାଇଁ ଯୋଗମାୟାଙ୍କୁ ବ୍ରହ୍ମା ପ୍ରାର୍ଥନା କରିଥିଲେ ।

ପ୍ରବୋଧଞ୍ଚ ଜଗତ୍ ସ୍ୱାମୀ ନିୟତା ମଚ୍ୟୁତେ ଲଘୁ ।
ବୋଧଶ୍ଚ କ୍ରିୟତାମସ୍ୟ ହନ୍ତୁମେତୌ ମହାସୁରୌ ॥

ବ୍ରହ୍ମାଙ୍କ ସ୍ତବରେ ବିଷ୍ଣୁଙ୍କ ପାଖରେ ଲୀନ ଦେବୀ ଜାଗ୍ରତ ହୋଇ ସକ୍ରିୟ ହୋଇ ଉଠିଲେ ଏବଂ ବିଷ୍ଣୁଙ୍କୁ ଯୁଦ୍ଧ ପ୍ରବୃତ୍ତି ଦାନକରେ । ଅସୁରମାନଙ୍କୁ ବିମୋହନ କଲେ । ଫଳତଃ ସେମାନଙ୍କର ନିଧନ ହେଲା । ଏହି ଅସୁରବାସିନୀ ଦେବୀଙ୍କର ଶିବଙ୍କ ସହିତ କୌଣସି ସମ୍ପର୍କ ଥିବାର ମନେହୁଏ ନାହିଁ । ପ୍ରଥମେ ଦେବୀ ବିଷ୍ଣୁଶକ୍ତି ହିସାବରେ ସ୍ୱାହା, ସ୍ୱଧା, ବଷଟ୍କାରରୂପିଣୀ ସାବିତ୍ରୀ, ଦେବ ଜନନୀ, ସୃଷ୍ଟି, ସ୍ଥିତି, ସଂହାରକାରିଣୀ, ମହାବିଦ୍ୟା, ମହାମାୟା, ମହାମେଧା, ମହଦେବୀ, ମହାସୁରୀ, ତ୍ରିଗୁଣାତ୍ମିକା ପ୍ରଭୃତି, ସୃଷ୍ଟି ସଂହାରକାରିଣୀ, ଦାରୁଣା, କାଳରାତ୍ରୀ, ମହାରାତ୍ରୀ, ମୋହରାତ୍ରୀ, ଶ୍ରୀ–ହ୍ରୀ, ବୁଦ୍ଧିରୂପିଣୀ, ଲଜ୍ଜା, ପୁଷ୍ଟି, ତୁଷ୍ଟି, ଶାନ୍ତି, କ୍ଷାନ୍ତି ନାମରେ ବିଭିନ୍ନ ଶାସ୍ତ୍ରରେ ପରିଚିତା ।

ଦେବୀ ପୁଣି– ଖଡ୍ଗିନୀ, ଶୂଳିନୀ ଘୋରାଗଦିନୀ ଚକ୍ରିଣୀ ତଥା ।

ଶଙ୍ଖିନୀ ଚାପିନୀ ବାଣାଭୁଶୁଣ୍ଡୀ ପରିଘାୟୁଧା ନାମରେ ବିଖ୍ୟାତିଲାଭ କରିଛନ୍ତି । ଏଥିରୁ ସଷ୍ଟଭାବରେ ପ୍ରତୀୟମାନ ହୁଏ ଯେ ବିଷ୍ଣୁଶକ୍ତି ସହିତ ଅସ୍ତ୍ରଶସ୍ତ୍ରଧାରିଣୀ ଅସୁରନାଶିନୀ ଦେବୀଙ୍କୁ ସଂଯୋଗ କରାଯାଇଛି ।

ମହିଷାସୁର ଦ୍ୱାରା ସ୍ୱର୍ଗରେ ଉତ୍ପୀଡ଼ିତ ଦେବତାମାନଙ୍କୁ ରକ୍ଷାକରିବା ପାଇଁ ଦେବୀଙ୍କର ଦ୍ୱିତୀୟଥର ଆବିର୍ଭାବ ହୁଏ ଆଶ୍ଚର୍ଯ୍ୟଜନକ ଭାବରେ । ଭୀତତ୍ରସ୍ତ ଦେବତାମାନେ ବ୍ରହ୍ମାଙ୍କ ସହିତ ବିଷ୍ଣୁଙ୍କ ନିକଟକୁ ପ୍ରତିକାର ନିମିତ୍ତ ଯାଆନ୍ତି ଏବଂ ନିବେଦନ କରନ୍ତି–'ଶରଣଂଚ ପ୍ରପନ୍ନାଃ ସ୍ମୋ ବଧସ୍ତସ୍ୟ ବିଚିନ୍ତ୍ୟତାମ୍' । ଦେବତାମାନଙ୍କର ନିର୍ଯ୍ୟାତନାରେ ବ୍ୟଥିତ ହୋଇ ବିଷ୍ଣୁ କ୍ରୁଦ୍ଧହେଲେ କଲେ ଏବଂ ତାଙ୍କ ମୁଖମଣ୍ଡଳରୁ ମହାତେଜ ନିର୍ଗତ ହେଲା । ମହାଦେବ ମଧ୍ୟ ତାଙ୍କର ମହାତେଜ ବିକରଣ କଲେ । ଏହାପରେ ଇନ୍ଦ୍ରାଦି ଦେବତାଙ୍କର ମୁଖମଣ୍ଡଳରୁ ତେଜରାଶି ନିର୍ଗତ ହୋଇ ସମସ୍ତ ତେଜ ଏକତ୍ର ପୁଞ୍ଜିଭୂତ ହେଲା । ଦେବଗଣ ଜ୍ୱଳନ୍ତ ପର୍ବତ ସଦୃଶ ଏକୀଭୂତ ତେଜପୁଞ୍ଜି ଦେଖି ଆଶ୍ଚର୍ଯ୍ୟାନ୍ୱିତ ହେଲେ । ସେହି ପୁଞ୍ଜିଭୂତ ତେଜରାଶିରୁ ଅପୂର୍ବ ନାରୀ ମୂର୍ତ୍ତିର ଆବିର୍ଭାବ ହେଲା । ଦେବୀଙ୍କର ଦୀପ୍ତିଛଟାରେ ତ୍ରିଭୁବନ ଉଦ୍ଭାସିତ ହୋଇ ଉଠିଲା । ପ୍ରତ୍ୟେକ ଦେବତା ତାଙ୍କର ଅସ୍ତ୍ରଶସ୍ତ୍ର ଜ୍ୟୋତିର୍ମୟୀ ଦେବୀଙ୍କୁ ପ୍ରଦାନ କଲେ । ଏହି ଜ୍ୟୋତିର୍ମୟୀ ଦେବୀ ମହିଷାସୁର ବିମର୍ଦ୍ଦିନୀ ଦେବୀ ନାମରେ ଖ୍ୟାତି ହେଲେ । ଦେବୀଙ୍କର ଅସୁରନାଶିନୀ ରୂପମଧ୍ୟରୁ ଏହି ରୂପ ଅତି ପ୍ରାଚୀନ ଓ ପ୍ରଧାନ । ପରବର୍ତ୍ତୀକାଳରେ ଶାରଦୀୟ ଦୁର୍ଗା ପୂଜାରେ ଦେବୀଙ୍କର ରୂପ ହେଉଛି ମହିଷାମର୍ଦ୍ଦିନୀ । ବହୁ ପ୍ରାଚୀନ କାଳରୁ ଦେବୀଙ୍କର

ମହିଷାମର୍ଦ୍ଦିନୀ ମୂର୍ତ୍ତି ପରିଦୃଷ୍ଟ ସମ୍ଭବତଃ ମହାଦେବୀଙ୍କର ମହିଷାସୁରମର୍ଦ୍ଦିନୀ ରୂପର ଅବଲମ୍ବନରେ ଅନ୍ୟାନ୍ୟ ଅସୁରନାଶିନୀ କାହାଣୀ ସୃଷ୍ଟି କରାଯାଇଛି ।

ଗୁପ୍ତ ସମ୍ରାଟ ଦ୍ୱିତୀୟ ଚନ୍ଦ୍ରଗୁପ୍ତଙ୍କ ରାଜତ୍ୱରେ ଉଦୟଗିରିର ଦ୍ୱାଦଶଭୁଜା ମହିଷାମର୍ଦ୍ଦିନୀ ମୂର୍ତ୍ତି ସର୍ବପ୍ରାଚୀନ ନିଦର୍ଶନ ବୋଲି ଐତିହାସିକମାନଙ୍କର ମତ । ଶ୍ରୀ ଜନ୍ ମାର୍ଶାଲ୍ ଗୁପ୍ତ ଯୁଗୀୟ ଅନେକ ଦ୍ୱିଭୁଜା ମହିଷାମର୍ଦ୍ଦିନୀ ମୂର୍ତ୍ତି ସର୍ବପ୍ରାଚୀନ ଏବଂ ଏହା ଗୁପ୍ତ ଯୁଗରେ ନିର୍ମିତ ହୋଇ ପୂଜିତା ହୋଇ ଆସୁଛନ୍ତି । ଗୁପ୍ତଯୁଗରୁ ଅନ୍ୟୁନ ତ୍ରୟୋଦଶ ଶତାବ୍ଦୀ ପର୍ଯ୍ୟନ୍ତ ଅସଂଖ୍ୟା ମହିଷାମର୍ଦ୍ଦିନୀ ମୂର୍ତ୍ତିର ସୃଷ୍ଟି ହୋଇଥିଲା । ଏବେ ମଧ୍ୟ ଓଡ଼ିଶାର ସର୍ବତ୍ର ଅସଂଖ୍ୟା ମହିଷାମର୍ଦ୍ଦିନୀ ମୂର୍ତ୍ତି ଦେଖିବାକୁ ମିଳେ । ତାନ୍ତ୍ରିକ ଧାରାର ପ୍ରବର୍ତ୍ତନ ହେବା ଫଳରେ ଭୌମ ଏବଂ ସୋମବଂଶୀମାନଙ୍କ ସମୟରେ ସବୁଠୁ ବେଶୀ ମହିଷାମର୍ଦ୍ଦିନୀ ମୂର୍ତ୍ତି (ଦ୍ୱିଭୁଜାରୁ ବିଂଶଭୁଜା) ପୀଠ ଓ ପାର୍ଶ୍ୱଦେବୀ ହିସାବରେ ପ୍ରତିଷ୍ଠିତ ହୋଇଥିବାର ଐତିହାସିକ ପ୍ରମାଣ ରହିଛି ।

ମହିଷାସୁର ବେଦରେ ପଶୁ ହିସାବରେ ବର୍ଣ୍ଣିତ ହୋଇଥିଲେ ମଧ୍ୟ ପୁରାଣରେ ସେ ମହାପଶୁ । ମହିଷ ଏଠାରେ ମହାନ ଅର୍ଥରେ ବ୍ୟବହୃତ । ତେଣୁ ମହିଷାସୁର ମହାନ୍ ଅସୁର । ଦେବୀ ଏହି ମହାନ୍ ଅସୁରକୁ ବଧ କରିଥିବାରୁ ମହିଷାମର୍ଦ୍ଦିନୀ ଆଖ୍ୟା ପାଇଛନ୍ତି ।

ଦେବୀଙ୍କର ଯେଉଁ ଅସୁର ବିମର୍ଦ୍ଦିନୀ ରୂପ ରହିଛି ତନ୍ମଧ୍ୟରୁ ମହିଷାମର୍ଦ୍ଦିନୀ ରୂପ ସର୍ବପ୍ରାଚୀନ ଓ ସର୍ବଜନବିଦିତ । ଭାରତୀୟ ପ୍ରାଚୀନ ସାହିତ୍ୟରେ ମହିଷାସୁରକୁ ପ୍ରଧାନ ଅସୁର ହିସାବରେ ବର୍ଣ୍ଣନା କରାଯାଇଛି । ଯାହାହେଉ ସର୍ବଦେବଗଣଙ୍କ ଶକ୍ତିରୁ ଉତ୍ପନ୍ନ ଦେବୀଙ୍କର ଯେ ଏହା ଅଭିନବ ଆବିର୍ଭାବ ଏଥିରେ ସନ୍ଦେହ ନାହିଁ । ଏଠାରେ ଲକ୍ଷ୍ୟ କରିବାର କଥା ଯେ ଏହି ଦେବୀଙ୍କର ପାର୍ବତୀ ଓ ଶଙ୍କରଙ୍କ ସହିତ ବିଶେଷ କିଛି ଘନିଷ୍ଠ ସମ୍ପର୍କ ନାହିଁ । ଶିବ ଏଠାରେ ଅସୁର ଲାଞ୍ଛିତ ଅନ୍ୟାନ୍ୟ ଦେବତାଙ୍କ ସହିତ ଜଣେ ମାତ୍ର ।

ଚଣ୍ଡ-ମୁଣ୍ଡ ଓ ଶୁମ୍ଭ-ନିଶୁମ୍ଭ ଦୈତ୍ୟଙ୍କୁ ବଧ କରିବା ପାଇଁ ଦେବୀଙ୍କର ତୃତୀୟ ଥର ଆବିର୍ଭାବ । ଏଥର ଆବିର୍ଭାବରେ ବିଶେଷ ବିଶେଷତ୍ୱ ନାହିଁ । ଦ୍ୱିତୀୟ ଥର ଆବିର୍ଭାବ ସମୟରେ ଦେବୀ ଦେବତାମାନଙ୍କୁ ବରଦାନ କରିଥିଲେ ଯେ ଭବିଷ୍ୟତରେ ବିପଦ ସମୟରେ ତାଙ୍କୁ (ଦେବୀଙ୍କୁ) ସ୍ମରଣ କଲେ ସେମାନଙ୍କର ଆପଦ ବିନାଶ କରିବେ । ଶୁମ୍ଭ-ନିଶୁମ୍ଭଙ୍କ ଦ୍ୱାରା ଲାଞ୍ଛିତ ହୋଇ ଦେବତାମାନେ ହିମାଳୟ ପର୍ବତରେ ଦେବୀଙ୍କୁ ପ୍ରାର୍ଥନା କଲେ । ଦେବୀ ଅସୁରମାନଙ୍କୁ ବଧ କରି ବିପଦରୁ ମୁକ୍ତ କଲେ । ଏଠାରେ ମଧ୍ୟ ଦେବୀଙ୍କୁ ବିଷ୍ଣୁମାୟା ହିସାବରେ ସ୍ମରଣ କରାଯାଇଛି । ଦେବୀ ବିଷ୍ଣୁମାୟା ଦେବୀଂ ବିଷ୍ଣୁମାୟାଂ ପ୍ରତୁଷ୍ଟୁବଃ । ଏହି ଦେବୀ ବିଷ୍ଣୁମାୟା, କିନ୍ତୁ ଶିବମାୟା ନୁହନ୍ତି । ଶୁମ୍ଭ-ନିଶୁମ୍ଭ ସହିତ ଯୁଦ୍ଧ ସମୟରେ ଦେବଗଣଙ୍କର ଶକ୍ତିରୁ ମାତୃକାମାନଙ୍କର ସୃଷ୍ଟି । ଏହି ପରିପ୍ରେକ୍ଷିରେ ଈଶାନ (ଶିବ)ଙ୍କୁ ଆମେ ଦେଖିବାକୁ ପାଉଁ । ସମସ୍ତ ଦେବଶକ୍ତି (ମାତୃକାଗଣ) ପରିବୃତ୍ତ ହୋଇ ଈଶାନ ଦେବୀଙ୍କୁ ସମ୍ବୋଧନ କରି କହିଲେ ଯେ ଏହି ଦେବୀମାନଙ୍କ ସାହାଯ୍ୟରେ ଅସୁର ବଧ କରନ୍ତି । ଦେବୀ ଈଶାନଙ୍କର ଦୂତତ୍ୱ ସ୍ୱୀକାର କରି ଶୁମ୍ଭ ନିଶୁମ୍ଭଙ୍କ ନିକଟକୁ ଗମନ କଲେ । ଦୌତ କାର୍ଯ୍ୟରେ ଶିବ ତାଙ୍କୁ ନିଯୁକ୍ତ କରିଥିବାରୁ ଦେବୀ ଶିବଦୂତୀ ନାମରେ ପରିଚିତା ହେଲେ । ଏ କ୍ଷେତ୍ରରେ ମଧ୍ୟ ଈଶାନ ଦେବଗଣଙ୍କ ସହିତ ଏକତ୍ର ଗୌଣ ଭାବରେ ଆବିର୍ଭୂତ । ଦେବୀଙ୍କର ଦୂତ ହିସାବରେ ତାଙ୍କର ଗୌଣତ୍ୱ ବିଶେଷ ଭାବରେ ପରିଲକ୍ଷିତ ହୁଏ । ଦୁର୍ଗାଙ୍କର ଅନ୍ୟ ଏକ ନାମ ଶିବା । ମାତ୍ର ସେ ଶିବଙ୍କ ପତ୍ନୀ ବା ଶିବଶକ୍ତି ହିସାବରେ ପରିଚିତା ନୁହନ୍ତି । ଶିବା ସାଧାରଣ ଭାବରେ ମଙ୍ଗଳମୟୀ ହିସାବରେ ପରିଚିତା ।

ଦେବୀଙ୍କର ଅମ୍ବିକା ନାମ ଚଣ୍ଡୀ ଶାସ୍ତ୍ରରେ ଅନେକଥର ବ୍ୟବହୃତ ହୋଇଛି । ତୈତ୍ତିରୀୟ ଆରଣ୍ୟକରେ ଅମ୍ବିକା ରୁଦ୍ରଙ୍କର ଭଗିନୀ ଓ ପତ୍ନୀ ହିସାବରେ ବର୍ଣ୍ଣିତା । କିନ୍ତୁ ଏହି ଆଖ୍ୟାୟିକା ଅବଲମ୍ବନରେ ଚଣ୍ଡୀରେ ଦେବୀଙ୍କର ଶିବଙ୍କ ସହିତ ଅବିନାଭାବ ସମ୍ବନ୍ଧ ସ୍ଥାପନ କରାଯାଇ ନପାରେ । ଅମ୍ବିକା ଏଠାରେ ଦେବୀଙ୍କର ନାମ ହିସାବରେ ଗ୍ରହଣ କରାଯାଇ ପାରେ ।

ଚଣ୍ଡୀଗ୍ରନ୍ଥ ଅନୁଶୀଳନ କଲେ ଦେବୀଙ୍କର ପ୍ରଧାନ ତିନୋଟି ରୂପ ପ୍ରତୀୟମାନ ହୁଏ । ପ୍ରଥମରେ ଦେବୀଙ୍କର ଶିବଶକ୍ତି ରୂପ ଦ୍ୱିତୀୟରେ ତାଙ୍କର ପରମ ସ୍ୱତନ୍ତ୍ର ରୂପ ଏବଂ ତୃତୀୟରେ ବିଷ୍ଣୁଶକ୍ତି ରୂପ । ପ୍ରଥମ ଧାରଣା ଅନୁଯାୟୀ ଦେବୀ ଶିବପ୍ରିୟା । ତନ୍ତ୍ରରେ ଶିବଙ୍କର ଶକ୍ତି ସହିତ ଅବିନାଭାବ ସମ୍ବନ୍ଧ ବିଷୟରେ ସଠିକ ଆଲୋଚନା କରାଯାଇଛି । ଶିବ ଓ ଶକ୍ତି ଏକହିଁ ପରମତତ୍ତ୍ୱ । ଦେବୀଙ୍କର 'ସ୍ୱତନ୍ତ୍ରା' ରୂପରେ ସେ ପରମତତ୍ତ୍ୱା, ତ୍ରିଭୁବନ ବ୍ୟାପିନୀ ଏକ ଅଦ୍ୱିତୀୟା ମହାଶକ୍ତି । ତାଙ୍କଠାରୁ ଜଗତ ପ୍ରସୂତ । ତାଙ୍କ ଉପରେ ଅନ୍ୟ କିଛି ଶକ୍ତି ନାହିଁ ।

ଉପନିଷଦର ବ୍ୟାଖ୍ୟା ଅନୁସାରେ ବ୍ରହ୍ମ ଏକ ଅଦ୍ୱିତୀୟ । ଶାକ୍ତ ମତରେ ଦେବୀ ବ୍ରହ୍ମସ୍ୱରୂପିଣୀ ପରମେଶ୍ୱରୀ ଏବଂ ସମସ୍ତ ଜଗତର ଅଧିକାରିଣୀ । ପୁରାଣ ଓ ତନ୍ତ୍ରରେ ବିଷ୍ଣୁଶକ୍ତି ବା ଶିବଶକ୍ତି ଅନନ୍ୟା, ଶ୍ରାସ୍ୱତ୍ୟା ଓ ସ୍ୱତନ୍ତ୍ରା । ଚଣ୍ଡୀ ଶାସ୍ତ୍ରରେ ଦେବୀଙ୍କର ଏହି ରୂପ ସ୍ପଷ୍ଟ ଭାବରେ ପ୍ରତିପାଦିତ ହୋଇଛି । ଯଥା-ଶୈବ ସର୍ବୈଶ୍ୱରେଶ୍ୱରୀ ପରାପରାଣାଂତ୍ୱମେବ ପରମେଶ୍ୱରୀ । ନିଶୁମ୍ଭର ନିଧନ ପରେ ଶୁମ୍ଭ ଦେବୀଙ୍କୁ କହିଥିଲେ-ଅନ୍ୟାସାଂ ବଲମାଶ୍ରିତ୍ୟ ଯୁଧ୍ୟସେ ଯାଽତିମାନିନୀ । ଉତ୍ତରରେ ଦେବୀ ଦୃପ୍ତ କଣ୍ଠରେ କହିଥିଲେ-

ଏକୈବାହଂ ଜଗତ୍ୟତ୍ର ଦ୍ୱିତୀୟାକା ମମାପରା ।
ପଶ୍ୟୈତା ଦୁଷ୍ଟ ମୟ୍ୟେବ ବିଶନ୍ତ୍ୟୋ ମଦ୍‌ବିଭୂତୟଃ ॥

ଅର୍ଥାତ୍-ଜଗତରେ ମୁଁ ଏକା, ମୋ ବ୍ୟତୀତ ଦ୍ୱିତୀୟ କିଏ ଅଛି ? ମୋର ବିଭୂତି ମାତ୍ର.....ହେ ଦୁଷ୍ଟ ଦେଖ । ବିଭୂତି ସବୁ ମୋ ଦେହରେ ଲୀନ ହୋଇଗଲେ । ଏହା କହି ଦେବୀ ସମସ୍ତ ଦେବୀଙ୍କୁ ନିଜ ଦେ ହରେ ସଂହରଣ କରି ରଣ କ୍ଷେତ୍ରରେ-ଏକାକୀ ବିରାଜ କଲେ । ଏଥିରୁ ଦେବୀଙ୍କର ସ୍ୱତନ୍ତ୍ରା ଶକ୍ତି ପ୍ରତୀୟମାନ ହୁଏ । ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ପ୍ରଭୃତି ଦେବଗଣ

ମହାଦେବୀଙ୍କଠାରୁ ସୃଷ୍ଟି ହୋଇଛନ୍ତି । ଦେବଗଣଙ୍କର ଦେବୀଙ୍କୁ ସ୍ତୁତି ଏଠାରେ ଉଲ୍ଲେଖଯୋଗ୍ୟ–

ବିଶ୍ୱେଶ୍ୱରୀରିଦ୍ଧଂ ପରିପାସି ବିଶ୍ୱଂ ।
ବିଶ୍ୱାତ୍ମିକାଧାରୟସୀତି ବିଶ୍ୱଂ ॥
ବିଶ୍ୱେଶ ବନ୍ଦ୍ୟା ଭବତି ଭବନ୍ତି ।
ବିଶ୍ୱାଶ୍ରୟା ଯେ ତ୍ୱୟୀ ଭକ୍ତିନମ୍ରାଃ ॥

ଏଠାରେ ଉଲ୍ଲେଖଯୋଗ୍ୟ ଯେ ପରମେଶ୍ୱରୀ ଶିବାଶ୍ରିତା କିମ୍ବା ବିଷ୍ଣୁ ଆଶ୍ରିତା ନୁହନ୍ତି । ସେ ସମ୍ପୂର୍ଣ୍ଣ ସ୍ୱତନ୍ତ୍ରା । ଚଣ୍ଡୀରେ ବର୍ଣ୍ଣିତ ଦେବୀଙ୍କର ସ୍ୱତନ୍ତ୍ର ରୂପ ଦେବୀ ଭାଗବତରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଛି ।

ସୃଷ୍ଟ୍ୱାଖିଳଂ ଜଗଦିଦଂ ସଦସତ୍ ସ୍ୱରୂପ ।
ଶକ୍ତ୍ୟାସ୍ୱୟା ତ୍ରିଗୁଣୟା ପରିପାତି ବିଶ୍ୱମ୍ ॥
ସଂହୃତ୍ୟାଂ କଳ୍ପ ସମୟେ ରମତେ ତଥୈକା ।
ତାଂ ସର୍ବବିଶ୍ୱଜନନୀଂ ମନସା ସ୍ମରାମି ॥

ଏହି ଏକ ଏବଂ ଅଦ୍ୱିତୀୟା ଦେବୀଙ୍କର ସାତ୍ତ୍ୱିକ ରାଜସିକ ଓ ତାମସିକ ଶକ୍ତି ଅବଲମ୍ବନରେ ସୃଷ୍ଟି ହୁଏ ମହାଲକ୍ଷ୍ମୀ, ମହାସରସ୍ୱତୀ ମହାକାଳୀ ପ୍ରଭୃତି ତ୍ରିଦେବୀଙ୍କର । ପ୍ରକୃତରେ ତ୍ରିଦେବୀ ମହାଦେବୀଙ୍କର ତ୍ରିତତ୍ତ୍ୱ । ଏହା ମହାଦେବୀ ସର୍ବ କାରଣ କାରଣମ୍ "ଏବଂ ଜନନୀଂ ସର୍ବଦେବାନାଂ ବ୍ରହ୍ମାଦିନାଂ ତଥେଶ୍ୱରୀମ୍" ଦେବୀଙ୍କ ସମ୍ବନ୍ଧରେ ଦେବୀଭାଗବତରେ କୁହାଯାଇଛି–

ଯଦାନବେଧା ନ ଚ ବିଷ୍ଣୁରୀଶ୍ୱରୋ ନ ବାସବୋନୈବ
ଜଳାଧିପସ୍ତଥା ।
ନ ବିତ୍ତପୋ ଦେବ ଯମଶ୍ଚ ପାବକ–ସ୍ତଦାସି ଦେବୀ ତ୍ୱମହଂ
ନମାମ୍ୟହମ୍ ॥
ଜଳଂ ନ ବାୟୁର୍ନ ଧରାନ ଖମ୍ପରମ୍ ଗୁଣା ନ ତେଷାଞ୍ଚ ନ
ଚେନ୍ଦ୍ରିୟାଣ୍ୟମ୍ ।
ମନୋନ ବୁଦ୍ଧିନ ଚ ତିଗ୍ମଗୁଃ ଶଶୀ ତଦାସି ଦେବି ତ୍ୱମହଂ
ନମାମିତ୍ୱାମ୍ ॥

ବେଦରେ ଯେପରି ପୁରୁଷଙ୍କୁ ସହସ୍ରଶୀର୍ଷା ପୁରୁଷଃ ସହସ୍ରାକ୍ଷଃ ସହସ୍ରପାତ୍ ବୋଲି ବର୍ଣ୍ଣନା କରାଯାଇଛି, ଦେବୀ ଭାଗବତରେ ଦେବୀଙ୍କର ରୂପ ନିମ୍ନ ଶ୍ଳୋକରେ ବର୍ଣ୍ଣନା କରାଯାଇଛି–

ସହସ୍ର ନୟନା ରାମା ସହସ୍ର କର ସଂଯୁତା ।
ସହସ୍ର ବଦନା ରମ୍ୟା ଭାତି ଦୂରାଦ ସଂଶୟମ୍ ॥

ଦେବୀଙ୍କର ମହିମା ବୁଝି ନ ପାରି ବ୍ରହ୍ମା ତାଙ୍କୁ ପ୍ରଶ୍ନ ପଚାରନ୍ତି–

ଏକମେ ବା ଦ୍ୱିତୀୟଂ ଯଦ୍ ବ୍ରହ୍ମ ବେଦା ବଦନ୍ତି ବୈ ।
ସା କିଂ ତ୍ୱଂ ବ୍ୟାପ୍ୟସୌ ବା କିଂ ସନ୍ଦେହଂ ବିନିବର୍ତ୍ତୟ ॥

ଅର୍ଥାତ୍–ବେଦ ସବୁ ଯେ ଏକ ଏବଂ ଅଦ୍ୱିତୀୟ ବ୍ରହ୍ମ ବିଷୟରେ ବର୍ଣ୍ଣନା କରିଥାନ୍ତି । ତୁମେ କିଏ ? ଏବଂ ବ୍ରହ୍ମ କ'ଣ ? ଏହି ସନ୍ଦେହ ଦୂର କର । ଉତ୍ତରରେ ଦେବୀ କହନ୍ତି–ସଦୈକତ୍ୱଂ ନ ଭେଦୋସ୍ତି ସର୍ବଦୈବ ମମାସ୍ୟ ଚ ।

ଯୋଽସୌ ସହମହଂ ଯା ସୌ ଭେଦୋସ୍ତି ମତିବିଭ୍ରମାତ୍ ।

ମୋର ଏବଂ ଏହାର (ବ୍ରହ୍ମର) ସର୍ବଦା ଏକତ୍ୱ ରହିଛି । ଏଥିରେ କୌଣସି ଭେଦ ନାହିଁ । ସେ ବ୍ରହ୍ମ ସେ ହିଁ ମୁଁ । ଭେଦ ପରିଲକ୍ଷିତ ହୁଏ କେବଳ ମତିଭ୍ରମ ହେତୁ । ଅତି ସୂକ୍ଷ୍ମଭାବରେ ବିଚାର କଲେ ଭେଦ ପରିଲକ୍ଷିତ । ଯେପରି ଶକ୍ତି ଓ ଶକ୍ତିମାନର ଭେଦ । ବସ୍ତୁତଃ ସେମାନେ ଏକ । ପରମତତ୍ତ୍ୱରେ ଶକ୍ତି କିମ୍ବା ଶକ୍ତିମାନଙ୍କୁ ଯେ କୌଣସି ରୂପରେ ଗ୍ରହଣ କରାଯାଇପାରେ । ଦେବୀ ଯେତେବେଳେ ପରତନ୍ତ୍ରା ରୂପରେ ବର୍ଣ୍ଣିତା ସେତେବେଳେ ସେ କେତେକ କ୍ଷେତ୍ରରେ ବିଷ୍ଣୁଶକ୍ତି ହିସାବରେ ପରିଚିତା । ଚଣ୍ଡୀରେ ମଧ୍ୟ ଦେବୀଙ୍କର ପରତନ୍ତ୍ରା ରୂପ ବିଷ୍ଣୁମାୟା ବା ବିଷ୍ଣୁଶକ୍ତି ହିସାବରେ ପ୍ରକାଶିତ, ଶିବଶକ୍ତି ହିସାବରେ ନୁହନ୍ତି । ଏକାଦଶ ଅଧ୍ୟାୟରେ ବୈଷ୍ଣବୀ ଶକ୍ତି ହିସାବରେ ବର୍ଣ୍ଣିତା । ପଞ୍ଚମ ଅଧ୍ୟାୟରେ ପଇଁଷଠୀଟି ଶ୍ଳୋକରେ ନମସ୍ତସ୍ୟୈ ନମୋ ନମଃ' ବୋଲି ଦେବୀଙ୍କୁ ନମସ୍କାର କରାଯାଇଛି । ଦେବୀଙ୍କର ଏହି ନମସ୍କାର ଶ୍ଳୋକଗୁଡ଼ିକ ମଧ୍ୟରେ ସର୍ବପ୍ରଥମେ ଦେଖିବାକୁ ପାଉ–

ଯା ଦେବୀ ସର୍ବଭୂତେଷୁ ବିଷ୍ଣୁମାୟେତି ଶବ୍ଦିତା ।
ନମସ୍ତସ୍ୟୈ ନମସ୍ତସ୍ୟୈ ନମସ୍ତସ୍ୟୈ ନମୋନମଃ ॥

ଏକାଦଶ ଅଧ୍ୟାୟର ଆଠରୁ ତେଇଶି ସମୂହରେ ଦେବୀଙ୍କୁ ନମସ୍କାର କରାଯାଇଛି । ନାରାୟଣୀ ନମସ୍ତୁତେ ବୋଲି ଦେବୀଙ୍କୁ ସ୍ୱୟଂକେ ଗୌରୀବୋଲି ସମ୍ବୋଧନ କରି ନାରାୟଣୀ ନମସ୍ତୁତେ କହି ନମସ୍କାର କରାଯାଇଛି । ସେହିପରି ଅନ୍ୟାନ୍ୟ ଶ୍ଳୋକରେ ଦେଖିବାକୁ ପାଉ ମାହେଶ୍ୱରୀ ସ୍ୱରୂପେଣ ନାରାୟଣୀ ନମୋଽସ୍ତୁତେ । କୌମାରୀ ରୂପସଂସ୍ଥାନେ ନାରାୟଣୀ ନମୋଽସ୍ତୁତେ, ବରାହରୂପିଣୀ ଶିବେ ନାରାୟଣି ନମୋଽସ୍ତୁତେ । ଶମ୍ଭୁଷ୍ଟେ ମୁଣ୍ଡମଥନେ ନାରାୟଣି ନମୋଽସ୍ତୁତେ ଇତ୍ୟାଦି । ଏହି ପ୍ରସଙ୍ଗରେ ମନରେ ପ୍ରଶ୍ନ ଉଠେ, ଦେବୀ ଚଣ୍ଡିକା ନାରାୟଣୀ ରୂପରେ କାହିଁକି ନମସ୍ୟା ? ସାଧାରଣତଃ ଶିବଙ୍କୁ ଅବଲମ୍ବନ କରି ଶକ୍ତିତତ୍ତ୍ୱ ପ୍ରତିଷ୍ଠିତ ହୋଇଛି । ମାତ୍ର ସୂକ୍ଷ୍ମଭାବରେ ବିଚାର କଲେ ଜଣାଯାଏ ଯେ, ଦାର୍ଶନିକ ଶକ୍ତିବାଦ ବିଷ୍ଣୁବାଦ ଅବଲମ୍ବନରେ ଗଢ଼ି ଉଠିଛି । ପଞ୍ଚରାତ୍ର ସଂହିତାଗୁଡ଼ିକରେ ବିଷ୍ଣୁଶକ୍ତିକୁ ଅବଲମ୍ବନ କରି ଶକ୍ତିତତ୍ତ୍ୱ ସୂକ୍ଷ୍ମଭାବରେ ଆଲୋଚନା କରାଯାଇଛି । ଏହି ସଂହିତାଗୁଡ଼ିକ ଅତି ପ୍ରାଚୀନ । ଅନ୍ୟୁନ ଖ୍ରୀଷ୍ଟିୟ ଚତୁର୍ଥ ଶତାବ୍ଦୀରେ ରଚିତ ହୋଇଥିବାରୁ କାଳକ୍ରମେ ଶୈବ ଦର୍ଶନରେ ଶକ୍ତିବାଦ ସମ୍ବନ୍ଧୀୟ ଉଲ୍ଲେଖନୀୟ ତାତ୍ତ୍ୱିକ ଆଲୋଚନା ଦେଖିବାକୁ ମିଳେ । ଶୈବ ଦର୍ଶନଗୁଡ଼ିକ ଖ୍ରୀଷ୍ଟିୟ ୭ମରୁ ଦଶମ ଶତାବ୍ଦୀ ମଧ୍ୟରେ ରଚିତ ହୋଇଥିଲା । ଏହିସବୁ ଶାସ୍ତ୍ରରେ ଶୈବଦର୍ଶନ ସହିତ ଶକ୍ତିବାଦ ଆଲୋଚନା କରାଯାଇଛି । ମାତ୍ର ଶିବଶକ୍ତିଙ୍କର ଅବିନାଭାବ ସମ୍ବନ୍ଧ ବିଶେଷ ସ୍ପଷ୍ଟ ନୁହେଁ ।

ପୁରାଣଗୁଡ଼ିକରେ ଶକ୍ତିବାଦ ବିଷୟରେ ସବିଶେଷ ଆଲୋଚନା କରାଯାଇଛି । ସାଂଖ୍ୟରେ ପ୍ରକୃତି–ପୁରୁଷ, ବେଦାନ୍ତରେ ବ୍ରହ୍ମମାୟା, ତନ୍ତ୍ରର ଶିବ–ଶକ୍ତି ପୁରାଣର ସପ୍ତଶତୀ ଚଣ୍ଡୀରେ (ଖ୍ରୀ: ୪ର୍ଥ ଶତାବ୍ଦୀ) ଦେବୀଙ୍କର ବିଷ୍ଣୁମାୟା ରୂପ ପ୍ରଧାନ ଭାବରେ ଆତ୍ମପ୍ରକାଶ କରିଛି । ଚଣ୍ଡୀ ଗ୍ରନ୍ଥରେ ଦୁଇଟି ଉଲ୍ଲେଖନୀୟ ବିଷୟ ପ୍ରଣିଧାନଯୋଗ୍ୟ । (୧) ଦେବୀଙ୍କର

ଅସୁର ନିଧନ କାହାଣୀ । (୨) ଦେବୀତତ୍ତ୍ୱ । ଅସୁର ନିଧନ କାହାଣୀ ମାଧ୍ୟମରେ ମହାଦେବୀଙ୍କର ସୁସ୍ପଷ୍ଟ ରୂପ ପ୍ରତୀୟମାନ ହୁଏ । ଦେବୀଙ୍କର ଏହି ତତ୍ତ୍ୱ, ରୂପ ଦେବଗଣ କର୍ତ୍ତୃକ ସ୍ତୁତିରେ ପ୍ରସ୍ଫୁଟିତ ହୋଇଛି ଏବଂ ସେଥିରେ ମଧ୍ୟ ଦେଖିବାକୁ ମିଳେ ତାଙ୍କର ବିଶ୍ୱମାତ୍ତ୍ୱା ରୂପ । ତେଣୁ ସ୍ପଷ୍ଟଭାବରେ ପ୍ରତୀୟମାନ ହୁଏ ଯେ, ଅସୁର ବିନାଶ କାହାଣୀ ସହିତ ବିଶ୍ୱମାତ୍ତ୍ୱା ରୂପ ଜଡ଼ିତ । ଦେବୀଙ୍କର ଅସୁର ବିନାଶିନୀ ରୂପ ବିଭିନ୍ନ ପୁରାଣରେ ବିଭିନ୍ନ ଭାବରେ ବର୍ଣ୍ଣିତ ହୋଇଛି ।

ମହାଭାରତରୁ ଜଣାଯାଏ ଯେ ଇନ୍ଦ୍ର ସ୍କନ୍ଦ କାର୍ତ୍ତିକଙ୍କ ସହାୟତାରେ ତାରକାସୁରକୁ ବଧ କରିଥିଲେ । ସ୍କନ୍ଦ ଉମା ଓ ଶିବଙ୍କର ସନ୍ତାନ ମହାଭାରତର କାହାଣୀକୁ ଅବଲମ୍ବନ କରି କାଳିଦାସ କୁମାରସମ୍ଭବ କାବ୍ୟ ରଚନା କରିଥିଲେ । ତାରକାସୁର ଦ୍ୱାରା ନିର୍ଯାତିତ ହୋଇ ଦେବତାମାନେ ଇନ୍ଦ୍ରଙ୍କ ଅଧିନାୟକତ୍ୱରେ ଶିବଙ୍କୁ ପ୍ରାର୍ଥନା କଲେ ଯେ, ତାଙ୍କର ଔରସରୁ ଉମାଙ୍କ ଗର୍ଭରେ କୁମାର ଜନ୍ମଲାଭ କରି ଅସୁରଙ୍କୁ ନିଧନ କରନ୍ତୁ । କାଳିଦାସ ପାର୍ବତୀଙ୍କୁ ବିଭିନ୍ନ ପ୍ରସଙ୍ଗରେ ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି । ମାତ୍ର ତାଙ୍କର ଅସୁର ନାଶିନୀ ରୂପର କୌଣସି ଆଭାସ ଦେଇ ନାହାନ୍ତି । ଦେବୀଙ୍କର ଅସୁରନାଶିନୀ ଚଣ୍ଡୀରୂପ ଲୌକିକ କାହାଣୀ କିମ୍ବା ପୌରାଣିକ ଆଖ୍ୟାୟନ ଉପରେ ପର୍ଯ୍ୟବସିତ ଏକଥା ସ୍ପଷ୍ଟଭାବରେ କହିବା ସହଜସାଧ୍ୟ ନୁହେଁ । ଯଦିଓ ଦେବୀଙ୍କର ଭୟଙ୍କର ରୂପ ବର୍ଣ୍ଣନା ପରବର୍ତ୍ତୀ ଆଞ୍ଚଳିକ ସାହିତ୍ୟରେ ଦେଖିବାକୁ ମିଳେ । ମନେହୁଏ ଦେବୀଙ୍କର ଉମା–ପାର୍ବତୀ ଧାରା ଏବଂ ଅସୁରନାଶିନୀ ଧାରା ସମ୍ମିଶ୍ରିତ ହୋଇ ପୁରାଣ, ଉପପୁରାଣ ଓ ତନ୍ତ୍ରରେ ଏକ ମିଶ୍ର ରୂପରେ ପରିସ୍ଫୁଟ ହୋଇଛି ।

---

**ଅବସରପ୍ରାପ୍ତ ଅଧୀକ୍ଷକ,**
**ସଂଗ୍ରହାଳୟ, ଓଡ଼ିଶା**


କଟକର ଶାରଦୀୟ ପୂଜା

# ଗାନ୍ଧିଜୀଙ୍କ ଜୀବନାଦର୍ଶ

**ଶ୍ରୀ ଦେବାଶିଷ ଚକ୍ରବର୍ତ୍ତୀ**

ମହାତ୍ମା ଗାନ୍ଧୀ କେବଳ ସ୍ୱାଧୀନତା ସଂଗ୍ରାମର ମହାନାୟକ ନଥିଲେ । ତାଙ୍କର ଆତ୍ମିକ ଉତ୍କର୍ଷ ଓ ବଳିଷ୍ଠ ଜୀବନାଦର୍ଶକୁ ବିଶ୍ୱର ଚେତନାଶୀଳ ଜନମାନସରେ ପ୍ରତିଷ୍ଠିତ କରି ପାରିଛି । ସେ ସ୍ୱପ୍ନ ଦେଖୁଥିଲେ ଏକ ନିଃସ୍ୱାର୍ଥ ସମାଜର । ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ଐକ୍ୟର ପ୍ରତିଷ୍ଠା ହିଁ ଥିଲା ତାଙ୍କର ଅଭିମୁଖ୍ୟ । ମାନବଜାତିକୁ ଭାରତୀୟ ଆଦର୍ଶରେ ଉଦ୍‌ବୁଦ୍ଧ କରି ହିଂସା ଦ୍ୱେଷ ଓ ଅହଂକାର ମୁକ୍ତ ସମାଜ ପ୍ରତିଷ୍ଠା ଉଦ୍ଦେଶ୍ୟରେ ତାଙ୍କର ଚିନ୍ତନ ବାସ୍ତବରେ ପ୍ରଣୀଧାନଯୋଗ୍ୟ ।

ଶ୍ରୀମଦ୍‌ଭାଗବତ ଗୀତା ଟଲଷ୍ଟୟଙ୍କ ରଚନା ଓ ବୁଦ୍ଧଦେବଙ୍କ ଜୀବନୀ ଓ ବାଣୀ ମହାତ୍ମାଜୀଙ୍କୁ ଗଭୀର ଭାବରେ ପ୍ରଭାବିତ କରିଥିଲା । ବେଦ, ଉପନିଷଦ, ଗୀତା, ଭାଗବତ ଭଳି ଭାରତୀୟ ଦର୍ଶନ ସମ୍ଭୂତ ଶିକ୍ଷା ତାଙ୍କୁ କରିଥିଲା ସତ୍ୟ ଓ ଶାନ୍ତିର ପୂଜାରୀ । ଟଲଷ୍ଟୟଙ୍କ ସୃଷ୍ଟି ତାଙ୍କ ପ୍ରାଣରେ ସୃଷ୍ଟି କରିଥିଲା ଦୁର୍ଗତ ମାନବାତ୍ମା ପ୍ରତି ଅଶେଷ ସମ୍ବେଦନ । କିନ୍ତୁ ବୁଦ୍ଧଦେବଙ୍କ ଜୀବନୀ ଓ ବାଣୀ ତାଙ୍କୁ ଅହିଂସ ହେବାକୁ ପ୍ରେରଣା ଦେଇଥିଲା । ଗୀତାରେ ଭଗବାନ ବିନାଶାୟଚ ଦୁଷ୍କୃତାଂ ବୋଲି ପ୍ରକାଶ କରି ଦୁଷ୍ଟ ବିନାଶ ପାଇଁ ଆହ୍ୱାନ ଦେଇଥିବା ବେଳେ ବୁଦ୍ଧଙ୍କ ଅମରବାଣୀ ପ୍ରଷ୍ଠ ଧମ୍ମପଦ "ଦୀକ୍ଷିତାନାୟ ପାପୀନାଂ" ବୋଲି ପ୍ରକାଶ କରି ବୁଦ୍ଧଦେବଙ୍କ ଉଦାର ଚିନ୍ତନର ପରିଚୟ ଦେଉଛି । ବୁଦ୍ଧଦେବଙ୍କର ଏହି ଅହିଂସ ଆହ୍ୱାନ ହୋଇ ଉଠିଥିଲା ଗାନ୍ଧୀ ଦର୍ଶନର ମୂଳମନ୍ତ୍ର ।

ଜୀବ ଓ ଜଗତ ସମ୍ପର୍କରେ ବ୍ୟକ୍ତିର ନିଜସ୍ୱ ଚିନ୍ତନ ହିଁ ଦର୍ଶନ । ଜୀବନ ଦର୍ଶନ ଅନୁଭୂତିର ରସରେ ରସାଣିତ ବ୍ୟକ୍ତିର ନିଜକ ନିଜସ୍ୱ ଅନୁଭୂତି । ଭାରତୀୟ ଦର୍ଶନରେ ଜୀବନର ବାସ୍ତବ ଚିତ୍ର ପ୍ରତିଫଳିତ ହୋଇଥାଏ । ଜୀବ (ଆତ୍ମା) ଜଗତ (ବିଶ୍ୱ) ଓ ଜଗନ୍ନାଥ (ସୃଷ୍ଟିକର୍ତ୍ତାଙ୍କୁ) ନେଇ ଭାରତୀୟ ଦର୍ଶନ ପରିପୁଷ୍ଟ ହୋଇଛି । ଦର୍ଶନ ତ୍ରିବିଧ । ଜୀବନ ଦର୍ଶନ, କ୍ରିୟାଶୀଳ ଦର୍ଶନ ଓ ଆଧ୍ୟାତ୍ମିକ ଦର୍ଶନ । ସେ କୌଣସି ଦର୍ଶନ ତତ୍ତ୍ୱର ପ୍ରଖ୍ୟାପକ ନୁହନ୍ତି । ଏହାସତ୍ତ୍ୱେ ସେ ଥିଲେ ଜଣେ ବିଶିଷ୍ଟ ଦାର୍ଶନିକ । ଦର୍ଶନ ତାଙ୍କ ପାଇଁ ନୀରସ ତତ୍ତ୍ୱ ନଥିଲା । ତାହା ଥିଲା ତାଙ୍କର ନିଜସ୍ୱ ଅନୁଭୂତି । ତାଙ୍କର ପ୍ରଦତ୍ତ ବକ୍ତୃତା ଦେଶର ବିଭିନ୍ନ ସମସ୍ୟା ଉପରେ ପ୍ରଦତ୍ତ ମତାମତ ଓ କର୍ମମୟ ଜୀବନର ପ୍ରତିଛବିରେ ନିଜସ୍ୱ ଦର୍ଶନର ଛାପ ରହିଯାଇଛି । ରୌଦ୍ରସ୍ନାତ ମଧ୍ୟାହ୍ନ ଭଳି ତାଙ୍କ ଦର୍ଶନରେ ଭରି ରହିଥିଲା ଗଭୀର ଆତ୍ମ ପ୍ରତ୍ୟୟ । ତେଣୁ ତାଙ୍କ ସମ୍ପର୍କରେ ଯଥାର୍ଥ ଶ୍ରଦ୍ଧାଞ୍ଜଳି ଜଣାଇ ଶ୍ରୀଆର୍‌.ଆର୍‌. ଦିବାକର କୁହନ୍ତି– ସେ କୌଣସି ଦର୍ଶନର ପ୍ରଣୟନ କରିନାହାନ୍ତି । ତଥାପି ତାଙ୍କର ପ୍ରତିଟି କାର୍ଯ୍ୟ ଓ ବାକ୍ୟରେ ବିଶିଷ୍ଟ ଦାର୍ଶନିକ ଭୂମିକା ନିହିତ ।

ସତ୍ୟ ହିଁ ଗାନ୍ଧୀ ଦର୍ଶନର ସର୍ବଶ୍ରେଷ୍ଠ ଉପାଦାନ । ଗାନ୍ଧିଜୀ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି Truth is God ଅର୍ଥାତ୍ ସତ୍ୟ ହିଁ ଈଶ୍ୱର । ଜୀବନରେ ଆମେ ବହୁ ଜିନିଷର ସଂସ୍ପର୍ଶରେ ଆସିଥାଉଁ । ମାତ୍ର ସେସବୁ ନଶ୍ୱର, ପରିବର୍ତ୍ତନ ଶୀଳ । କିନ୍ତୁ ସତ୍ୟ ହିଁ ଚିରନ୍ତନ । ଏହା ସତ୍‌ଚିତ୍‌ ଓ ଆନନ୍ଦର ପ୍ରତୀକ । ତେଣୁ ଯଥାର୍ଥରେ ସତ୍ୟ ହିଁ ସଚ୍ଚିଦାନନ୍ଦ ସ୍ୱରୂପ । ବାସ୍ତବତା ଓ ବୈଶିଷ୍ଟ୍ୟ ଦୃଷ୍ଟିରୁ ବିଚାର କଲେ ସତ୍ୟ ହିଁ ଭଗବାନ । ସତ୍ୟ ମଧ୍ୟାହ୍ନ ସୂର୍ଯ୍ୟଙ୍କଠାରୁ ମଧ୍ୟ ପ୍ରକାଣ୍ଡ ଓ ପ୍ରଚଣ୍ଡ । ଏହା ସତ୍ତ୍ୱେ ସତ୍ୟ ସମ୍ପର୍କରେ ମତାନୈକ୍ୟ ସୃଷ୍ଟି ହୋଇଥାଏ । କିନ୍ତୁ ଗାନ୍ଧିଜୀ ଏହି ସମସ୍ୟାର ସମାଧାନ ଅତ୍ୟନ୍ତ ସରଳ ଭାବରେ କରି କୁହନ୍ତି– ବିବେକର ଆହ୍ୱାନ ହିଁ ସତ୍ୟ । ସତ କହିବା କେବଳ ଯଥେଷ୍ଟ ନୁହେଁ । ମଣିଷକୁ ସତ୍ୟପରାୟଣ ହେବାକୁ ହେବ । ସତ୍ୟ କଥନ, ସତ୍ୟ ଚିନ୍ତନ ତଥା ସତ୍ୟ କର୍ମ ହିଁ ମଣିଷର ଧ୍ୟେୟ ହେବା ଉଚିତ୍‌ । ସତ୍ୟ ନିରାକାର । ତେଣୁ ମଣିଷକୁ ତାର ବିବେକର ବାଣୀକୁ ହିଁ ସତ୍ୟବୋଲି ଗ୍ରହଣ କରିବା ଶ୍ରେୟସ୍କର । ତାଙ୍କ ସତ୍ୟ ଦ୍ୱିବିଧ । ରୁକ୍ଷ (Harsh) ଓ ସରସ (Spiced) । ଭାରତୀୟ ଦର୍ଶନ "ମାବ୍ରୁୟାତ ସତ୍ୟମ୍‌–ଅପ୍ରିୟମ୍‌" ବୋଲି କହି ଅପ୍ରିୟ ସତ୍ୟକୁ ଅନୁମୋଦନ କରି ନାହିଁ । ଗାନ୍ଧିଜୀ ସରସ ସତ୍ୟ ପ୍ରକାଶକୁ ଅତ୍ୟନ୍ତ କ୍ଷତିକାରକ ବୋଲି ମତଦେଇ କୁହନ୍ତି– Spicy language is as foreign to truth as hot chillies to a healthy stomatch । ଅର୍ଥାତ୍ ସୁସ୍ଥ ଉଦରକୁ ରାଗୁଆ ଲଙ୍କା ପରି ସରସ ଭାଷା ସତ୍ୟପକ୍ଷେ ଅତ୍ୟନ୍ତ କ୍ଷତିକାରକ । ତେବେ ସେ ରୁକ୍ଷ ଭାବେ ସତ୍ୟ ପ୍ରକାଶକୁ ସ୍ୱୀକୃତି ଦିଅନ୍ତି ନାହିଁ । କେତେକଙ୍କ ମତରେ ରୁକ୍ଷ ଭାବରେ ସତ୍ୟକୁ ପ୍ରକାଶ କଲେ ତାହା ସତ୍ୟକୁ ଶକ୍ତିଶାଳୀ କରିଥାଏ । ମାତ୍ର କର୍କଶ ଭାଷାରେ ସତ୍ୟକୁ ଶକ୍ତିଶାଳୀ କରିବାକୁ ଗୁହିଁବା ଅର୍ଥ ସତ୍ୟକୁ ଅପମାନିତ କରିବା । ଏଣୁ ରୂଢ଼ ସତ୍ୟକୁ ଭଦ୍ର ଭାବରେ ଅଥଚ ନିଃଶଙ୍କ ଚିତ୍ତରେ ପ୍ରକାଶ କରିବା ଉଚିତ । ଜୀବନର ପ୍ରତିଟି ଛତ୍ରରେ ତାଙ୍କ ଦ୍ୱାରା ସତ୍ୟପଥ ଅନୁସୃତ ହୋଇ ଆସିଛି । ବାଲ୍ୟକାଳରେ ପାଖ ପିଲାଠାରୁ ଦେଖି ଭୁଲ୍ ଶବ୍ଦକୁ ଠିକ୍ କରିବାର ନିର୍ଦ୍ଦେଶ ପାଇ ମଧ୍ୟ ସେ ପଥଚ୍ୟୁତ ହୋଇନଥିଲେ । କାରଣ ସେ ଯଥାର୍ଥରେ ସତ୍ୟର ଶକ୍ତି ସମ୍ପର୍କରେ ଅବହିତ ହୋଇଥିଲେ । ସେଇଥି ପାଇଁ ଗାନ୍ଧିଜୀ ତାଙ୍କ ଅନୁସୃତ ଧର୍ମକୁ ସତ୍ୟର ଧର୍ମ (Religion of Truth) ବୋଲି ଅଭିହିତ କରିଥିଲେ ।

ସତ୍ୟ ଭଳି ଅହିଂସା ମଧ୍ୟ ଗାନ୍ଧୀ ଦର୍ଶନର ଅବିଚ୍ଛେଦ୍ୟ ଅଙ୍ଗ। ସତ୍ୟ ଓ ଅହିଂସା ପରସ୍ପରର ପରି ପୂରକ। ଏହା ଏକ ସାଧାରଣ ଦାର୍ଶନିକ ତତ୍ତ୍ୱ ନୁହେଁ ବରଂ ତାଙ୍କ ଜୀବନର ପ୍ରାଣବାୟୁ।' ତେଣୁ ସେ ପ୍ରକାଶ କରିଥିଲେ ସତ୍ୟ ଓ ଅହିଂସା ମୋର ଦୁଇଟି ଫୁସ୍‌ଫୁସ୍ (Truth and non vaiolence are my two lungs)। ତାହାବିନା ମୋ ପକ୍ଷେ ବଞ୍ଚିବା ଅସମ୍ଭବ। ଅହିଂସାର ଆକ୍ଷରିକ ଅର୍ଥ ଅନିପାତ (non Killing)। ମାତ୍ର ଗାନ୍ଧୀ ଦର୍ଶନରେ ଏହାର ଅର୍ଥ ବ୍ୟାପକ। ଏପରିକି କାହାର ଅମଙ୍ଗଳ ଚିନ୍ତା କରିବା ମଧ୍ୟ ସତ୍ୟର ପରିପନ୍ଥୀ। ମଧୁମୟ ବିଶ୍ୱର ଚେତନାକୁ ସାକାର କରିବାକୁ ଅହିଂସା ହିଁ ଏକମାତ୍ର ପନ୍ଥା। ଏହା ବିଶ୍ୱକୁ ସମଦର୍ଶୀ କରିଥାଏ। ଆସ୍ପୃଶ୍ୟତାର ବିଭେଦ ରହିତ ସମାଜ ଗଠନରେ ଏହା ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ତାଙ୍କ ମତରେ ଶାକାହାରୀ ହେବା ଅହିଂସାର ଏକମାତ୍ର ଉପାଦାନ ନୁହେଁ। ସ୍ୱାର୍ଥତ୍ୟାଗ ଓ ଆତ୍ମସଂଯମ ହିଁ ଏହାର ମୁଖ୍ୟ ଉପାଦାନ। ଏହା କେବଳ ବ୍ୟକ୍ତିଗତ ଆଦର୍ଶ ନୁହେଁ। ଏହା ଏକ ସାମାଜିକ ଆଦର୍ଶ। ଅହିଂସା ଅରଣ୍ୟର ତାପସମାନଙ୍କ ନିକଟରେ ଆବଦ୍ଧ ନୁହେଁ। ଏହା ଅଜେୟ। ଅହିଂସାର ଅର୍ଥ ଭୀରୁତା ନୁହେଁ, ବରଂ ଏହା ପୌରୁଷର ଦ୍ୟୋତକ। ଅନୀତିକୁ ମୁଣ୍ଡପାତି ସହିନେବା ଅହିଂସା ନୁହେଁ। ଦୁର୍ନୀତିର ପ୍ରତିରୋଧ କରିବା ଏବଂ ଆବଶ୍ୟକ ସ୍ଥଳେ ଯଦି ତାକୁ ଆଘାତ କରିବାକୁ ପଡ଼ିଥାଏ ତାହା ହିଂସା ନୁହେଁ ବରଂ ଅହିଂସା। ସମାଜକୁ ସୁନିୟନ୍ତ୍ରିତ ତଥା ସୁନିୟୋଜିତ କରିବାରେ ପୋଲିସ ବାହିନୀର ଭୂମିକା ଅନସ୍ୱୀକାର୍ଯ୍ୟ। ପୋଲିସ ବାହିନୀର ନିୟୋଜନ ସମ୍ପର୍କରେ ଗାନ୍ଧିଜୀଙ୍କ ମନ୍ତବ୍ୟ ତାଙ୍କ ବ୍ୟକ୍ତିତ୍ୱର ଉତ୍କର୍ଷ ପ୍ରତିପାଦନ କରିଥାଏ। ସାମ୍ପ୍ରତିକ ସମାଜରେ ପୋଲିସ ଶାସକର ହାତବାରିସି ସାଜିଥିବା ବେଳେ ଗାନ୍ଧିଜୀଙ୍କ ପରିକଳ୍ପିତ ପୋଲିସ ସମାଜ ଉତ୍ପୀଡ଼କର ଭୂମିକା ଗ୍ରହଣ ନକରି ସଂସ୍କାରକର ଭୂମିକା ଗ୍ରହଣ କରିଥାଏ। ତାଙ୍କ ମତରେ ଅହିଂସାର ଅର୍ଥ ହେଲା ପ୍ରେମ ଦ୍ୱାରା ଶାସନ। ପରିବାରକୁ ସମାଜରେ ଏକକ ଭାବରେ ଗ୍ରହଣ କରି ଅହିଂସାର ସୁଷମ ପ୍ରୟୋଗ କରାଯାଇପାରେ। ଯଦି ପରିବାରର ସଦସ୍ୟମାନେ ପାରସ୍ପରିକ ସ୍ନେହ ଓ ସୌହାର୍ଦ୍ଦ୍ୟରେ ନିଜ ଘରକୁ ସଜାଡ଼ି ପାରିବେ ତେବେ ଅଚିରେ ବିଶ୍ୱ ମଧୁକ୍ଷରା ହୋଇ ଉଠିବ।

ଏହାଛଡ଼ା ବ୍ରହ୍ମଚର୍ଯ୍ୟ ତାଙ୍କ ଦର୍ଶନରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ତାଙ୍କ ମତରେ ବ୍ରହ୍ମଚର୍ଯ୍ୟ କେବଳ ଇନ୍ଦ୍ରିୟ ସଂଯମ ନୁହେଁ ବରଂ ଇନ୍ଦ୍ରିୟକୁ ଜୟ କରିବା। ଜିତେନ୍ଦ୍ରିୟ ସାଜିବା। ସ୍ୱାମୀ ବିବେକାନନ୍ଦ କହିଥିଲେ ତାଙ୍କୁ ଦୁଇହଜାର ବ୍ରହ୍ମଚାରୀ ସହଯୋଗ କଲେ ସେ ଭାରତର ଭାଗ୍ୟ ପରିବର୍ତ୍ତନ କରିଦେଇ ପାରିବେ। ତେଣୁ ଗାନ୍ଧିଜୀ ଜିତେନ୍ଦ୍ରିୟ ହୋଇ ସୁସ୍ଥ ସମାଜ ଗଠନରେ ସହାୟକ ହେବାକୁ ଆହ୍ୱାନ ଦେଇ ଯାଇଛନ୍ତି। ଏହାଛଡ଼ା ତାଙ୍କ ଦୃଷ୍ଟିରେ ସଂଯମ, ଅନଶନ, ଅସଂଗ୍ରହ, ଅଚୌର୍ଯ୍ୟ, ଅଭୟ, ଶରୀର ଶ୍ରମ ଓ ସ୍ୱଦେଶୀ ଆଦି କେତେକ ଗୌଣତତ୍ତ୍ୱ ସ୍ଥାନ ପାଇଛି। ଏଣୁ ଏସବୁ ଗୌଣତତ୍ତ୍ୱ ସତ୍ୟ ଓ ଅହିଂସାର ସହାୟକ ଏବଂ ପୁଷ୍ଟିସାଧକ।

ଗାନ୍ଧିଜୀଙ୍କ ଆଦର୍ଶ ବାସ୍ତବରେ ନିଜସ୍ୱ ଗରିମାରେ ଗରିୟାନ। ଏହା ସ୍ୱୟଂ ସମ୍ପୂର୍ଣ୍ଣ ଓ ସ୍ୱତନ୍ତ୍ର। ତାଙ୍କର କଥା ଓ କର୍ମରେ ଅପୂର୍ବ ସମନ୍ୱୟ ପରିଲକ୍ଷିତ ହୋଇଥାଏ। ତେଣୁ ତାଙ୍କ ଅନୁଭୂତି ନିଜସ୍ୱ ଅନୁଭୂତି ପୁଷ୍ଟ। ତାହା କେବଳ ଲକ୍ଷ୍ୟ ସଚେତନ ନୁହେଁ ଲକ୍ଷ୍ୟ ଓ ପନ୍ଥା ଉଭୟର ପବିତ୍ରତା ଉପରେ ଗାନ୍ଧିଜୀ ଗୁରୁତ୍ୱ ଆରୋପ କରିଛନ୍ତି। ତାଙ୍କ ମତରେ ଲକ୍ଷ୍ୟ ଓ ପନ୍ଥା ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ। ତାହା ଏକ ଓ ଅଭିନ୍ନ। ଇଟାଲିୟ ଦାର୍ଶନିକ ମେକ୍ୟାଭେଲି "ଲକ୍ଷ୍ୟ ହିଁ ପନ୍ଥାର ନିର୍ଣ୍ଣାୟକ" (Ends justify the means) ବୋଲି ପ୍ରକାଶ କଲାବେଳେ ଗାନ୍ଧିଜୀ ଏକ୍ଷେତ୍ରରେ ଭିନ୍ନମତ ପୋଷଣ କରିଥାନ୍ତି। ତାଙ୍କ ମତରେ ଲକ୍ଷ୍ୟସାଧନ ପାଇଁ ଉତ୍ତମ ପନ୍ଥା ଅନୁସରଣ କରିବା ଅପରିହାର୍ଯ୍ୟ। ଏ ସମ୍ପର୍କରେ ସେ ଥରେ କହିଥିଲେ– ମୁଁ ଯଦି ସମୁଦ୍ର ଲଙ୍ଘନ କରିବାକୁ ଚାହେଁ ମୋତେ ପୋତର ଆଶ୍ରୟ ନେବାକୁ ହେବ। ସେଥିପାଇଁ ଯଦି ମୁଁ ଶଗଡ଼ ବ୍ୟବହାର କରିବି ଶଗଡ଼ ଓ ମୁଁ ଉଭୟ ବୁଡ଼ିଯିବୁ। ତେଣୁ ସତ୍ୟ ଓ ଅହିଂସା ଭଳି ଲକ୍ଷ୍ୟ ଓ ପନ୍ଥା ମଧ୍ୟ ପରସ୍ପରର ପରିପୂରକ। ଏହାର ସଫଳ ପ୍ରୟୋଗ ସେ ନିଜ ଜୀବନରେ ବହୁଥର କରିଛନ୍ତି। ୧୯୧୯ ମସିହାର ସ୍ୱରାଜ୍ୟ ଆନ୍ଦୋଳନ ସମୟରେ ବମ୍ବେ, ଅହମ୍ମଦାବାଦ ଓ ଅମୃତସର ଭଳି କେତେକ ସ୍ଥାନରେ ହିଂସାକାଣ୍ଡ ଘଟିବାରୁ ସେ ସତ୍ୟାଗ୍ରହକୁ ପ୍ରତ୍ୟାହାର କରିନେଇଥିଲେ। ତେଣୁ କେବଳ ବଚନ ବାଗୀବାଟୀ ନୁହେଁ ବରଂ ସତ୍ୟ ଓ ଅହିଂସାର ସଫଳ ପ୍ରୟୋଗରେ ଗାନ୍ଧିଜୀ ଯେଉଁ ନିଷ୍ଠାର ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି ତାହା ବାସ୍ତବରେ ଅନତିକ୍ରମ୍ୟ।

ଗାନ୍ଧିଜୀ କୌଣସି ବାଦର ପକ୍ଷପାତୀ ନଥିଲେ। ଏପରିକି ଗାନ୍ଧୀ ବାଦରେ ମଧ୍ୟ ନୁହେଁ। ସେ କୌଣସି ନୂତନ ତତ୍ତ୍ୱର ପ୍ରଣେତା ଥିଲେବୋଲି କେବେହେଲେ ଦାବୀ କରି ନାହାନ୍ତି। ତାଙ୍କ ମତରେ ସେ କେବଳ ଚିରନ୍ତନ ସତ୍ୟକୁ ଦୈନନ୍ଦିନ ଜୀବନଚର୍ଯ୍ୟାରେ ପ୍ରୟୋଗରେ ପ୍ରୟାସୀ ହେଉଛନ୍ତି। ସେ ନିଜେ ହିଁ ନିଜର ଅନୁଗାମୀ। ଏକଥା ପ୍ରକାଶ କରି ସେ କହିଥିଲେ– ((Let no one say that he is a follower of Gandhi, Its enough that I should be my follower.)) ଏହି ବୈଷ୍ଣବୋଚିତ ନମ୍ରତା ହିଁ ଗାନ୍ଧୀ ଚରିତ୍ରର ବୈଶିଷ୍ଟ୍ୟ।

ଗାନ୍ଧିଜୀଙ୍କ ପ୍ରଦର୍ଶିତ ପନ୍ଥା ଆଜି ସମଗ୍ର ବିଶ୍ୱର ଧେୟ ହେବା ଉଚିତ। ସାମ୍ରାଜ୍ୟବାଦୀ ଶକ୍ତିଙ୍କ ରଣଲିପ୍ସାରେ ଆଜି ସମଗ୍ର ଶାନ୍ତିକାମୀ ଜନତା ତ୍ରସ୍ତ। ହିଂସାବାଦର ନଖ ଚଞ୍ଚୁରେ ଆଜି ସମାଜ ଜୀବନ ବିପର୍ଯ୍ୟସ୍ତ। ସ୍ନେହ ପ୍ରେମର ମନ୍ଦାକିନୀ ଧାରାରେ ପବିତ୍ରିତ ପରିବାର ଆଜି ଈର୍ଷାଦ୍ୱେଷରେ କର୍ଦ୍ଦମାକ୍ତ। ଏହି ପରିପ୍ରେକ୍ଷୀରେ ତାଙ୍କ ପ୍ରଦର୍ଶିତ ସତ୍ୟର ଆଲୋକ ଓ ଅହିଂସା ଅମୀୟର ସ୍ୱଚ୍ଛନ୍ଦ ପ୍ରବାହ ମଣିଷ ମନର ସ୍ନେହ ପ୍ରେମର କଳିକା ଫୁଟାଇ ଧରାକୁ ମଧୁକ୍ଷରା କରିପାରିବ।

ମଣ୍ଡୁଆ,
କେନ୍ଦୁଝରଗଡ଼–୭୫୮୦୦୫

# ବୈଷ୍ଣବ ପାଣି ଏକ ଅନନ୍ୟ ପ୍ରତିଭା

## ଶ୍ରୀ ବିଶ୍ୱେଶ୍ୱର ମହାନ୍ତି

ଜୀବନ ସାଗରର ଉତ୍ତାଳ ବେଳାଭୂଇଁରେ ଯିଏ ଦିନେ କବିତ୍ୱ କଳାର ଦୁର୍ଲଭ ମୁକ୍ତା ସଂଗ୍ରହ କରି ଓଡ଼ିଆ "ଯାତ୍ରା" ଇତିହାସରେ ଏକ ନୂତନ ଯୁଗର ସୃଷ୍ଟି କରିଥିଲେ; ବିଶେଷ କରି ସୁଆଙ୍ଗ, ଗୀତିନାଟ୍ୟର ସଂସ୍ଥାପକ, ଦିଗ୍‌ଦର୍ଶକ ଓ ପଥିକୃତ ସ୍ରଷ୍ଟା ଭାବରେ ଖ୍ୟାତି ଅର୍ଜନ କରିଯାଇଛନ୍ତି ସେମାନଙ୍କ ମଧ୍ୟରେ ଗଣକବି ବୈଷ୍ଣବ ପାଣି ଏକ ସ୍ମରଣୀୟ ପ୍ରତିଭା । ଜୀବନ ଜୀବିକାର ଲୁଚକାଳି ଖେଳ ଭିତରେ ତାଙ୍କ କମନୀୟ କବିତ୍ୱର ପରିପ୍ରକାଶର ପ୍ରତି ଛନ୍ଦେ ଛନ୍ଦେ ମୂର୍ଚ୍ଛିତ ହୋଇଉଠିଛି ସାଧନାର ଶଙ୍ଖଲହରୀ । ତାଙ୍କ ଅମଳିନ ଶିଳ୍ପ ବିଭବ ତାଙ୍କୁ ଜଣେ ସୁଦକ୍ଷ ରସସ୍ରଷ୍ଟା, ସ୍ୱର ସାଧକ, ଆଶୁକବି ତଥା ଗଣକବି ଭାବରେ ପରିଚିତ କରାଇ ଅର୍ପଣ କରିଛି ବିଜୟର ଜୟମାଲ୍ୟ ।

ଆଜି ଗଣ ହୃଦୟରେ ପ୍ରକୃତ ଭାବେ ପୂଜା ପାଉଥିବା କବି ସ୍ୱର୍ଗତଃ ବୈଷ୍ଣବ ପାଣି ଯେ "ଗଣ"ର କବି ଏକଥା ଆଜି କୌଣସି ଯୁକ୍ତି ବା ପ୍ରମାଣ ଆବଶ୍ୟକ କରେ ନାହିଁ । ଏହି ଗଣକବି ବୈଷ୍ଣବ ପାଣି ୧୮୮୨ ମସିହା ପବିତ୍ର କୁମାର ପୂର୍ଣ୍ଣିମା ତିଥିରେ ମାତା ଗୁଣ୍ଡିଦେବୀ, ପିତା ସୁଦର୍ଶନ ପାଣିଙ୍କର କୋଳ ପୂର୍ଣ୍ଣ କରି ଭୂମିଷ୍ଠ ହୋଇଥିଲେ ସଂପ୍ରତି ସମ୍ବଳ ମାହାଙ୍ଗା ଥାନା ଅନ୍ତର୍ଗତ ସ୍ୱରୂପା ବିରୂପା ନଦୀ ତଟସ୍ଥ କୋଠପଦା ଗାଁରେ । କୁମାର ପୂର୍ଣ୍ଣିମାରେ ଜନ୍ମଲାଭ କରି ଠିକ୍ ପୂର୍ଣ୍ଣଚନ୍ଦ୍ର ଭଳି ପ୍ରତିଭା ବିସ୍ତାର କରି ଇହଲୀଳା ସମ୍ବରଣ କଲେ ବୈଶାଖ ଅମାବାସ୍ୟା ୧୯୫୬ ମସିହାରେ ।

ଯେଉଁମାନେ ପ୍ରାଚୀନ ଓଡ଼ିଶୀ ସାହିତ୍ୟକୁ ଆଧୁନିକ କରି ଗଲେ ସେମାନଙ୍କ ମଧ୍ୟରେ ବିଖ୍ୟାତତମ ହେଉଛନ୍ତି ବୈଷ୍ଣବ ପାଣି । ଓଡ଼ିଆ ରଙ୍ଗମଞ୍ଚର ପିତା ସଦୃଶ ପ୍ରବେଶ କରିଥିଲେ ମଧ୍ୟ ପରବର୍ତ୍ତୀ କାଳରେ ଆଧୁନିକ ଓଡ଼ିଆ ନାଟ୍ୟ ଶୈଳୀର ପ୍ରତିଷ୍ଠାତା ଓ ପ୍ରବର୍ତ୍ତକ ଭାବରେ ନିଜକୁ ପ୍ରତିଷ୍ଠିତ କରି ପାରିଥିଲେ ବୈଷ୍ଣବ ପାଣି ।

କଳାପ୍ରିୟ ଉତ୍କଳୀୟଙ୍କ ସାଂସ୍କୃତିକ ଜୀବନରେ ନୃତ୍ୟ ଓ ଗୀତ ବହୁ ପ୍ରାଚୀନ କାଳରୁ ପ୍ରଚଳିତ । ଏହାର ସମୟ ନିର୍ଣ୍ଣୟ କରିବା ସମ୍ଭବ ନୁହେଁ । ହାତୀଗୁମ୍ଫା ଶିଳାଲେଖାରୁ ମିଳେ ଉତ୍କଳୀୟ ସାଂସ୍କୃତିକ ଜୀବନର ଆଦ୍ୟ ନିଦର୍ଶନ, ଦ୍ୱାଦଶ ଶତାବ୍ଦୀରେ କବି ଜୟଦେବଙ୍କ ଦ୍ୱାରା ରଚିତ "ଗୀତଗୋବିନ୍ଦ"କୁ ଉତ୍କଳର ପ୍ରଥମ ଗୀତାଭିନୟ ଭାବେ ଗ୍ରହଣ କରାଯାଇଥାଏ । ଗୀତାଭିନୟର ସଂଳାପ ସଂଗୀତଧର୍ମୀ ହେଲାବେଳେ ଗୀତିନାଟ୍ୟର ସଂଳାପ ଗଦ୍ୟାତ୍ମକ । ଗୀତିନାଟ୍ୟ ସମ୍ରାଟ ବୈଷ୍ଣବ ପାଣି ବହୁ ଗୀତାଭିନୟର ସ୍ରଷ୍ଟା ହେଲେ ମଧ୍ୟ ଗୀତାଭିନୟକୁ ଗୀତିନାଟ୍ୟରେ ପରିବର୍ତ୍ତିତ କରିବାରେ ତାଙ୍କର ଉଦ୍ୟମ ବାସ୍ତବିକ ଅବିସ୍ମରଣୀୟ । ପାଶ୍ଚାତ୍ୟ ସାହିତ୍ୟ ଓ ସଂସ୍କୃତି ପ୍ରଭାବରେ ଯେତେବେଳେ ଓଡ଼ିଶାର ପାରମ୍ପରିକ ନାଟ୍ୟକଳା ବିଲୁପ୍ତ ପ୍ରାୟ, ବୈଷ୍ଣବ ପାଣି ସେତେବେଳେ ସ୍ୱୀୟ ପ୍ରତିଭା ବଳରେ ପ୍ରାଚୀନ ସାହିତ୍ୟର ପ୍ରଚଳିତ ଭାଷା, ଭାବ ଓ ଶୈଳୀକୁ ମାର୍ଜିତ କରି ଲୋକମାନଙ୍କ କଥିତ ଭାଷାରେ ଅର୍ଥାତ୍ ଗ୍ରାମୀଣ ଶବ୍ଦ ପ୍ରୟୋଗ କରି ବେଶ୍ ଜନପ୍ରିୟ ହୋଇଗଲେ । ସେଥିପାଇଁ ବୈଷ୍ଣବ ପାଣିଙ୍କୁ ପ୍ରାଚୀନ ଓ ଆଧୁନିକ ନାଟ୍ୟଶୈଳୀର ସଂଯୋଜକ ସେତୁ ଭାବେ ଅଭିହିତ କରାଯାଇଛି । ରାଧାନାଥ ଯୁଗର ପ୍ରଚଣ୍ଡ ମଧ୍ୟାହ୍ନ ସମୟରେ ସେ ଓଡ଼ିଆ ଯାତ୍ରାର ଭିତ୍ତିଭୂମିକୁ ସୁଦୃଢ଼ କରିବାକୁ ଅଣ୍ଟାଭିଡ଼ି ଆଗେଇ ଆସିଥିଲେ । ପୁରାଣ ସାହିତ୍ୟର ରୁଗ୍ଣ ଦେହକୁ ଗଣବୋଧ ଭାଷା ଓ ଭାବର ପ୍ରଲେପ ଦେଇ ସୃଷ୍ଟି କଲେ ଅସଂଖ୍ୟ ସୁଆଙ୍ଗ, ଗୀତିନାଟ୍ୟ, ଗୀତାଭିନୟ ପ୍ରଭୃତି । ପୌରାଣିକ, ଐତିହାସିକ ଓ କାଳ୍ପନିକ ବିଷୟବସ୍ତୁକୁ ଆଧାର କରି ସେ ନାଟକମାନ ରଚନା କରିଥିଲେ । ଗୀତିନାଟ୍ୟଠାରୁ ଆରମ୍ଭ କରି ଗଦ୍ୟ ସଂଳାପଯୁକ୍ତ ଗୀତାଭିନୟ ପର୍ଯ୍ୟନ୍ତ ସବୁଥିରେ ସେ ଉତ୍ତମାନ ଓ ଉନ୍ନତ ପରମ୍ପରା ରକ୍ଷା କରି ନିଜ ସିଦ୍ଧହସ୍ତତାର ପରିଚୟ ଦେଇଛନ୍ତି । ତାଙ୍କ ଗୀତିନାଟ୍ୟମାନଙ୍କରେ ସଙ୍ଗୀତ ଏକ ଉତ୍କୃଷ୍ଟ ଓ ଅପରିହାର୍ଯ୍ୟ ଅଙ୍ଗଭାବେ ବରାବର ସ୍ଥାନ ପାଇଛି । ନୃତ୍ୟ ସହିତ ଛନ୍ଦର ଅବିଚ୍ଛେଦ୍ୟ ସମ୍ପର୍କ ପରି ଗଣକବିଙ୍କ ରଚନାରେ ସାଙ୍ଗୀତିକ ଆବେଦନ ଓ ରସଚେତନା ମିଶି ରହିଛି । ସେଥିପାଇଁ ଗ୍ରାମାଞ୍ଚଳରେ ତୁଣ୍ଡେ ତୁଣ୍ଡେ ରହିଯାଇଛି ପାଣିଙ୍କର ସଙ୍ଗୀତ । ଆଜି ବି ହାଣ୍ଡିଶାଳରେ ଗୁଣୁଗୁଣୁ ହୋଇ ନୂଆବୋହୂମାନେ ଏବଂ କୁଆଁରୀ ଝିଅମାନେ ଫୁଲବଉଳବେଣୀ ଗୀତ ସହିତ ଗାଉଛନ୍ତି ବୈଷ୍ଣବ ପାଣିଙ୍କ ସଙ୍ଗୀତ–"ଦୁଃଖୀଧନ ନୀଳମଣିରେ ମାଆବୋଲି ମତେ ଡାକିବ କିଏ ? ସାହିତ୍ୟକୁ ପୁରପଲ୍ଲୀରେ ସର୍ବତ୍ର ପହଞ୍ଚାଇଦେବା ଥିଲା ତାଙ୍କର ବଡ଼ କୃତୀତ୍ୱ । ରୀତିଯୁଗ ଓ ତତ୍ପରବର୍ତ୍ତୀ ରାଧାନାଥ ଯୁଗ ସାହିତ୍ୟରେ ଜନସାଧାରଣଙ୍କ ପ୍ରବେଶ ପ୍ରାୟ ନଥିଲା କହିଲେ ଚଳେ । ମାତ୍ର ପାଣି କବିଙ୍କ ଲେଖନୀର ସ୍ପର୍ଶରେ ସାହିତ୍ୟ ଗଣାଭିମୁଖୀ ହୋଇପାରିଲା । ଆଜି ରେଡିଓ ଓ ଟେଲିଭିଜନରେ ପ୍ରବଳ ପ୍ରଭାବ ଓ ପ୍ରଖର ସତ୍ତ୍ୱେ ପାଣିଙ୍କ ଗୀତିନାଟ୍ୟର ଚାହିଦା ପୂର୍ବପରି ସତେଜ ଓ ସଜୀବ ରହିଛି । ଏବେ ବି ଗଣ ଜୀବନରେ ତାଙ୍କର ଆହୁତି ଅମଳିନ ହୋଇ ରହିପାରିଛି ।

ଗଣକବି ବୈଷ୍ଣବ ପାଣି ଯଥାର୍ଥରେ ଥିଲେ ଜଣେ ସମାଜ ସଚେତକ କବି । ତାଙ୍କ ଲେଖନୀରେ ସମାଜର ବାସ୍ତବ ଚିତ୍ର

ଟି ଏକାନ୍ତ ସଜୀବ ହୋଇଅଛି । କବିଙ୍କ "ଦ୍ୱାରୀ" ହାସ୍ୟରସ ପରିବେଷଣରେ ସଂସ୍କୃତ ନାଟକର "ବିଦୂଷକ"କୁ ବଳିଯାଇଅଛି । ଲୋକଙ୍କ ଭିତରେ ଯେଉଁ ପ୍ରକାର ଥଟ୍ଟା, ତାମସା ଚାଲିଥିଲା ସେ ତାକୁ ନିଜ ଗୀତିନାଟ୍ୟରେ ସରସ ରୂପ ଦେଇଥିଲେ । "ଦୁଆରୀ" ବାହାରିବା ମାତ୍ରେ ଦର୍ଶକ ସମାଜ ଆନନ୍ଦରେ କୁରୁଳି ଉଠନ୍ତି । ଦର୍ଶକ କେବଳ ହସିବା ପାଇଁ ନହସୁ ଏହି ହସିବା ଭିତରେ ଏକ ସ୍ଥାୟୀ ଭାବ ସଞ୍ଚାର ହେଉ କବି ଏଥିପାଇଁ ସଚେତନ ଥିଲେ । ପୁରାତନକୁ ଶ୍ରଦ୍ଧା ଓ ସମ୍ମାନ ପ୍ରଦର୍ଶନ କରି ତାକୁ ଆଧୁନିକତାର ରଙ୍ଗରେ ରଙ୍ଗୀନ କରିବା ଥିଲା କବିଙ୍କର ଆଭିମୁଖ୍ୟ । ତାଙ୍କ ହାସ୍ୟରସ ଉପଭୋଗରେ ଦର୍ଶକ ସମାଜ ଯେତିକି ଆନନ୍ଦ ପାଏ ସେତିକି ମଧ୍ୟ ଶରବିଦ୍ଧ ହୋଇପଡ଼େ । "ମୁଢ଼ି" ପ୍ରାୟ ପ୍ରତ୍ୟେକ ଲୋକଙ୍କର ଅତିପ୍ରିୟ ଖାଦ୍ୟ । ରୀତିଯୁଗର ସାହିତ୍ୟ ସଂସାରରେ ଏଭଳି କ୍ଷୁଦ୍ର, ଅବହେଳିତ ପଦାର୍ଥର ସ୍ଥାନ ନଥିଲା କହିଲେ ଚଳେ । ବୈଷ୍ଣବ ପାଣି ଏଇସବୁ ପଦାର୍ଥକୁ ନିଜ ସାହିତ୍ୟ ସଂସାର ଭିତରକୁ ଆଦରର ସହିତ ଅଭ୍ୟର୍ଥନା କରିଆଣି ନୂଆ ରସ, ନୂଆ ରୂପରେ ମଣ୍ଡିତ କରି ହୋଇଛନ୍ତି ଗଣକବି । ମୁଢ଼ି ଉପରେ ଗୀତ ଲେଖି ହାସ୍ୟରସ କିଭଳି ସୃଷ୍ଟି କରିବାରେ ସମର୍ଥ ହୋଇଛନ୍ତି ତାହା ଦେଖାଯାଉ–

ଧନ୍ୟ ଧନ୍ୟ ଧନ୍ୟରେ ମୁଢ଼ି / ତତେ ଖାଇ ଟୋକୀ<br>
ହୁଅନ୍ତି ବୁଢ଼ୀ<br>
ନିଶୋଜା ସୋରିଷ ତେଲ ମାରି ଯେତେ ସୁଖିବ ପାଟିରୁ<br>
ନଯାଇ ଛାଡ଼ି ।<br>
ଖଣ୍ଡା ଲଙ୍କା ସଙ୍ଗତେ ତୋର ନିଃଶଙ୍କାରେ ଲେ ଆହାର<br>
ଗୋଟା ଗାମୁଛାକୁ ସତାର ନଥାଏ ପାଇଖାନାକୁ ତ<br>
ପଡ଼ଇ ଧାଡ଼ି ।

ପୁନଶ୍ଚ ଅନ୍ୟ ଏକ ସ୍ଥାନରେ କବିଙ୍କ "ଦୁଆରୀ" ଗାଉଛି –<br>
ପାଠ ପଢ଼ିବି ପାଠ ପଢ଼ିବି     କାଳିଆ ଘୋଡ଼ାରେ ଚଢ଼ିବି<br>
ମଧୁବାବୁ ସଙ୍ଗେ ଲଢ଼ିବି     ଭାରିଜାକୁ ହେବି କୋଟି ଦଣ୍ଡବତ<br>
ମାଥା ମୁଣ୍ଡେ ବିଧା କୋଡ଼ିବି ।।ଇତ୍ୟାଦି...............

ନିଶାପାନ ଓ ମଦ୍ୟପାନର ଅପକାରିତା ବିରୁଦ୍ଧରେ ତାଙ୍କ ଲେଖନୀ ମଧ୍ୟ ନୀରବ ରହିନଥିଲା । ମଦ୍ୟପାନର କୁପରିଣାମ ଓ ଭୟାବହତା ସମ୍ପର୍କରେ ତାଙ୍କର ସେଇ କାଳଜୟୀ ସଙ୍ଗୀତ–

"ହିଛି ମଦ ଖାଇବି ନାହିଁଲୋ କଳାପାଣି ପରି ଦିଶେ<br>
ସେଇ କଳାପାଣି ପେଟରେ ପଡ଼ିଲେ ଚଉଦ ଭୁବନ ଦିଶେ ।"

କବିଙ୍କର ଭାଷା ଥିଲା ନିଜକ ଗାଉଁଲି । ତେଣୁ ତାଙ୍କର ଗୀତିନାଟ୍ୟଗୁଡ଼ିକ ବିଶେଷ ଲୋକପ୍ରିୟତା ହାସଲ ନକରିବା ସ୍ୱାଭାବିକ । କଥାସମ୍ରାଟ୍ ଫକୀର ମୋହନ ସେନାପତିଙ୍କ ଭଳି ତାଙ୍କ ଚରିତ୍ରମାନଙ୍କର ସଂଳାପ, ସ୍ୱଗତୋକ୍ତି ଏବଂ କାର୍ଯ୍ୟକଳାପରେ ଗ୍ରାମ୍ୟିକ ବିଶେଷତ୍ୱ ସୁସ୍ପଷ୍ଟ । ଫକୀରମୋହନଙ୍କ ପରି ସେ ମଧ୍ୟ ଗ୍ରାମ୍ୟ ଚରିତ୍ର ଆହରଣ କରି ନିଜ ଧୁରୀଣତାର ପରିଚୟ ପ୍ରଦାନ କରିଛନ୍ତି । ପୌରାଣିକ ଚରିତ୍ରମାନଙ୍କୁ ଗ୍ରାମୀଣ ଚରିତ୍ର ଭାବେ ଚିତ୍ରଣ କରିବାରେ କବିଥିଲେ ସିଦ୍ଧହସ୍ତ । "ରଙ୍ଗସଭା" ସୁଆଙ୍ଗରେ କୃଷ୍ଣଙ୍କ ଭଳି ଦୈବୀ ଚରିତ୍ରକୁ ଲୌକିକ ଚରିତ୍ର ଭାବେ ଚିତ୍ରଣ କରି ତାଙ୍କ ମୁହଁରେ ପାଣିକଖାରୁ ରାଇର ପ୍ରଶଂସା ଯେଭଳି କରିଛନ୍ତି ତାହା ତାଙ୍କ ଗଣକବି ଉପାଧିର ସ୍ପଷ୍ଟ ପରିଚାୟକ । ଅକ୍ରୁରଠାରୁ ଧନୁଯାତ୍ରା ନିମନ୍ତ୍ରଣ ପାଇ କୃଷ୍ଣ ମାମୁଁ କଂସ ନିକଟରେ ଉପସ୍ଥିତ ହୋଇ ଗାଉଛନ୍ତି –

"କେଉଁ ଦୋଷ ଦେଖି ମାମୁଁ ଫେରାଇ ଦେଉଛ ମଥୁରାପୁରୁ<br>
ଭଉଣୀର ସୁତ ଭଣଜାକୁ ରଥ ପଠାଇ ଆଣିଛ ଗୋପନଗରୁ<br>
ମାଇଁମାନେ କୋଳ କରିବେ ନୂଆଲୁଗା ପିନ୍ଧାଇ ଦେବେ<br>
ଖାଇବାକୁ ଦେବେ ଡାଲି ସତୁଭାତ ରାଇ କରିଦେବେ<br>
ପାଣିକଖାରୁ ।"

ପୁନଶ୍ଚ ସେଇ ସୁଆଙ୍ଗରେ କୃଷ୍ଣ ବିରହମାଣା ଦଗ୍‌ଧଭୂତା ବ୍ରଜ ବନିତା, ଗୋପାଙ୍ଗନାମାନଙ୍କର ହୃଦୟ ଭାବ ବ୍ୟକ୍ତ କରିବାକୁ ଯାଇ କବି ବିରହ ରସର ଅବତାରଣା କରି ଯେଭଳି ମନୋଜ୍ଞ ଶୁଦ୍ଧ ସନ୍ତ୍ୱରରେ ଦୃଶ୍ୟଟିକୁ ସଜାଇଛନ୍ତି ତାହା ଲକ୍ଷ୍ୟ କରିବାର କଥା । ଗୋପାଙ୍ଗନାଙ୍କ ମିଳିତ କଣ୍ଠରେ ଅନୁରଣିତ ହୋଇଉଠିଛି ହୃଦୟର ବ୍ୟଥା । ଏଠାରେ ଗୋପୀ ଗୋପୀ ନୁହଁନ୍ତି । ବ୍ୟଥା ଓ ବେଦନାର ବିଗ୍ରହିତ ଧାରା ପାଲଟି ଯାଇଛନ୍ତି । ଗୋପୀକୁଳଙ୍କ ବେଦନା ଭାବାବେଗରେ ଝରଣା ହୋଇ ଝରିଯାଇଛି ।"

ପାଶୋରିଲ ପୂର୍ବ ଭାବ ହେ ମାଧବ ପଛରେ ମନେ କରୁଥିବ<br>
ରଥରେ ବସିଛ ପଥର ପରାୟେ ଉତ୍ତର କି ନ କହିବ ହେ<br>
ରାସକ୍ରୀଡ଼ା ବାସକ୍ରୀଡ଼ା ହେ ମାଧବ ତାହାକି ଦେଲ<br>
ପାଶୋରୀ<br>
ଗିରି ଭରଜାଙ୍କ ସରଳ ହୃଦରୁ ଦରକ ଯାଇଥିବ ହେ ।"

ଏହିପରି ଅତି ବାସ୍ତବ ବର୍ଣ୍ଣନାରେ ପାଣିକବି ଥିଲେ ସିଦ୍ଧହସ୍ତ ।

କେବଳ ସଂଖ୍ୟାପକ ଦୃଷ୍ଟିରୁ ନୁହେଁ, ଗୁଣାତ୍ମକ ଦୃଷ୍ଟିରୁ ତାଙ୍କର ଗୀତିନାଟ୍ୟଗୁଡ଼ିକ ଗରୀୟାନ । ନବରସରେ ତାଙ୍କର ସୃଷ୍ଟି ସମ୍ଭାରଗୁଡ଼ିକ ସଜୀବ ତଥା ରସାପକ କେଳାର ପଦ୍ମତୋଳା ଶୁଣିଲେ ସାପ ଯେପରି ଫଣାଟେକି ନାଚିଉଠେ ବୈଷ୍ଣବ ପାଣିଙ୍କ ଗୀତିନାଟ୍ୟଗୁଡ଼ିକ ବୁଢ଼ାବୁଢ଼ୀଠାରୁ ଆରମ୍ଭ କରି ଭେଣ୍ଡା ପର୍ଯ୍ୟନ୍ତ ସମସ୍ତଙ୍କ ମନରେ ରୋମାଞ୍ଚ ସୃଷ୍ଟି କରେ । ସମସ୍ତେ ଆନନ୍ଦରେ ମସଗୁଲ ହୋଇଉଠନ୍ତି । କୁପକୀୟ ଶକ୍ତି ତାଙ୍କ ଗୀତିନାଟ୍ୟରେ ପରିଲକ୍ଷିତ ହୋଇଥାଏ । କ୍ଷୁଦ୍ରରୁ ମହତ୍ତମ ସୋପାନକୁ ଘେନିଯିବାର ଶକ୍ତି ତାଙ୍କ ଗୀତିନାଟ୍ୟରେ ଅଛି । ସଜଫୁଟା ବହ୍ଲାରର ପ୍ରଫୁଲ୍ଲତା ପ୍ରତି ପଂକ୍ତିରେ ପରିସ୍ଫୁଟ । ଏଠାରେ ଗୋଟିଏ ପ୍ରଶ୍ନ ଉଠିପାରେ କବି ପାଣି କ'ଣ କେବଳ ଏତେ ସଂଖ୍ୟକ ନାଟକର ରଚୟିତା ବୋଲି ସ୍ମରଣୀୟ ହୋଇ ରହିଛି ? ତାହା ନୁହେଁ ତାଙ୍କର ମୌଳିକତା ପାଇଁ ସେ ଯୁଗ ବକ୍ଷରେ ସ୍ୱତନ୍ତ୍ର କାଳଜୟୀ ସ୍ୱାକ୍ଷର ରଖିଯାଇଛନ୍ତି ।

ବାସ୍ତବିକ୍ ବୈଷ୍ଣବ ପାଣି ଏ ଯୁଗର ଏକ ବିସ୍ମୟ । କବି ରୂପରେ ଲୋକମାନେ ତାଙ୍କୁ ଦେଖିବାକୁ ଯେତିକି ପସନ୍ଦ କରନ୍ତି ତାଠାରୁ ଅଧିକ ପସନ୍ଦ କରନ୍ତି ଗୀତିନାଟ୍ୟକାର ଭାବେ

ଦେଖିବାକୁ । କବି ବହୁ ଭଜନ, ଜଣାଣ, ଚଉତିଶାମାନ ରଚନା କରିଯାଇଛନ୍ତି । ସେଗୁଡ଼ିକ ଅତ୍ୟନ୍ତ ଶ୍ରୁତିମଧୁର ଓ ଭାବସର୍ବସ୍ୱ ହୋଇପାରିଛି ତାଙ୍କ ଅଭିମାନୀ ଭକ୍ତ ହୃଦୟ ଦୁଃଖରେ ଗାଇଉଠିଛି–

"ଛାଡ଼ ମାଡ଼ଖିଆ ବୁଦ୍ଧି ହେ ବଡ଼ ଦେଉଳ ବଡ଼ ଗୋସେଇଁ
ଯେ ମାଇଲା ମାଡ଼ ସେ ହୋଇଲା ବଡ଼
ବାଡ଼ ହେଲୁ ତାକୁ ତୁହି ।

ପୁନଶ୍ଚ : ସରଳ ହୃଦୟରେ କବିଙ୍କ କଣ୍ଠରୁ ଝରିପଡ଼ିଛି–

ଚକ୍ରଧର ଚଉବାହା ଚରଣ କମଳେ ନଦେଲେ ଠାହା
ଜଗବନ୍ଧୁ ହେ ମତେ ଚରଣେ କେ ହେବ ସାହା ॥
ଟେଳିଲୁ ବ୍ରଜମନ୍ଦର ଟେକିକି ଭାର ଜମା ପାପଭାର
ଜଗବନ୍ଧୁ ହେ ତରିଲୁଟୁ ନୀଳାଦ୍ରି କନ୍ଦର ॥
ବଇଷ୍ଣବ ତାହା ଜାଣି ଧରିଅଛି ମଣ୍ଡ ଦଉଡ଼ି ଟାଣି
ବ୍ରଜବନ୍ଧୁ ହେ କେଣେ ନାବନେବୁ ଚିନ୍ତାମଣି ॥

ଓଡ଼ିଆ ଯାତ୍ରା ସାହିତ୍ୟର କ୍ରମବିକାଶ ଦିଗରେ ଯେଉଁମାନେ, ଆଜି ସ୍ମରଣୀୟ ହୋଇ ରହିଛନ୍ତି ସେମାନଙ୍କ ମଧ୍ୟରେ ଗୋପାଳ ଦାସ, ଜଗନ୍ନାଥ ପାଣି, ବୈଷ୍ଣବ ପାଣି, ବାଳକୃଷ୍ଣ ମହାନ୍ତି, ରାମଚନ୍ଦ୍ର ସ୍ୱାଇଁ, କୃଷ୍ଣ ପ୍ରସାଦ ବସୁ ପ୍ରମୁଖ ଅନ୍ୟତମ କିନ୍ତୁ ଏହି ସ୍ରଷ୍ଟାଗଣଙ୍କ ମଧ୍ୟରେ ବୈଷ୍ଣବ ପାଣିଙ୍କ ଗୀତିନାଟ୍ୟ ବେଶୀ ଲୋକପ୍ରିୟତା ହାସଲ କରିବାର କାରଣ ହେଲା–ଶବ୍ଦ ପ୍ରୟୋଗରେ ମିତବ୍ୟୟିତା ତଥା ଗ୍ରାମୀଣତା, ପୌରାଣିକ କଥାବସ୍ତୁର ନିର୍ବାଚନରେ ନିଜସ୍ୱ ଅନ୍ତର୍ଦୃଷ୍ଟି, ସମାଜ ଜୀବନ ପ୍ରତି ସଚେତନ ଗୀତ ସୃଷ୍ଟିରେ, ଶ୍ରୁତିମଧୁର, ଶବ୍ଦ ସଂସ୍କରର ଯଥୋଚିତ ପ୍ରୟୋଗ ତଥା ଅନୁ କବିତ୍ୱର କାଞ୍ଚନୀ ସ୍ପର୍ଶ– ଏହାହିଁ ତାଙ୍କ ସଫଳ ସୃଷ୍ଟି ପ୍ରତିଭାର ଅସଲ ଗୁଣିକାଠି ।

ଦାରିଦ୍ର୍ୟର ବହ୍ନି ବଳୟ ଭିତରେ ସତେ ଦଗ୍ଧୀଭୂତ ହୋଇ ପରିସ୍ଥିତିର ତାଡ଼ନାରେ କୋଠପଦା ମଠରେ ଫୁଲତୋଳାଠାରୁ ଆରମ୍ଭ କରି ଆଠଅଣା ପଇସାରେ ରୋଷେଇଆ ଭାବେ କାମ କରି ଜୀବିକା ନିର୍ବାହ କରୁଥିବା ବୈଷ୍ଣବ ପାଣି ନିଜର ଅସାମାନ୍ୟ ପ୍ରଚେଷ୍ଟା, ଅସାଧାରଣ ଅନୁଭୂତି ବିଶେଷ କରି ବିନୋଦବିହାରୀଙ୍କଠାରୁ ବରଲାଭ କରି ଆଜି ସେ ଓଡ଼ିଆ ଯାତ୍ରାର ମୁକୁଟ ବିହୀନ ସମ୍ରାଟ ତଥା "ଯାତ୍ରା" କୋଣାର୍କର ଶ୍ରେଷ୍ଠ ଶିଳ୍ପୀ ହୋଇପାରିଛନ୍ତି ।

---

ସାହାପୁର (ମାହାଙ୍ଗା)
କଟକ



କଳାବିକାଶ କେନ୍ଦ୍ରଠାରେ ଆୟୋଜିତ ତୃତୀୟ ସର୍ବ ଭାରତୀୟ ବହୁ ଭାଷାଭାଷୀ ନାଟକ ପ୍ରତିଯୋଗିତା ଓ ସାଂସ୍କୃତିକ ଉତ୍ସବକୁ ରାଜ୍ୟପାଳଙ୍କ ସହଧର୍ମିଣୀ ଶ୍ରୀମତୀ ଜି: ଆର: କାନନମାଲ୍ ଉଦ୍‌ଘାଟନ କରୁଛନ୍ତି ।

# ମମତାର ସୀମାହୀନ ସାଗର–୯ ପାର୍ବତୀ ଗିରି

**ଶ୍ରୀ ତାରାକାନ୍ତ ମହାନ୍ତି**

ସ୍ୱାମୀ ବିବେକାନନ୍ଦ କହିଛନ୍ତି "ତୁମେ ଯଦି ପୃଥିବୀରେ ମନୁଷ୍ୟ ହୋଇ ଜନ୍ମ ଗ୍ରହଣ କରିଛ ତେବେ ତୁମର ଅଳିଭା ସ୍ୱାକ୍ଷର ଏ ପୃଥିବୀରେ ଛାଡ଼ିଯାଅ । ଏ ଉକ୍ତିର ବାସ୍ତବ ପ୍ରତିଫଳନ ହୋଇଛି, "ଓଡ଼ିଶାର ଲିଟିଲି ମଦର ଟେରେସା" ନାମରେ ଅଭିହିତା ପାର୍ବତୀଗିରିଙ୍କର ଜୀବନକାଳ ମଧ୍ୟରେ । ସ୍ୱର୍ଗତା ଗିରିଙ୍କର ୭୦ ବର୍ଷ ଜୀବନକାଳ ହେଉଛି ସେବା ଓ ସଂଗ୍ରାମର କାଳ । ମଦର ଟେରେସା କହିଥିଲେ– "ତୁମେ ପରସ୍ପରକୁ ଭଲପାଅ । ଈଶ୍ୱର ତୁମକୁ ଭଲ ପାଇବେ ।" "You love each other so that god will Love you" । ସମାଜରେ ଦଳିତ, ଅବହେଳିତ, ନିଷ୍ପେଷିତ, ଅତ୍ୟାଚାରିତ ଜନଗଣଙ୍କର ସେବାରେ ସେ ଯେଉଁ ପରାକାଷ୍ଠା ଦେଖାଇ ଯାଇଛନ୍ତି ତାହା ଏକ ବିରଳ ଦୃଷ୍ଟାନ୍ତ । ମା' ସେ ମମତାମୟୀ । ମମତାର ସେ ଥିଲେ ସୀମାହୀନ ସାଗର । ପାଇକମାଳଠାରେ ଅନାଥ ଶିଶୁଙ୍କର ସେବା କରିବାକୁ ଯାଇ ସେ ଯେଉଁ ଦୁଇଟି ଆଶ୍ରମ ପ୍ରତିଷ୍ଠା କରିଥିଲେ ସେହି ଆଶ୍ରମର ଅନ୍ତେବାସୀମାନେ ତାଙ୍କଠାରୁ ଯେଉଁ ସ୍ନେହ ପାଇଛନ୍ତି ତାକୁ କଦାପି ସେମାନଙ୍କର ଜୀବନକାଳ ମଧ୍ୟରେ ଭୁଲିପାରିବେ ନାହିଁ । ମାତୃତ୍ୱର ଗୋଟିଏ ଦିଗ ହେଉଛି ବାତ୍ସଲ୍ୟ ପ୍ରେମ । ସେହି ପ୍ରେମ ସେ ଦେଇ ଯାଇଥିଲେ ଅଗଣିତ ଅନାଥ ଶିଶୁଙ୍କୁ । ଆଜି ପାଇକମାଳର ସେହି ଶିଶୁମାନେ ତାଙ୍କୁ ଝୁରି ହେଉଛନ୍ତି ଗୁମୁରି ଗୁମୁରି ।

ଉତ୍କଳମଣି ଗୋପବନ୍ଧୁଙ୍କ ଉକ୍ତି ତାଙ୍କ କ୍ଷେତ୍ରରେ ବିଶେଷ ପ୍ରଯୁଜ୍ୟ ।

"ମନୁଷ୍ୟ ଜୀବନ ନୁହଁଇ କେବଳ ବର୍ଷ ମାସ ଦିନ ଦଣ୍ଡ ।
କର୍ମେ ଜୀଏଁ ନର କର୍ମ ଏକା ତା'ର ଜୀବନର ମାନଦଣ୍ଡ ।

ସେ ତାଙ୍କ ଜୀବନକାଳ ମଧ୍ୟରେ କ୍ଷମତା ଓ ପ୍ରତିଷ୍ଠାକୁ ଚାହିଁ ନଥିଲେ । ଚାହିଁଥିଲେ କେବଳ ନିଃସ୍ୱାର୍ଥପର ଲୋକସେବା ଓ ଦେଶର କଲ୍ୟାଣ ସାଧନ । ସେହି ଆଦର୍ଶରେ ବ୍ରତୀ ହୋଇ ସେ ପ୍ରତିଷ୍ଠା କରିଥିଲେ ବରଗଡ଼ ଜିଲ୍ଲାର ପଦ୍ମପୁର ଉପଖଣ୍ଡର ପାଇକମାଳଠାରେ କସ୍ତୁରବା ଗାନ୍ଧୀ ମାତୃ ନିକେତନ ଯାହାଥିଲା ତାଙ୍କର କର୍ମଭୂମି । ଏହି ମହିୟସୀ ମହିଳାଙ୍କ ତ୍ୟାଗ ଓ ସେବାର ପଟାନ୍ତର ନାହିଁ । ଚାଲନ୍ତୁ ତାଙ୍କ ଜୀବନର ଏକ ବିହଙ୍ଗାବଲୋକନ କରିବା ।

ଆଜୀବନ ବ୍ରହ୍ମଚାରିଣୀ କୁମାରୀ ପାର୍ବତୀଗିରି ୧୯୨୬ ମସିହା ଜାନୁଆରୀ ୧୯ ତାରିଖରେ ବରଗଡ଼ ଜିଲ୍ଲା ଅନ୍ତର୍ଗତ ସମଲେଇପଦର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପିତା ଧନଞ୍ଜୟ ଶଙ୍କରାଚାର୍ଯ୍ୟ ସନ୍ନ୍ୟାସୀ ସମ୍ପ୍ରଦାୟର ଅନ୍ତର୍ଭୁକ୍ତ ଥିଲେ ଏବଂ କାଶୀରୁ ଆସି ସେଠାରେ ବସବାସ କରୁଥିଲେ । ମାତା ଶ୍ରୀମତୀ ଦେବୀ ଜଣେ ଧର୍ମ ପରାୟଣ ମହିଳା ଥିଲେ । ପାର୍ବତୀ ଦେବୀ ନିଜ ଗ୍ରାମରେ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାଥମିକ ଶିକ୍ଷାଲାଭ କରିଥିଲେ ।

ବାଲ୍ୟ ସମୟରେ ଜଣେ ବାଳକଙ୍କ ସହିତ ତାଙ୍କ ବିବାହ ସ୍ଥିରୀକୃତ ହୋଇଥିଲେ ମଧ୍ୟ ଉକ୍ତ ବାଳକଙ୍କ ଅକାଳ ମୃତ୍ୟୁ ଘଟିଲା । ଏହାପରେ ସାରାଜୀବନ ଅବିବାହିତ ରହିବା ପାଇଁ ପାର୍ବତୀ ନିଷ୍ପତ୍ତି ଗ୍ରହଣ କରିବା ସଙ୍ଗେ ସଙ୍ଗେ ସ୍ୱାଧୀନତା ସଂଗ୍ରାମ ଏବଂ ସମାଜ ସେବା କ୍ଷେତ୍ରରେ କାର୍ଯ୍ୟ କରିବା ପାଇଁ ସଙ୍କଳ୍ପବଦ୍ଧ ହୋଇଥିଲେ । ୧୯୩୮ ମସିହାରେ ଶ୍ରୀମତୀ ମାଳତୀ ଚୌଧୁରୀ ତାଙ୍କ ଗ୍ରାମକୁ ଆସିଥିବାବେଳେ ମାଳତୀ ଦେବୀଙ୍କୁ ଜାବୁଡ଼ି ଧରି ବରି ଆଶ୍ରମକୁ ଯିବା ପାଇଁ ସେ ଜିଦ୍ ଧରିଲେ । ତାଙ୍କର ଅଭିଭାବକମାନେ ତାଙ୍କୁ ନେଇ କରି ଆଶ୍ରମରେ ଛାଡ଼ି ଦେଇଥିଲେ । ୧୯୪୦ ମସିହାରେ ସେ ବରିରୁ ଫେରି ନିଜ ଗ୍ରାମରେ ଗାନ୍ଧିଜୀଙ୍କ ଆହ୍ୱାନ କ୍ରମେ ହୋଇଥିବା ପ୍ରତ୍ୟକ୍ଷ ସତ୍ୟାଗ୍ରହ ଆନ୍ଦୋଳନ ଚଳାଇଥିଲେ । ୧୯୪୨ ମସିହାରେ ଭାରତଛାଡ଼ ଆନ୍ଦୋଳନ ସମୟରେ ସେ ବରଗଡ଼ ସବ୍‌ଡିଭିଜିନାଲ ମାଜିଷ୍ଟ୍ରେଟ୍‌ଙ୍କ ଚୌକି ଜବରଦଖଲ କରି ନିଜେ ଅଦାଲତ ପରିଚାଳନା କରିଥିଲେ ଓ "ବନ୍ଧି" କନ୍ୟା ଭାବେ ଜନସାଧାରଣଙ୍କ ପାଖରେ ପରିଚିତ ହେଲେ । ଏହାପରେ ତାଙ୍କୁ ୨ ବର୍ଷ କାରାଦଣ୍ଡ ଆଦେଶ ହୋଇଥିଲା ।

ଜେଲରୁ ଖଲାସ ହେଲା ପରେ ସେ ପ୍ରାର୍ଥୀ ସେବାଶ୍ରମ ଏବଂ ପୌନାର ଆଶ୍ରମକୁ ଯାଇ ଗାନ୍ଧିଜୀ ଓ ବିନୋବାଙ୍କର ପ୍ରତ୍ୟକ୍ଷ ସମ୍ପର୍କରେ ଆସିଥିଲେ । ସେଠାରୁ ଫେରି ଖଦୀ କାର୍ଯ୍ୟକ୍ରମ ଚଳାଇଥିଲେ । ରମାଦେବୀ ଏହା ପରେ ତାଙ୍କୁ ପ୍ରାର୍ଥୀ ମହିଳା ଗ୍ରାମକୁ ପଠାଇ ଗ୍ରାମସେବିକା ତାଲିମ୍ ଦେଇଥିଲେ । ସ୍ୱାଧୀନତା ପରେ ପରେ ସେ ପୁଣି ପାଠପଢ଼ାରେ ନିଜକୁ ନିୟୋଜିତ କରି ଏଲ୍ଲାବାଦସ୍ଥିତ ଡଃ ମହାଦେବୀ ବର୍ମାଙ୍କ ଦ୍ୱାରା ପରିଚାଳିତ ଏକ ପ୍ରସିଦ୍ଧ ମହା ବିଦ୍ୟାଳୟରେ ନାମ ଲେଖାଇଲେ । ଏହି ସମୟରେ ସେ ଡଃ ରାଜେନ୍ଦ୍ର ପ୍ରସାଦ, ଇନ୍ଦିରା ଗାନ୍ଧୀ ପ୍ରମୁଖଙ୍କର ସାନିଧ ଲାଭ କରି ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ନେହେରୁଙ୍କୁ ଏଲ୍ଲାବାଦ୍ ନିର୍ବାଚନରେ ସେ ସେତେବେଳେ ପ୍ରତ୍ୟକ୍ଷ ସାହାଯ୍ୟ କରିଥିଲେ । ସେ ଏପରି ଖ୍ୟାତି ଅର୍ଜନ କରିଥିଲେ ଯେ ସରୋଜିନୀ ନାଇଡୁଙ୍କର ଦେହାନ୍ତ ପରେ ତାଙ୍କର ଶବାଧାରକୁ ଚିତା ପର୍ଯ୍ୟନ୍ତ କାନ୍ଧରେ ବହନ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ । ୧୯୪୭ ମସିହାରେ

ଏଲ୍ଲାହାବାଦରୁ ଫେରି ସେ ବରପାଲିଠାରେ ସେବାକାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ । ୧୯୫୬ରେ ସେ ପୁନର୍ବାର ରମାଦେବୀଙ୍କ ପାଖକୁ ଯାଇ ରାମଚନ୍ଦ୍ର ଆଶ୍ରମ ଓ ପରେ ସତ୍ୟଭାମାପୁରଠାରେ ସେବାକାର୍ଯ୍ୟ ଚଳାଇଥିଲେ । ୧୯୬୫ରେ ସେ ମଧ୍ୟପ୍ରଦେଶ ଓ ବିହାର ଗସ୍ତ କରି ଖଦୀ ପ୍ରସାର ପାଇଁ କାର୍ଯ୍ୟ କରିଥିଲେ । ୧୯୬୬ ମସିହାରେ ଓଡ଼ିଶା ପ୍ରତ୍ୟାବର୍ତ୍ତନ କଲାବେଳକୁ କଳାହାଣ୍ଡିର ମରୁଡ଼ି ଦେଖି ସେ ଅତ୍ୟନ୍ତ ମ୍ରିୟମାଣ ହୋଇଯାଇଥିଲେ ଏବଂ ଦାରିଦ୍ର୍ୟ ଓ କ୍ଷୁଧାମୁକ୍ତି ନିମନ୍ତେ ନିଜକୁ ସମର୍ପିତ କରିଥିଲେ । ୧୯୬୮ରେ ସେ ନୟାଗଡ଼ଠାରେ ରହି ସେଠାକାର ମରୁଡ଼ିଜନିତ ପରିସ୍ଥିତି ଦୃଷ୍ଟିରୁ ସେବାକାର୍ଯ୍ୟ ଚଳାଇଥିଲେ ।

୧୯୬୮ରେ ସେ ପୁନର୍ବାର ନିଜ ଗ୍ରାମକୁ ଫେରିଆସି ଜଣେ ସଚ୍ଚା ଗାନ୍ଧୀବାଦୀ ହିସାବରେ ଚରଖା ଓ ନିଶାନିବାରଣ ଆନ୍ଦୋଳନ ଚଳାଇଥିଲେ । ୧୯୭୬ରେ ସେ ପାଇକମାଳଠାରେ କସ୍ତୁରବା ଗାନ୍ଧୀ ବାଳନିକେତନ ଏବଂ ୧୯୭୯ରେ ଜୁଜୁମରା ନିକଟସ୍ଥ ଫୁଲଝରଣ ନିକଟରେ ଅନେକ ଆଶ୍ରମ ପ୍ରତିଷ୍ଠା କରି ନିଃସହାୟ ବାଳକ ଓ ମହିଳାମାନଙ୍କ ସେବାରେ ନିଜକୁ ନିୟୋଜିତ କରିଥିଲେ । ଶେଷ ନିଃଶ୍ୱାସ ତ୍ୟାଗ ପର୍ଯ୍ୟନ୍ତ ସେ ସବୁ ସଂସ୍ଥା ପାଇଁ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରିଥିଲେ । ୧୯୮୫ରେ ସେ ପୁଣି କଳାହାଣ୍ଡିରେ କାର୍ଯ୍ୟ କରିଥିଲେ । ସେ ଡଃ ହରେକୃଷ୍ଣ ମହତାବ ଓ ବିଜୁ ପଟ୍ଟନାୟକଙ୍କ ଘନିଷ୍ଠ ସହଯୋଗୀ ଥିଲେ । ଯଦିଓ ଡଃ ହରେକୃଷ୍ଣ ମହତାବ ତାଙ୍କୁ ବିଧାନ ସଭା ପାଇଁ ସଦସ୍ୟ ହେବା ପାଇଁ ପ୍ରବର୍ତ୍ତାଇ ଥିଲେ ଓ ପରେ ପରେ ବିଜୁ ପଟ୍ଟନାୟକ ତାଙ୍କୁ ରାଜ୍ୟ ସଭା ପାଇଁ ସଭ୍ୟ ହେବା ପାଇଁ ଅନୁରୋଧ କରିଥିଲେ ସେ ସେଥିରେ ସମ୍ମତ ନହୋଇ ଜୀବନର ଶେଷକାଳ ପର୍ଯ୍ୟନ୍ତ ଅନାଥ ଶିଶୁ ନିଃସହାୟ ମହିଳାଙ୍କ ସେବା କାର୍ଯ୍ୟରେ ନିଜକୁ ନିୟୋଜିତ କରିବା ପାଇଁ ପ୍ରତିଜ୍ଞାବଦ୍ଧ ହୋଇଥିଲେ । ସେ ତାଙ୍କର ଶେଷ ନିଃଶ୍ୱାସ ତ୍ୟାଗ କରିବା ପର୍ଯ୍ୟନ୍ତ (୧୯୯୫ ଅଗଷ୍ଟ ୧୭) ସେବା କାର୍ଯ୍ୟରେ ନିଜକୁ ସାମିଲ କରିଥିଲେ ।

ମୃତ୍ୟୁ ଧ୍ରୁବ ସତ୍ୟ । ସମସ୍ତେ ଆମେ ମରିବା । ପାର୍ବତୀ ତାଙ୍କ ସେବାରେ ଅଲିଭା ସ୍ୱାକ୍ଷର ଏହି ଉତ୍କଳ ମାଟିରେ ଛାଡ଼ି ଦେଇ କୋଟିଜନଙ୍କର ଧନ୍ୟବାଦର ପାତ୍ରୀ ହୋଇ ରହିଯାଇଛନ୍ତି । ସେ ଥିଲେ ଜଣେ ମହାତ୍ମା । ସେପରି ମହାତ୍ମା ଏ ଯୁଗରେ ଦୁର୍ଲଭ । ପବିତ୍ର ଜନ୍ମାଷ୍ଟମୀରେ ସେ ତାଙ୍କ ଶେଷ ନିଃଶ୍ୱାସ ତ୍ୟାଗ କରି ଗୀତାର ଅମୃତ ବାଣୀକୁ ନିଜ ଜୀବନରେ ଚରିତାର୍ଥ କରି ଏକ ଆଦର୍ଶ ଓ ପରମ୍ପରା ରକ୍ଷା କରି ଯାଇଛନ୍ତି । ଭଗବାନ ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି–

"ବହୁନା ଜନ୍ମନାମନ୍ତେ ଜ୍ଞାନବାନଂ ମାଂ ପ୍ରପଦ୍ୟତେ
ବାସୁଦେବ ସର୍ବମିତି ସଃମହାତ୍ମା ସଃ ଦୁର୍ଲଭ ।"

ବାସ୍ତବିକ୍ ପାର୍ବତୀଗିରି ହେଉଛନ୍ତି ଏକ ଅମ୍ଳାନ ପ୍ରତିଭା । କୋଟିକୋଟି ଅନାଥ, ଶିଶୁ ଓ ନିଃସହାୟଙ୍କ ସେବା କରିବାରେ ତାଙ୍କ ପରି ଜଣେ ମହିୟସୀ ମହିଳା ଏ ପୃଥିବୀରେ ଜନ୍ମଗ୍ରହଣ କରିବା ସମୟ ସାପେକ୍ଷ ।

---

ସହକାରୀ ନିର୍ଦ୍ଦେଶକ (ରଚନା),
ସୂଚନା ଓ ଲୋକ ସମ୍ପର୍କ ବିଭାଗ



ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀର ସାତପଡ଼ାଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଏକ ରାଜ୍ୟସ୍ତରୀୟ ତାଲିମ ଶିବିରକୁ ଉଦ୍‌ଘାଟନ କରୁଛନ୍ତି ।

# ପ୍ରଜାମଣ୍ଡଳ ଆନ୍ଦୋଳନ ଓ ବାଜି ରାଉତ

ଗୋବିନ୍ଦ ଚନ୍ଦ୍ର ଗୁନ୍ଦ

"ଏତିକି ସେ 'ଅମାନିଆ ପିଲା'
ଫଉଜର ଗୁଳି, ଗୁଳା ରାଜା, ଝଡ଼ କିଛି ନ ମାନିଲା
ଧୂଳି ଖେଳ ଛାଡ଼ି
ଗୁଳି ଆଗେ ଜୀବନକୁ ହସି ହସି ଦେଲା ସିନା ବାଢ଼ି ॥
—ସଚ୍ଚି ରାଉତରାୟ

ଅମାନିଆ ସେ ! ଅମାନିଆ ହେତୁ ସେ ଆଜି ଅମର। ତା'ର ଜୀବନର ଅମର ଗାଥା ଚଳଚଞ୍ଚଳ କରିଛି କବି ଲେଖକର ଲେଖନୀ। ଇତିହାସରେ ଭରିଛି ଉଷ୍ଣତା। ଭବିଷ୍ୟତ ବଂଶଧର ପାଇଁ ହୋଇଛି ପ୍ରେରଣାର ଉତ୍ସ ! ଜାତିର ଗର୍ବ ଗୌରବକୁ ଅକ୍ଷୟମୟ କରିଛି। ଘଟଣାବହୁଳ ଓଡ଼ିଶାର ଇତିହାସରେ ଯୋଗ କରିଛି ରୋମାଞ୍ଚକର ନୂତନ ଅଧ୍ୟାୟ। ପ୍ରାକ୍ ସ୍ୱାଧୀନତାର ଅନ୍ଧକାରମୟ ମୁହୂର୍ତ୍ତରେ ଅତ୍ୟାଚାରୀ ମାଲିକଙ୍କଠୁ ବଞ୍ଚିବାର ଅଧିକାର ତଥା ସ୍ୱତନ୍ତ୍ରତା ସର୍ବୋପରି ସମୂହ ସ୍ୱାର୍ଥକୁ ସମ୍ମାନ ଦେଇ ପ୍ରାଣପାତ କରିଥିବା ଅମାନିଆ ପିଲା, ପୁଞ୍ଜିଭୂତ ଅସନ୍ତୋଷର ଅଗ୍ନି ସ୍ଫୁଲିଙ୍ଗ ହିଁ ଦ୍ୱାଦଶୀୟ କିଶୋର ଶହୀଦ୍ ବାଜି ରାଉତ।

ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧ। ପରାଧୀନ ଭାରତବର୍ଷରେ ଶୋଷିତ ଉପରେ ଶାସକର ଅତ୍ୟାଚାର। ଓଡ଼ିଶାର ଉଭୟ ବ୍ରିଟିଶ୍ ଶାସନାଧୀନ ଜିଲ୍ଲା ଓ ବ୍ରିଟିଶ୍ ସରକାରଙ୍କ ସହାୟତାରେ ରାଜା ମହାରାଜାଙ୍କ ଦ୍ୱାରା ଶାସିତ ଗଡ଼ଜାତ ଅଞ୍ଚଳର ଶୋଷଣ କଷଣ ଧ୍ୱନୀରେ ସାରା ଓଡ଼ିଶା ସନ୍ତ୍ରସ୍ତ, ବିବ୍ରତ। ଆଇନ୍ ଅମାନ୍ୟ ଆନ୍ଦୋଳନ କାଳରେ ନୂତନ ଜାଗରଣ ଏହି ଶୋଷଣ କଷଣ ଦ୍ୱାରା ପ୍ରାନ୍ତରେ ସୃଷ୍ଟି ହେଲା। ସମୂହ ଅସନ୍ତୋଷ ରୂପାନ୍ତରିତ ହେଲା ଆନ୍ଦୋଳନରେ। ଗଡ଼ଜାତମାନଙ୍କରେ ରାଜନୈତିକ ଓ ଆଇନଗତ ଅଧିକାର ସାବ୍ୟସ୍ତ କରିବା, ହୋଇ ଉଠିଲା ଆନ୍ଦୋଳନର ସର୍ବଶେଷ ଲକ୍ଷ୍ୟ। ବିନା ବିଚାରରେ ହେଉଥିବା ଅକଥନୀୟ ଅତ୍ୟାଚାରକୁ ଏଡ଼ାଇଦେବା ପାଇଁ ଏହା ହିଁ ଥିଲା ସର୍ବଶେଷ ପନ୍ଥା। ବ୍ରିଟିଶ ଶାସନ ପ୍ରତ୍ୟକ୍ଷରେ ଗଡ଼ଜାତର ଶାସନକର୍ତ୍ତାଙ୍କୁ ସହାୟତା ପ୍ରଦାନ କରୁଥିବାରୁ ଓ ସେମାନଙ୍କ ଇଙ୍ଗିତରେ ରାଜାମାନେ ରାଜ୍ୟ ଶାସନ କରୁଥିବାରୁ ଗଡ଼ଜାତ ଲୋକଙ୍କ ଏହି ଅସନ୍ତୋଷ କେବଳ ରାଜାମାନଙ୍କ ପ୍ରତି ଉଦ୍ଦିଷ୍ଟ ନଥିଲା। ଇଂରେଜମାନଙ୍କ ପ୍ରତି ମଧ୍ୟ ସମପରିମାଣରେ ଥିଲା। ଗଡ଼ଜାତ ଅଞ୍ଚଳରେ ମୁକ୍ତି ଆନ୍ଦୋଳନ ହିଁ ଥିଲା ଇଂରେଜ ଶାସନ ବିରୋଧରେ ବିଦ୍ରୋହ। ଅତ୍ୟାଚାରୀ ଶାସକ ବିରୁଦ୍ଧରେ ଦୃଢ଼ ପ୍ରତିବାଦ ରୂପେ ଏହି ଆନ୍ଦୋଳନ ମୁଣ୍ଡ ଟେକିଥିଲା।

ବହୁ ଗଡ଼ଜାତ ଶାସକ ପ୍ରଜାର ସୁଖ ସୁବିଧା ପ୍ରତି ଆଖିବୁଜି ଦେଇଥିଲେ। ବେଠୀ, ମାଗଣ, ରସଦ, ଅତିରିକ୍ତ କର ଭାର, ବିଚାରରେ ଅସାଧୁତା, ଅକଥନୀୟ ଅତ୍ୟାଚାରରେ ସେମାନେ ଗାହି ଗାହି ଡାକୁଥିଲେ। ନିଜର ଧନ ଓ ଜୀବନ ପ୍ରତି ସମ୍ପୂର୍ଣ୍ଣ ସନ୍ଦିହାନ ହୋଇଯାଇଥିବା ଅନେକ ପ୍ରଜା ନିଜ ବାସସ୍ଥାନ ଛାଡ଼ି କଟକ, ସମ୍ବଲପୁର ପ୍ରଭୃତି ସହରାଞ୍ଚଳକୁ ଚାଲିଆସିଲେ। ରାଜ୍ୟର ଅଦ୍ଭୁତ ପରିସ୍ଥିତି ସୃଷ୍ଟି ହେଲା। ଏହି ପରିସ୍ଥିତିର ପ୍ରତିକାର ନିମନ୍ତେ ୧୯୩୧ ମସିହାରେ କଟକରେ ଗଠିତ ହେଲା ଓଡ଼ିଶା ଷ୍ଟେଟସ୍ ପିପୁଲସ୍ କନଫରେନସ୍ (OSPC)। ଅଖିଳ ଭାରତୀୟ ଷ୍ଟେଟସ୍ ପିପୁଲସ୍ କନଫରେନସ୍ (AISPC) ଓ ଓଡ଼ିଶାର ଗଣାଗୁଣା ନେତୃସ୍ଥାନୀୟ ବ୍ୟକ୍ତିଙ୍କ ସହଯୋଗରେ ଏହାର ପ୍ରଥମ ଅଧିବେଶନ ୧୯୩୧ ଜୁନ୍ ୨୦ ତାରିଖରେ ଭୁବନାନନ୍ଦ ଦାସଙ୍କ ସଭାପତିତ୍ୱରେ କଟକରେ ଅନୁଷ୍ଠିତ ହେଲା। ଏହି ଅଧିବେଶନରେ ବ୍ରଜ ସୁନ୍ଦର ଦାସଙ୍କ ସଭାପତିତ୍ୱରେ ଓ ବାଲୁକେଶ୍ୱର ଆଚାର୍ଯ୍ୟଙ୍କ ସମ୍ପାଦକତ୍ୱରେ ଗଠିତ କାର୍ଯ୍ୟନିର୍ବାହୀ କମିଟି ଜନତା ଓ ଶାସକଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ, ଜନସାଧାରଣଙ୍କର କଲ୍ୟାଣ ପାଇଁ ଶାସକମାନେ ବ୍ରତୀ ହେବାକୁ ଶାସକମାନଙ୍କୁ ଅନୁରୋଧ କରାଗଲା। ବେଠି ଓ ମାଗଣ ପ୍ରଥା ଉଚ୍ଛେଦ କରିବାକୁ ମଧ୍ୟ କୁହାଗଲା। ମାତ୍ର ଏ ଅନୁରୋଧ ଅନୁରୋଧରେ ରହିଗଲା। ଗଡ଼ଜାତରେ ରାଜାମାନେ ଏଥିରେ କର୍ଣ୍ଣପାତ କଲେ ନାହିଁ। ଏଣେ ସ୍ୱାଧୀନତା ସଂଗ୍ରାମରେ ନେତୃବୃନ୍ଦ ବ୍ୟସ୍ତ ରହିବାରୁ OSPC ଅଧିକ ଅଗ୍ରସର ହୋଇ ପାରିଲା ନାହିଁ। ଦୀର୍ଘ ୬ ବର୍ଷ ପରେ ୧୯୩୭ ଜୁନ୍ ୨୩, ୨୪ ତାରିଖରେ ଡ଼ଃ ପଟ୍ଟାଭି ସୀତାରାମାୟାଙ୍କ ଅଧିନାୟକତ୍ୱରେ ଓଡ଼ିଶା ଷ୍ଟେଟସ୍ ପିପୁଲସ୍ କନଫରେନସ୍ (OSPC)ର ଗୁରୁତ୍ୱପୂର୍ଣ୍ଣ ଦ୍ୱିତୀୟ ଅଧିବେଶନ ବସିଲା। ବିଭିନ୍ନ ଗଡ଼ଜାତ ଅଞ୍ଚଳରୁ ଅଳ୍ପ କିଛି ଲୋକ ଏଥିରେ ଯୋଗ ଦେଇଥିଲେ। ସ୍ଥାନୀୟ ଶାସନକାଳ ପ୍ରତିରୋଧ ହିଁ ଥିଲା ଏହାର କାରଣ। ଅଧିବେଶନରେ ପ୍ରଜାମାନଙ୍କର ଅଧିକାରର ସୁରକ୍ଷା, ନିର୍ଦ୍ଦିଷ୍ଟ ଆଇନର ପ୍ରଚଳନ ଓ ଭେଟି, ବେଠି, ରସଦ, ମାଗଣର ଉଚ୍ଛେଦ ଦାବୀ କରାଗଲା। ଏହି ଅଧିବେଶନରେ ଲୋକଙ୍କୁ ଉତ୍ତମ ଶାସନ, ସ୍ୱାଧୀନ ବିଚାରର ସୁବିଧା ଉପଲବ୍ଧ କରାଇବାର ମଧ୍ୟ ଦାବୀ କରାଗଲା। ଡ଼ଃ ବି. ପଟ୍ଟାଭି ସୀତାରାମାୟାଙ୍କ ସଭାପତିତ୍ୱରେ ଓ ସାରଙ୍ଗଧର ଦାସଙ୍କ ସମ୍ପାଦକତ୍ୱରେ (OSPC)ର କାର୍ଯ୍ୟନିର୍ବାହୀ କମିଟି ଗଢ଼ାଗଲା। ଏଥିରେ ବିଶ୍ୱନାଥ ରଥ କୋଷାଧ୍ୟକ୍ଷ ଓ ଅନ୍ୟ ଆଠଜଣ ସଦସ୍ୟ ରହିଲେ। ଏହି କମିଟିର କାର୍ଯ୍ୟକଳାପ ଅତ୍ୟାଚାର ପ୍ରପୀଡ଼ିତ ପ୍ରଜାଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟି କଲା। ହରେକୃଷ୍ଣ ମହତାବ, ଲାଲମୋହନ ପଟ୍ଟନାୟକ, ବଳବନ୍ତ ରାୟ ମେହେଟାଙ୍କୁ ନେଇ ଗଠିତ ଅନୁସନ୍ଧାନ

କମିଟି ବିଭିନ୍ନ ସ୍ଥାନ ଗସ୍ତ କରି ଜନସାଧାରଣଙ୍କ ସୁବିଧା ଅସୁବିଧା ଓ ସେମାନେ ଉପଭୋଗ କରୁଥିବା ଅଧିକାର ସମ୍ପର୍କୀୟ ତଥ୍ୟ ସଂଗ୍ରହ କଲେ । ସମୂହ ସଚେତନତା ନିମିତ୍ତ ଏହା ଇନ୍ଧନ ଯୋଗାଇଲା । ଏହି ଅନୁଧାନ କମିଟିର ଚେୟାରମ୍ୟାନ ମହତାବ ବିଭିନ୍ନ ଅଞ୍ଚଳର ଶାସକମାନଙ୍କୁ ଏହି କାର୍ଯ୍ୟରେ ସହାୟତା ଦେବା ପାଇଁ ଲେଖିଥିଲେ ହେଁ ପାଟନା ବ୍ୟତୀତ ଅନ୍ୟ କାହାଠାରୁ ଉତ୍ତର ମିଳିନଥିଲା । ଏଥିରୁ ସେମାନଙ୍କର ଶାସିତ ପ୍ରତି ଥିବା ହେୟ ମନୋଭାବ ସ୍ପଷ୍ଟ ଅନୁମେୟ ।

୧୯୩୭ ମସିହା ବେଳକୁ ଓଡ଼ିଶାର ଗଡ଼ଜାତ ରାଜାମାନେ ନିଜ ନିଜ ରାଜ୍ୟର ସର୍ବମୟ କର୍ତ୍ତା ହୋଇଯାଇଥିଲେ । ସେମାନଙ୍କର ଅନ୍ୟାୟ କାର୍ଯ୍ୟ ସମ୍ପର୍କିତ ଆପତ୍ତି ଇଂରେଜ ସରକାରଙ୍କ ରାଜନୈତିକ ବିଭାଗ ଗ୍ରହଣ କଲାନାହିଁ । ବରଂ ସେଠାରୁ ଉତ୍ତର ମିଳିଲା ରାଜାଙ୍କ ଆଭ୍ୟନ୍ତରୀଣ ଶାସନରେ ହସ୍ତକ୍ଷେପ କରାହେବ ନାହିଁ । ରାଜନୈତିକ ବିଭାଗ ମଧ୍ୟ ରାଜାମାନଙ୍କୁ ସେମାନେ ନିଜ ରାଜ୍ୟ ଶାସନରେ ସର୍ବେସର୍ବା ଓ ସେମାନଙ୍କର ନିଷ୍ପତ୍ତି ଉପରେ ଇଂରେଜ ସରକାର କିଛି କହିବାର ନାହିଁ ଜଣାଇଦେବାରୁ ରାଜାମାନଙ୍କର ଯଥେଚ୍ଛାଚାର ସୀମାଲଙ୍ଘନ କଲା । ଏଣେ ଶାସକମାନଙ୍କ ପ୍ରପୀଡ଼ନରେ ପ୍ରଜାମାନଙ୍କ ଅବସ୍ଥା ଅବର୍ଣ୍ଣନୀୟ ହୋଇଉଠିଲା । ଦୀର୍ଘକାଳ ଧରି ନିଷ୍ପେଷିତ ଜନତା ଅନ୍ୟ ଉପାୟ ନ ଦେଖି ଅନ୍ୟାୟ ବିରୁଦ୍ଧରେ ଲଢ଼ିବା ପାଇଁ ପ୍ରଜାମଣ୍ଡଳମାନ ଗଠନ କଲା । ୧୯୩୮ ମସିହାରେ ଓଡ଼ିଶାର ପ୍ରାୟ ସମସ୍ତ ଗଡ଼ଜାତରେ ସମସାମୟିକ ଭାବେ ମୁଣ୍ଡ ଟେକିଲା ବିରାଟ ପ୍ରଜାମଣ୍ଡଳ ଆନ୍ଦୋଳନ । ନୀଳଗିରି, ଢେଙ୍କାନାଳ, ତାଳଚେର, ନୟାଗଡ଼, ଆଠଗଡ଼, ରଣପୁର ଆଦି ବହୁ ସ୍ଥାନରେ ଅସନ୍ତୋଷର ବିସ୍ଫୋରଣ ଘଟିଲା ।

୧୯୩୮ ଜୁନ୍ ୨୬ ଓ ୨୭ ତାରିଖରେ ଅନୁଧାନ କମିଟି ଢେଙ୍କାନାଳ ଗସ୍ତକାଳରେ ଅନୁଗୁଳଠାରେ ପ୍ରଥମ ପ୍ରଜାମଣ୍ଡଳ ଗଠିତ ହେଲା । ପ୍ରଜାମଣ୍ଡଳ ଗଠନର ଅଳ୍ପ କେତୋଟି ଦିନ ମଧ୍ୟରେ ସମଗ୍ର ଢେଙ୍କାନାଳରେ ଅଭୂତପୂର୍ବ ଜାଗରଣ ଦେଖାଦେଲା । ଅତ୍ୟାଚାରୀ ଶାସକଙ୍କ ବିରୁଦ୍ଧରେ ଶୋଭାଯାତ୍ରା ଓ ସଭାମାନ ଚାଲିଲା । ଶାସନରେ ପରିଲକ୍ଷିତ ତ୍ରୁଟିକୁ ଦର୍ଶାଇ ସେଥିରେ ଅସହଯୋଗ କରାଗଲା । ପରିଲକ୍ଷିତ ହେଲା ଆଶାତୀତ ରାଜନୈତିକ ସଚେତନତା । ପ୍ରତ୍ୟେକ ଗାଁରେ ଜନସାଧାରଣ ପ୍ରଜାମଣ୍ଡଳରେ ନିଜକୁ ସାମିଲ କରିନେଲେ । ନିର୍ଭୀକ ଭାବେ ଶାସନ ଓ ଶାସକ ବିରୁଦ୍ଧରେ ଲଢ଼ିବା ପାଇଁ ସେମାନେ ନିଷ୍ପତ୍ତି ନେଲେ । ମାତ୍ର ଅତ୍ୟାଚାରୀ ଶାସକ ବ୍ରିଟିଶ ସୈନ୍ୟଙ୍କ ସହାୟତାରେ ଆନ୍ଦୋଳନକୁ ଦମନ କରିବାକୁ ପ୍ରୟାସ କଲେ । ପଲିଟିକାଲ ଏଜେଣ୍ଟମାନେ ଆନ୍ଦୋଳନର କାରଣ ଅନୁଧାନ ନକରି ଅବାଟରେ ରାଜାଙ୍କୁ ସୈନ୍ୟ ସହାୟତା ଯୋଗାଇ ଦେଲେ । ଗଡ଼ଜାତର ପ୍ରାୟ ସମସ୍ତ ଅଞ୍ଚଳରେ ସାମରିକ ଶାସନ ଜାରି କରାଗଲା । ଢେଙ୍କାନାଳରେ ଶାସକଙ୍କ ଦ୍ୱାରା ଲୁଣ୍ଠନ, ନାରୀ ନିର୍ଯ୍ୟାତନା, ଅତ୍ୟାଚାର, କ୍ଷମତାର ଅପପ୍ରୟୋଗ ଚାଲିଲା । ଏହାକୁ ପ୍ରତିରୋଧ କରି ବହୁ ଲୋକ ଫୌଜରେ ଜୀବନ ଦେଲେ ।

୧୯୩୮ ମସିହା ଅକ୍ଟୋବର ୧୦ ତାରିଖରେ କୌଣସି କାରଣ ନଥାଇ ସାମାନ୍ୟ ସତର୍କତା ବିନା ମଧ୍ୟରାତ୍ରିରେ ବ୍ରିଟିଶ ଫୌଜ ଭୁବନ ଗ୍ରାମରେ ଗୁଳିଚାଳନା କରି ଲୋକଙ୍କୁ ହତାହତ କରିପକାଇଲେ । ପ୍ରଜାମଣ୍ଡଳର ନେତାମାନଙ୍କୁ ବନ୍ଦୀ କରି ଏହାର ସଙ୍ଗଠନକୁ ଧ୍ୱଂସ କରିଦେବା ଏହି ଗୁଳିଚାଳନାର ଉଦ୍ଦେଶ୍ୟ ଥିଲା । ଏହି ଅଶ୍ୱନକ ଗୁଳିଚାଳନାରେ ଘଟଣା ସ୍ଥଳରେ ଜଣଙ୍କର ମୃତ୍ୟୁ ହେଲା ଓ ଅନ୍ୟ ଜଣେ ଆହତ ବ୍ୟକ୍ତି କଟକ ଡାକ୍ତରଖାନାକୁ ଆସୁଥିବା ବାଟରେ ଜୋନାପୁରଠାରେ ପ୍ରାଣ ହରାଇଲେ । ଛ'ଜଣ ବ୍ୟକ୍ତି କଟକ ଡାକ୍ତରଖାନାରେ ମୃତ୍ୟୁ ସହ ସଂଗ୍ରାମ କଲେ । ମାତ୍ର କୌଶଳକ୍ରମେ ପ୍ରଜାମଣ୍ଡଳର ନେତା ଗଙ୍ଗାଧର ମିଶ୍ର, ସାରଙ୍ଗଧର ଦାସ ଆଦି ଖସି ଯାଇଥିଲେ ।

ପୁଲିସର ଏହି ଅମାନୁଷିକ କାର୍ଯ୍ୟ ମଧ୍ୟରାତ୍ରିରେ ଭୁବନର ପଡ଼ୋଶୀ ଗ୍ରାମକୁ ବ୍ୟାପୀ ଯାଇଥିଲା । ସକାଳ ୪ଟା ବେଳକୁ ବ୍ରିଟିଶ୍ ସୈନ୍ୟ କିଛି ବନ୍ଦୀଙ୍କୁ ଧରି ବ୍ରାହ୍ମଣୀ ନଦୀର ନୀଳକଣ୍ଠପୁର ନିକଟସ୍ଥ ଘାଟରେ ପହଞ୍ଚିଲେ । ନୀଳକଣ୍ଠପୁରର ଗ୍ରାମବାସୀ ଭୁବନର ବାସିନ୍ଦାଙ୍କ ଉପରେ ହୋଇଥିବା ଅତ୍ୟାଚାର ଖବର ପାଇସାରିଥିଲେ । ବ୍ରିଟିଶ୍ ଫୌଜକୁ ପ୍ରତିରୋଧ କରିବା ପାଇଁ ସେମାନେ ନିଷ୍ପତ୍ତି ନେଇ ସାରିଥିଲେ । ନୀଳକଣ୍ଠପୁରଠାରେ ବ୍ରାହ୍ମଣୀ ନଦୀ ପାର ହେବା ପାଇଁ ନିର୍ଦ୍ଦେଶ ଦେଲେ । ମାତ୍ର ପ୍ରଜାମଣ୍ଡଳ ପ୍ରତି ଆସ୍ଥା ପ୍ରକଟ କରିଥିବା ଗ୍ରାମର ଜନସାଧାରଣ ଫୌଜକୁ ନଦୀ ପାର କରାଇବା ପାଇଁ ନାରାଜ ହେଲେ । ପୂର୍ବରୁ ସେମାନେ ଶାସକଙ୍କ ଦ୍ୱାରା ନଦୀ ପାର କରିବା ଉଦ୍ଦେଶ୍ୟରେ ଥିବା ଡଙ୍ଗାକୁ ବୁଡାଇ ଦେଇଥିଲେ । ନିଜ ଡଙ୍ଗାରେ ସରକାରୀ ଲୋକଙ୍କୁ ନେବା ପାଇଁ ନାସ୍ତି କରିଦେଲେ । ଏଥର ଫୌଜର ଗୁଳି ଗର୍ଜି ଉଠିଲା । ଘଟଣା ସ୍ଥଳରେ ଟଳି ପଡ଼ିଲା ଛଗୋଟି ଜୀବନ । ଆଠଜଣ ଗୁରୁତର ଭାବେ ଆହତ ହୋଇ କଟକ ଡାକ୍ତରଖାନା ଆସିଲେ ।

ଅତ୍ୟାଚାରୀ ଶାସକ ବିରୁଦ୍ଧରେ ନିଷ୍ପେଷିତ ଜନତା ପାଇଁ ସେଦିନ ନୀଳକଣ୍ଠପୁରର ବ୍ରାହ୍ମଣୀ ନଦୀ ଘାଟରେ ଯେଉଁ ଛଗୋଟି ତରୁଣ ନିଷ୍ପାପ ପ୍ରାଣ ମହାପ୍ରସ୍ଥାନ ଲାଭ କଲେ ତହିଁ ମଧ୍ୟରେ ବାରବର୍ଷର ବାଳକ ବାଜି ରାଉତ ଥିଲେ ଅନ୍ୟତମ । ନଦୀ ପାରର ଦାୟିତ୍ୱ ନେଇଥିବା ବାଜି ରାଉତ ସାହସର ସହ ଫୌଜର ନିର୍ଦ୍ଦେଶକୁ ପ୍ରତ୍ୟାଖ୍ୟାନ କରି ଦେଇଥିଲେ । ପ୍ରାଣଠାରୁ ସମୂହର ସ୍ୱାର୍ଥ ଥିଲା ତାଙ୍କ ପାଇଁ ମହତ୍ତ୍ୱପୂର୍ଣ୍ଣ । ଦେଶ ଜାତିର ଉନ୍ନତି କଳ୍ପେ ନିଜ ଜୀବନ ଦାନ ଭଳି ଉଚ୍ଚ ଆଦର୍ଶକୁ ଗ୍ରହଣ କରି ନେଇଥିବାରୁ ସେ ଆଜି ସ୍ମରଣୀୟ, ବରଣୀୟ । ମୁକ୍ତି ସଂଗ୍ରାମର ଅନ୍ୟତମ ସଂଗ୍ରାମୀ ରୂପେ ସମ୍ମାନର ଅଧିକାରୀ । ସେ ବାଜି ରାଉତ, ଯେ ଧ୍ରୁବ–ପ୍ରହଲ୍ଲାଦ–ଧର୍ମପଦ ଦେଶର ଅନ୍ୟତମ ବିସ୍ମୟ । ଏହି ବିସ୍ମୟକର ପ୍ରତିଭାର ଜନ୍ମ ୧୯୨୬ ମସିହା ଅକ୍ଟୋବର ମାସ ୫ ତାରିଖରେ ଢେଙ୍କାନାଳ ଜିଲ୍ଲା ଅନ୍ତର୍ଗତ ନୀଳକଣ୍ଠପୁର ଗ୍ରାମରେ ହୋଇଥିଲା । ଅକ୍ଷାରୀ ମୁଲକର ଜନ୍ମ ନେଇ ସାରା ଜାତି ପାଇଁ ଜୀବନ ଉତ୍ସର୍ଗ କରିଥିବା ଏହି କିଶୋର ଶହୀଦ ସବୁଦିନ ପାଇଁ ପ୍ରେରଣାର ଉତ୍ସ ହୋଇଗଲେ ।

"ପୁଷ୍ପକ"
କଲ୍ୟାଣୀ ନଗର, କଟକ-୧୩




ସାତପଡ଼ାଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଏକ ଯାତ୍ରୀ ନିବାସ
ଉଦ୍‌ଘାଟନ କରୁଛନ୍ତି । ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀ ଭୂପିନ୍ଦର ସିଂହ ଓ ସ୍ଥାନୀୟ ବିଧାନସଭା
ସଦସ୍ୟ ଶ୍ରୀ ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର ଉପସ୍ଥିତ ଅଛନ୍ତି ।



ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ବରମୁଣ୍ଡାଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ
ବଲ୍ଲଭ ପଟ୍ଟନାୟକ ଏକ ନବନିର୍ମିତ ଜଳ ଯୋଗାଣ ପ୍ରକଳ୍ପକୁ ଉଦ୍‌ଘାଟନ କରୁଛନ୍ତି ।
ନଗର ଉନ୍ନୟନ ମନ୍ତ୍ରୀ ଶ୍ରୀ ଅମର ପ୍ରଧାନ ଉପସ୍ଥିତ ଅଛନ୍ତି ।



କଳାହାଣ୍ଡି ଜିଲ୍ଲା ଉତ୍‌କେଲାଠାରେ ଆୟୋଜିତ ଏକ ଫଟୋ ପ୍ରଦର୍ଶନୀକୁ ପ୍ରଧାନମନ୍ତ୍ରୀ ଶ୍ରୀ ନରସିଂହ ରାଓ ଓ
ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ବୁଲି ଦେଖୁଛନ୍ତି ।



ଅନୁଗୁଳ ଶିଳ୍ପାଞ୍ଚଳଠାରେ ଖାଦ୍ୟ ପ୍ରକ୍ରିୟାକରଣ ମନ୍ତ୍ରୀ ଶ୍ରୀ କାମାକ୍ଷା ପ୍ରସାଦ ସିଂହ ଦେଓ ମଡ଼ର୍ଣ୍ଣ ବେକେରୀର
ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଉପସ୍ଥିତ ଅଛନ୍ତି ।



ରବୀନ୍ଦ୍ର ମଣ୍ଡପଠାରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ଆନୁକୂଲ୍ୟରେ ଆୟୋଜିତ ୧୧ତମ ନୃତ୍ୟ ଉତ୍ସବକୁ ରାଜ୍ୟପାଳଙ୍କ ସହଧର୍ମିଣୀ ଶ୍ରୀମତୀ ଜି.ଆର୍. କାନ୍‌ମାଲ ଉଦ୍‌ଘାଟନ କରୁଛନ୍ତି । ମାନ୍ୟବର ରାଜ୍ୟପାଳ ଶ୍ରୀ ଗୋପାଳ ରାମାନୁଜମ୍ ଉପସ୍ଥିତ ଅଛନ୍ତି ।



ଶହୀଦ୍ ନଗର ଦୁର୍ଗା ପୂଜା ସମିତି ଆନୁକୂଲ୍ୟରେ ଆୟୋଜିତ ରାବଣ ପୋଡ଼ି ଉତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ରାବଣର ପୁତ୍ତଳିକାରେ ଅଗ୍ନି ସଂଯୋଗ କରୁଛନ୍ତି ।



ସୂଚନା ଭବନଠାରେ ଲଳିତ କଳା ଏକାଡେମୀ ଆନୁକୂଲ୍ୟରେ ଗାନ୍ଧିଜୀଙ୍କ ଉପରେ ଆୟୋଜିତ ଏକ ଫଟୋ ପ୍ରଦର୍ଶନୀକୁ ସଂସ୍କୃତି ମନ୍ତ୍ରୀ ଶ୍ରୀ ଭୂପିନ୍ଦର ସିଂହ ପ୍ରଦୀପ ଜାଳି ଉଦ୍‌ଘାଟନ କରୁଛନ୍ତି ।



ଭୁବନେଶ୍ୱର ରୋଟାରୀ ଭବନଠାରେ ଇନର୍ ହୁଇଲ୍ କ୍ଲବର ସଭାପତି ଶ୍ରୀମତୀ ଦୀପା ପାଢ଼ୀ ଓ ଶିଶୁ କଲ୍ୟାଣ ମନ୍ତ୍ରୀ ଶ୍ରୀମତୀ ବିଜୟଲକ୍ଷ୍ମୀ ସାହୁ ଏକ ସ୍ୱେଚ୍ଛାସେବୀ ରକ୍ତଦାନ ଶିବିରକୁ ପରିଚାଳନା କରୁଛନ୍ତି ।



ସଚିବାଳୟ ସମ୍ମିଳନୀ ଗୃହରେ ଆହୂତ ରାଜ୍ୟ ହରିଜନ କଲ୍ୟାଣ ଉପଦେଷ୍ଟା ବୈଠକରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଅଧ୍ୟକ୍ଷତା କରୁଛନ୍ତି ।



ସଚିବାଳୟ ସମ୍ମିଳନୀ ଗୃହରେ ଆହୂତ ପରିସଂଖ୍ୟାନ ପଦାଧିକାରୀମାନଙ୍କ ସମ୍ମିଳନୀକୁ ଯୋଜନା ଓ ସମନ୍ୱୟ ମନ୍ତ୍ରୀ ଶ୍ରୀ ଭାଗବତ ପ୍ରସାଦ ମହାନ୍ତି ଉଦ୍‌ଘାଟନ କରୁଛନ୍ତି ।




ଭୁବନେଶ୍ୱରଠାରେ ଦୈନିକ ସମ୍ବାଦର ୧୧ତମ ବାର୍ଷିକ ଉତ୍ସବ ପାଳନ ଅବସରରେ ମାନ୍ୟବର ରାଜ୍ୟପାଳ ଶ୍ରୀ ଗୋପାଳ ରାମାନୁଜମ୍ ଓ କେନ୍ଦ୍ର ମନ୍ତ୍ରୀ ଶ୍ରୀ କୃପାସିନ୍ଧୁ ଭୋଇ ।



ଭୁବନେଶ୍ୱରଠାରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ହେମାନନ୍ଦ ବିଶ୍ୱାଳ ଓ ପଞ୍ଚାୟତରାଜ ମନ୍ତ୍ରୀ ଶ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାସ ପଞ୍ଚାୟତ ଭବନର ଶିଳାନ୍ୟାସ କରୁଛନ୍ତି ।




ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ହୋଟେଲ ଗାର୍ଡେନ ଇନ୍ ର ସମ୍ମିଳନୀ ଗୃହରେ ଆୟୋଜିତ
ଆଇନ୍ ମନ୍ତ୍ରୀମାନଙ୍କ ସମ୍ମିଳନୀର ଉଦ୍‌ଯାପନ ଦିବସରେ ଅଭିଭାଷଣ ଦେଉଛନ୍ତି ।



ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟ ଗୃହରେ ଭୂଗୋଳ ବିଭାଗ ରୌପ୍ୟ ଜୁବୁଲି ପାଳନ ଅବସରରେ ଆୟୋଜିତ
ଆନ୍ତର୍ଜାତିକ ସମ୍ମିଳନୀ 'ମନୁଷ୍ୟ, ସଂସ୍କୃତି, ପରିବେଶ, ପ୍ରାକୃତିକ ସମ୍ପଦ ଓ ସମ୍ପଦ ପରିଚାଳନା'କୁ ମୁଖ୍ୟମନ୍ତ୍ରୀ
ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ପ୍ରଦୀପ ଜାଳି ଉଦ୍‌ଘାଟନ କରୁଛନ୍ତି ।



ସଚିବାଳୟ ସମ୍ମିଳନୀ ଗୃହରେ ଆହୂତ ୨୮ତମ ରାଜ୍ୟସ୍ତରୀୟ ବନ୍ୟା ନିୟନ୍ତ୍ରଣ ବୋର୍ଡ଼ ବୈଠକରେ ମୁଖ୍ୟମନ୍ତ୍ରୀ
ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଅଧ୍ୟକ୍ଷତା କରୁଛନ୍ତି ।



ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ୍ ଗୃହରେ ସମାଜ ସମ୍ପାଦକ ଡକ୍ଟର ରାଧାନାଥ ରଥଙ୍କ ଜନ୍ମ ଶତବାର୍ଷିକୀ ପାଳନ
ବୈଠକରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବିଶ୍ୱାଳ, ଯୋଜନା ଓ ସମନ୍ୱୟ ବିଭାଗ ମନ୍ତ୍ରୀ ଶ୍ରୀ ଭାଗବତ
ପ୍ରସାଦ ମହାନ୍ତି, ସଂସ୍କୃତି ମନ୍ତ୍ରୀ ଶ୍ରୀ ଭୂପିନ୍ଦର ସିଂହ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ଶ୍ରୀ ନେତ୍ରାନନ୍ଦ
ମଲ୍ଲିକ ଓ ଲୋକ ସମ୍ପର୍କ ନିର୍ଦ୍ଦେଶକ ଶ୍ରୀ ସୁରସେନ ଜେନା ।

# ଦରିଦ୍ରର ବନ୍ଧୁ – ଗୋପବନ୍ଧୁ

**ଶ୍ରୀମତୀ ଅର୍ଚ୍ଚନା ଦାସ**

ସେ ଥିଲେ ଆମ ଉତ୍କଳର ମଣି । ଏ ଜାତିର ମଉଡ଼ମଣି । ମଣି ପରି ସେ ଏ ଦେଶ ଓ ଜାତିକୁ ସେ ଆଲୋକ ପ୍ରଦାନ କରିଥିଲେ । ସେଇଥି ପାଇଁ ଶ୍ରଦ୍ଧାରେ ତାଙ୍କୁ ଲୋକେ କହୁଥିଲେ ଉତ୍କଳମଣି ଗୋପବନ୍ଧୁ ଦାସ । ଯୁଗ ଯୁଗ ଧରି ପୁଣ୍ୟାତ୍ମାମାନଙ୍କର ଗୁଣ କୀର୍ତ୍ତନ କରି ତହିଁରୁ ସାର ସଂଗ୍ରହ କରିବା ପ୍ରତ୍ୟେକ ଉନ୍ନତିକାମୀ ଜାତିର କର୍ତ୍ତବ୍ୟ ରୂପେ ପରିଗଣିତ ହୋଇଥାଏ । ସେହି ମହାତ୍ମାମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି ସ୍ୱର୍ଗୀୟ ଉତ୍କଳମଣି ଗୋପବନ୍ଧୁ ଦାସ ଯେ କି ପ୍ରତି ମୁହୂର୍ତ୍ତରେ ନିଜ ଅନ୍ତର ଭିତରେ ପ୍ରତ୍ୟେକ ଦୁଃଖୀ, ଦରିଦ୍ର ଜନତାଙ୍କ ପ୍ରାଣର ବ୍ୟଥା ଅନୁଭବ କରୁଥିଲେ ଏବଂ ସେଇ ବ୍ୟଥାକୁ ଲାଘବ କରିବା ପାଇଁ ନିଜର ସମସ୍ତ ଜୀବନକୁ ବିଶ୍ୱଜନଙ୍କ ହିତରେ ଉତ୍ସର୍ଗ କରିଥିଲେ । ପରାଧୀନ ଭାରତବର୍ଷ ଯେତେବେଳେ ବିଦେଶୀ ଶାସନରେ ଅତିଷ୍ଠ ହୋଇପଡ଼ିଥିଲା ସେହି ଦୁର୍ଦ୍ଦିନ ସମୟରେ ଅର୍ଥାତ୍ ୧୮୭୭ ମସିହା ଅକ୍ଟୋବର ମାସ ୯ ତାରିଖ ଦିନ ପବିତ୍ର ନୀଳାଚଳପୀଠ ଅନ୍ତର୍ଗତ ସାକ୍ଷୀଗୋପାଳ ନିକଟସ୍ଥ ଭାର୍ଗବୀ ନଦୀ ଉପକୂଳବର୍ତ୍ତୀ ସୁଆଣ୍ଡୋ ଗ୍ରାମରେ ସେହି ପୁଣ୍ୟାତ୍ମା ଉତ୍କଳମଣିଙ୍କର ଜନ୍ମ । ତୁଳସୀ ଦୁଇପତ୍ରରୁ ବାସିବା ପରି ଗୋପବନ୍ଧୁ ପିଲାଟି ଦିନରୁ ବହୁ ସୁଗୁଣର ଅଧିକାରୀ ହୋଇଥିଲେ । ଖୁବ୍ କମ ବୟସରୁ ଭାଗବତ ପଢ଼ା ପ୍ରତି ଆଗ୍ରହ ଥିଲା, ତାଙ୍କର ଈଶ୍ୱର ପ୍ରୀତିର ପରିଚୟ ଦିଏ । ସତ୍ୟ, ଧର୍ମ, ନ୍ୟାୟ, ପରୋପକାର, ଇତ୍ୟାଦି ଥିଲା ତାଙ୍କ ଚରିତ୍ରର ବିଶେଷତ୍ୱ । ସେ ଥିଲେ ଯୋଗଜନ୍ମା । ଜେଜେବାପା ଭଗବାନ ଦାସ, ପିତା ଦୈତାରୀ ଦାସ ଓ ମାତା ସ୍ୱର୍ଣ୍ଣମୟୀ ଦେବୀଙ୍କର ଅଭିଜାତ ସନ୍ତାନ ସେ । ଜନ୍ମରୁ ମା' ଛେଉଣ୍ଡ ହୋଇଥିବାରୁ ଆବାଲ୍ୟ ବିଧବା ପିଉସୀ କମଳା ଦେବୀଙ୍କ ଦ୍ୱାରା ଲାଳିତ ପାଳିତ ହୋଇଥିଲେ । ତେଣୁ ପିଉସୀ ନାନୀଙ୍କ ପ୍ରତି ଗୋପବନ୍ଧୁଙ୍କର ମମତା, ଆନ୍ତରିକତା ତଥା କୃତଜ୍ଞତା ପରବର୍ତ୍ତୀ ସମୟରେ ତାଙ୍କର "ମୋନାନୀ" ନାମକ ଏକ କ୍ଷୁଦ୍ର କବିତାରେ ପ୍ରକାଶ ପାଇଥିଲା ।

"ତୁମ୍ଭ ରୀତି ଆଚରିଲେ ସକଳ କାମିନୀ
ଓହ୍ଲାଇ ଆସନ୍ତା ସ୍ୱର୍ଗ, ଏ ମର୍ତ୍ତ୍ୟ ଜଗତେ
ତୁମ୍ଭର ନିଷ୍କାମ ସ୍ନେହ ସଦାଥିବି ମାନି
ଯହିଁ ଥିଲେ ସ୍ମରୁଥିବି ନିତି ନାନୀ ନାନୀ"

ବହୁ ଦୁଃଖ, କଷ୍ଟ, ଯନ୍ତ୍ରଣା ମଧ୍ୟରେ ଗୋପବନ୍ଧୁଙ୍କର ବାଲ୍ୟ ଜୀବନ ଅତିବାହିତ ହୋଇଥିଲା । ବିଦ୍ୟା ପ୍ରତି ଆଗ୍ରହ ଦେଖି ପିତା ତାଙ୍କର ଘରେ ଅବଧାନ ରଖି ପାଠ ପଢ଼ାଇବାକୁ ସ୍ଥିର କଲେ । ବିଦ୍ୟାରମ୍ଭରୁ ଖୁବ୍ କମ୍ ଦିନରେ ଗୋପବନ୍ଧୁ ନିଜର ପାଠ୍ୟପୁସ୍ତକ ବ୍ୟତୀତ ପାଠ ଏବଂ କବିତା ରଚନା ଇତ୍ୟାଦି କରିବାକୁ ଆରମ୍ଭ କଲେ । ଚାଟଶାଳୀ ପାଠ ଶେଷ ହେବା ପୂର୍ବରୁ ତତ୍କାଳୀନ ବାଲ୍ୟ ବିବାହ ପ୍ରଥାନୁସାରେ ମାତ୍ର ବାର ବର୍ଷ ବୟସରେ ମୋତି ନାମକ ନଅ ବର୍ଷ ବୟସର ସରଳା ବାଳିକାର ପାଣି ଗ୍ରହଣ କଲେ । ତେବେ ଏହି ବିବାହ ତାଙ୍କର ଭବିଷ୍ୟତ ଶିକ୍ଷା ଲାଭରେ ପ୍ରତିବନ୍ଧକ ହୋଇ ନଥିଲା । ତେଣୁ ପ୍ରାଥମିକ ଶିକ୍ଷାଲାଭ ପରେ ସୁଆଣ୍ଡୋ ଗ୍ରାମଠାରୁ ପାଞ୍ଚ ମାଇଲ୍ ଦୂରରେ ଥିବା ରୂପଦେଈପୁରରେ ମାଧ୍ୟମିକ ଭର୍ଣ୍ଣାକୁଲାର ସ୍କୁଲରେ ମାଧ୍ୟମିକ ଶିକ୍ଷା ଲାଭ କଲା ପରେ ସେ ପୁରୀ ଜିଲ୍ଲା ସ୍କୁଲ୍‌ରେ ନାମ ଲେଖାଇଲେ । ୧୮୯୯ରେ ମାଟ୍ରିକ୍ୟୁଲେଶନ ପାଶ୍ କରି ୧୯୦୧ରେ ଏଫ୍.ଏ. ପରୀକ୍ଷାରେ ପାଶ୍ କଲେ । ପରେ ପରେ ବି.ଏ.ରେ ପଢ଼ିଲେ । ୧୯୦୩ ମସିହାରେ ସେ ଉତ୍କଳ ସମ୍ମିଳନୀ ବସାଇ ସେଥିରେ ବିଚ୍ଛିନ୍ନାଞ୍ଚଳର ମିଶ୍ରଣ ସମ୍ପର୍କୀୟ ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ତେଣୁ ସେବର୍ଷ ବି.ଏ. ପରୀକ୍ଷାରେ କୃତକାର୍ଯ୍ୟ ହୋଇପାରି ନଥିଲେ । ୧୯୦୪ ମସିହାରେ ବି.ଏ. ପାଶ୍ କଲେ ଏବଂ ତତ୍‌ପରେ ଏମ୍.ଏ. ଓ ଆଇନ୍ ଶ୍ରେଣୀରେ ନାମ ଲେଖାଇଲେ । ମାତ୍ର ସରକାରୀ ଚାକିରି ପ୍ରତି ତାଙ୍କର ଆଗ୍ରହ ନଥିବାରୁ କେବଳ ଆଇନ୍ ପଢ଼ିଲେ ଏବଂ କଲିକତାରେ ବି.ଏଲ୍. ପରୀକ୍ଷା ଦେବାକୁ ଯାଇ ସେଠାରେ ଛଅମାସ ରହିଥିଲେ । ସେହି ସମୟରେ ସେ କଲିକତାରେ ଥିବା ଓଡ଼ିଆ ଶ୍ରମିକମାନଙ୍କୁ ଏକାଠି କରି ସେମାନଙ୍କୁ ଶିକ୍ଷିତ କରିବା ପାଇଁ ସନ୍ଧ୍ୟାବେଳେ ସ୍କୁଲ ବସାଉଥିଲେ ଏବଂ ନିଜେ ସେମାନଙ୍କୁ ଶିକ୍ଷା ଦାନ ମଧ୍ୟ କରୁଥିଲେ । ଏହା ବ୍ୟତୀତ ଶ୍ରମିକମାନଙ୍କୁ ସଙ୍ଘବଦ୍ଧ କରି ଏକ "ଓଡ଼ିଆ ଶ୍ରମିକ ସଙ୍ଘ" ଗଠନ କରିଥିଲେ ।

ଗୋପବନ୍ଧୁଙ୍କର ପାରିବାରିକ ଜୀବନ ବହୁ ଦୁଃଖ ଯନ୍ତ୍ରଣାରେ ବିତିଥିଲା । ବାଲ୍ୟକାଳରୁ ମା'ଙ୍କୁ ହରାଇଥିଲେ । ମାଟ୍ରିକ୍ ପାଶ୍ କରି କଲେଜରେ ନାମ ଲେଖାଇବା ପୂର୍ବରୁ ପିତାଙ୍କୁ ହରାଇଲେ । ୧୯୦୧ରେ 'ଏଫ୍.ଏ. ପାଶ୍ କଲା ବେଳକୁ ଗୋଟିଏ ସନ୍ତାନ ହରାଇଲେ । ୧୯୦୩ରେ ବି.ଏ. ପରୀକ୍ଷାରେ ଅକୃତକାର୍ଯ୍ୟ ହେବା ସହ ପୁତ୍ର ବିୟୋଗର ସମ୍ବାଦ ପାଇଲେ । ୧୯୦୫ରେ ଯେତେବେଳେ ସମଗ୍ର ଓଡ଼ିଶା ବନ୍ୟା ଜଳରେ ବୁଡ଼ି ରହିଥିଲା ସେତେବେଳେ ତୃତୀୟ ପୁତ୍ରକୁ ହରାଇଥିଲେ । ନୀଳଗିରିଠାରେ ତାଙ୍କର ବି.ଏଲ୍. ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ସମ୍ବାଦ ପହଞ୍ଚିବା ସହ ସେହି ଦିନ ମଧ୍ୟ ନିଜ ପତ୍ନୀଙ୍କର ପରଲୋକ ସମ୍ବାଦ ପହଞ୍ଚିଲା । ଏହିପରି ଗୋଟିଏ ପରେ ଗୋଟିଏ ହୋଇ ମାତା, ପିତା, ପୁତ୍ର, ପତ୍ନୀ

ସବୁ ଏ ସଂସାରରୁ ବିଦାୟ ନେଲେ । ତେବେ ବି ସେ ନିଜ କର୍ତ୍ତବ୍ୟ ପଥରୁ ବିଚ୍ୟୁତ ହୋଇନଥିଲେ । ଦୀନ ଦୁଃଖୀଙ୍କର ସେବାରୁ ବିରତ ହୋଇନଥିଲେ । ସେହି ଦୁର୍ଦ୍ଦିନକୁ ଭୁଲିଯାଇ ପୁନର୍ବାର ଦ୍ୱିତୀୟ ପତ୍ନୀ ଗ୍ରହଣ କରିବାକୁ ବନ୍ଧୁମାନେ ବହୁ ଅନୁରୋଧ କରିଥିଲେ । ମାତ୍ର ତାଙ୍କର ଯୁକ୍ତି ଥିଲା–

"ପ୍ରଣୟର ସୁହାସ ଲୋତକ, ସୁଖଦୁଃଖ ଆହ୍ଲାଦ ଯାତନା
ଜୀବନେ ମୁଁ ଭୋଗିଛି ଅନେକ, ନାହିଁ ଆଉ ଅଧିକ କାମନା
xxx xxxx xxx xxxx
ଶୁଣି ଖଗ ମଧୁର କାକଳୀ, ଜୀର୍ଣ୍ଣବୀଣା ରଖିବି ସମ୍ପାଦି
ପକ୍ଷୀ ଗୀତେ ଦେବି କରତାଳି, କେହି ମୋର ନଥିବେ ବିବାଦୀ"

ସତ୍ୟର ଉପାସକ ଦରିଦ୍ର ଜନତାର ବନ୍ଧୁ ଗୋପବନ୍ଧୁ ଆଇନଜ୍ଞ ହୋଇଥିଲେ ମଧ୍ୟ ସେଥିରେ ନିଜେ ସନ୍ତୁଷ୍ଟ ହୋଇପାରି ନଥିଲେ । ତେଣୁ ଦେଶର ଯୁବକମାନଙ୍କୁ ଶିକ୍ଷା ମାଧ୍ୟମରେ ଆଦର୍ଶବାଦୀ କରିବା ପାଇଁ, ଦେଶ ପାଇଁ ଉପଯୁକ୍ତ ନାଗରିକ କରି ଗଢ଼ିବା ପାଇଁ "ସତ୍ୟବାଦୀ ବନ ବିଦ୍ୟାଳୟ" ପ୍ରତିଷ୍ଠା କରିଥିଲେ । ଓଡ଼ିଶାର ଅନ୍ୟତମ ସୁନାମଧନ୍ୟ କବି, ଲେଖକ, ବ୍ୟବସ୍ଥାପକ, ବକ୍ତା, ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଭାଷାରେ "ଗୋପବନ୍ଧୁଙ୍କର ଅନେକ ଭଲଗୁଣ ଥିଲା–ସେ ଦରିଦ୍ରର ବନ୍ଧୁ ଦୁଃସ୍ଥର ସେବକ ଓ ନିରାଶ୍ରୟର ଆଶ୍ରୟ ଦାତା ଥିଲେ । ଅନ୍ୟର ସେବାରେ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ । ତାଙ୍କର ବିଶାଳ ପରିକଳ୍ପନା ଥିଲା । କିନ୍ତୁ ଏ ସବୁଥିରୁ ତାଙ୍କର ପୂର୍ଣ୍ଣ ମହତ୍ତ୍ୱ କଳନା କରିହେବ ନାହିଁ । ତାଙ୍କର ବିଶେଷତ୍ୱ ହେଉଛି ତାଙ୍କର ବିରାଟ ବ୍ୟକ୍ତିତ୍ୱ । ସେହି ବ୍ୟକ୍ତିତ୍ୱ ବଳରେ ସେ ଶତ୍ରୁଠାରୁ ମଧ୍ୟ ପ୍ରଶଂସା ପାଉଥିଲେ ।"

ଗୋପବନ୍ଧୁଙ୍କର ଜୀବନର ପ୍ରଥମ ପଚିଶ ବର୍ଷ ଓଡ଼ିଶାର ସାମାଜିକ, ସାଂସ୍କୃତିକ ଜାତୀୟ ଜୀବନର ଉତ୍ତାଳ ପ୍ରବାହରେ ବିତିଥିଲା । ଜୀବନର ଦ୍ୱିତୀୟାର୍ଦ୍ଧରେ ତାଙ୍କର ବିତିଗଲା ଓଡ଼ିଆ ଜାତିର ଆଶା ଆକାଂକ୍ଷାକୁ ପୂରଣ କରିବାରେ । ଦରିଦ୍ର ଜନତାଙ୍କ ପାଇଁ ପ୍ରାଣ ଦେଇ ସେବା କରି ସେମାନଙ୍କ ମୁହଁରେ ହସ ଦେଖିବାର ସ୍ୱପ୍ନ ତାଙ୍କୁ ବିଭୋର କରିଥିଲା । ଦେଶ ପାଇଁ ଜାତି ପାଇଁ ସେ ନିଜ ଜୀବନକୁ ତୁଚ୍ଛ ମନେ କରୁଥିଲେ । ନିଜର ପରିବାରକୁ ଭୁଲିଥିଲେ । ଏହାର ପ୍ରମାଣ ତାଙ୍କ ରଚିତ "ବନ୍ଦୀର ଆତ୍ମକଥା"ରେ ସ୍ପଷ୍ଟ ପ୍ରମାଣିତ ହୋଇଛି । ତାଙ୍କ ଭାଷାରେ–

"ମିଶୁ ମୋର ଦେହ ଏ ଦେଶ ମାଟିରେ
ଦେଶବାସୀ ଚାଲିଯାଆନ୍ତୁ ପିଠିରେ
ଦେଶର ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼
ସ୍ୱାଧୀନତା ପଥେ ତିଳେ ହେଲେ ନର
ମୋ ଜୀବନ ଦାନେ ହେଉ ଅଗ୍ରସର"

(ବନ୍ଦୀର ଆତ୍ମକଥା)

ବନ୍ଦୀର ଆତ୍ମକଥା ଥିଲା ଗୋପବନ୍ଧୁଙ୍କ ଅନ୍ତରର ନିଷ୍କପଟ ପରିପ୍ରକାଶ । ବନ୍ଦୀ ଗୃହରେ ରହି ସେ ଚିନ୍ତା କରୁଥିଲେ ତାଙ୍କର ଦେଶର ମା, ଭାଇ, ଭଉଣୀଙ୍କ କଥା । ତାଙ୍କର "ଧର୍ମପଦ" କବିତାରେ ମଧ୍ୟ ସେ ମନର କଥା ପ୍ରକାଶ କରିଛନ୍ତି ।

"ଏକର ବିନାଶେ ଅନେକେ ପ୍ରକାଶେ
ସୃଷ୍ଟିର ଏ ନିତ୍ୟ ବିଧି
ଏକର ଯା କ୍ଷୟ ଅନେକ ଉଦୟ
ଅନେକ ଏକର ସିଦ୍ଧି
ବଂଶ ପଛେଯାଉ ଜାତି ବୁଦ୍ଧି ପାଉ
ସାଧ ଏ ଉଦାର ନୀତି
କୋଣାର୍କ ଦେଉଳ ଗାଉ ଚିରକାଳ
ତୁମ ପୁଣ୍ୟ ତ୍ୟାଗ ଗୀତି"

(ଧର୍ମପଦ)

ପ୍ରକୃତରେ ନିଜ ସ୍ତ୍ରୀ, ପୁତ୍ର, ପରିବାର ସବୁକୁ ହରାଇଥିଲେ ମଧ୍ୟ ସେ ଏ ଜାତି ପାଇଁ ଏ ଦେଶ ପାଇଁ ସେମାନଙ୍କୁ ହରାଇବାର ଦୁଃଖରେ ଭାଙ୍ଗିପଡ଼ି ନଥିଲେ । ତାଙ୍କ ପାଖରେ ଦେଶ, ଜାତି ବଡ଼ ଥିଲା, ପତ୍ନୀ ପୁତ୍ର ବା ପରିବାର ନୁହେଁ ।

୧୯୧୩ରୁ ୧୯୧୯ ପର୍ଯ୍ୟନ୍ତ "ଆଶା" ପତ୍ରିକାର ସମ୍ପାଦନା କାର୍ଯ୍ୟରେ ଲିପ୍ତ ଥିଲେ । ସେହି ସମୟ ମଧ୍ୟରେ ଆଶା ପ୍ରେସରୁ "ସତ୍ୟବାଦୀ" ନାମକ ମାସିକ ସାହିତ୍ୟ ପତ୍ରିକା ପ୍ରକାଶ କଲେ । ତେବେ ବି ତାଙ୍କର ସନ୍ତୋଷ ନଥିଲା । ଶେଷରେ ୧୯୧୯ ମସିହା ଅକ୍ଟୋବର ମାସ ୪ ତାରିଖ ଶନିବାର ଦଶହରା ତିଥିରେ ତାଙ୍କ ଦ୍ୱାରା ସମ୍ପାଦିତ "ସାପ୍ତାହିକ ସମାଜ" ପ୍ରକାଶ ପାଇଲା । ଏହି ସମାଜ ତତ୍କାଳୀନ ସମାଜର ସାମାଜିକ ଜୀବନର ସୁଖ, ଦୁଃଖ, ଆଶା, ନିରାଶା ଲୋକମାନଙ୍କର ସୁବିଧା ଅସୁବିଧା ସବୁକୁ ଘରେ ଘରେ ପହଞ୍ଚାଇବାରେ ସାହାଯ୍ୟ କଲା ।

ଏହିପରି ଭାବରେ ବହୁ ପ୍ରକାର ଉଦ୍ୟମ କରି ସେ ଏ ଓଡ଼ିଶାକୁ ପ୍ରତିଷ୍ଠିତ କରିଛନ୍ତି । ଦେଶ ସ୍ୱାଧୀନ ହେବାରେ ତାଙ୍କର ଅବଦାନ ଅବିସ୍ମରଣୀୟ । ଗୋପବନ୍ଧୁ ରାଜନୀତିରେ ମଧ୍ୟ ଅଂଶ ଗ୍ରହଣ କରିଥିଲେ । ୧୯୧୭ରେ ବିହାର ଓ ଓଡ଼ିଶା ବ୍ୟବସ୍ଥାପକ ସଭାକୁ ନିର୍ବାଚିତ ହୋଇଥିଲେ । ବ୍ୟବସ୍ଥାପକ ଥିବା ସମୟରେ ସ୍ୱତନ୍ତ୍ର ବିଷୟ ପ୍ରତି ତାଙ୍କର ଅଧିକ ଧ୍ୟାନ ଥିଲା । (୧) ବିଚ୍ଛିନ୍ନାଞ୍ଚଳର ସମ୍ମିଶ୍ରଣ (୨) ବନ୍ୟା ଦୁର୍ଭିକ୍ଷର ନିରାକରଣ (୩) ବିନା ଶୁଳ୍କରେ ଲବଣ ଉତ୍ପାଦନ (୪) ସତ୍ୟବାଦୀ ଢାଞ୍ଚାରେ ଶିକ୍ଷା ପ୍ରସାରଣ ଏବଂ ଏ ସମସ୍ତ ଇଚ୍ଛା ତାଙ୍କର ପୂରଣ ହୋଇଥିଲା ।

ଆଜି ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କୁ ସ୍ମରଣ କଲାବେଳେ ଓଡ଼ିଶାବାସୀ ତାଙ୍କର ବିଗତ ଅତୀତର ସେହି ଦୁର୍ଦ୍ଦିନର ଚିତ୍ର ଦେଖିବେ । ଅତୀତରେ ସେ ସମୟ ଆଜି ଆଉ ନାହିଁ । ସାମାଜିକ, ରାଜନୈତିକ, ଅର୍ଥନୈତିକ ସବୁ କ୍ଷେତ୍ରରେ ଏ ଜାତିର ଦ୍ରୁତତା ଆସିଛି । ବିଶ୍ୱ ଦରବାରରେ ଓଡ଼ିଶା ପ୍ରତିଷ୍ଠା ଅର୍ଜନ କରିଛି । ନିଜ ଜୀବନର ପ୍ରତିଟି ମୁହୂର୍ତ୍ତକୁ ସେ ଏ ଜାତି ପାଇଁ ଦେଶ ପାଇଁ ଉତ୍ସର୍ଗ କରିଯାଇଛନ୍ତି, ନିଜର ସମସ୍ତ ସୁଖ, ଶାନ୍ତିକୁ ଭୁଲିଯାଇ ଆମ ପାଇଁ ଯେ ନିଜକୁ ତିଳ ତିଳ କରି ଜାଳିଛନ୍ତି ସେହି ପୁଣ୍ୟାତ୍ମାଙ୍କ ପବିତ୍ର ଜନ୍ମ ତିଥିରେ ତାଙ୍କରି ଆଦର୍ଶରେ, ପ୍ରେରଣାରେ ପ୍ରତ୍ୟେକ ଅନୁପ୍ରାଣିତ ହେବାର ସଂକଳ୍ପ ନେଲେ, ସେହି ହେବ ତାଙ୍କ ପାଇଁ ଶ୍ରେଷ୍ଠ "ଶ୍ରଦ୍ଧାଞ୍ଜଳି" ।

---

ମାର୍ଫତ–ଶ୍ରୀ ଯାମିନୀରଞ୍ଜନ ମହାନ୍ତି,
୭୦୧–ଶହୀଦନଗର,
ଭୁବନେଶ୍ୱର

# ତୁମକୁ ମୋ କୋଟି ନମସ୍କାର

ଶ୍ରୀ ମହେଶ୍ୱର ମୁଳିଆ

ତୁମକୁ ଜୁହାର,
ଏ ମାଟିର ମୁକ୍ତିଦାତା,
ହେ ମର୍ତ୍ତ୍ୟର ଅମର୍ତ୍ତ୍ୟ ଠାକୁର ।

ତୁମରି ଚରଣ ସ୍ପର୍ଶେ ଧନ୍ୟ ହେଲା ଏଇ ଧରାତଳ,
ପଙ୍ଗୁତ ଲଙ୍ଘିଲା ଗିରି, ମୂକ ହେଲା ମୁଖର, ଚପଳ ।
କୋଟି କୋଟି ସୁପ୍ତ-ପ୍ରାଣ, ଆର୍ତ୍ତ, ଅଭିଶପ୍ତ
ତୁମେ ତାଙ୍କୁ କଲ ସଞ୍ଜୀବିତ ।

ଯୁଗ ଯୁଗ ପୁଞ୍ଜିଭୂତ ଦାସତ୍ୱ ଅନ୍ଧାରେ,
ପଥଭ୍ରାନ୍ତ ଏ ମାନବ ଖୋଜୁଥିଲା ଶୂନ୍ୟେ ଶୁହିଁ ଆଲୋକ ଟିକିଏ,
ବୁକେ ବହି ଦୁର୍ବିସହ ଦୁଃଖ, ନିର୍ଯ୍ୟାତନା,
ଶଙ୍କିତ ନୟନୁ ସଦା ଝରୁଥିଲା ବେଦନା ଓ ଅଶ୍ରୁର ଝରଣା ।
ଚଉଦିଗେ ହାହାକାର, ହତାଶାର ଦୀର୍ଘଶ୍ୱାସ, ମୃତ୍ୟୁ ପଦଧ୍ୱନୀ,
ସେ ଦୁର୍ଦ୍ଦିନ-ଗଗନରେ ତୁମେ ଆସି ଦେଖା ଦେଲ
ଶୁଣାଇଲ ଆଶା ଆଉ ଅଭୟର ବାଣୀ ।

ହେ ପୁରୁଷୋତ୍ତମ,
ଜୀବନ୍ତୁ ଜଡ଼ତା ନାଶି ଶୂନ୍ୟ-ପ୍ରାଣ କଲ ପରିପୂର୍ଣ୍ଣ,
ମୁକ୍ତିର ମଶାଲ ଜାଳି, ଆନନ୍ଦ ଓ ଆଲୋକର ଧ୍ରୁବତାରା ସମ ।

ନିଃସ୍ୱ ଆଉ ନିଷ୍ପେଷିତ ମଣିଷର ତୁମେ ଥିଲ ଆଶା,
ନିର୍ବାକ ମୁଖରେ ତା'ର ଫୁଟାଇଲ ଜୀବନର ମଧୁମୟ ଭାଷା ।
ଜାତୀୟତା ଯଜ୍ଞେ ତୁମେ ଦଧିଚୀ ସମାନ ସତେ ଦେଲ ଆତ୍ମାହୁତି
ଶତ୍ରୁ ଆଗେ ଦର୍ପଭରେ ଛିଡ଼ା ହେବାଲାଗି,
ହୃଦୟରେ ଭରି ଦେଲ ଦୁର୍ନିବାର ସାହସ, ଶକତି ।

ଭଗିରଥ ସମ ପୁଣି ସିକ୍ତ କଲ ଏ ବନ୍ଧ୍ୟା ଧରଣୀ
ସତ୍ୟ, ଶାନ୍ତି, ଅହିଂସାର ପ୍ରେମ ଗଙ୍ଗାନୀରେ,
ସହିଲ କଷଣ କେତେ ଛାତି ପାତି,
ଅନଶନ, ସତ୍ୟାଗ୍ରହ-ରୁଦ୍ଧ କାରାଗାରେ ।

ଆକୁମାରୀ ହିମାଚଳ ଉଚ୍ଛୁଳିଲା ଆଗ୍ନେୟ ଆହ୍ୱାନେ,
କାଁପିଲା ନିଖିଳ ଜନ, ବନ, ଗିରି, ନଦୀ ବ୍ରତତାନେ ।
ତୁମରି ଉଦାତ୍ତ ସ୍ୱର ଢାଳି ଦେଲା ବିଦ୍ରୋହର ବହ୍ନି,
ନିମିଷକେ ନାଶିଲା ଜଡ଼ତା,
ଏ ଜାତିର ପ୍ରତି ପ୍ରାଣେ ଦେଲା ନୂଆ ମନ୍ତ୍ର, ମହାଦୀକ୍ଷା ।

କାନେ କାନେ କହିଗଲ ଆମେ ନୋହୁ ଭୀରୁ, କାପୁରୁଷ,
ଅହିଂସାର ଅସ୍ତ୍ରବଳେ ବଳିୟାନ ଅଛି
ହିଂସାର ବିନାଶ ଲାଗି ଉଦ୍ଧତ ଏ ଆହତ ପୌରୁଷ ।

ହେ ମହାତ୍ମା,
ଭାରତର ଭାଗ୍ୟ-ରବି, କୋଟି କୋଟି ଦଳିତର ଆତ୍ମା,
ତୁମେ ଥିଲ ଏ ବିଶ୍ୱ-ଆଲୋକ,
ସତ୍ୟର ସାଧକ,
ଦୀନ, ଦୁଃଖୀ, ଶୋଷିତର ଜୀବନ୍ତ ଈଶ୍ୱର,
ହେ ସନ୍ନ୍ୟାସୀ ସାବରମତୀର,
କରିବାକୁ ଦୂର
ଦୈନ୍ୟ, ଅତ୍ୟାଚାର,
ପଲ୍ଲୀ, ବସ୍ତି ଆବର୍ଜନା ହେଲା ତୁମ ଗବେଷଣାଗାର ।

ତୁମେ ଥିଲ ପତିତର ସେବକ ଓ ସଖା,
ତୁମେ ଥିଲ ଅନ୍ଧାରରେ ଆଲୋକର ଶିଖା,
ତୁମେ ଥିଲ କାଙ୍ଗାଳର ଅଙ୍ଗ ଏକ
ସର୍ବହରା ଜନତାର ସାଥୀ ଓ ସହକ,
ଶିଶୁର ପ୍ରାଣ-ସଙ୍ଗୀତ, କରୁଣାର ପ୍ରତିମୂର୍ତ୍ତି, ଜୀବନର ସ୍ୱପ୍ନ ସଙ୍ଗୀତର ।
ଏକ ହାତେ ଅଭ୍ୟୁଦୟ, ଆନ ହାତେ ଓଲଟାଇ ଇତିହାସ ପୃଷ୍ଠା,
ହେ ଜନତା-ନେତା,
ଆମକୁ ଶିଖାଇଲ ତ୍ୟାଗ, ବ୍ରତ, ଶ୍ରମ, କର୍ମନିଷ୍ଠା ।
ଆମ ପାଖେ ଥୋଇଗଲ ମାନବିକତାର ମହାବାଣୀ,
ଅନ୍ତରର ପ୍ରେମ ଓ ଶୁଦ୍ଧତା ।

ରକ୍ତ ମାଂସ ଶରୀରରୁ କରିଥିଲ ଆତ୍ମାର ସନ୍ଧାନ,
ଦୂର କଲ ଉଚ୍ଚ-ନୀଚ, ସହର ଓ ଗ୍ରାମ ବ୍ୟବଧାନ,
ଧନୀ-ମାନୀ, ଦୀନ, ଦୁଃଖୀ ସମସ୍ତେ ସମାନ,
ତୁମ ନେତ୍ରେ ଅମୃତ-ସନ୍ତାନ ।

ଏ ଯୁଗର ଯାଦୁକର, ଜଗତର ବିଜ୍ଞାନୀ ନିପୁଣ,
ବିଶ୍ୱର କଲ୍ୟାଣ ଆଶେ ଉତ୍ସର୍ଗିତ ତୁମ ମନ, ପ୍ରାଣ ।
ମାନବର ମୁକ୍ତି ଥିଲା ତୁମ ମନୋରଥ,
ସେ ମଣିଷ ହାତେ ପୁଣି ହସି ହସି କଲ ପ୍ରାଣପାତ ।

ତୁମେ ବୁଦ୍ଧ, ତୁମେ କୃଷ୍ଣ, ତୁମେ ଚିରନ୍ତନ,
ହେ ଯୋଗୀ ମହାନ,
ଯୁଗେ ଯୁଗେ ଏ ମଣିଷ ଗାଉଥିବ ତୁମ ଜୟ ଗାନ ।
ଶୂନ୍ୟତାର ସୀମା ସମ ନାହିଁ ତୁମ ଦାନର କଳନା,
ହେ ବାପୁଜୀ, ତୁମେ ବିନା ତୁମରି ତୁଳନା ।

ତୁମରି ବିହୁନେ ଆଜି ଶୂନ୍ୟ ଭୂମି, ଶୂନ୍ୟ ଏ ହୃଦୟ,
ଅନିଶ୍ଚିତ ଅନ୍ଧକାରେ ଏ ସମାଜ ଖୋଜେ ବରାଭୟ,
ଖୋଜେ ସତ୍ୟ, ଆଲୋକର ପଥ,
ମିଥ୍ୟାସ୍ତୁରେ ପୂରିଛି ତ ସାରା ଏ ଜଗତ ।

ଏବେ ବି ଜୁଟିନି ପ୍ରାଣେ ମୋହ, ମାୟା, ସ୍ୱାର୍ଥ, ଅହମିକା,
ସତ୍ୟ, ଶାନ୍ତି, ଅହିଂସା ତ ଇତିହାସେ ହେଲା|ଖାଲି|ଲେଖା ।
ଲୁଚି ଯାଏ ତୁମ ନୀତି, ତ୍ୟାଗ, ଆଦର୍ଶ,
ଏ ମଣିଷ ଲୋଡ଼େ ଅହର୍ନିଶ,
ଦୁରନ୍ତ କାମନା ଆଉ ଅନନ୍ତ ବିଳାସ ।

ତୁମ ନାମ ଧରି ଆମେ ଲଙ୍ଘି ଖାଲୁ ଦୁସ୍ତର ଏ ପାପ–ପାରାବାର,
ସୁଜଳା–ସୁଫଳା ଏଇ ଭୂମି ପରେ ଶୁଭେ ଖାଲି ହା ଅନ୍ନର କରୁଣ ଚିତ୍କାର

ଘୃଣିଆଡ଼େ ରକ୍ତପାତ, ହିଂସା, ଦ୍ୱେଷ, ସଂଶୟ, ସଂଘାତ,
ହେ ଜାତି ଜନକ,
ଏଇ ତୁମ ରାମ ରାଜ୍ୟ, ସ୍ୱପ୍ନର ଭାରତ ??

ଆଜି ପୁଣି ବହୁ ବର୍ଷ ପରେ,
ଏ ବିଶ୍ୱ–ମାନବ ଝୁରେ, ତୁମକୁ ତ ଡାକେ ଆର୍ତ୍ତସ୍ୱରେ ।
ଏ ଜାତିର ମୁକ୍ତି ପାଇଁ,
ଶାନ୍ତି ଆଉ ଶକ୍ତି ପାଇଁ,
ଆଉ ଥରେ ନିଅ ଅବତାର,
ଉଲଗ୍ନ ଫକୀର,
ନିତ୍ୟ ଗତିଶୀଳ,
ହେ ବାପୁଜୀ, ତୁମକୁ ମୋ କୋଟି ନମସ୍କାର ।

(କଟକ ଆକାଶବାଣୀ ସୌଜନ୍ୟରୁ)



ବେଜିଂଠାରେ ଅନୁଷ୍ଠିତ ବିଶ୍ୱ ମହିଳା ସମ୍ମିଳନୀ ଅବସରରେ ଜାତୀୟ ମହିଳା କମିଶନ୍‌ର ପୂର୍ବତନ ଅଧ୍ୟକ୍ଷା ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକ ସାଧାରଣ ସମ୍ପାଦିକା ଗେରଟ୍ରେକ୍ ମୋଙ୍ଗେଲାଙ୍କ ସହିତ ଆଲୋଚନା କରୁଛନ୍ତି ।

# ଆଧୁନିକ ଓଡ଼ିଆ ସାହିତ୍ୟ ଓ କବିବର ରାଧାନାଥ

କୁମାରୀ ଉଷାରାଣୀ ଜେନା

ଆଧୁନିକ ଯୁଗର ଓଡ଼ିଆ ସାହିତ୍ୟର ଆଦ୍ୟ ସ୍ରଷ୍ଟା, ଆଧୁନିକ ସ୍ୱର ଓ ସାଧନାର ପ୍ରଥମ ବୈତାଳିକ କବିବର ରାଧାନାଥଙ୍କର କାବ୍ୟ ସମୂହ କେବଳ ସୃଷ୍ଟି ନୁହେଁ, ଅନବଦ୍ୟ ସଂସୃଷ୍ଟି । ସମସାମୟିକ ବହୁ ସମାଲୋଚନା ସତ୍ତ୍ୱେ କାଳର ପାଷାଣ ବକ୍ଷରେ ସେ ଯେଉଁ ପ୍ରତିଲେଖ ଅଙ୍କନ କରି ଯାଇଛନ୍ତି ତାହା ଯୁଗ ଯୁଗ ପାଇଁ କାଳବକ୍ଷ ବିଦୀର୍ଣ୍ଣ କରି ଚିର ଭାସ୍ୱର ହୋଇ ଉଠିବ, ଏଥିରେ ତିଳେ ହେଲେ ସନ୍ଦେହର ଅବକାଶ ନାହିଁ ।

ଆଧୁନିକ ଓଡ଼ିଆ ସାହିତ୍ୟ କହିଲା ବେଳେ ସ୍ୱତଃ ମନକୁ ବିଭିନ୍ନ ପ୍ରଶ୍ନ ଆସେ । ଆଧୁନିକତା କ'ଣ ? ଆଧୁନିକ ଯୁଗ ଓଡ଼ିଆ ସାହିତ୍ୟରେ କିପରି ଆସିଲା ଇତ୍ୟାଦି । ତେବେ ଏତିକି କୁହାଯାଇପାରେ ପାଶ୍ଚାତ୍ୟ ଶିକ୍ଷା ଓ ସଭ୍ୟତାର ସମ୍ପର୍କରୁ ଓଡ଼ିଆ ସାହିତ୍ୟରେ ଆଧୁନିକତାର ଅଭ୍ୟୁଦୟ ଘଟିଲା । ୧୮୦୩ ଖ୍ରୀଷ୍ଟାବ୍ଦରେ ଇଂରେଜମାନଙ୍କ ଅଧୀନକୁ ଓଡ଼ିଶୀ ଆସିବା ପରେ ଧୀରେ ଧୀରେ ଇଂରେଜମାନେ ସେମାନଙ୍କ ଶିକ୍ଷା, ଦୀକ୍ଷା, ଧର୍ମ, ସଭ୍ୟତା, ଆଚାର, ବ୍ୟବହାର ଏ ଦେଶରେ ପ୍ରବର୍ତ୍ତନ କରିବାକୁ ଲାଗିଲେ ଓ ସେମାନେ ପ୍ରାଚୀନ ସାହିତ୍ୟର ଗତାନୁଗତିକତାକୁ ଭୁଲି ଆଧୁନିକତାକୁ ବରଣ କଲେ । ଅତଏବ ଓଡ଼ିଆ ସାହିତ୍ୟର ଆଧୁନିକ ଯୁଗର ସୃଷ୍ଟି ପ୍ରାଚ୍ୟ ଓ ପାଶ୍ଚାତ୍ୟ ସଂଘର୍ଷରୁ ଘଟିଛି ବୋଲି କୁହାଯାଏ । ଏହି ସଂଘର୍ଷ କାଳକ୍ରମେ ଦେଶର ସମାଜ, ଧର୍ମ-ଧାରଣା ସର୍ବୋପରି ସାହିତ୍ୟ କ୍ଷେତ୍ରରେ ଏକ ଅଭୂତପୂର୍ବ ପରିବର୍ତ୍ତନ ଆଣିଥିଲା ।

ରାଧାନାଥଙ୍କ କାବ୍ୟ ସାହିତ୍ୟ ଏକ ଅର୍ଥରେ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଚିନ୍ତା ସଂଘର୍ଷରୁ ଜାତ ହୋଇଅଛି । ଆଧୁନିକ ଶିକ୍ଷା ସହ ଏ ଦେଶର ଯୁଗ ରୁଚିକୁ ମିଶାଇ କବିର ପ୍ରଚଣ୍ଡ ପ୍ରତିଭା ସ୍ପର୍ଶରେ ଏକ ନୂତନ କାବ୍ୟ ଚେତନା ସୃଷ୍ଟି କରିବାର ବିରଳ ଜନ ଗୌରବ ଆଧୁନିକ ଯୁଗ ଆରମ୍ଭରେ କେବଳ କବି ରାଧାନାଥଙ୍କର ହିଁ ପ୍ରାପ୍ୟ । ପାଶ୍ଚାତ୍ୟ ସଭ୍ୟତା ଓ ସାହିତ୍ୟର ଗର୍ଭରୁ ଉତ୍ତମ ରୂପେ ବସ୍ତୁ ସଂଗ୍ରହ କରି, କବି ଏ ଦେଶର ଲୋକଙ୍କ ପାଇଁ ଦେଶୀୟ ଆଧାରରେ ଯେଉଁ କାବ୍ୟ ମନ୍ଦିର ନିର୍ମାଣ କଲେ, ତାହା ଯଥାର୍ଥରେ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଚିନ୍ତା ସଂଘର୍ଷର ଏକ ମଧୁମୟ ସମନ୍ୱୟ ।

କବିଙ୍କ "କେଦାରଗୌରୀ", "ଚନ୍ଦ୍ରଭାଗା", "ନନ୍ଦିକେଶ୍ୱରୀ", "ଉଷା", "ପାର୍ବତୀ", "ଚିଲିକା", "ମହାଯାତ୍ରା" ଓ "ଦରବାର" ପ୍ରଭୃତିକ ଗୋଟିଏ ଗୋଟିଏ ଅନୁପମ ସୃଷ୍ଟି ପରମ୍ପରା ନିଗଡ଼କୁ ଭାଙ୍ଗି ପାରମ୍ପାରିକ କାବ୍ୟ ସୌଧ ଉପରେ ସେ ଗଢ଼ି ତୋଳିଛନ୍ତି ଆଧୁନିକତାର ଗଗନଚୁମ୍ବୀ ନବ ଅଟ୍ଟାଳିକା, ସୌନ୍ଦର୍ଯ୍ୟ ଶୃଙ୍ଖଳା କୋଣାର୍କ । କବି ସମ୍ରାଟ ଉପେନ୍ଦ୍ରଭଞ୍ଜ, ଲାବଣ୍ୟବତୀର ସୁବର୍ଣ୍ଣ ବର୍ଣ୍ଣନାରେ ଯେପରି ନିଜ ପ୍ରତିଭାର ପରିସ୍ଫୁଟନ କରିଛନ୍ତି, କବିବର ରାଧାନାଥ ମଧ କେଦାରଗୌରୀ ବର୍ଣ୍ଣନାରେ ନିଜ ପ୍ରତିଭାର ବିକଶିତ କରିଛନ୍ତି । ବାସ୍ତବିକ୍ ରାଧାନାଥ ସୌନ୍ଦର୍ଯ୍ୟ ବର୍ଣ୍ଣନାରେ ସେହି ପ୍ରାଚୀନ କାବ୍ୟକୁ ଗ୍ରହଣ କରିଛନ୍ତି ସତ ହେଲେ ତା'ମଧ୍ୟରେ ଦେଇଛନ୍ତି ଆଧୁନିକତାର ସ୍ପର୍ଶ । ଓଡ଼ିଆ ଭାଷା ସାହିତ୍ୟକୁ ଆଲୋକିତ କରି ସେ ହୋଇଛନ୍ତି ଆଧୁନିକ କାବ୍ୟ କୁଞ୍ଜର ବାର୍ତ୍ତାବହ । ତାଙ୍କ ସୃଷ୍ଟିର ଶେଷ ନାହିଁ । ସୃଷ୍ଟିର ପ୍ରାଚୀନତା ନାହିଁ । ସୃଷ୍ଟିର ସୌନ୍ଦର୍ଯ୍ୟ ଦେଶ, କାଳପାତ୍ର ଅତିକ୍ରମ କରି ଅନନ୍ୟ ସାଧନାର ଯୁଗାନ୍ତକାରୀ ଅମ୍ଳାନ ଶାଶ୍ୱତ ଚିରନ୍ତନ ହୋଇ ଉଠିଛି । ଯଥା—

"ସୁନ୍ଦର ତୃପ୍ତିର ଅବସାଦ ନାହିଁ  
ଯେତେ ଦେଖୁଥିଲେ ନୂଆ ଦିଶୁଥାଇ ।"

ସାହିତ୍ୟର ସମସ୍ତ ବିଭବ ରାଧାନାଥଙ୍କ କାବ୍ୟ ସାହିତ୍ୟରେ ଦେଖାଯାଏ । ରାଧାନାଥଙ୍କ କାବ୍ୟ ପ୍ରତିଭା ସର୍ବଦା ନୂତନତାର ସନ୍ଧାନ କରିଛି । ଏ ଦେଶର ସବୁ କାବ୍ୟ ମିଳନାନ୍ତକ ଥିବା ବେଳେ ରାଧାନାଥଙ୍କ ସବୁ କାବ୍ୟ ବିୟୋଗାନ୍ତକ । କେଦାର ଓ ଗୌରୀର ପ୍ରେମ, ଋଷିକନ୍ୟା ଚନ୍ଦ୍ରଭାଗା ପଛରେ ସୂର୍ଯ୍ୟ ଦେବତାଙ୍କ ଅନୁଧାବନ ଶତ୍ରୁପକ୍ଷୀୟ ସେନାପତିଙ୍କଠାରେ ରାଜା ବାଳା ନନ୍ଦିକାଙ୍କର ପ୍ରେମ ନିବେଦନ, ପ୍ରତ୍ୟାଖ୍ୟାନ ଓ ପିତାଙ୍କ ଜୈବମଣି ହରଣ, ଉଷାର ଦୌଡ଼ ପ୍ରତିଯୋଗିତା ଶେଷରେ ଉଭୟ ଉଷା ଓ ଜୟନ୍ତଙ୍କ ମୃତ୍ୟୁ, ଗଙ୍ଗେଶ୍ୱର ଦେବ ନିଜ କନ୍ୟା ସହିତ, ଅସାମାଜିକ, ନୀତିଗ୍ରହିତ ବୀଭତ୍ସ ପ୍ରେମାସକ୍ତ, ପାର୍ବତୀଙ୍କ ପତିହତ୍ୟା ରାଧାନାଥଙ୍କ ପ୍ରତିଭା ଓ କାବ୍ୟ କଳାକୌଶଳ ସାହିତ୍ୟର ନୂତନତା ଆନୟନର ଏକ ବଳିଷ୍ଠ ପଦକ୍ଷେପ ପରି ମନେହୁଏ ।

ରାଧାନାଥ ଥିଲେ କଳାର ପୂଜାରୀ, ସୌନ୍ଦର୍ଯ୍ୟର ଉପାସକ । କାବ୍ୟର ସୌନ୍ଦର୍ଯ୍ୟର ଅଭିନବତ୍ୱ ଓ କଳାର ଦିଗନ୍ତକୁ ଉଦ୍‌ଘାଟିତ କରିବା ପାଇଁ ସେ ସର୍ବଦା ଚେଷ୍ଟିତ । ସେଦିନ ସୌନ୍ଦର୍ଯ୍ୟ ରୂପ ପ୍ରାଣ କବି ଚିଲିକାର କଳ କଲ୍ଲୋଳ ନୀଳ ଜଳରାଶି ଉପରେ କଲ୍ଲୋଳିତ ତରଙ୍ଗ ମାଳା, ସନ୍ତରଣ କ୍ଷମ ବିହଙ୍ଗ ଓ ହଂସ ହଂସରାଜୀ ନିତି ଦୂରରେ ନୌବାହୀମାନଙ୍କ ମଧୁର ସଙ୍ଗୀତର ମୂର୍ଚ୍ଛନା, ଉଦୟ ଅସ୍ତ କାଳୀନ ସୂର୍ଯ୍ୟର ଆଭା ସମସ୍ତ ଯେପରି କବିଙ୍କ ସୌନ୍ଦର୍ଯ୍ୟ ପ୍ରତିଭାର ପରିତୃପ୍ତି ଆଣିଦେଇ ଥିଲା । କେବଳ ଚିଲିକା ଯେ କବିଙ୍କ ହୃଦୟରେ ଆସର ଜମାଇ ଦେଇଛି ତାହା ନୁହେଁ,

ଉଷାର ସୌନ୍ଦର୍ଯ୍ୟ ବର୍ଣ୍ଣନାରେ କବି ଜଣେ ଦକ୍ଷ, ନିପୁଣ, ସୌନ୍ଦର୍ଯ୍ୟଗ୍ରାହୀର ପାରାକାଷ୍ଠା ପ୍ରଦାନ କରି ଯାଇଛନ୍ତି ।

"ଏମନେ ଯଥାକାଳେ ଛୁଇଁଲା ଛଇଳା ଯଉବନ ସୀମା
ଉପମା ସୃଷ୍ଟିକୁ ବଢ଼ାଇ ଦେଲା ତା' ରୂପ ଗରିମା ।"

ଉଷାର ସୌନ୍ଦର୍ଯ୍ୟ କବି ପ୍ରାଣରେ ପୁଲକ ଭରି ଦେଇଛି । ଯୁଗେ ଯୁଗେ ସୃଷ୍ଟିର ଉପମାନକୁ ଉଷାର କାନ୍ତି ରମ୍ୟତା ନିନ୍ଦା କରିଛି । ସତେ ଯେପରି ମଧ୍ୟଯୁଗୀୟ ସାହିତ୍ୟର ରୂପ ବର୍ଣ୍ଣନା ଭଞ୍ଜ ସାହିତ୍ୟର ନାରୀ ବର୍ଣ୍ଣନାଠାରୁ ବହୁ ଗୁଣରେ ଅତିକ୍ରମି ଯାଇଛନ୍ତି ରାଧାନାଥ । ତାଙ୍କର "ପାର୍ବତୀ" ଓ "ଯଯାତିକେଶରୀ" କାବ୍ୟଭଙ୍ଗୀ ପାଠ କଲେ ଜଣାଯାଏ ସେ ଭଞ୍ଜଭଙ୍ଗୀ ପରିହାର କରିଛନ୍ତି । "ଚନ୍ଦ୍ରଭାଗା" କାବ୍ୟର ବର୍ଣ୍ଣନା ଅତି ଚମତ୍କାର ହୋଇଛି । ଚନ୍ଦ୍ରଭାଗା ମାନବୀ ନୁହେଁ । କିମ୍ବା ଦେବୀ ନୁହେଁ । ମାତ୍ର ଯେତେବେଳେ ତା'ଦେହରେ ଯୌବନର ପ୍ରଥମ ମଧୁମଳୟର ସ୍ପର୍ଶ ବାଜିଲା ସେତେବେଳେ କବି ବିମୁଗ୍ଧରେ ଗାଇଛନ୍ତି–

"ଶୋଭା ସେ ଲଭିଲା ଅପ୍‌ସରି ଦିବ୍ୟ ଶୋଭାକୁ ବଳି
ଫୁଟିଲା ଲାବଣ୍ୟ ସରସେ ନବ କୁସୁମ କଳି ।"

ଚନ୍ଦ୍ରଭାଗା

ସ୍ୱର୍ଗ, ମର୍ତ୍ତ୍ୟ, ପାତାଳର ସମନ୍ୱୟରେ ମିଳିତ ସୃଷ୍ଟିର ନାରୀ ଚନ୍ଦ୍ରଭାଗା ତା'ର ଅନବଦ୍ୟ ଦେଦିପ୍ୟମାନ ଅନିନ୍ଦ୍ୟ ରୂପାଗ୍ନିରେ ଲକ୍ଷ ପ୍ରାଣ ରୂପୀ ପତଙ୍ଗକୁ ଜାଳି ଦେବା ପାଇଁ ଜନ୍ମ ନେଇଛି । ଅସଜାଳ ବେଶଭୂଷାରେ ଫିଟି ପଡ଼ିଥିବା ଚୂର୍ଣ୍ଣ କୁନ୍ତଳ ବିଦିର୍ଣ୍ଣ ବେଳାଭୂମିରେ କୀଡ଼ାରତା ଚନ୍ଦ୍ରଭାଗାର ରୂପ ବର୍ଣ୍ଣନା ଉଲ୍ଲାସକ, ସୌନ୍ଦର୍ଯ୍ୟ ମଦମତ୍ତ ଅଧୀରା ବିହ୍ୱଳିନୀ, କୁମୁଦ ହାସିନୀ କାମିନି ସେ ଚନ୍ଦ୍ରଭାଗା । ଏତିକିରେ କବି ପ୍ରାଣ ତୃପ୍ତି ଲାଭ କରି ନାହିଁ । ପୁଣି ସେ ଚନ୍ଦ୍ରଭାଗା ସୌନ୍ଦର୍ଯ୍ୟରେ ବିହ୍ୱଳ ହୋଇ ଗାଇଛନ୍ତି :–

"କାମ କାଳ କୂଟ କାଳିମା ଭ୍ରୂ ଯୁଗଳ ଧରେ
ପ୍ରବାଳ ଲତାକି ଅଧର ଆହା ରୂପ ସାଗରେ ।"

କବିଙ୍କର ସୃଷ୍ଟି ବୈଚିତ୍ର୍ୟ ମଧରେ କରୁଣ ରସର ବିଚିତ୍ର ଏକ ନୂତନ କାବ୍ୟଧାରା ସୃଷ୍ଟି କରିଛି । "କେଦାରଗୌରୀ", "ଉଷା", "ଚନ୍ଦ୍ରଭାଗା"ଠାରୁ "ପାର୍ବତୀ", "ମହାଯାତ୍ରା" ପର୍ଯ୍ୟନ୍ତ ସର୍ବତ୍ର କରୁଣ ରସ ପ୍ରତିଫଳିତ । କରୁଣ ରସର ମୂର୍ଚ୍ଛନାରେ କାବ୍ୟ ସଂସାର ଅନୁରଣିତ । ରାଧାନାଥ ଯେ ମୂଳତଃ ମର୍ମସ୍ପର୍ଶୀ ବିଷାଦ ସଙ୍ଗୀତର ଗାୟକ ଏହା ତାଙ୍କ ରଚିତ ସମସ୍ତ କାବ୍ୟ ପ୍ରମାଣିତ କରେ । ଦୁଃଖବାଦୀ କବିଙ୍କର ବିକଳ ଚିତ୍ର ପାଠକକୁ କରୁଣ ରସର ମଧୁର ମୂର୍ଚ୍ଛନାରେ ମୂର୍ଚ୍ଛିତ ଓ ବିମୋହିତ କରେ । ଯଥା–

"ଧିକ ସେ ସଂସାର ! ପ୍ରବଳର ଯହିଁ ସବୁ କଥାରେ ସୁଯୋଗ
ଦୁର୍ବଳର ଯହିଁ ଲଲାଟ ଲିଖନ ନୀରବେ ଲାଞ୍ଛନା ଭୋଗ ।"

ପ୍ରକୃତିର ରୂପକାର କବି ରାଧାନାଥ ପ୍ରକୃତି ଚିତ୍ରଣର ଅଭିନବତ୍ୱ ପ୍ରକାଶ କରିଅଛନ୍ତି । କେଉଁ ଏକ ଅନାଦି କାଳରୁ ଆଶ୍ରମର ଶୁଷ୍କ, ନୀରସ ମୁନିକନ୍ୟା ଭଳି ଜୀବନ ଯାପନ କରୁଥିବା ନଦ, ନଦୀ ପାହାଡ଼ ପର୍ବତ ତାଙ୍କ ଆଖିରେ ଠିକ୍ ସେପରି ନୁହେଁ ଓଡ଼ିଶାର ସ୍ୱପ୍ନକଳା, ବିଭବଶାଳୀ ପ୍ରକୃତି କେଉଁ ଅନାଦି ଯୁଗରୁ ଅପେକ୍ଷା କରିଥିଲା ତା'ର ହିସାବ ନାହିଁ । ସେହି ଚିର ବଞ୍ଚିତ ପ୍ରକୃତି ରାଧାନାଥଙ୍କ ମୁହଁରେ ଦେଇଥିଲା ଭାଷା ଅଧରରେ ସ୍ୱାଦ । ସର୍ବୋପରି ତାଙ୍କର ସରୁ ବିନ୍ଧାଣୀ ହାତରେ ଧରାଇ ଦେଇଥିଲା ଲେଖନୀ । ପ୍ରକୃତରେ ଓଡ଼ିଶାର ସ୍ୱପ୍ନ ପ୍ରକୃତି ତାଙ୍କୁ ଶକ୍ତି ସାମର୍ଥ୍ୟ ସୌନ୍ଦର୍ଯ୍ୟ ଯୋଗାଇ ଦେଇଥିଲା । ସତେ ଯେପରି ଉତ୍କଳର ପ୍ରକୃତି ଜଡ଼ ନୁହେଁ, ମୌନ ନୁହେଁ କିମ୍ବା ସ୍ଥାଣୁ ନୁହେଁ । ତାଙ୍କର ଜୀବନ, ସ୍ପନ୍ଦନ, ବ୍ୟଥା, ବେଦନା ସବୁ କିଛି ଅଛି । ସର୍ବୋପରି ଅତୀତ, ବର୍ତ୍ତମାନ, ଭବିଷ୍ୟତ ମଧ୍ୟ ରହିଛି । ରାଧାନାଥ ବିଭିନ୍ନ କାବ୍ୟରେ ପ୍ରକୃତି ଚିତ୍ରଣର ଯେଉଁ ପ୍ରାଣସ୍ପର୍ଶୀ ବର୍ଣ୍ଣନା ଦେଇଛନ୍ତି ତାହା ପ୍ରଣିଧାନ ଯୋଗ୍ୟ । ରାଧାନାଥଙ୍କ ପୂର୍ବରୁ ପାଶ୍ଚାତ୍ୟ କବିମାନେ ଯେପରି ପ୍ରକୃତିକୁ ପ୍ରାଣବନ୍ତ ରସବନ୍ତ ବଳିଷ୍ଠ ପ୍ରାଣ ପ୍ରାଚୁର୍ଯ୍ୟରେ ନିମଣ୍ଡିତ କରି ଯାଇଛନ୍ତି, ଠିକ୍ ସେହି ପରି ଭାବରେ କବିବର ରାଧାନାଥ ରାୟ ନିସର୍ଗ ପଲ୍ଲୀ ପ୍ରକୃତିର ଭରିଦେଇଛନ୍ତି ସୌନ୍ଦର୍ଯ୍ୟର ଅପରୂପ ରୁଚି । ସତେଯେପରି ରାଧାନାଥ ହେଉଛନ୍ତି ନିସର୍ଗ ସୁଷମା, ଓ ପ୍ରକୃତିର ଏକ ଅଦ୍ୱିତୀୟ ଚିରନ୍ତନ ସ୍ରଷ୍ଟା । ସେ ପ୍ରକୃତିକୁ ଭଲପାଇଛନ୍ତି ହୃଦ, ମନ, ପ୍ରାଣ ତଥା ଜୀବନର ସୌହାର୍ଦ୍ଦ୍ୟ ଦେଇ । ତାଙ୍କ ଲେଖନୀର ବର୍ଣ୍ଣନାରେ ଅଛି ମାଟି, ପାଣି, ପବନ, ପାହାଡ଼ ଓ ପର୍ବତର ଅପରୂପ ଶୋଭା ସମ୍ଭାର ।

ଜାତୀୟତା ବୋଧ କବିଙ୍କ ମୌଳିକତାର ପରିଚୟ ଦିଏ ତାଙ୍କ କାବ୍ୟଗୁଡ଼ିକରେ ଅଭିଯାତ ବଂଶର ନାୟକ ନାୟିକା ସ୍ଥାନ ପାଇଥିଲେ ହେଁ ଉତ୍କଳ ରାଜନନ୍ଦିନୀ ନନ୍ଦିକାଙ୍କ ମୁହଁରେ ସ୍ୱାଧୀନତାର ଯେଉଁ ମନ୍ଦ୍ର ଗମ୍ଭୀର ବାଣୀ ଶୁଣାଇ ଥିଲେ ତାହା ଥିଲା ଏ ଦେଶର ପାଣି ପାଗରେ ସମ୍ପୂର୍ଣ୍ଣ ଅଭିନବ କାବ୍ୟୋକ୍ତି ଏହିପରି ଯଥା–

"ସୁତାରେ ପିତାଙ୍କ ପୂର୍ଣ୍ଣ ଅଧିକାର
ଭଣେ ଯେଉଁ ଶାସ୍ତ୍ର ତା'କୁ ନମସ୍କାର ।"

ଆଧୁନିକ ଯୁଗର ପ୍ରାଣ ସ୍ପନ୍ଦନ ସମାଜ ସଚେତନତା ରାଧାନାଥଙ୍କ ସାହିତ୍ୟରେ ହିଁ ପ୍ରଥମେ ଲକ୍ଷ୍ୟ କରାଯାଇ ପାରେ । ଏ ଦିଗରେ "ଦରବାର" ଏକ ଅତୁଳନୀୟ କାବ୍ୟ ସୃଷ୍ଟି । ଯାହା ରଙ୍ଗ ଓ ବ୍ୟଙ୍ଗ ବିଦ୍ରୂପ ଜରିଆରେ ସମାଜର ବହୁ ଦିଗକୁ ସମାଲୋଚିତ କରିଛନ୍ତି । ସେ କାଳର ଇଂରେଜ ଶାସନର ଗାଡ଼ୀ ପ୍ରତିକ୍ରିୟା ଯେଉଁ ଅଧୋଗତି ସୃଷ୍ଟି କରିଥିଲା ତାହାକୁ ସଂସ୍କାର କରିବା ପାଇଁ କବି ଲେଖନୀ ତତ୍ପର ହୋଇ ଉଠିଥିଲା ମାନବିକତାର ଅଭାବରେ ରୁଗ୍‌ଣ ଉତ୍କଳ ସମାଜକୁ ସେ ଚେତାବନୀ ଶୁଣାଇଛନ୍ତି ।

କବିଙ୍କ ମହାଯାତ୍ରା ମହାକାବ୍ୟ ଆଧୁନିକ ଯୁଗର ପୁରୋଭାଗରେ ଏକ ସଫଳ କାବ୍ୟକୃତି ରୂପେ ଦଣ୍ଡାୟମାନ । ଏହାର ଅମିତ୍ରାକ୍ଷର ଛନ୍ଦ ରାଧାନାଥଙ୍କର ଉତ୍କଳ ବାଣୀପିଠରେ ଏକ ଗମ୍ଭୀର ନିର୍ଘୋଷ ଓ ବୈପ୍ଳବିକ ଚେତାବନୀ । ମହାଯାତ୍ରା ମହାକାବ୍ୟ ସୃଷ୍ଟିରେ କବିଙ୍କ ମୌଳିକ କବିକଳ୍ପନାର ନୂତନ ସ୍ୱର ଝଙ୍କାର ଭରିଦେଇ ପ୍ରାଚ୍ୟ ପାଶ୍ଚାତ୍ୟ ଚିନ୍ତା ସଂଘର୍ଷରେ ଯେଉଁ ନୂତନ ଅର୍ଘ୍ୟ ଦାନ କରିଛନ୍ତି

ଙ୍କର ଶ୍ରେଷ୍ଠ ଓ ସଫଳ ପରିପ୍ରକାଶ ହେଉଛି ମହାଯାତ୍ରା । ଜାତୀୟ ଅଧଃପତନର ଚିତ୍ର ପ୍ରଦାନ ହେଉଛି "ମହାଯାତ୍ରା" ମୂଳ କଥା । ଏ ଦେଶର ପୁରାଣ ଓ ଇତିହାସରେ ବିଦେଶୀ ସାହିତ୍ୟର ପ୍ରଶସ୍ତି ସଞ୍ଚାର କରି ମହାଯାତ୍ରାର ଯେଉଁ କାବ୍ୟ କୀର୍ତ୍ତି ସୃଷ୍ଟି କରିଛନ୍ତି ତାହା ଯେପରି ଅଭିନବ ସେପରି ନୂମୌଳିକ ଦୃଷ୍ଟି ଭଙ୍ଗୀର ପରିଚାୟକ ।

ଆଧୁନିକ ସାହିତ୍ୟର ପ୍ରଧାନ ଅଙ୍ଗ ହେଲା ଗଦ୍ୟ । ରାଧାନାଥ ଆଧୁନିକ ଯୁଗର ବାର୍ତ୍ତାବହ ହିସାବରେ ଯେଉଁ କେତୋଟି ସ୍ୱଚ୍ଛ ଗଦ୍ୟ ରଚନା କରିଛନ୍ତି ତାହା ପ୍ରଣୀଧାନ ଯୋଗ୍ୟ । "ଇତାଲୀୟ ଯୁବା" ରଚନା କରି ଉପନ୍ୟାସ ସାହିତ୍ୟର ଭାଷା କାଳର ସନ୍ଧାନ ଦେଇଛନ୍ତି । ରାଧାନାଥ ମୌଳିକ ଓଡ଼ିଆ ଭାଷା ଓ ସାହିତ୍ୟ ଉପରେ ପ୍ରାଧାନ୍ୟ ଦେଉ ଥିଲେ । ଏହା ବ୍ୟତୀତ "ବିବେକୀ", "ଭ୍ରମଣକାରୀର ପତ୍ର" ବାମଣ୍ଡା ଇତ୍ୟାଦି ରଚନା କରିଥିଲେ । ତାଙ୍କ ଗଦ୍ୟ ସମୂହ ସଂସ୍କୃତ ଦ୍ୱାରା ପ୍ରଭାବିତ ନ ହୋଇ, ସହଜ ସରଳ ସୁବୋଧ ଥିଲା । ତାଙ୍କ ଗଦ୍ୟ ଲେଖାର ଏକ ନିଜସ୍ୱ ବୈଶିଷ୍ଟ୍ୟ ଥିଲା । ଉଦାହରଣ ସ୍ୱରୂପ—"ଆମ୍ଭେମାନେ ଜିଇଲେ ଅନେକ ଲୋକର ସ୍ୱାର୍ଥସିଦ୍ଧି, ମଲେ ଅତି ଅଳ୍ପ ଲୋକର ସ୍ୱାର୍ଥହାନୀ ।xx xx ଅନେକ ନୀଚ ବ୍ୟକ୍ତି ଆପଣାକୁ ସେଥିରୁ ବଡ଼ କରି ମଣନ୍ତି ।" (ବିବେକୀ)

କବିବର ରାଧାନାଥ ଜୀବନର ଦୀର୍ଘ ୪୦ ବର୍ଷ ଧରି ଏ ଦେଶର ଶିକ୍ଷା ବିଭାଗ ସହ ସମ୍ପୃକ୍ତ ଥିଲେ । ପ୍ରଥମ ୮ ବର୍ଷ ସେ ଶିକ୍ଷକତା କରିବା ସଙ୍ଗେ ସଙ୍ଗେ ୩୨ ବର୍ଷ ଧରି ଶିକ୍ଷା ପରିଦର୍ଶକ ଭାବେ କାର୍ଯ୍ୟ କଲେ । ଏ ଦେଶର ଶିକ୍ଷା ବିଭାଗୀୟ ସର୍ବୋଚ୍ଚକର୍ତ୍ତା ହିସାବରେ ବିଭିନ୍ନ ସ୍ଥାନ ଭ୍ରମଣର ସୁଯୋଗ ପାଇଲେ ।

ବିପୁଳ କବି ପ୍ରତିଭା, ପାଣ୍ଡିତ୍ୟ ଓ ନାନା ସ୍ଥାନ ଭ୍ରମଣର ବାସ୍ତବ ଅଭିଜ୍ଞ ଅନୁଭୂତି କାବ୍ୟ କ୍ଷେତ୍ରରେ ନୂତନତା ସନ୍ଧାନ କରିବାର ବହୁ ସୁଯୋଗ ଦେଇଥିଲା । ମାତ୍ର ତାଙ୍କର ଅପାରମ୍ପରିକ ବିଷୟବସ୍ତୁ, ଅସାମାଜିକ, ବିଜାତୀୟ ଓ ଅନୈତିକ ପ୍ରେମ ଚିତ୍ରଣ ହେତୁ ତାଙ୍କୁ ବହୁ ଆଲୋଚନାର ଶରବ୍ୟ ହେବାକୁ ପଡ଼ିଲା । ଏହା ସାହିତ୍ୟ ପ୍ରତିଭା "ଇନ୍ଦ୍ରଧନୁ" ଓ "ବିଜୁଳି"ର ବାଦାନୁ ବାଦରେ ତୀବ୍ର ହୋଇ ଉଠିଲା ମାତ୍ର ଏହାଠାରୁ ସାହିତ୍ୟର ଏକ ନୂତନ ଦିଗ ସମାଲୋଚନା ସାହିତ୍ୟ ଜନ୍ମ ନେଲା ।

ବାସ୍ତବରେ କବିବର ରାଧାନାଥ ତାଙ୍କ ସବୁ ବିକ୍ଷଣୀ ଆକାଶର ଉର୍ଦ୍ଧ୍ୱସ୍ଥଳ ନିସର୍ଗିନୀ ଶୃଙ୍ଖଳା କରି ରୀତି ଯୁଗର ବୃତୀ ମନ୍ଦିରର ମୁଖା ଖୋଲି ଆଧୁନିକ କାବ୍ୟ ସୁନ୍ଦରୀକୁ ଏକ ଅଭିନବ ରୂପ କଣ୍ଠରେ ଅଭିନନ୍ଦିତ କରି ହୃଦୟାବେଗ ଉଚ୍ଛ୍ୱାସ ଦେଇ ଓଡ଼ିଆ ସାହିତ୍ୟ ସାରସ୍ୱତ କୁଞ୍ଜବନକୁ ଝଙ୍କୃତ କରି ଯାଇଛନ୍ତି । ପ୍ରେମିକ ରାଧାନାଥ ସେଦିନ ପଲ୍ଲୀ ପ୍ରକୃତିର ଓଢ଼ଣା ତଳୁ ପଲ୍ଲୀ ଲଳନାକୁ ଉନ୍ମୋଚନ କରି ନବ ଜୀବନର ବ୍ୟଥା, ବେଦନା, ହର୍ଷ, ବିଷାଦ, ସୁଖ, ସ୍ୱାଚ୍ଛନ୍ଦ୍ୟ ବିଜଡ଼ିତ ଜୀବନର ମାର୍ମିକ ଅଶ୍ରୁଳ ଦରଦୀ କାହାଣୀ କବି ତାଙ୍କ ସୃଷ୍ଟି ମାଧ୍ୟମରେ ଗାଇ ଉଠିଛନ୍ତି । ଚିରନ୍ତନୀ ପଲ୍ଲୀ ପ୍ରକୃତିର ବିପ୍ଳବିଣୀ, ସଂହାରିଣୀ ମୃତ୍ୟୁକୁ ହାସ୍ୟପଥ କଳକଲ୍ଲୋଳ ଉଚ୍ଛ୍ୱାସ ମଧ୍ୟରେ ଓ ପ୍ରକୃତିର ଆନନ୍ଦ ଲାସ୍ୟମୟୀ ରୂପ ଲାବଣ୍ୟର ଅଫୁରନ୍ତ ଶୋଭା ସୃଷ୍ଟି କରି ଆଧୁନିକ ସାହିତ୍ୟର ପୁଣ୍ୟ ପୃଷ୍ଠାକୁ ଦସ୍ତାବ୍ର କରିଯାଇଛନ୍ତି । ପୂତ ପବିତ୍ର ଉତ୍କଳର ଶୁଭ୍ରକଳା ଭାସ୍ୱର ଶିଳ୍ପୀ ପ୍ରାଣରେ ଏକ ଅଭିନବ ଚେତନା ସୃଷ୍ଟି କରି ସେ ହୋଇଛନ୍ତି ଚିର ଭାସ୍ୱର ।

ବାସ୍ତବିକ ଆଧୁନିକ ଓଡ଼ିଆ ସାହିତ୍ୟରେ ରାଧାନାଥ ହିଁ ଚିର ନମସ୍ୟ ଓ ପୂଜ୍ୟ ।

---

ସାଂ/ପୋ: ତେନ୍ତୁଳିପଦା,
ଜି: ଭଦ୍ରକ

■ ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ଐକ୍ୟ ପ୍ରତିଷ୍ଠା ଦିଗରେ ଭାରତର ଯେଉଁ ମହାନ୍ ଦାୟିତ୍ୱ ରହିଛି, ତାହା ଏ ଯାଏ ସମ୍ପୂର୍ଣ୍ଣ ହୋଇ ନାହିଁ, ବରଂ ଏହା ନୂତନ ଭାବେ ଆତ୍ମପ୍ରକାଶ କରିଛି । ସମଗ୍ର ବିଶ୍ୱପ୍ରତି ଏହାର ଏକ ମହାନ୍ ସନ୍ଦେଶ ରହିଛି ।

—ଦେଶବନ୍ଧୁ ଚିତ୍ତରଞ୍ଜନ ଦାସ

# ହରିଶଙ୍କର ଓ ନୃସିଂହନାଥ

**ଶ୍ରୀ ଦାଶରଥି ପାଢ଼ୀ**

ଆମ ଓଡ଼ିଶାରେ ଅନେକ ପ୍ରାକୃତିକ ଶୋଭା ସମ୍ଭାର ଭରି ରହିଛି । ସେହି ପ୍ରାକୃତିକ ଶୋଭା ସମ୍ଭାରକୁ ଉପଭୋଗ କରିବା ପାଇଁ ବହୁ ପର୍ଯ୍ୟଟକଙ୍କର ଭିଡ଼ ଓଡ଼ିଶାରେ ହୋଇଥାଏ । ତେଣୁ ଓଡ଼ିଶାକୁ ଆସୁଥିବା ଏହି ପର୍ଯ୍ୟଟକମାନଙ୍କୁ ସାଧାରଣତଃ ଧର୍ମ ସମ୍ବନ୍ଧୀୟ, କଳା ଭାସ୍କର୍ଯ୍ୟ, କ୍ରୀଡ଼ା, ବେଳାଭୂମି ତଥା ପ୍ରକୃତି ପ୍ରେମୀ ପର୍ଯ୍ୟଟକ ବୋଲି କହିଥାନ୍ତି । ଓଡ଼ିଶାର ପ୍ରାକୃତିକ ଶୋଭା ସମ୍ଭାର ପର୍ଯ୍ୟଟକମାନଙ୍କୁ ଏପରି ଭାବରେ ଆକୃଷ୍ଟ କରିଥାଏ ଯେ, ଏହି ପବିତ୍ର ଉତ୍କଳ ଭୂଇଁରେ ପ୍ରବାହିତ ଝରଣା, ଉଷ୍ଣ ପ୍ରସ୍ରବଣ ଓ ଜଳପ୍ରପାତ ନିକଟରେ ବର୍ଷର ପ୍ରାୟ ଅଧିକାଂଶ ସମୟରେ ନିଜର କର୍ମକ୍ଳାନ୍ତ ଜୀବନକୁ ସରସ ସୁନ୍ଦର କରିବା ପାଇଁ ସପରିବାର ପରିଭ୍ରମଣରେ ଆସିଥାଆନ୍ତି । ଆମ ବଲାଙ୍ଗୀର ଜିଲ୍ଲାର ପର୍ଯ୍ୟଟନସ୍ଥଳୀଗୁଡ଼ିକ ମଧ୍ୟରୁ ପ୍ରାକୃତିକ ଶୋଭା ସମ୍ଭାର ଭରା ପର୍ଯ୍ୟଟନ ପୀଠ "ହରିଶଙ୍କର" ଅନ୍ୟତମ । ଏହା ବଲାଙ୍ଗୀର ଜିଲ୍ଲାର ସଦର ମହକୁମାରୁ ୮୩ କି.ମି. ଦୂରରେ ପାଟଣାଗଡ଼ ସବ୍‌ଡିଭିଜନ୍ ବା ଉପଖଣ୍ଡରେ ଅବସ୍ଥିତ । ଏହି ପର୍ଯ୍ୟଟନ ପୀଠଟି ଗନ୍ଧମାର୍ଦ୍ଦନ ପର୍ବତ ଶ୍ରେଣୀର ପାଦଦେଶରେ ଅବସ୍ଥିତ ଏବଂ ଏହାର ଉତ୍ତର ପାର୍ଶ୍ୱରେ ବରଗଡ଼ ଜିଲ୍ଲାର "ନୃସିଂହ ନାଥ" ଅନ୍ୟଏକ ପର୍ଯ୍ୟଟନ ପୀଠ ଅବସ୍ଥିତ । ଏହି ପର୍ଯ୍ୟଟନ ପୀଠକୁ ବିଶେଷ କରି ଧର୍ମସମ୍ବନ୍ଧୀୟ ତଥା ପ୍ରକୃତି ପ୍ରେମୀ ପର୍ଯ୍ୟଟକମାନେ ଆକୃଷ୍ଟ ହୋଇ ଆସିଥାଆନ୍ତି ।

ଏକ ପରିସଂଖ୍ୟାନରୁ ଜଣାଯାଏ ଯେ, ଏହି ବୈଷ୍ଣବ ତଥା ଶୈବ ଧର୍ମର ପୀଠ "ହରିଶଙ୍କର" ପର୍ଯ୍ୟଟନ କେନ୍ଦ୍ରଟି ସମୁଦ୍ର ପତ୍ତନଠାରୁ ୩୭୦ ମିଟର ଉଚ୍ଚତାରେ ତଥା ୨୦°–୨୧° ଅକ୍ଷାଂଶ ଏବଂ ୮୨°–୮୩° ପୂର୍ବ ଦ୍ରାଘିମା ମଧ୍ୟରେ ଅବସ୍ଥିତ । ସାଧାରଣତଃ ଗ୍ରୀଷ୍ମଦିନରେ ଏହି ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୪୫-୫° ସେଲସିୟସ୍ ରେକର୍ଡ଼ କରାଯାଇଛି । ଅନ୍ୟ ଏକ ସର୍ବେକ୍ଷଣରୁ ମଧ୍ୟ ବାର୍ଷିକ ବୃଷ୍ଟିପାତ ୧୨୮୦ ମିଲିମିଟର ହୋଇଥିବାର ଉଲ୍ଲେଖ ରହିଛି ।

ଏଠାରେ ଏହି ଗନ୍ଧଗିରି ବା ଗନ୍ଧମାର୍ଦ୍ଦନ ପର୍ବତର ପୂର୍ବନାମ ପରିମଳଗିରି ବା ପୋଲୋମୋଲୋକିଲି । ଚୀନ ପରିବ୍ରାଜକ ହୁଏନ୍‌ସାଂ ଯେତେବେଳେ ଭାରତ ପରିଭ୍ରମଣରେ ଏହି ଦକ୍ଷିଣ କୋଶଳ ଆସିଥିଲେ, ସେତେବେଳେ ସେ ଏହି ଗନ୍ଧଗିରିକୁ **Po-lo-mo-lo-ki-li** ନାମରେ ନାମିତ କରିଥିଲେ । ତେଣୁ ଏହି ପୋଲୋମୋଲୋକିଲିର ଅବସ୍ଥିତି, ଚୀନ ପରିବ୍ରାଜକ ହୁଏନ୍‌ସାଂଙ୍କ ବିବରଣୀ, ବିଭିନ୍ନ ଐତିହାସିକଙ୍କର ଅଭିମତ ତଥା ପ୍ରଭୁ ହରିଶଙ୍କର ଓ ନୃସିଂହ ନାଥ ମନ୍ଦିର ନିର୍ମାଣ ସମ୍ବନ୍ଧୀୟ ତଥ୍ୟାବଳୀ ଓ କିମ୍ବଦନ୍ତୀକୁ ନେଇ ଆଲୋଚନା କରାଯାଇ ପାରେ ।

ଐତିହାସିକ ଡକ୍ଟର ଶରତ ଚନ୍ଦ୍ର ବେହେରାଙ୍କ ମତରେ ଦକ୍ଷିଣ କୋଶଳରେ ଥିବା ପର୍ବତମାନଙ୍କ ମଧ୍ୟରୁ ପୋଲୋମୋଲୋକିଲି ବା ପରିମଳଗିରି ପର୍ବତ ଅନ୍ୟତମ ବୋଲି ହୁଏନ୍‌ସାଂ ବର୍ଣ୍ଣନା କରିଛନ୍ତି । ସେ ଉଲ୍ଲେଖ କରିଛନ୍ତି ଯେ, "କୋଶଳ ଦେଶର ଦକ୍ଷିଣ ପଶ୍ଚିମ ଦିଗରେ ରାଜଧାନୀଠାରୁ ୫୦ ମାଇଲ ଦୂରରେ ପୋଲୋମୋଲୋକିଲି ନାମକ ଏକ ବିଶାଳ କାୟ ତୁଙ୍ଗ ପର୍ବତମାଳା ବିଦ୍ୟମାନ । ଏଠାରେ ରାଜା ଇନ୍ ଚିଙ୍ଗ୍ (ସାତବାହାନ) ନାଗାର୍ଜ୍ଜୁନଙ୍କ ପାଇଁ ଏକ ବୌଦ୍ଧ ବିହାର ନିର୍ମାଣ କରିଥିଲେ ଏବଂ ଏହି ବୌଦ୍ଧ ବିହାରକୁ ଯାତାୟତ କରିବା ପାଇଁ ଗନ୍ଧଗିରି ପର୍ବତଠାରୁ ୧୦ ମାଇଲ ଦୂରରେ ଏକ ବିସ୍ତୃତ ପଥ ନିର୍ମାଣ କରିଥିଲେ । ଏହି ବୌଦ୍ଧ ବିହାରରେ ଅନେକ ପ୍ରଶସ୍ତ ପଥ ଓ ପଞ୍ଚମହଲା ବିଶିଷ୍ଟ ବିଶାଳ ଅଟ୍ଟାଳିକାମାନ ନିର୍ମିତ ହୋଇଥିଲା ଏବଂ ପ୍ରତ୍ୟେକ ମହଲାରେ ଗୋଟିଏ ଅଗଣା ସହ ଦେବାଳୟ ମାନ ଅବସ୍ଥିତ ଥିଲା । ଏହି ଦେବାଳୟ ଗୁଡ଼ିକରେ ସୁନ୍ଦର କାରୁକାର୍ଯ୍ୟ ପୂର୍ଣ୍ଣ ବୁଦ୍ଧଙ୍କର ବିଶାଳକାୟ ସ୍ୱର୍ଣ୍ଣ ପ୍ରତିମା ପୂଜା ପାଉଥିଲେ । ଏହି ପୋଲୋମୋଲୋକିଲି ବା ପରିମଳଗିରି ଅଧୁନା ବଲାଙ୍ଗୀର ଓ ବରଗଡ଼ ଜିଲ୍ଲାର ସୀମାରେ ଗନ୍ଧଗିରି ବା ଗନ୍ଧମାର୍ଦ୍ଦନ ପର୍ବତ ନାମରେ ପରିଚିତ, ଯାହାର ଉତ୍ତର ପାର୍ଶ୍ୱରେ "ନୃସିଂହନାଥ ମନ୍ଦିର" ଓ ଦକ୍ଷିଣ ପାର୍ଶ୍ୱରେ ବୈଷ୍ଣବ ଓ ଶୈବ ଧର୍ମ "ହରିଶଙ୍କର ମନ୍ଦିର" ଅବସ୍ଥିତ । ଏଣୁ ଏହି ଗନ୍ଧଗିରି ପାଟଣାଗଡ଼ ସବ୍‌ଡିଭିଜନ୍‌ର ଉତ୍ତର ଦିଗରେ ୪୩ କି.ମି. ଦୂରରେ ଅବସ୍ଥିତ ।

## ପୌରାଣିକ କିମ୍ବଦନ୍ତୀ :

ପୌରାଣିକ କିମ୍ବଦନ୍ତୀକୁ ନେଇ ପ୍ରସିଦ୍ଧ କନ୍ଧ କବି ଯୁଗ ଦାସ ତାଙ୍କର "ନୃସିଂହ ଚରିତ କାବ୍ୟ"ରେ ଏହି ପର୍ବତର ନାମକୁ ବିନ୍ଧ୍ୟଗିରି ବୋଲି ବର୍ଣ୍ଣନା କରିଛନ୍ତି । ସେ କହିଛନ୍ତି ଯେ ଯେତେବେଳେ, ତ୍ରେତୟା ଯୁଗରେ ଲକ୍ଷ୍ମଣଙ୍କୁ ଶକ୍ତି ଭେଦ ହେଲା, ମୃତ୍ୟୁସଞ୍ଜିବନୀ ଆଣିବାକୁ ଯାଇ ପୁରା ଗନ୍ଧମାର୍ଦ୍ଦନ ପର୍ବତକୁ ନେଇ ହନୁମାନ ଖୁଲି ଆସିଥିଲା । ସେତେବେଳେ ସେହି ପର୍ବତର କିଛି ଅଂଶ କପିଳମୁନିଙ୍କର ଆଶ୍ରମ ପାଖରେ ଅର୍ଥାତ୍ ବିନ୍ଧ୍ୟଗିରିର କପିଳଧାର ପାର୍ଶ୍ୱରେ ପଡ଼ିଲା । ତେଣୁ କପିଳମୁନି ଏହି ପର୍ବତର

ନାମ "ଗନ୍ଧଗିରି" ଦେଇଥିଲେ । କବି ଯୋଗ ଦାସଙ୍କ ଭାଷାରେ :

"ନୃସିଂହ ଗିରି ପର୍ବତ ଦ୍ୱାଦଶ କୋଶ ଲସ
ପଥର ପଡ଼ନ୍ତେ ହେଲା ଗନ୍ଧଗିରି ନାମ,
ନୃସିଂହ ଗିରି ପର୍ବତ ବ୍ରହ୍ମାର ରଚନା,
ଗନ୍ଧମାର୍ଦ୍ଦନ ବୋଲି କପିଳ ଦେଲେ ସିନା ।"

ଏହି ଗନ୍ଧମାର୍ଦ୍ଦନ ପର୍ବତ ଶ୍ରେଣୀର ଉଭୟ ପାର୍ଶ୍ୱରେ ଥିବା ଦୁଇଟି ଦର୍ଶନୀୟ ସ୍ଥାନ "ହରିଶଙ୍କର ଓ ନୃସିଂହନାଥ" ପାହାଡ଼କୁ ଏକ ପାଦଚଲା ରାସ୍ତା ସଂଯୋଗ କରୁଛି । ଯାତ୍ରୀମାନେ "ପ୍ରସିଦ୍ଧ ନୃସିଂହ ଚତୁର୍ଦ୍ଦଶୀ ମେଳା"ରେ ନୃସିଂହନାଥ ଓ ହରିଶଙ୍କରକୁ ଯାଇ ଦେଖ ଦର୍ଶନ କରିବାକୁ ଏକ ପବିତ୍ର କର୍ମ ବୋଲି ମନେ କରିଥାନ୍ତି । ଏହା ବ୍ୟତୀତ ହରିଶଙ୍କରଠାରେ ଶିବରାତ୍ରିରେ ମଧ୍ୟ ପ୍ରବଳ ଯାତ୍ରୀଭିଡ଼ ହୋଇଥାଏ । ନୃସିଂହନାଥ ମନ୍ଦିର ଭଳି ହରିଶଙ୍କର ମନ୍ଦିର ଏକ ପବିତ୍ର ଧାର୍ମିକ ଆନ୍ତଃରାଜ୍ୟ ପର୍ଯ୍ୟଟନ ପୀଠ । କେବଳ ଯେ, ଏଠାକୁ ଓଡ଼ିଶାର ଯାତ୍ରୀମାନେ ଆସିଥାନ୍ତି ତା'ନୁହେଁ, ସୀମାନ୍ତ ମଧ୍ୟ ପ୍ରଦେଶ ଓ ଆନ୍ଧ୍ର ପ୍ରଦେଶରୁ ଉଭୟ ପର୍ଯ୍ୟଟନ ପୀଠ ଦର୍ଶନ ଏବଂ ବିଭିନ୍ନ ଜଳାଧାରରେ ସ୍ନାନ କରିବା ପାଇଁ ବର୍ଷ ତମାମ ସବୁ ଋତୁରେ ଆସିଥାଆନ୍ତି । ଲକ୍ଷାଧିକ ଯାତ୍ରୀଭିଡ଼ ଏହି ନୃସିଂହ ଚତୁର୍ଦ୍ଦଶୀ ମେଳାରେ ହିଁ ହୋଇଥାଏ ।

## ଗନ୍ଧମାର୍ଦ୍ଦନର ପ୍ରାକୃତିକ ସମ୍ପଦ :

ପଞ୍ଚଦଶ ଶତାବ୍ଦୀର ହରିଶଙ୍କର ଓ ନୃସିଂହନାଥ ପର୍ଯ୍ୟଟନ ପୀଠ ଦୁଇଟି ପର୍ଯ୍ୟଟକମାନଙ୍କୁ ବିଶେଷ ଆକୃଷ୍ଟ କରିଥାଏ । ଏହାସହିତ ଏଠାରେ ଜଙ୍ଗଲ ସମ୍ପଦ ଭରପୁର ହୋଇ ରହିଛି । ଏହି ପାର୍ବତ୍ୟ ଶ୍ରେଣୀରେ ଶାଳ, ପିଆଶାଳ, ଶିଶୁ, ବିଜା, ବାଦଣ ଓ ବାଉଁଶ ବୃକ୍ଷ ଭରପୁର ରହିଛି । ମୂଲ୍ୟବାନ ବାଉଁଶ ଗଛ ଯୋଗୁଁ ଏହାର କିଛି ଅଂଶ ବେଙ୍ଗଲ ପେପର ମିଲ୍‌ସ୍ ଲିଜ୍‌ରେ ନେଇଛି । ଏଠାରେ ମିଳୁଥିବା ମୂଲ୍ୟବାନ ଔଷଧ ଗଛଗୁଡ଼ିକ ହେଉଛି ଚାକୁଳୀ, ଭୃଙ୍ଗରାଜ, ତଥା ଗୋସିଂହ ମହୁର । ଦେବନାଶନ ଭଙ୍ଗା ହାଡ଼ ଯୋଡ଼ିବା ପାଇଁ ଏକ ଉତ୍କୃଷ୍ଟ ଔଷଧ ଗଛ । ଖଣିଜ ସମ୍ପଦ କହିଲେ ବକ୍‌ସାଇଟ୍ ଏଠାରେ ବହୁଳ ଭାବରେ ଗଚ୍ଛିତ ରହିଛି ।

ଡକ୍ଟର ନବୀନ କୁମାର ସାହୁଙ୍କ ମତରେ ଓଡ଼ିଶାର ପଶ୍ଚିମାଞ୍ଚଳରେ ଅବସ୍ଥିତ ଗନ୍ଧଗିରି ବା ପରିମଳଗିରି ଏକଦା ଦକ୍ଷିଣ କୋଶଳର ଅଂଶ ବିଶେଷ ଥିଲା ଏହି ଗନ୍ଧଗିରି ହୁଏନ୍‌ସାଂଙ୍କ ପ୍ରଦତ୍ତ ବିବରଣୀରେ ବର୍ଣ୍ଣିତ ପୋଲୋମୋଲୋକିଲି । ଏହି ପର୍ବତର ଆନ୍‌ସ୍ୱକ୍ଙ୍କ ବର୍ଣ୍ଣନା ସହିତ ଅନେକ ସାଦୃଶ୍ୟ ରହିଛି । ଚୀନ୍ ପରିବ୍ରାଜକ ହୁଏନ୍‌ସାଂଙ୍କ ବର୍ଣ୍ଣନାନୁଯାୟୀ ସାତବାହାନ ବଂଶୀୟ ଗୌତମ ପୁତ୍ର ସାତକର୍ଣ୍ଣୀ ତାଙ୍କର ଦାର୍ଶନିକ ବନ୍ଧୁ ନାଗାର୍ଜ୍ଜୁନଙ୍କ ଅବସ୍ଥାନ ନିମିତ୍ତ ପୋଲୋମୋଲୋକିଲିରେ ଏକ ବିଶାଳ ବୌଦ୍ଧ ବିହାର ନିର୍ମାଣ କରିଥିଲେ ଏବଂ ଏଠାରେ ଏକ ପ୍ରସିଦ୍ଧ ବିଶ୍ୱବିଦ୍ୟାଳୟ ଗଢ଼ି ଉଠିଥିଲା ।

ଦଶମାଇଲ ପର୍ଯ୍ୟନ୍ତ ଯେଉଁ ପ୍ରଶସ୍ତ ପଥ ଓ ପଞ୍ଚମହଲା ବିଶିଷ୍ଟ ଅଟ୍ଟାଳିକାମାନ ନିର୍ମିତ ହୋଇଥିଲା ଏବଂ ପ୍ରତ୍ୟେକ ମହଲାରେ ସୁରୋଟି ଅଙ୍କନ ସହ ବୌଦ୍ଧଙ୍କର ଜୀବନ୍ତ ମୂର୍ତ୍ତି ସ୍ୱର୍ଣ୍ଣପ୍ରତିମାମାନ ପୂଜା ପାଇ ଆସୁଥିଲେ, ତାହାଏହି ପୋଲୋମୋଲୋକିଲିରେ ଅବସ୍ଥିତ । ପ୍ରତ୍ୟେକ କୋଠରୀକୁ ଆଲୋକ, ପ୍ରସ୍ତର ଖୋଦିତ ଝରକା ଦେଇ ଯିବାର ବ୍ୟବସ୍ଥା ସହ ପାନୀୟ ଜଳର ମଧ୍ୟ ପ୍ରବାହିତ ହେବାର ସୁ ବନ୍ଦୋବସ୍ତ ହୋଇଥିଲା । ଏଠାରେ ଅନେକ ଦେବୀ ଥିବାର ଅନୁମାନ କରାଯାଉଛି । ସେମାନେ ହେଲେ ବିନ୍ଧେଶ୍ୱରୀ ଓ ବିନ୍ଧ୍ୟବାସିନି ଇତ୍ୟାଦି । ଚୀନରୁ ଆସୁଥିବା ବୌଦ୍ଧ ତୀର୍ଥଯାତ୍ରୀମାନେ ଏହି ରାସ୍ତା ଅନୁସରଣ କରି ଶେଷରେ କୋଶଳର ରାଜଧାନୀରେ ହିଁ ପହଞ୍ଚି ପାରିଥିଲେ । ଏହି ବିନ୍ଧ୍ୟଗିରିର ଉପତ୍ୟକା ବା ପର୍ବତଶ୍ରେଣୀ ପ୍ରାୟ ଦଶମାଇଲ ପର୍ଯ୍ୟନ୍ତ ବ୍ୟାପ୍ତ ଥିଲା ଏବଂ ଉଚ୍ଚତା ୩୧୩୪ ଫୁଟ ସମୁଦ୍ର ପତନଠାରୁ ଥିଲା । ଏହି ବିନ୍ଧ୍ୟଗିରିରୁ ପ୍ରବାହିତ ହୋଇଥିବା ନଦୀଗୁଡ଼ିକ ହେଲେ ଅଙ୍ଗ, ତେଲ, ସୁକ ଓ ସୁନ୍ଦର ।

ହରିଶଙ୍କର ଓ ନୃସିଂହନାଥ ମନ୍ଦିର ନିର୍ମାଣ ସମ୍ବନ୍ଧରେ ବହୁ ପୌରାଣିକ ଓ କିମ୍ବଦନ୍ତୀ ତଥ୍ୟ ରହିଛି ।

ପ୍ରସିଦ୍ଧ କନ୍ଧ କବି ଯୁଗ ଦାସଙ୍କର "ନୃସିଂହ ଚରିତ" କାବ୍ୟରେ ବର୍ଣ୍ଣନା କରାଯାଇଛି ଯେ, ତ୍ରେତାୟୁଗରେ ଏହି ଜଙ୍ଗଲର ନାମ ସୁବାହୁ ବନଥିଲା ଏବଂ ଏଠାରେ ଉଦ୍‌ଗାନ ବାଉଦଙ୍କ ନାମରେ ଜଣେ ଋଷି ବସବାସ କରୁଥିଲେ । ତାଙ୍କର ମାଳତୀ ନାମରେ ଜଣେ ଦିବ୍ୟସୁନ୍ଦରୀ କନ୍ୟାଥିଲେ । ସେତେବେଳେ ଲଙ୍କାର ରାଜା ରାବଣ ଏହି ରୂପବତୀ କନ୍ୟାକୁ ଅପହରଣ କରି ନିଜର କାମନା ଚରିତାର୍ଥ କରି ମାଳତୀକୁ ଗୋଦାବରୀ ନଦୀରେ ଫିଙ୍ଗି ଦେଇଥିଲେ । ଗୋଦାବରୀ ଦୟା ପରବଶ ହୋଇ ତାଙ୍କୁ କୂଳରେ ଲଗାଇ ଦେଇଥିଲେ । ସଞ୍ଜ ଫେରିବାରୁ ମାଳତୀ ପିତାଙ୍କ ଆଶ୍ରମକୁ ହଙ୍କକେଶର ପର୍ବତ ଦେଇ ଫେରୁଥିଲା । ସେଠାରେ ଗଣେଶଙ୍କର ବାହାନ ଇନ୍ଦୁର (ମୂଷା), ତାଙ୍କୁ ପ୍ରଲୋଭନ ଦେଖାଇ ହରଣ କରିଥିଲା । କହିବା ବାହୁଲ୍ୟ ଯେ, ଏହି ରାବଣ ଓ ମୂଷିକ ଔରସରୁ ମୂଷିକ ଦୈତ୍ୟର ଜନ୍ମ ହୋଇଥିଲା ଏବଂ କିଛି ସମୟପରେ ଏହି ମୂଷିକ ଦୈତ୍ୟ ନିଜ ମାଆଁ ମାଳତୀକୁ ଭକ୍ଷଣ କରିଥିଲା । ତା'ପରେ ସେ ମେରୁଗିରିରେ ତପସ୍ୟାକରି ଶିବଙ୍କଠାରୁ ଅମର ବର ପ୍ରାପ୍ତ ହୋଇଥିଲା । ସର୍ତ୍ତଥିଲା ଯେ କେବଳ ଭଗବାନ ନୃସିଂହ ହିଁ ତାକୁ ମାରି ପାରିବେ । ମାତ୍ର ମୂଷିକ ଦୈତ୍ୟ ଅମର ବର ପାଇ ବଳିୟାନ ହୋଇ ଅନେକ ଅତ୍ୟାଚାର କରି ବସିଲା, ଯାଫଳରେ ଦେବତାମାନେ ପ୍ରମାଦ ଗଣିଲେ ଏବଂ ସ୍ୱୟଂ ଜଗତଜନନୀ ଦୁର୍ଗା ମଧ୍ୟ ଏହାର କାରଣ ବ୍ରହ୍ମାଙ୍କୁ ପଚାରି ଥିଲେ । ସେତେବେଳେ ବ୍ରହ୍ମା କହିଥିଲେ "ମୂଷିକ ଦୈତ୍ୟ ଈଶ୍ୱରଙ୍କଠାରୁ ଅମରବର ପାଇଛି । ସେ କେବଳ ନୃସିଂହଙ୍କର ରୂପଦେଖି ଭୟଭୀତ ହୋଇ ପାରିବ ଏବଂ ବିଷ୍ଣୁ ଅବତାର ହୋଇ ତାଙ୍କୁ ଯୁଦ୍ଧରେ ପରାସ୍ତ କରି ପାରିବେ ।" ଏଣୁ ଦେବତାମାନେ ସେତେବେଳେ ଅଯୋଧ୍ୟାପାଇ ମାନବରୂପୀ ଭଗବାନ ରାମଚନ୍ଦ୍ରଙ୍କୁ ଗୁହାରି କରି ମୂଷିକ ଦୈତ୍ୟର ନିଧନ ପାଇଁ ଉପାୟ ସ୍ଥିର କରିଥିଲେ । ଦେବତାଙ୍କର ଅନୁରୋଧ ରକ୍ଷା କରି ପ୍ରଭୁ ରାମଚନ୍ଦ୍ର ଭାଇ ଲକ୍ଷ୍ମଣ ସହ ଆସି ଏହି ଦୈତ୍ୟର ପିଛା କରିଥିଲେ । ପ୍ରଭୁ ରାମଚନ୍ଦ୍ର ନୃସିଂହ ରୂପକୁ ଧାରଣ କରି ମୂଷିକ ଦୈତ୍ୟକୁ ପାତାଳପୁର

ଭୂତଳପୁର, ମହାଡକପୁର, ରସାତଳପୁରରେ ଖୋଜି ଖୋଜି ସେଠାରେ ନପାଇ ଶେଷରେ ଗନ୍ଧଗିରିରେ ପହଞ୍ଚିଥିଲେ । ମାତ୍ର ଗନ୍ଧଗିରିରେ ମୂଷିକ ଦୈତ୍ୟ ଆସି ଶରଣ ପଶିଥିଲା । ତେଣୁ ଗିରିବର ପ୍ରଭୁ ରାମଚନ୍ଦ୍ରଙ୍କର ମାର୍ଜାର କେଶରୀ ରୂପକୁ ଦର୍ଶନ କରି ମୂଷିକ ଦୈତ୍ୟର ଶରଣ ଭିକ୍ଷା କରିଥିଲେ । ଶରଣ ରକ୍ଷଣ ପ୍ରଭୁ ଭଗବାନ ମାର୍ଜାରକେଶରୀ ରୂପରେ ଉତ୍ତର ପାର୍ଶ୍ୱର ଗୁମ୍ଫା ଦ୍ୱାରରେ ମୂଷିକ ଦୈତ୍ୟ ବାହାରିଲେ ନିଧନ କରିବେ ବୋଲି ଜଗି ବସିଲେ । କାଳେ ମୂଷିକ ଦୈତ୍ୟ ଦକ୍ଷିଣ ପାର୍ଶ୍ୱ ଦୁଆରେ ବାହାରି ଖସିଯାଇ ପାରେ ବୋଲି ଅନୁଜ ଲକ୍ଷ୍ମଣଙ୍କୁ ଶିବଙ୍କ ରୂପରେ ଦକ୍ଷିଣ ପାର୍ଶ୍ୱ ଗୁମ୍ଫାରେ ଜଗିରହିବା ପାଇଁ ନିର୍ଦ୍ଦେଶ ଦେଲେ, ମା ଦୁର୍ଗାଙ୍କୁ ଗନ୍ଧମାର୍ଦ୍ଦନ ଗିରିରେ ଜଗିରହିବା ପାଇଁ ତଥା ସମସ୍ତ ଋଷିମାନଙ୍କୁ ଗନ୍ଧମାର୍ଦ୍ଦନ ପର୍ବତର ବିଭିନ୍ନ ସ୍ଥାନରେ ଜଗି ରହି ତୀକ୍ଷ୍ଣ ଦୃଷ୍ଟି ଦେବାକୁ ଜଣାଇ ଦେଲେ । ତେଣୁ ପ୍ରଭୁ ରାମଚନ୍ଦ୍ର ମାର୍ଜାରକେଶରୀ ରୂପରେ "ନୃସିଂହନାଥ"ଠାରେ ଏବଂ ଅନୁଜ ଲକ୍ଷ୍ମଣ ଶିବଙ୍କ ରୂପରେ "ହରିଶଙ୍କର"ଠାରେ ଝରଣାର ଉଭୟ ପାର୍ଶ୍ୱରେ ସେହି ଦିନଠାରୁ ଏହି ରୂପରେ ପୂଜା ପାଇବାକୁ ଲାଗିଲେ ।

ଏହି ମନ୍ଦିର ତିଆରି ସମ୍ପର୍କରେ ଅନ୍ୟ ଏକ କିମ୍ବଦନ୍ତୀ ପ୍ରଚଳିତ । ତାହା ହେଲା ଏହି ଗନ୍ଧମାର୍ଦ୍ଦନ ପାର୍ବତ୍ୟ ଅଞ୍ଚଳରେ ସାହାରା ଉପଜାତିର ହରି ଏବଂ ସହଦେବ ଦୁଇଭାଇ ଆଜକୁ ପ୍ରାୟ ୫୦୦ ବର୍ଷ ପୂର୍ବେ ରହି ଆସୁଥିଲେ । ହରିର ପତ୍ନୀ ଯମୁନା ଓ ସହଦେବର ପତ୍ନୀ ଗୋଦନା ପ୍ରତିଦିନ ବଣରୁ କନ୍ଦମୂଳ ସଂଗ୍ରହ କରି ଜୀବିକାନିର୍ବାହ କରୁଥିଲେ । ଦିନେ ହରିର ପତ୍ନୀ ପାପହାରିଣୀ ନାଳ ପାର୍ଶ୍ୱରେ କନ୍ଦମୂଳ ସଂଗ୍ରହ କରିବା ପାଇଁ ଯାଇଥିଲା । ଗୋଟିଏ ବେଲ ବୃକ୍ଷର ତଳେ ଖୋଳୁ ଖୋଳୁ ଯମୁନାର ନଜର ବଡ଼ କନ୍ଦାରେ ପଡ଼ିଲା । ସେ ଖୋଳିବାର ପ୍ରୟାସରେ ଗହୀରିଆ କରି ଖୋଳିବାକୁ ଗଲାବେଳେ ରକ୍ତଧାର ବାହାରିବା ଦେଖି ଭୟଭୀତ ହୋଇ ଭୂତପ୍ରେତର ଆଶଙ୍କାରେ ସ୍ୱଗୃହକୁ ଫେରି ଆସିଥିଲା । ଘରକୁ ଫେରି ସେ ନିଜର ସ୍ୱାମୀ ହରିକୁ ଅବଗତ କରାଇଲା । ହରି ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ ସାଙ୍ଗରେ ନିଜର ପତ୍ନୀକୁ ନେଇ ସେହି ସ୍ଥାନରେ ପହଞ୍ଚି ଦେଖିଲାଯେ, ରକ୍ତଧାର ପ୍ରବାହିତ ହେଉଥିବା ସ୍ଥାନରେ ଦୁଧର ଧାର ପ୍ରବାହିତ ହେଉଛି ।ସେହି ସମୟରେ ହରିକୁ ସମ୍ବୋଧନ କରି ଏକ ଅଜ୍ଞାତ ବ୍ୟକ୍ତିର କଣ୍ଠ ସ୍ୱରରେ ଦୈବି ବାଣୀ ଶୁଣାଗଲା "ରେ ହରି ! ମୁଁ ତୋ ପ୍ରତି ପ୍ରସନ୍ନ ହୋଇଛି । ତୁ ମୋତେ ନେଇ ଏକ ମନ୍ଦିରରେ ସ୍ଥାପନା କର । ମୁଁ ସ୍ୱୟଂ ନାରାୟଣ । ମୂଷିକ ଦୈତ୍ୟକୁ ସଂହାର କରିବା ପାଇଁ ମୁଁ ସ୍ୱୟଂ ମାର୍ଜାର କେଶରୀ (ବିରାଡ଼ି ଦେବତା) ରୂପରେ ତାହାର ପ୍ରତୀକ୍ଷା କରୁଛି ।" ଏହି କଣ୍ଠ ସ୍ୱର ଶୁଣିବା ପରେ ସେହି ବେଲ ବୃକ୍ଷର ତଳେ କଳାମୁଗୁନି ପଥରର ତିଆରି ପ୍ରଭୁ ମାର୍ଜାରକେଶରୀଙ୍କର ମୂର୍ତ୍ତି ବାହାରକୁ ବାହାରି ଆସିଲା । ଯମୁନା ଓ ହରି ସେତେବେଳେ ପାଟଣାଗଡ଼ର ମହାରାଜା ବୈଜଲ ଦେବଙ୍କୁ ସମସ୍ତ ବୃତ୍ତାନ୍ତ କହିବାରୁ ନୃସିଂହନାଥଠାରେ ପ୍ରଭୁ ମାର୍ଜାରକେଶରୀଙ୍କର ମନ୍ଦିର ତିଆରି ହେଲା । ଏହା ୧୪୧୩ ଖ୍ରୀ:ଅ:ରେ ଚୌହାନ ବଂଶର ପଞ୍ଚମ ରାଜା ବୈଜଲ ଦେବଙ୍କ ଦ୍ୱାରା ହୋଇଛି ବୋଲି ସମ୍ବଲପୁର ଇତିହାସରୁ ଜଣାଯାଏ ।

ସେହି ସମୟରେ ପାଟଣା ରାଜ୍ୟର ରାଣୀ ଦୁର୍ଲ୍ଲଭା ଦେବୀଙ୍କୁ ଭଗବାନ ଶିବ ସ୍ୱପ୍ନାଦେଶ ଦେଇ କହିଲେ "ମୁଁ ଗନ୍ଧମାର୍ଦ୍ଦନ ପର୍ବତର ଦକ୍ଷିଣ ପାର୍ଶ୍ୱରେ ପୂଜା ଅର୍ଚ୍ଚନା ନପାଇ ପଡ଼ି ରହିଛି । ମୋ ପାଇଁ ଶୀଘ୍ର ମନ୍ଦିର ତୋଳାଅ ।" ରାଣୀ ସ୍ୱପ୍ନାଦେଶ ରାଜାଙ୍କୁ କହିବାରୁ ଗନ୍ଧମାର୍ଦ୍ଦନର ଦକ୍ଷିଣ ପାର୍ଶ୍ୱରେ ଯେଉଁ ମନ୍ଦିର ତୋଳାଗଲେ ତାହାର ନାମ "ହରିଶଙ୍କର" ରଖାଗଲା । ଏହି ମନ୍ଦିର ୧୫୮୦ରୁ ୧୬୦୦ ଖ୍ରୀ:ଅ: ମଧ୍ୟରେ ରାଣୀ ଦୁର୍ଲ୍ଲଭା ଦେବୀଙ୍କ ଦ୍ୱାରା ତିଆରି ହୋଇଥିବାର ପ୍ରମାଣ ମିଳେ । ମୁଖ୍ୟମନ୍ଦିର ପାର୍ଶ୍ୱରେ ଶିବଙ୍କ ଶକ୍ତି ଦେବା ପାଇଁ ଭୈରବୀଙ୍କର ମନ୍ଦିର ଏବଂ ତା ପାର୍ଶ୍ୱରେ ଜଗନ୍ନାଥଙ୍କର ମନ୍ଦିର ବିଦ୍ୟମାନ । ନିର୍ଝରଣୀ ପାର୍ଶ୍ୱରେ ନୃତ୍ୟରତ ଗଣେଶଙ୍କ ପ୍ରତିମା ମଧ୍ୟ ପର୍ଯ୍ୟଟକମାନଙ୍କୁ ବେଶ୍ ମୁଗ୍ଧ କରିଥାଏ । ଗଙ୍ଗାକୁ ସ୍ୱର୍ଗରୁ ଆଣିବା ପାଇଁ ବିଷ୍ଣୁ, ଶିବ ବାହାରି ଓ ହରଙ୍କର ଯେଉଁ ପ୍ରଥା ରହିଥିଲା, ସେହି ପ୍ରଥାନୁସାରେ ଜଗତବାସୀଙ୍କର ପାପକ୍ଷାଳନ ପାଇଁ ହରିଶଙ୍କର ତୀର୍ଥକ୍ଷେତ୍ରର ନାମକରଣ ହୋଇଛି । ଭୈରବୀ ମନ୍ଦିରରେ ଗୋଟିଏ ଶିଳାଲିପି ଥିବାର ମଧ୍ୟ ଅନୁମାନ କରାଯାଉଛି । ଏହି ରକମର ପ୍ରଥା ବୋଧହୁଏ ରାଜଗିରି, କଞ୍ଚିଲୋ, ଓ ଭୁବନେଶ୍ୱରରେ ଦେଖାଯାଇ ନଥାଏ । ତେଣୁ ଖ୍ରୀଷ୍ଟୀୟ ୬ଷ୍ଠରୁ ୭ମ ଶତାବ୍ଦୀର ପ୍ରଭାବ ଏଠାରେ ପଡ଼ିଥାଇ ପାରେ । ବନ ବିଭାଗର ବଙ୍ଗଳା ପାର୍ଶ୍ୱରେ ଥିବା "ମୃଗ ବିହାର" ଆଗନ୍ତୁକ ପର୍ଯ୍ୟଟକମାନଙ୍କୁ ମଧ୍ୟ ଆକର୍ଷିତ କରିଥାଏ ।

ଯାତ୍ରୀମାନଙ୍କ ପାଇଁ ହରିଶଙ୍କର ମନ୍ଦିରରେ ମାତ୍ର ସାତଟଙ୍କାରେ ଦିନ ବେଳାର ଅନ୍ନଭୋଗ ଯୋଗାଇ ଦେବାର ପ୍ରବନ୍ଧୋବସ୍ତ ରହିଛି । ବର୍ତ୍ତମାନ ଦେବୋତ୍ତର ବିଭାଗ ହରିଶଙ୍କର ମନ୍ଦିର ପରିଚାଳନା ଓ ଆୟ ବୃଦ୍ଧି ପାଇଁ କେତେକ ଫିସ୍ ମଧ୍ୟ ଧାର୍ଯ୍ୟ କରିଛନ୍ତି । ସେଗୁଡ଼ିକ ହେଲା—ରୁଦ୍ରାଭିଷେକ, ଗୋହତ୍ୟା ପାପ ନିବାରଣୀ, ଗୋହରଣ, ବାଳକଟା, ସଂକଳ୍ପ ଏବଂ ଧାରଣ ଇତ୍ୟାଦି । ଏତଦ୍ ଭିନ୍ନ ଯୌତୁକ ବିହୀନ ବିବାହମାନ ମଧ୍ୟ ଏଠାରେ ଅନୁଷ୍ଠିତ ହୋଇଥାଏ ।

ଗନ୍ଧମାର୍ଦ୍ଦନ ପର୍ବତର ଉତ୍ତର ପାର୍ଶ୍ୱରେ ନୃସିଂହନାଥ ମନ୍ଦିର ମଧ୍ୟ ନିତିକାମ ଏବଂ ପୂଜାବିଧି ଅବିବାହିତ ପୂଜକମାନଙ୍କ ଦ୍ୱାରା ସମ୍ପାଦିତ ହୋଇଥାଏ । ନିକଟସ୍ଥ ଦୁର୍ଗୀ ଖୋଲରେ ଅଷ୍ଟଭୁଜା ଦୁର୍ଗାଙ୍କର ପ୍ରତିମା ମଧ୍ୟ ରହିଛି । ଏଠାରେ ଥିବା ଗୁମ୍ଫାଗୁଡ଼ିକ ହେଲା, ପଥର ଘର, ଦୁର୍ଗୀ ଖୋଲ, ଛୁକ୍ ମଣ୍ଡୁଆ ଓ ଭୈରବ ଗୋଲ ଇତ୍ୟାଦି । ପର୍ଯ୍ୟଟକମାନଙ୍କୁ ବିଶେଷ କରି ଗୋଟିକି ପାପନାଶିନି ଧାର, ଚୁଲ୍‌ଦାର, ଗଦାଧାର, ପିତୃଧାର୍, ପଞ୍ଚୁ ପାଣ୍ଡବ କପିଳ ଧାର୍ ଓ ଦୁର୍ଗୀ ଖୋଲ୍ ବିଶେଷ ଆକୃଷ୍ଟ କରିଥାଏ ।

## ଗମନାଗମନର ସୁବିଧା :

ବଲାଙ୍ଗୀରରୁ ହରିଶଙ୍କରକୁ ପ୍ରତ୍ୟହ ଦୁଇବେଳା ସରକାରୀ ବସ୍‌ର ସୁବିଧା ରହିଛି । କଟକ-ନୂଆପଡ଼ା ଏକ୍ସପ୍ରେସ୍ ମଧ୍ୟ ଖପ୍ରାଖୋଲ୍ ଦେଇ ଯିବା ଆସିବା କରୁଛି । ମେଳା ସମୟରେ ଅଧିକ ସଂଖ୍ୟକ ଘରୋଇ ଓ ସରକାରୀ ବସର ସୁବିଧା ଯାତ୍ରୀମାନଙ୍କର ଆବଶ୍ୟକତାକୁ ଦେଖି ଯୋଗାଇ ଦିଆଯାଇଥାଏ ।

ସେହିପରି ବରଗଡ଼ ପଦ୍ମପୁର ଓ ପୁରୀଠାରୁ ନୃସିଂହନାଥ ମନ୍ଦିରକୁ ଯିବା ପାଇଁ ସରକାରୀ ଓ ଘରୋଇ ବସର ସୁବିଧା ରହିଛି । ମେଳା ସମୟରେ ହରି ବସ୍‌ର ସୁବିଧା କରାଯାଇଥାଏ ।

## ରହିବା ପାଇଁ ସୁବିଧା :

ଆଗନ୍ତୁକ, ପର୍ଯ୍ୟଟକ ବା ଯାତ୍ରୀମାନଙ୍କ ପାଇଁ ରହିବାର ସୁବନ୍ଦୋବସ୍ତ ରହିଛି । ବିଶେଷ କରି ଖପ୍ରାଖୋଲ୍ ପଞ୍ଚାୟତ ସମିତି ଅଧୀନରେ "ପାନ୍ଥନିବାସ", "ଯାତ୍ରୀନିବାସ", ତହସିଲଦାର ପାଟଣାଗଡ଼ଙ୍କ ଅଧୀନରେ "ରାଜସ୍ୱ ବିଶ୍ରାମଗାର" ତଥା ବଲାଙ୍ଗୀର ବନମଣ୍ଡଳଙ୍କର ଅଧୀନରେ "ବନ ବିଶ୍ରାମଗାର ହରିଶଙ୍କର" ରହିଛି । ଏହା ବ୍ୟତୀତ ପର୍ଯ୍ୟଟନ ବିଭାଗର "ପାନ୍ଥଶାଳା ଓ ପର୍ଯ୍ୟଟନ ପରିସର" ନିର୍ମାଣାଧୀନ ରହିଛି ।

ନୃସିଂହନାଥଠାରେ ପର୍ଯ୍ୟଟନ ବିଭାଗର "ପାନ୍ଥଶାଳା", ପାଇକମାଳ ପଞ୍ଚାୟତ ସମିତି ଅଧୀନରେ ବଙ୍ଗଳା, ଖରିଆର ବନମଣ୍ଡଳଙ୍କର ଅଧୀନରେ "ବନ ବିଶ୍ରାମଗାର" ରହିଛି । ଏତଦ୍ ବ୍ୟତୀତ ପାଇକମାଳଠାରେ ପୂର୍ତ୍ତ ବିଭାଗର ଡାକବଙ୍ଗଳା ମଧ୍ୟ ରହିଅଛି ।

ଆସନ୍ତୁ, ଏହି ପୁରାଣ ପ୍ରସିଦ୍ଧ ବୈଷ୍ଣବ-ଶୈବ-ଶକ୍ତିର ପର୍ଯ୍ୟଟନ ସ୍ଥଳୀ "ହରିଶଙ୍କର ଓ ନୃସିଂହନାଥ"କୁ ଶିବରାତ୍ରି ସମୟରେ ହେଉ ଅବା ନୃସିଂହ ଚତୁର୍ଦ୍ଦଶୀ ମେଳା ସମୟରେ ହେଉ ପରିଭ୍ରମଣରେ ଯାଇ ଦେଖି ଆସିବା ।

---

ପରିସଂଖ୍ୟାନ ସହକାରୀ, ପର୍ଯ୍ୟଟନ କାର୍ଯ୍ୟାଳୟ,
ଝାରସୁଗୁଡ଼ା-୭୬୮୨୦୪



"ସପ୍ତମ ପୂର୍ବାଞ୍ଚଳ ଜୁନିୟର ଆଥ୍‌ଲେଟିକ୍ ମିଟ୍-୧୯୯୫"ର କୃତି ପ୍ରତିଯୋଗୀମାନଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଆର୍ଥିକ ପୁରସ୍କାର ପ୍ରଦାନ କରୁଛନ୍ତି

# ପଣ୍ଡିତ ନୀଳକଣ୍ଠ ଦାସ : ଏକ ବହୁମୁଖୀ ପ୍ରତିଭା

**ବୈକୁଣ୍ଠନାଥ ମହାପାତ୍ର**

ପଣ୍ଡିତ ନୀଳକଣ୍ଠଙ୍କର ଜନ୍ମ ୫ ଅଗଷ୍ଟ ୧୮୮୪ ମସିହା ୧୨୯୧ ସାଲ ଭାଦ୍ରବ ଶୁକ୍ଳ ଚତୁର୍ଦ୍ଦଶୀ ଦିନ । ତାଙ୍କ ପିତାଙ୍କ ନାମ ଆନନ୍ଦ ଦାସ ଓ ମାତାଙ୍କ ନାମ ହୀରା ଦେବୀ । ସେ ପୁରୀ ଜିଲ୍ଲାର ସତ୍ୟବାଦୀ ଥାନା ଅନ୍ତର୍ଗତ ଶ୍ରୀରାମ ଚନ୍ଦ୍ରପୁର ଶାସନରେ ଜନ୍ମଗ୍ରହଣ କରିଥିଲେ । ଜଣାଯାଏ ଯେ, ସେ ଅଞ୍ଚଳର ପ୍ରସିଦ୍ଧି ମହାଦେବ ବାଳିଆ ନୀଳକଣ୍ଠ, ତାଙ୍କ ପିତାମାତାଙ୍କର ପ୍ରଗାଢ଼ ଆରାଧନାରେ ପ୍ରୀତ ହୋଇଥିଲେ ଓ ତାଙ୍କ ପ୍ରସାଦରୁ ତାଙ୍କର ଏକ ପୁତ୍ର ସନ୍ତାନ ହୋଇଥିଲା । ତାଙ୍କର ନାମ ଦେବତାଙ୍କ ନାମ ଅନୁସାରେ ପିତା ଆନନ୍ଦ, ପୁତ୍ରର ନାମ ରଖିଥିଲେ ନୀଳକଣ୍ଠ ।

ଗ୍ରାମ ଚାଟଶାଳୀରେ ନୀଳକଣ୍ଠଙ୍କର ବିଦ୍ୟାରମ୍ଭ ହୋଇଥିଲା । ଚାଟଶାଳୀରେ ଶିକ୍ଷା ସମାପ୍ତି ପରେ ସେହି ଗ୍ରାମର ମଧ୍ୟ–ଓଡ଼ିଆ ସ୍କୁଲରେ ଶିକ୍ଷା ଚାଲିଲା । ସେଠାରୁ ୧୮୯୯ରେ ଓଡ଼ିଶାରେ ପ୍ରଥମ ସ୍ଥାନ ଅଧିକାର କରି ପାଶ୍ କଲେ ଏବଂ ପୁରୀ ଜିଲ୍ଲା ସ୍କୁଲରେ ଭର୍ତ୍ତିହେଲେ । ପୁରୀ ଜିଲ୍ଲା ସ୍କୁଲରେ ଅଧ୍ୟୟନ ସମୟରେ ସେ ବଙ୍ଗଳା, ସଂସ୍କୃତ ଓ ଇଂରାଜୀ ଭାଷାରେ ବିଶେଷ ପାରଦର୍ଶିତା ଲାଭ କରିଥିଲେ । ବାଲ୍ୟକାଳରୁ ସେ ଗୋପବନ୍ଧୁ ଦାଶଙ୍କର ପ୍ରେରଣା ବଳରେ ଓ ସେ ନିଜର ଅନ୍ୟ ଚାରି ବନ୍ଧୁଙ୍କ ସହିତ ଭାର୍ଗବୀ ନଦୀ କୂଳରେ ଶପଥ ନେଇ ଥିଲେ ଯେ ଆମେ ବଡ଼ ହେଲେ ଚାକିରି କରିବାନାହିଁ । ଦେଶର ସେବା କରିବା ଉତ୍କଳମଣିଙ୍କର ବ୍ୟକ୍ତିତ୍ୱ ତାଙ୍କୁ ଅତି ଗଭୀର ଭାବରେ ପ୍ରଭାବିତ କରିଥିଲା । ପରବର୍ତ୍ତୀ ଜୀବନରେ ସେ ଗୋପବନ୍ଧୁଙ୍କ ପ୍ରଦର୍ଶିତ ମାର୍ଗ ଅନୁସରଣ କରିଥିଲେ ଅନ୍ୟଜଣେ ଯାହାଙ୍କ ଦ୍ୱାରା ସେ ପ୍ରଭାବିତ ହୋଇଥିଲେ । ସେ ହେଉଛନ୍ତି ତତ୍କାଳୀନ ପ୍ରଧାନ ଶିକ୍ଷକ ଚନ୍ଦ୍ର ମୋହନ ମହାରଣା । ସ୍ୱାସ୍ଥ୍ୟଗତ କାରଣରୁ ସେ ପୁରୀ ଛାଡ଼ି କଟକସ୍ଥ ରେଭେନ୍ସା କଲେଜିଏଟ୍ ସ୍କୁଲରେ ଭର୍ତ୍ତି ହେଲେ ଏବଂ ସେଠାରୁ ମାଟ୍ରିକ୍ୟୁଲେସନ ପାଶ୍ କଲେ ।

ଛାତ୍ର ସମୟରୁ ସେ ମାଇକେଲ ମଧୁସୂଦନ ଦତ୍ତ, ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟ ଇତ୍ୟାଦିଙ୍କର ରଚିତ ପୁସ୍ତକ ପାଠ କରିଥିଲେ ଏବଂ ସେହି ଲେଖାଗୁଡ଼ିକ ମଧ୍ୟ ତାଙ୍କୁ ପ୍ରଭାବିତ କରିଥିଲା । ସ୍କୁଲ ଅବସ୍ଥାରୁ ପଣ୍ଡିତ ଗୋପବନ୍ଧୁଙ୍କ ସହିତ ବନ୍ୟା, ବାତ୍ୟା ସମୟରେ ବିଭିନ୍ନ ଅଞ୍ଚଳ ବୁଲି ଲୋକଙ୍କୁ ସାହାଯ୍ୟ ପ୍ରଦାନ କରୁଥିଲେ ।

୧୯୦୯ ମସିହାରେ ସେ କଲିକତାସ୍ଥିତ ସ୍କଟିସ ଚର୍ଚ୍ଚ ମହାବିଦ୍ୟାଳୟରେ ନିଜର ସ୍ୱୀୟ ମେଧା ଶକ୍ତି ବଳରେ ଦର୍ଶନ ଶାସ୍ତ୍ରରେ ସ୍ନାତକୋତ୍ତର ଶ୍ରେଣୀରେ ଯୋଗଦାନ କରି ୧୯୧୧ ମସିହାରେ ଏମ୍‌. ଏ. ପାଶ୍ କଲେ । ଏହି ସମୟରୁ ଉତ୍କଳମଣିଙ୍କ ଦ୍ୱାରା ସତ୍ୟବାଦୀ ବିଦ୍ୟାଳୟ ପ୍ରତିଷ୍ଠିତ ହୋଇଥାଏ । ସେ ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭାବେ ଯୋଗ ଦେଲେ । ଏହା ସାଧାରଣ ବିଦ୍ୟାଳୟ ନଥିଲା । ଏହାଥିଲା ଗୋଟିଏ ମଣିଷ ଗଢ଼ା କାରଖାନା ଏବଂ ସେହି କାରଖାନାର ନେତୃତ୍ୱ ପଣ୍ଡିତ ନୀଳକଣ୍ଠ ଦୀର୍ଘ ଦିନ ଧରି ତୁଲାଇଥିଲେ । ସେ ଥିଲେ ଜଣେ ଆଦର୍ଶ ଶିକ୍ଷକ । ତାଙ୍କର ଅସାଧାରଣ ବ୍ୟକ୍ତିତ୍ୱ, ପ୍ରଚଣ୍ଡ ବିଦ୍ୱତ୍ତା, ଛାତ୍ର ବତ୍ସଳତା ସମସ୍ତଙ୍କୁ ଆକୃଷ୍ଟ କରୁଥିଲା । ସମାଜ ସଂସ୍କାର ତାଙ୍କର ଅତି ପ୍ରିୟଥିଲା । ନିଶାଆନ୍ଦୋଳନରୁ ଆରମ୍ଭ ହୋଇଥିଲା ତାଙ୍କର ସମାଜ ସଂସ୍କାରକ ଜୀବନ, ପରବର୍ତ୍ତୀ ଅବସ୍ଥାରେ ବହୁ ବୈପ୍ଳବିକ ଚିନ୍ତାଧାରାକୁ ସେ ସାକାର କରି ପାରିଥିଲେ । ବସ୍ତୁତଃ ସେ ପରମ୍ପରାରେ ବିଶ୍ୱାସ କରୁଥିଲେ ମଧ୍ୟ ନୂତନ ଚିନ୍ତାଧାରାକୁ ବିରୋଧ କରୁନଥିଲେ । ଜାତି, ଧର୍ମ ସେ ମାନୁ ନଥିଲେ । ଯଦିଓ ସେଥିଲେ ଏକ ନୈଷ୍ଠିକ ବ୍ରାହ୍ମଣ ପରିବାରର ସନ୍ତାନ । ୧୯୧୧ରୁ ସେ ଅସ୍ପୃଶ୍ୟତା ବିରୋଧରେ ଖୋଲା ଖୋଲି ଆନ୍ଦୋଳନ ଆରମ୍ଭ କରିଥିଲେ । ବନବିଦ୍ୟାଳୟର ଛାତ୍ରମାନଙ୍କର ଜାତି ଓ ଧର୍ମ ନିର୍ବିଶେଷରେ ଏକତ୍ର ଭୋଜନ ବ୍ୟବସ୍ଥା ସେ ଆରମ୍ଭ କରିଥିଲେ । ସେଥି ପାଇଁ ସ୍ଥାନୀୟ ବ୍ରାହ୍ମଣ ସମାଜ ତାଙ୍କୁ ଦଣ୍ଡଦେବା ପାଇଁ ସ୍କୁଲଘର ଓ ଦୁର୍ଲଭ ପୁସ୍ତକମାନଙ୍କର ପୁସ୍ତକାଗାରରେ ନିଆଁ ଲଗାଇ ଦେଲେ କିନ୍ତୁ ସେ ଦବିଗଲେ ନାହିଁ । ସଙ୍ଗେ ସଙ୍ଗେ ନୂତନ ଘର ତିଆରି ହେଲା ଓ ପ୍ରାମାଣିକ ଗ୍ରନ୍ଥମାନ ଆଣି ସେ ନୂତନ ପୁସ୍ତକାଗାରରେ ରଖିଲେ ।

ବିଦ୍ୟାଳୟର ସୀମିତ ପରିଧି ଭିତରେ ତାଙ୍କର ପ୍ରତିଭା ସୀମାବଦ୍ଧ ହୋଇ ରହିପାରିଲା ନାହିଁ । ସେହି ପ୍ରତିଭା ବଳରେ ସେ 'ଓଡ଼ିଶାର ଭାଗ୍ୟବାନ ସତ୍ ପୁତ୍ରମାନଙ୍କର ଚରିତ୍ର ସୃଷ୍ଟି କରିବା ସଙ୍ଗେ ସଙ୍ଗେ ଅସଂଖ୍ୟ କାବ୍ୟ, କବିତା, ଶିଶୁ ସାହିତ୍ୟର ଭାଷା ଓ ସାହିତ୍ୟର କ୍ରମବିକାଶ ଉପରେ ତଥ୍ୟ ସମ୍ବଳିତ ପୁସ୍ତକମାନ ରଚନା କରିଗଲେ । ତାଙ୍କର 'କୋଣାର୍କେ' କାବ୍ୟ ଏକ ଅମର କୃତି, ଏଥି ସହିତ 'ଉକ୍ତିଗାଥା', 'ପ୍ରଣୟିନୀ', 'ଖାରବେଳ', 'ଆର୍ଯ୍ୟଜୀବନ', 'ଦାସ ନାଏକ', 'ପିଲାଙ୍କ ରାମାୟଣ' ଓ 'ମହାଭାରତ' । ସଂସ୍କୃତରେ ତାଙ୍କର ଅଗାଧ ପାଣ୍ଡିତ୍ୟ ଥିଲା । ସେ ମଧ୍ୟ ଦେଶଜ ଭାଷାରେ ମଧ୍ୟ ତାଙ୍କର ଗଭୀର ଜ୍ଞାନ ଥିଲା । ସେ ଭକ୍ତି ପୁସ୍ତକରେ ଶ୍ରୀମଦ ଭାଗବତ ଗୀତାର ଅନନ୍ୟ ଭାଷା ଓ ଭକ୍ତି ପୁସ୍ତକରେ ଆରମ୍ଭରେ ତାଙ୍କର ପ୍ରଦତ୍ତ ପାଣ୍ଡିତ୍ୟପୂର୍ଣ୍ଣ ଗୀତା ପ୍ରବେଶ ଭାରତରେ ଆଧ୍ୟାତ୍ମିକ ସାହିତ୍ୟ ପ୍ରତି ଏକ ଅନନ୍ୟ ଓ ଅମୂଲ୍ୟ ଅବଦାନ । ଓଡ଼ିଆ ସାହିତ୍ୟର କ୍ରମବିକାଶ ପାଇଁ ବୈଜ୍ଞାନିକ ଭିତ୍ତିରେ ଓଡ଼ିଆ

ଲିପି ସଂସ୍କାର ପାଇଁ ସେ ଲାଗି ପଡ଼ିଥିଲେ । ଏହା ସେ ସମୟରେ ସାହିତ୍ୟିକ ମହଲରେ ଚହଳ ପକାଇଥିଲା । ତାପରେ ଆଉ କେହି ପ୍ରାୟ ଓଡ଼ିଆ ଲିପିର ସଂସ୍କାର ପାଇଁ ଚେଷ୍ଟା କରି ନାହାନ୍ତି । ତାଙ୍କର ଓଡ଼ିଆ ଭାଷା, ଲିପି ଓ ସାହିତ୍ୟକୁ ଦାନ ଅତୁଳନୀୟ । ଆବାଳ ବୃଦ୍ଧ ବନିତା ସମସ୍ତଙ୍କ ପାଇଁ ତାଙ୍କ ଲେଖନୀ ଥିଲା ଅମୃତମୟ । ଜଗନ୍ନାଥ ଧର୍ମ, ସାହିତ୍ୟ ଓ ସଂସ୍କୃତିକୁ ସେ ବିଶ୍ୱ ଦରବାରରେ ଅଧିଷ୍ଠିତ କରାଇ ପାରିଥିଲେ । ଓଡ଼ିଶାବାସୀଙ୍କ ମନରେ ସେ ଆଣି ଦେଇଥିଲେ ଗଭୀର ଆତ୍ମ ମର୍ଯ୍ୟାଦାବୋଧ ।

୧୯୨୦ ମସିହାରେ ଗୋପବନ୍ଧୁଙ୍କର ଅନୁମତି ନେଇ କଲିକତା ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ବିଭାଗରେ ଅଧ୍ୟାପକ ଭାବେ ପଣ୍ଡିତ ନୀଳକଣ୍ଠ ଯୋଗ ଦେଇଥିଲେ । କିନ୍ତୁ ୧୯୨୧ ମସିହାରେ ଗାନ୍ଧିଜୀଙ୍କର ଅସହଯୋଗ ଆନ୍ଦୋଳନ ଆରମ୍ଭ ହେବାରୁ ସେ ବିଶ୍ୱବିଦ୍ୟାଳୟରୁ ଅଧ୍ୟାପକ ଚାକିରି ଛାଡ଼ି ପୁଣି ନିଜ ରାଜ୍ୟ ଓଡ଼ିଶାକୁ ଫେରି ଆସି ଗାନ୍ଧିଜୀଙ୍କର ଅସହଯୋଗ ଆନ୍ଦୋଳନରେ ଯୋଗଦେଲେ ଓ ଏଠିଠାରୁ ହିଁ ଆରମ୍ଭହେଲା ତାଙ୍କର ରାଜନୈତିକ ଜୀବନ ।

୧୯୨୪ ମସିହାରେ ପଣ୍ଡିତ ନୀଳକଣ୍ଠ କେନ୍ଦ୍ରୀୟ ବ୍ୟବସ୍ଥାପକ ସଭା (ଆସେମ୍ବ୍ଲିର) ସଭ୍ୟ ହିସାବରେ ନିର୍ବାଚିତ ହୋଇ ଯୋଗ ଦେଇଥିଲେ । ଗବେଷଣାତ୍ମକ ସନ୍ଦର୍ଭରୁ ଜଣାଯାଏ ଯେ, ପଣ୍ଡିତ ନୀଳକଣ୍ଠ ୩ ଗୋଟି ଉଦ୍ଦେଶ୍ୟରେ ସେ କେନ୍ଦ୍ରୀୟ ବ୍ୟବସ୍ଥାପକ ସଭାର ସଭ୍ୟ ହୋଇଥିଲେ । ପ୍ରଥମରେ ଉଭୟେ ଜାତୀୟ ଓ ପ୍ରାନ୍ତୀୟ ସମତାରକ୍ଷା । ଦ୍ୱିତୀୟରେ ସାଧାରଣ ବ୍ୟକ୍ତିର ସ୍ୱାର୍ଥରକ୍ଷା ଏବଂ ତୃତୀୟରେ ଦେଶକୁ ସ୍ୱାଧୀନ କରିବା ସଂସଦ ହିସାବରେ ପଣ୍ଡିତ ନୀଳକଣ୍ଠଙ୍କର ପଦଚିହ୍ନ ଏ ପର୍ଯ୍ୟନ୍ତ ମଧ୍ୟ ସୁସ୍ପଷ୍ଟ । ସେ ସର୍ବଦା ଗୃହର ମର୍ଯ୍ୟାଦା ରକ୍ଷା କରିବା ପାଇଁ ଚେଷ୍ଟିତ ଥିଲେ । ଆଲୋଚନାରେ ଭାଗ ନେବା ଆଗରୁ ଆଲୋଚ୍ୟ ବିଷୟଟିକୁ ସେ ଭଲଭାବରେ ଅଧ୍ୟୟନ କରୁଥିଲେ । ସମସାମୟିକ ସଂସଦମାନଙ୍କ କହିବା ଅନୁସାରେ ଫଳା ଫଳ ଯାହା ହେଉନା କାହିଁକି ସେ ଯେଉଁ ଯୁକ୍ତି ବାଢୁଥିଲେ ତାହାଥିଲା ଅକାଟ୍ୟ ଏବଂ ସର୍ବଜନ ଆଦୃତ । ତାଙ୍କର ଏ ସମୟ ମଧ୍ୟରେ ଲୁଣ ଉତ୍ପାଦନ ବିଧେୟକ, ଭାରତୀୟ ଅର୍ଥ ବିଧେୟକ, ହିନ୍ଦୁ ଧାର୍ମିକ ଓ ଦାତବ୍ୟ ବିଧେୟକ ଇତ୍ୟାଦି ଗୃହୀତ ହୋଇଥିଲା ଏବଂ ସେ ସମ୍ବନ୍ଧରେ ନୀଳକଣ୍ଠଙ୍କ ଅବଦାନ ଅବିସ୍ମରଣୀୟ । ଜନୈକ ଗବେଷକଙ୍କ ମତରେ ପଣ୍ଡିତ ନୀଳକଣ୍ଠ ବ୍ୟବସ୍ଥାପକ ସଭାରେ ଦେଇଥିବା ବକ୍ତବ୍ୟ ଓ ବିଜ୍ଞର ବିମର୍ଶ ଜଣେ ଉଚ୍ଚ କୋଟିର ରାଜନୀତି ବିଜ୍ଞାନ ତଥା ଜଣେ ମହାନ ସମାଜ ସଂସ୍କାରକଙ୍କର ସ୍ୱାକ୍ଷର ବହନ କରେ । ସେହିଭଳି ଓଡ଼ିଶା ବିଧାନ ସଭାର ବିରୋଧୀ ଦଳର ସଭ୍ୟ ହିସାବରେ ତାଙ୍କର ବିଜ୍ଞର ବିମର୍ଶ ସମସ୍ତଙ୍କୁ ଅନୁପ୍ରାଣିତ କରିଥିଲା । ସେ ବିରୋଧୀ ପାଇଁ ବିରୋଧରେ ବିଶ୍ୱାସ କରୁନଥିଲେ । ତାଙ୍କର ସମାଲୋଚନା ଥିଲା ଗଠନ ମୂଳକ ଏବଂ ନିର୍ଦ୍ଦେଶାତ୍ମକ । ବିଧାୟକ ହିସାବରେ ଭୂସଂସ୍କାର ନୀତି, ଭୂରାଜସ୍ୱ ଶିକ୍ଷାର ବିକାଶ ଶିଳ୍ପ ଓ କୃଷିର ଅଭିବୃଦ୍ଧି, ଓଡ଼ିଶାର ରେଳପଥର ସମ୍ପ୍ରସାରଣ, ସାମାଜିକ ଓ ଧାର୍ମିକ ସଂସ୍କାର । ଓଡ଼ିଶାର ସ୍ୱାୟତ୍ତ ଶାସନ ଇତ୍ୟାଦି ବିଧାୟକ ମଧ୍ୟ ତାଙ୍କର ଅସାଧାରଣ ପ୍ରତିଭା ଓ କର୍ମନିଷ୍ଠା ପ୍ରତିପାଦନ କରିପାରିଥିଲା ।

ଏହାଛଡ଼ା ସେ 'ସତ୍ୟବାଦୀ' ମାସିକ ପତ୍ରିକାର କାର୍ଯ୍ୟକାରୀ ସମ୍ପାଦକ ଥିଲେ । ୧୯୨୧ ମସିହାରେ ସେ 'ସେବା ପତ୍ରିକା' ୧୯୨୮ରୁ ୧୯୨୯ ମସିହାରେ 'ସମାଜ' ଦୈନିକ 'ନବଭାରତ'ର ମଧ୍ୟ ସମ୍ପାଦନା କରିଥିଲେ । ସେ ଜଣେ ସାମାନ୍ୟ ସମ୍ପାଦକ ନଥିଲେ । ଲେଖକମାନଙ୍କର ପ୍ରତିଭା ଓ ବିଜ୍ଞର ସମ୍ଭାବନାକୁ ସେ ନିର୍ଭୁଲ ଭାବରେ ନିର୍ଣ୍ଣୟ କରି ଲେଖକମାନଙ୍କ ଲେଖାକୁ ଗଢ଼ିତୋଳିବା ପାଇଁ ଚେଷ୍ଟା କରୁଥିଲେ । ସେ ୧୯୩୫ ମସିହାରେ ସ୍ୱତନ୍ତ୍ର ଉତ୍କଳ ବିଶ୍ୱବିଦ୍ୟାଳୟ ପାଇଁ ପ୍ରଚେଷ୍ଟା ଚଳେଇଥିଲେ, ଯାହାକି ୧୯୪୪ ମସିହାରେ ପ୍ରଥମ କରି ଉତ୍କଳ ବିଶ୍ୱବିଦ୍ୟାଳୟ ତାଙ୍କର ପ୍ରଚେଷ୍ଟାରେ ସ୍ଥାପିତ ହୋଇଥିଲା ଓ ସେ ସାତ ବର୍ଷ ଧରି ଉକ୍ତ ବିଶ୍ୱବିଦ୍ୟାଳୟର ପ୍ରୋଭାଇସ୍‌ଚାନ୍ସଲର ରହିଥିଲେ । ସେ ଓଡ଼ିଶା ରାଜ୍ୟର ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟିର ମଧ୍ୟ ଅଧ୍ୟକ୍ଷ ଭାବେ ବହୁବର୍ଷ ଧରି ରହିଥିଲେ ।

ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବା ପାଇଁ ପଣ୍ଡିତ ନୀଳକଣ୍ଠଙ୍କର ପ୍ରଚେଷ୍ଟା ଚିର ସ୍ମରଣୀୟ ହୋଇ ରହିବ । ସେ ସର୍ବ ପ୍ରଥମେ ନୂତନ ଓଡ଼ିଶାର ସ୍ୱପ୍ନ ଦେଖିଥିଲେ । ବହୁ ଐତିହାସିକମାନଙ୍କ ମତରେ ପଣ୍ଡିତ ନୀଳକଣ୍ଠଙ୍କର ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ୧୯୨୭ ମସିହାରେ କେନ୍ଦ୍ରୀୟ ଆସେମ୍ବ୍ଲିରେ ଏଥିନିମନ୍ତେ ଦେଇଥିବା ଅକାଟ୍ୟ ଯୁକ୍ତି 'ଓଡ଼ନେଲ', କମିଟିକୁ ପ୍ରଭାବିତ କରିଥିଲା । ସେଥିପାଇଁ ଉତ୍କଳ ଗୌରବ ମଧୁସୂଦନ ମୃତ୍ୟୁଶଯ୍ୟାରେ ନୀଳକଣ୍ଠଙ୍କୁ ନିଜ ଉତ୍ତରାଧିକାରୀ ବୋଲି କହି ଯାଇଥିଲେ । ତାଙ୍କର ବିଶ୍ୱାସ ଥିଲା ଯେ ଏକମାତ୍ର ନୀଳକଣ୍ଠ ହିଁ ସ୍ୱତନ୍ତ୍ର ଏବଂ ଉନ୍ନତ ଓଡ଼ିଶା ଗଢ଼ିବା ଦିଗରେ ସମର୍ଥ ହୋଇ ପାରିବେ । ନୀଳକଣ୍ଠଙ୍କର ଏହି ଦାବୀ ଫଳରେ ୧୯୩୬ ମସିହାରେ ଓଡ଼ିଶା ଭାଷାଭିତ୍ତିକ ଏକ ସ୍ୱତନ୍ତ୍ର ପ୍ରଦେଶ ହେବାର ମର୍ଯ୍ୟାଦା ଲାଭ କରିଥିଲା ।

ରାଜନୈତିକ ଜୀବନ ଭିତରେ ପଣ୍ଡିତ ନୀଳକଣ୍ଠ ବ୍ରିଟିଶ୍ ସାମ୍ରାଜ୍ୟବାଦ ବିରୁଦ୍ଧରେ ବିଦ୍ରୋହ କରିବାରୁ ଓ ଅସହଯୋଗ ଆନ୍ଦୋଳନ ସମୟରେ ୧୯୨୧–୩୩ ମସିହା ଭିତରେ ବହୁବାର କାରାବରଣ କରିଥିଲେ । ସେ ଚିତ୍ତରଞ୍ଜନ ଦାସଙ୍କ ଦ୍ୱାରା ପ୍ରତିଷ୍ଠିତ ସ୍ୱରାଜ ଦଳ, ପଣ୍ଡିତ ମଦନ ମୋହନ ମାଲବ୍ୟଙ୍କ ଦ୍ୱାରା ପ୍ରତିଷ୍ଠିତ ସ୍ୱାଧୀନ ଦଳରେ ମଧ୍ୟ ଯୋଗ ଦେଇଥିଲେ । କିନ୍ତୁ ମହାତ୍ମାଗାନ୍ଧୀଙ୍କ ଡାକରାରେ ସେ ସବୁ ଦଳକୁ ଛାଡ଼ି ଦାଣ୍ଡୀଲବଣ ସତ୍ୟାଗ୍ରହରେ ଯୋଗ ଦେଇଥିଲେ । ତାପରେ ସେ ନିଜେ ସ୍ୱାଧୀନ 'ଜନସଂଘ' ନାମକ ଏକ ଦଳ ଗଢ଼ିଥିଲେ, ପନ୍ଦର ବର୍ଷ ପରେ ସେ ତତ୍କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଅନୁରୋଧରେ ୧୯୫୫ ମସିହାରେ ପୁଣି ଥରେ କଂଗ୍ରେସରେ ଯୋଗ ଦେଲେ । ଜବାହରଲାଲ ନେହେରୁ ପଣ୍ଡିତ ନୀଳକଣ୍ଠଙ୍କ ବିଷୟରେ ଲେଖିଥିଲେ ଯେ ଓଡ଼ିଶାରେ ଅର୍ଦ୍ଧ ଶତାବ୍ଦୀ ଧରି ପଣ୍ଡିତ ନୀଳକଣ୍ଠ ରାଜନୀତି ତଥା ସାହିତ୍ୟରେ ନିଜର ପ୍ରାଧାନ୍ୟ ବଜାୟରଖି ପାରିଛନ୍ତି । ତେଣୁ ସେ କଂଗ୍ରେସରେ ଯୋଗ ଦେବା ଆବଶ୍ୟକ ପଡୁଛି ।

ପଣ୍ଡିତ ନୀଳକଣ୍ଠ ୧୯୫୭ ମସିହାରେ ଓଡ଼ିଶା ବିଧାନସଭାକୁ ବିନା ପ୍ରତି ଦ୍ୱନ୍ଦିତାରେ ନିର୍ବାଚିତ ହୋଇଥିଲେ ଓ ଏହାର ବାଚସ୍ପତି ରୂପେ ମଧ୍ୟ ନିର୍ବାଚିତ ହୋଇ ନିରପେକ୍ଷ ଭାବରେ ନିଜର କର୍ତ୍ତବ୍ୟ ସମ୍ପାଦନ କରି ସମସ୍ତଙ୍କର ପ୍ରୀତିଭାଜନ ହୋଇ ପାରିଥିଲେ ଓ ଭାରତୀୟ ସଂସଦୀୟ ଗଣତନ୍ତ୍ରର ଗଭୀର ଚେଖାପାତ କରି ପାରିଥିଲେ । ସେ ବିଧାନସଭାର ସ୍ୱାଧୀନତା ଏବଂ ବାଚସ୍ପତି ପଦବୀର ମର୍ଯ୍ୟାଦା ରକ୍ଷା କରିବା ପାଇଁ ସେ ଯେଉଁ ପଦକ୍ଷେପ ନେଇଥିଲେ ତାହା ଭାରତୀୟ ଗଣତନ୍ତ୍ର ପରମ୍ପରାର ଏକ ନୂତନ ଯୁଗର ଅଭ୍ୟୁଦୟ ଥିଲା । ବାଚସ୍ପତି ଭାବରେ ସେ ଯେଉଁ ନିର୍ଣ୍ଣୟ ଦେଖାଇ ଯାଇଛନ୍ତି ତାହା ଯୁଗାନ୍ତକାରୀ । ସେ କହିଥିଲେ ନିର୍ବାଚିତ ପ୍ରତିନିଧିମାନଙ୍କ ମଧ୍ୟରୁ ଯେ କେହି ସେହି ବିଧାନସଭାର ବାଚସ୍ପତି ସେହି ବିଧାନସଭା ପରିଚାଳନା କରିବାକୁ ନିର୍ବାଚିତ ହେବେ । ଉକ୍ତ ବିଧାନସଭା କାର୍ଯ୍ୟକାଳ ପୂରି ତାକୁ ଭାଙ୍ଗି ଦିଆଗଲେ ମଧ୍ୟ ତାପର ବର୍ତ୍ତୀ ବିଧାନସଭାର ପ୍ରତିନିଧି ନିର୍ବାଚିତ ହେବା ପର୍ଯ୍ୟନ୍ତ ଗଲା ବିଧାନସଭାର ବାଚସ୍ପତି ଯେ ଥିବେ ସେ ସେହିପରି ରହି ପାରିଥିବେ ।

ସେ ଯେତେବେଳେ ଓଡ଼ିଶା ବିଧାନସଭାର ବାଚସ୍ପତି ଥିଲେ ସେତେବେଳେ ଓଡ଼ିଶା ବିଧାନସଭାର ସଚିବ ସାଧା ସଚିବାଳୟରେ ରହି ବିଧାନସଭାର କାର୍ଯ୍ୟ କରୁଥିଲେ । ପଣ୍ଡିତ ନୀଳକଣ୍ଠ ଓ ଡ଼ ହରେକୃଷ୍ଣ ମହତାବଙ୍କ ସହିତ ଆଲୋଚନା କରି ବିଧାନସଭାର ସଚିବ ବିଧାନସଭା ସଚିବାଳୟରେ କାର୍ଯ୍ୟ କରିବାର ବ୍ୟବସ୍ଥା କରାଇଥିଲେ ।

ପଣ୍ଡିତ ନୀଳକଣ୍ଠ ଥିଲେ କାଳଜୟୀ । ତାଙ୍କ ବ୍ୟକ୍ତିତ୍ୱ ଅଦ୍ୱିତୀୟ, ସେ ଏକଧାରାରେ ଥିଲେ ଦାର୍ଶନିକ, ଆଦର୍ଶ ଶିକ୍ଷକ, ଅଧ୍ୟାପକ ସାହିତ୍ୟିକ ସମାଜ ସଂସ୍କାରକ ଓ ବ୍ୟବସ୍ଥାପକ । ତାଙ୍କ ପ୍ରତିଭା ଥିଲା ବହୁମୁଖୀ । ୧୯୬୭ ମସିହା ନଭେମ୍ବର ମାସ ୬ ତାରିଖ ଦିନ ତାଙ୍କର କର୍ମମୟ ଜୀବନର ଅବସାନ ଘଟିଥିଲା । କିନ୍ତୁ ତାଙ୍କର ଆଦର୍ଶ ଓ ଓଡ଼ିଶା ପାଇଁ ତାଙ୍କର ଉନ୍ନତ ଚିନ୍ତାଧାରା ପରବର୍ତ୍ତୀ ପିଢ଼ି ପାଇଁ ପ୍ରେରଣାର ଉତ୍ସ ହୋଇ ରହିଥିବ ।

---

ନୟାଗଡ଼ ପୁରୁଣା ଟାଉନ୍,
ଜି: ନୟାଗଡ଼



ଭଞ୍ଜ କଳା ମଣ୍ଡପଠାରେ ଆୟୋଜିତ "ଭାରତୀୟ ସମାଜରେ ନାରୀମାନଙ୍କ ପ୍ରତି ହିଂସା" ଶୀର୍ଷକ ଏକ ଆଲୋଚନା ଚକ୍ରକୁ ପୂର୍ବତନ ସଂସଦ ସଦସ୍ୟା ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକ ପ୍ରଦୀପ ଜାଳି ଉଦ୍‌ଘାଟନ କରୁଛନ୍ତି ।

# ଅହଲ୍ୟା ଉବାଚ

ଅଧ୍ୟାପିକା ଅଞ୍ଜଳି ଖୁଣ୍ଟିଆ

ହେ ମୋର ଅଦେଖା ଈଶ୍ୱର !
ଉତ୍ତର ଦିଅ ଏକ
ବିରାଟ ପ୍ରଶ୍ନର............ ।
ଅନ୍ଧତ ନୁହଁ ତୁମେ–
କେମିତି ପାରୁନ ଦେଖି,
ତମ ଗଢ଼ା ସମାଜରେ
ନାରୀ ବନ୍ଦେ–
ଲବଣାକ୍ତ ଲୁହର ସମୁଦ୍ର ମଧ୍ୟେ
ଅଶ୍ରୁଣାକ୍ତ ଲୁହ ପିଇ ପିଇ–
ଅନ୍ତହୀନ ନିର୍ଯ୍ୟାସର କଣ୍ଟକିତ ବିଷମ ସଂସାରେ ।

ସେ ଯେ ସର୍ବଂ ସହା ଧରିତ୍ରୀର ସମା
ଶୁଭଙ୍କରୀ–ମଙ୍ଗଳ ମନାସେ
ପ୍ରତିଟି ପ୍ରାଣର ।
ସ୍ନେହମୟୀ ଜନନୀ, ଭଗିନୀ ଆଉ
ସହକର୍ମିଣୀର
ମୁଗ୍ଧ ମଞ୍ଜୁଳା ବେଶେ ।
ବଧିର ତ ନୁହଁ ତୁମେ
ଶୁଣିକି ପାରୁନ ତେବେ–
ପଥପ୍ରାନ୍ତେ ସଞ୍ଚରି ଯାଏ ନିତି ନିତି
କେତେ ଅସହାୟା ଅନ୍ତର୍ଦାହର
କରୁଣ କାକଳୀ,
ଆର୍ତ୍ତ ଯାତନା, ଲାଞ୍ଛନାର ଦୀର୍ଘ ଇସ୍ତାହାର ।

ତୁମ ବଳେ ବଳୀୟାନ ପୁରୁଷ ସମାଜ
ଇଚ୍ଛାମତେ ନାରୀକୁ ପିନ୍ଧାଏ ବସ୍ତ୍ର
ପୁଣି ବିବସ୍ତ୍ର କରାଏ–
ସତେ କି ତା' ହାତ ଗଢ଼ା ମାଟିର କଣ୍ଢେଇ ।

କୁହ ତେବେ !
କେଉଁ ଅପରାଧେ
ନାରୀ ଆଜି ଶାପଗ୍ରସ୍ତା ?
ମୁକ୍ତି ତା'ର କେବେ ??
ଲୁହର ସାଗର ଡେଇଁ
ବଡ଼ବାଣ୍ଡ ରାସ୍ତା ଟପି
ପାରିବ କି ଛୁଇଁ ତମ ରାଙ୍ଗଣି ପାଦାବ ???

ତା' ଓଠରେ ଫୁଟିବ କି
ମୁକ୍ତା ଝରା ହସ
ଗରୁଡ଼ ସ୍ତମ୍ଭରୁ ପୁଣି
ରତ୍ନସିଂହାସନ ଯାଏ
ତା' ପାଇଁ ଫିଟିବ ବାଟ
ଭୟ ଶୂନ୍ୟ ହେବ କେବେ
ପୃଥ୍ୱୀ ଚଉପାଶ ।

ଉତ୍କଳ କେଶରୀ ଡଃ ହରେକୃଷ୍ଣ ମହତାବ
ସ୍ମାରକୀ ମହାବିଦ୍ୟାଳୟ, କେନ୍ଦୁଆପଦା,
ଭଦ୍ରକ

# ଓଜୋନ ବାଷ୍ପ ହ୍ରାସ : ଜୀବଜଗତ ପ୍ରତି ବିପଦ

ପୃଥିବୀରେ ଶିଳ୍ପର ଦ୍ରୁତ ବିକାଶ ଯୋଗୁଁ ମାନବ ସମାଜ ବହୁ ଭାବିରେ ଉପକୃତ ହୋଇଥିଲେ ମଧ୍ୟ ଶେଷରେ ଏହା ମାନବ ଜାତି ପ୍ରତି ଗୁରୁତର ବିପଦ ମଧ୍ୟ ସୃଷ୍ଟି କରିବା ଆଶଙ୍କା ରହିଛି । ସଂପ୍ରତି ମହାକାଶରେ ବାୟୁମଣ୍ଡଳର ଉପରଭାଗରେ ଥିବା ଓଜୋନ ସ୍ତର କ୍ରମେ ହ୍ରାସ ପାଉଥିବାରୁ ମାନବ ଜାତିର ସ୍ଥିତି ବିପନ୍ନ ହୋଇପଡ଼ିଛି । ଫଳରେ ସମଗ୍ର ପୃଥିବୀରେ ଏଥିପାଇଁ ଗଭୀର ଉଦ୍‌ବେଗ ସୃଷ୍ଟି ହୋଇଛି । କିନ୍ତୁ ଏଥିପାଇଁ ମାନବ ସମାଜ ପୁରାପୁରି ଦାୟୀ ।

ଓଜୋନ ଏକ କଟୁ ଗନ୍ଧମୟ ଈଷତ୍ ନୀଳ ବାଷ୍ପ ଓ ୩ଟି ଅମ୍ଳଜାନ ଅଣୁର ମିଶ୍ରଣରେ ଏହାର ସୃଷ୍ଟି । ଗବେଷଣାଗାରରେ ଉଚ୍ଚଶକ୍ତି ସମ୍ପନ୍ନ ବିଦ୍ୟୁତ୍ ଶକ୍ତି ବିକୀରଣ ଦ୍ୱାରା ଏବଂ ଉପର ବାୟୁମଣ୍ଡଳରେ ସୂର୍ଯ୍ୟର ଅଲଟ୍ରା ଭାଓଲେଟ (ବାଇଗଣି) ରଶ୍ମୀର ପ୍ରଖର ବିକୀରଣ ଦ୍ୱାରା ଏହି ଓଜୋନ ବାଷ୍ପ ସୃଷ୍ଟି ହୋଇପାରେ । ପୃଥିବୀର ବାୟୁମଣ୍ଡଳର ଉପରି ଭାଗରେ ଟ୍ରପୋସ୍ଫିଅରରେ ଓ ଷ୍ଟ୍ରାଟୋସ୍ଫିଅରରେ ଓଜୋନ ବାଷ୍ପର ଏକ ସ୍ତର ରହିଛି ପୃଷ୍ଠରୁ ୧୦ କିଲୋମିଟରଠାରୁ ୫୦ କିଲୋମିଟର ଉଚ୍ଚତା ମଧ୍ୟରେ ଷ୍ଟ୍ରାଟୋସ୍ଫିଅରରେ ଏ ବାଷ୍ପ ରହିଥାଏ । ଏହି ଉଚ୍ଚତାରେ ବାୟୁମଣ୍ଡଳରେ ଓଜୋନ ଅଧିକ ପରିମାଣରେ ଥାଏ । ବାୟୁମଣ୍ଡଳର ଉଚ୍ଚସ୍ତରରେ ଓ ଷ୍ଟ୍ରାଟୋସ୍ଫିଅରରେ ବିଗତ ଲକ୍ଷ ଲକ୍ଷ ବର୍ଷ ଧରି ସୃଷ୍ଟି ହୋଇଥିବା ଓଜୋନ ବାଷ୍ପ କ୍ରମାଗତ ଭାବେ ସୃଷ୍ଟି ହୋଇ ସୂର୍ଯ୍ୟକିରଣ ଓ ଅନ୍ୟ କାରଣ ଦ୍ୱାରା ମଧ୍ୟ ସମାନ ପରିମାଣରେ ରହି ଆସିଛି ।

## ଓଜୋନ ବାଷ୍ପ ହ୍ରାସ ପାଇବାର ବିପଦ

ଓଜୋନ ବାଷ୍ପର ସ୍ତର ସୂର୍ଯ୍ୟର ଅତ୍ୟନ୍ତ କ୍ଷତିକାରକ ବାଇଗଣି (ଅଲଟ୍ରାଭାଓଲେଟ୍-ବି) ରଶ୍ମିକୁ ଭୂପୃଷ୍ଠକୁ ଛାଡ଼ି ନ ଥାଏ । ସୂର୍ଯ୍ୟକିରଣରେ ଅତ୍ୟନ୍ତ ଶକ୍ତିଶାଳୀ ୩ ପ୍ରକାରର ଅଲଟ୍ରାଭାଓଲେଟ ରଶ୍ମି ଥାଏ । ସେଗୁଡ଼ିକ ହେଉଛି ୟୁ.ଭି.-ସି (୨୦୦-୨୮୦ ମି.ମି.) ୟୁ.ଭି.-ବି (୨୮୦-୩୨୦ ମି.ମି.) ଓ ୟୁ.ଭି.-ଏ (୩୨୦-୪୦୦ ମି.ମି.) ଏହା ମଧ୍ୟରୁ ୟୁ.ଭି.-ବି ଓ ସି ରଶ୍ମି ଭୂପୃଷ୍ଠରେ ଜୀବ ଜଗତ ପ୍ରତି ଅତ୍ୟନ୍ତ କ୍ଷତିକାରକ । ସୌଭାଗ୍ୟବଶତଃ ୟୁ.ଭି.-ସି ରଶ୍ମି ଓଜୋନ ସ୍ତରରେ ଛାଣି ହୋଇ ରହିଯାଏ ଓ ଏହାର ୨ରୁ ୩ ଶତାଂଶ ମାତ୍ର ଭୂପୃଷ୍ଠରେ ପହଞ୍ଚିଥାଏ । ଓଜୋନ ବାଷ୍ପ ସ୍ତର ହ୍ରାସ ପାଇ ପତଳା ହୋଇଗଲେ କିମ୍ବା ଏଥିରେ ଗର୍ତ୍ତ ସୃଷ୍ଟି ହେଲେ ଅଧିକ ପରିମାଣ ବିପଜ୍ଜନକ ୟୁ.ଭି.-ବି ଓ ୟୁ.ଭି.-ସି ରଶ୍ମି ଭୂପୃଷ୍ଠରେ ପହଞ୍ଚିଥାଏ ।

ଏ ରଶ୍ମି ଅଧିକ ପରିମାଣରେ ଭୂପୃଷ୍ଠରେ ପଡ଼ିଲେ ମନୁଷ୍ୟ ଓ ଜୀବଜନ୍ତୁଙ୍କ ପ୍ରତି ବିପଦ ସୃଷ୍ଟି କରିଥାଏ । ଏହା ଦ୍ୱାରା ଚକ୍ଷୁରୋଗ ଓ ଚର୍ମ କର୍କଟ ରୋଗ ବୃଦ୍ଧି ପାଇବା ସହିତ ରୋଗ ପ୍ରତିରୋଧ ଶକ୍ତି ହ୍ରାସ କରିଥାଏ । ତା'ଛଡ଼ା ଗଛପତ୍ର, ଜୀବାଣୁ ଓ ବାୟୁ ଉପରେ ଏହାର କୁପ୍ରଭାବ ପଡ଼େ । ସେ ଦୃଷ୍ଟିରୁ ଭୂପୃଷ୍ଠରେ ଜୀବଜଗତ ଓ ଗଛଲତାର ନିରାପତ୍ତା ପାଇଁ ଓଜୋନ ବାଷ୍ପ ବିଶେଷ ଆବଶ୍ୟକ, କାରଣ ଏହା ସୂର୍ଯ୍ୟକିରଣର ଅତ୍ୟନ୍ତ କ୍ଷତିକାରକ ଅଲଟ୍ରାଭାଓଲେଟ୍ ରଶ୍ମିକୁ ଭୂପୃଷ୍ଠରେ ପହଞ୍ଚିବାକୁ ଦିଏନାହିଁ ।

## ଓଜୋନ ସ୍ତର ପ୍ରତି କ୍ଷତି

ମାତ୍ର ଓଜୋନ ସ୍ତରର କ୍ଷତି ଘଟି ସାରିଲାଣି । ପୃଥିବୀରେ ଶିଳ୍ପ କାରଖାନାର ଦ୍ରୁତ ବିକାଶ ଫଳରେ ବାୟୁମଣ୍ଡଳରେ ଓ ଓଜୋନ ବାଷ୍ପ ହ୍ରାସ ପାଇବା ଆରମ୍ଭ ହୋଇଗଲାଣି । ମନୁଷ୍ୟ ଭିନ୍ନଭିନ୍ନ ପ୍ରକାର କଳକାରଖାନା ଦ୍ୱାରା ବାୟୁମଣ୍ଡଳକୁ ବହୁ ପ୍ରକାର ରାସାୟନିକ ଦ୍ରବ୍ୟ ଓ ବିଷାକ୍ତ ଦ୍ରବ୍ୟ ଓ ବିଷାକ୍ତ ବାଷ୍ପ ଛାଡୁଛି, ମାତ୍ର ବାୟୁମଣ୍ଡଳର ପରିବେଶ ସୁରକ୍ଷା ଉପରେ ଏହାର ପ୍ରଭାବ ସମ୍ପର୍କରେ ଚିନ୍ତା କରୁନାହିଁ । ପ୍ରଥମେ ଶିଳ୍ପ ବିକାଶ ବାୟୁମଣ୍ଡଳକୁ ଅଙ୍ଗାରକାମ୍ଳ (କାର୍ବୋନ ଡାଇଅକ୍‌ସାଇଡ୍) ସହିତ ଅଳ୍ପ ପରିମାଣ ଗନ୍ଧକ ବାଷ୍ପ (ସେଲଫର ଡାଇଅକ୍‌ସାଇଡ୍) ଓ ଯବକ୍ଷାରଯାନ ବାଷ୍ପ (ନାଇଟ୍ରୋଜେନ ଅକ୍‌ସାଇଡ୍) ଛଡ଼ା ଯାଉଥିଲା । ମାତ୍ର ଏସବୁ ବିଷ ବାଷ୍ପ ବାୟୁମଣ୍ଡଳ ପ୍ରତି କିଭଳି କ୍ଷତି ଘଟାଇବ ତା ଚିନ୍ତା କରାଯାଇନଥିଲା ।

ଉଦାହରଣ ସ୍ୱରୂପ ଭୂପୃଷ୍ଠରୁ ବହୁ ଉଚ୍ଚରେ ଶବ୍ଦଠାରୁ ଅଧିକ ଦ୍ରୁତ ଗତିରେ ଯାତ୍ରା କରିଥିବା ସୁପରସୋନିକ୍ ବିମାନ ଦ୍ୱାରା ଓଜୋନ ବାଷ୍ପସ୍ତର କ୍ଷତିଗ୍ରସ୍ତ ହୋଇଥାଏ । ବିମାନ ଇଞ୍ଜିନର ଅତ୍ୟଧିକ ଉତ୍ତାପ ଯୋଗୁଁ ଅମ୍ଳଯାନ ଓ ଯବକ୍ଷାରଯାନ ମିଶି ନାଇଟ୍ରିକ ଅକ୍‌ସାଇଡ୍ ସୃଷ୍ଟି ହୋଇଥାଏ ଯାହା ଓଜୋନ ସ୍ତରରେ କ୍ଷତି ଘଟାଇଥାଏ ।

## ଆଶ୍ଚର୍ଯ୍ୟଜନକ ପଦାର୍ଥ

୧୯୩୦ ମସିହାରେ ଟମାସ ମିଡ୍‌ଗ୍ଲେଙ୍କ ଦ୍ୱାରା ପ୍ରଥମ ଥର ପାଇଁ ଏକ ଆଶ୍ଚର୍ଯ୍ୟଜନକ ରାସାୟନିକ ଦ୍ରବ୍ୟର ସନ୍ଧାନ ମିଳିଥିଲା । ଏହା ହେଉଛି "କ୍ଲୋରୋଫ୍ଲୁରୋ କାର୍ବୋନ" । ଏହାକୁ ଫ୍ରିଓନ ବାଷ୍ପ ମଧ୍ୟ କୁହାଯାଏ ଶୀତତାପ ନିୟନ୍ତ୍ରଣ ଯନ୍ତ୍ର, ରେଫ୍ରିଜରେଟର ବିଭିନ୍ନ ପ୍ରକାର ପ୍ରସାଧନ ସାମଗ୍ରୀ ସ୍ପ୍ରେ ପ୍ରଭୃତିରେ ଏହି ପଦାର୍ଥର ବ୍ୟବହାର କ୍ରମେ ବୃଦ୍ଧି ପାଇଲା ।

ପରେ ଏହି ଶ୍ରେଣୀର ବାଷ୍ପ ସହିତ ହୋମଫ୍ଲୁରୋ କାର୍ବୋନ (ହାଲୋନ୍)ର ଉଦ୍ଭାବନ କରାଗଲା ଓ ଏହା ନିଆଁ ଲିଭାଇବା ଯନ୍ତ୍ରରେ ବ୍ୟବହାର ହୋଇ ବିଶେଷ ଫଳପ୍ରଦ ହୋଇ ପାରିଥିଲା । ଏଗୁଡ଼ିକ ବିଷାକ୍ତ ବାଷ୍ପ ହୋଇନଥିବାରୁ ଓ ଅତ୍ୟନ୍ତ ଶସ୍ତା ହୋଇଥିବାରୁ ଏହାର ବ୍ୟବହାର ଦ୍ରୁତ ଗତିରେ ବୃଦ୍ଧି ପାଇଥିଲା । ମାତ୍ର ପରେ ଜଣାଗଲା ଯେ ଏହାର ବହୁଳ ବ୍ୟବହାର ଦ୍ୱାରା ବାୟୁମଣ୍ଡଳର ଉପରି ଭାଗରେ ଓଜୋନ ସ୍ତର କ୍ଷତିଗ୍ରସ୍ତ ହେଉଛି ଓ କ୍ରମେ ହ୍ରାସ ପାଉଛି । ଭାରତରେ ଏ ସବୁ ବାଷ୍ପର ବ୍ୟବହାର ପ୍ରାୟ ୨୦ ବର୍ଷ ପୂର୍ବେ ଆରମ୍ଭ ହୋଇଥିଲା ଓ ଏବେ ଏହାର ବ୍ୟବହାର ଅତି ଦ୍ରୁତ ଗତିରେ ବୃଦ୍ଧି ପାଉଛି । ବ୍ରୋମାଇଡ୍‌ନାମକ ଆଉ ଏକ ରାସାୟନିକ ଦ୍ରବ୍ୟ ମଧ୍ୟ ଓଜୋନ ବାଷ୍ପ ହ୍ରାସ କରାଇଥାଏ । ଏହାଛଡ଼ା କାର୍ବୋନ ଟେଟ୍ରାକ୍ଲୋରାଇଡ୍ ଓ ଟ୍ରାଇକ୍ଲୋରିଥେନ ନାମକ ଆଉ ଦୁଇଟି ରାସାୟନିକ ଦ୍ରାବକରେ ଯଥେଷ୍ଟ କ୍ଲୋରିନ ବାଷ୍ପ ଥାଏ, ଯାହା ବାୟୁମଣ୍ଡଳରେ ମିଶି ବହୁ ଉଚ୍ଚକୁ ଯାଇ ଓଜୋନ ସ୍ତରର କ୍ଷତି ଘଟାଇଥାଏ ।

ଏହି ସମସ୍ତ ଆଶ୍ଚର୍ଯ୍ୟଜନକ ରାସାୟନିକ ଦ୍ରବ୍ୟ ଶିଳ୍ପରେ ବହୁଳ ଭାବରେ ବ୍ୟବହୃତ ହେଉଥିଲେ ମଧ୍ୟ କେହି କଳ୍ପନା କରି ନଥିଲେ ଯେ ଏଗୁଡ଼ିକ ଦିନେ ଭୂପୃଷ୍ଠରେ ଜୀବଜଗତ ପ୍ରତି ଗୁରୁତର ବିପଦ ସୃଷ୍ଟି କରିବ । ୧୯୭୨ ମସିହାରେ ଷ୍ଟକହୋମଠାରେ ଅନୁଷ୍ଠିତ ଜାତିସଂଘର ପ୍ରଥମ ପରିବେଶ ସମ୍ମିଳନୀରେ ପ୍ରଥମ କରି ଏ ପ୍ରସଙ୍ଗ ଉତ୍ଥାପନ କରାଯାଇଥିଲା । ଶବ୍ଦଠାରୁ ଅଧିକ ବେଗରେ ବହୁ ଉଚ୍ଚତାରେ ଯାତ୍ରୀ କରୁଥିବା ଶହ ଶହ ସୁପରସୋନିକ୍ ବିମାନ ଦ୍ୱାରା ବାୟୁମଣ୍ଡଳର ଉପରିଭାଗରେ ଓଜୋନ ବାଷ୍ପ ସ୍ତର କିଭଳି କ୍ଷତିଗ୍ରସ୍ତ ହେଉଛି ତା ଅନୁଧ୍ୟାନ କରିବାକୁ ସମ୍ମିଳନୀ ପକ୍ଷରୁ ଜାତିସଂଘ ପରିବେଶ ସୁରକ୍ଷା ସଂସ୍ଥାକୁ କ୍ଷମତା ପ୍ରଦାନ କରାଯାଇଥିଲା । ତାଛଡ଼ା ରାସାୟନିକ ସାର କାରଖାନାମାନଙ୍କରୁ ନିର୍ଗତ ନାଇଟ୍ରିକ ଅକ୍‌ସାଇଡ୍ ବାଷ୍ପ ଦ୍ୱାରା ଓଜୋନ ସ୍ତର କ୍ଷତିଗ୍ରସ୍ତ ହେଉଛି କି ନାହିଁ ତା ମଧ୍ୟ ଅନୁଧ୍ୟାନ କରିବାକୁ କୁହାଯାଇଥିଲା । ମାତ୍ର ଏସବୁ ଅନୁଧ୍ୟାନ କାର୍ଯ୍ୟ ବିଶେଷ ଅଗ୍ରଗତି କରି ପାରିଲା ନାହିଁ ଓ ଏ ସମ୍ପର୍କରେ ଅଯଥା ଉଦ୍‌ବେଗ ଅନାବଶ୍ୟକ ବୋଲି କୁହାଗଲା ।

## ଆନ୍ତର୍ଜାତିକ ପଦକ୍ଷେପ

୧୯୭୪ ମସିହାରେ ଆମେରିକାର ଦୁଇଜଣ ବୈଜ୍ଞାନିକ ମ୍ୟାରିଓ ମୋଲିନା ଓ ଏଫ୍‌ଃ ଶେରଉଡ୍ ରୋଲାଣ୍ଡ ମତ ପ୍ରକାଶ କରିଥିଲେ ଯେ କ୍ଲୋରୋଫ୍ଲୁରୋ କାର୍ବୋନ (ସିଃଏଫ୍‌ଃ–ସି) ଅଣୁଗୁଡ଼ିକ ବାୟୁମଣ୍ଡଳର ଉପର ସ୍ତରକୁ ଧୀରେ ଧୀରେ ଯାଇ ସେଠାରେ ସୂର୍ଯ୍ୟର ଅଲଟ୍ରାଭାଓଲେଟ–ବି ଓ ସି ରଶ୍ମି ପ୍ରଭାବରେ କ୍ଲୋରିନ୍ ଅଣୁରେ ପରିଣତ ହୋଇପାରନ୍ତି । ଏହି କ୍ଲୋରିନ୍ ଅଣୁଗୁଡ଼ିକ ଜଟିଳ ରାସାୟନିକ ପ୍ରକ୍ରିୟାରେ ଅମ୍ଳଯାନ ଅଣୁରେ ପରିଣତ ହୋଇ ପୁଣି କ୍ଲୋରିନ ଅଣୁ ସୃଷ୍ଟି କରି ଥାଆନ୍ତି । ଆମେରିକୀ ମହାକାଶ ଗବେଷଣା ସଂସ୍ଥା (ନାସା)ର ବୈଜ୍ଞାନିକମାନେ ଏ ଦୁଇଜଣ ବୈଜ୍ଞାନିକଙ୍କ ମତାମତ ଉପରେ ପରୀକ୍ଷା ନିରୀକ୍ଷା କରି ଏହା ସତ୍ୟ ବୋଲି ଜାଣିବା ପରେ ସମଗ୍ର ପୃଥିବୀରେ ଗଭୀର ଉଦ୍‌ବେଗ ସୃଷ୍ଟି ହୋଇଥିଲା । ଫଳରେ ଏ ସଂପର୍କରେ ଅନ୍ତର୍ଜାତିକ ସ୍ତରରେ ପଦକ୍ଷେପର ଭିତ୍ତି ସୃଷ୍ଟି ହୋଇଥିଲା ।

ବାୟୁମଣ୍ଡଳରେ ଓଜୋନ ବାଷ୍ପସ୍ତର ହ୍ରାସ ପାଉଥିବାରୁ ବିପଦ ସମ୍ପର୍କରେ ବିଶ୍ୱବାସୀଙ୍କୁ ସଚେତନ କରାଯାଇ ୧୯୭୭ରେ ପ୍ରଥମ କରି ଆନ୍ତର୍ଜାତିକ ସ୍ତରରେ ପଦକ୍ଷେପ ଗ୍ରହଣ କରାଯାଇଥିଲା । ଆମେରିକା ରାଜଧାନୀ ୱାସିଂଟନ୍‌ଠାରେ ୩୨ଟି ଦେଶର ପ୍ରତିନିଧିମାନଙ୍କ ଏକ ସମ୍ମିଳନୀରେ ଓଜୋନ ସ୍ତର ସୁରକ୍ଷା ନିମନ୍ତେ ବିଶ୍ୱବ୍ୟାପୀ ପଦକ୍ଷେପ ନେବାକୁ ଏକ ପ୍ରସ୍ତାବ ଗୃହୀତ ହୋଇ ଜାତିସଂଘ ପରିବେଶ ସୁରକ୍ଷା ସଂସ୍ଥାକୁ ସମନ୍ୱୟ ରକ୍ଷାକାରୀ ସଂସ୍ଥା ନିଯୁକ୍ତ କରାଯାଇଥିଲା ।

ମେରୁପ୍ରାନ୍ତ (ଆଣ୍ଟାର୍କଟିକା) ଉପରେ ବାୟୁମଣ୍ଡଳରେ ଓଜୋନ ବାଷ୍ପ ଅତ୍ୟଧିକ ହ୍ରାସ ପାଇଥିବା ବିଷୟ ୧୯୮୫ ମସିହାରେ ଅନୁଷ୍ଠିତ ଭିଏନା ସମ୍ମିଳନୀରେ ଜଣା ପଡ଼ିଥିଲା । ଏହା ଫଳରେ ୧୯୮୭ ମସିହାରେ ଏ ସଂକ୍ରାନ୍ତ ଏକ ଅନ୍ତର୍ଜାତିକ ରାଜିନାମା ମଣ୍ଟ୍ରିଲ ପ୍ରୋଟୋକଲ ସ୍ୱାକ୍ଷରିତ ହୋଇଥିଲା । ପରେ ବିକାଶଶୀଳ ଦେଶମାନଙ୍କ ଉଦ୍‌ବେଗର ଅବସାନ ଲକ୍ଷ୍ୟରେ ୧୯୯୦ରେ ମଣ୍ଟ୍ରିଲ ଚୁକ୍ତିନାମାର ସଂଶୋଧନ କରାଯାଇଥିଲା । ପୃଥିବୀରୁ ୨୦୦୦ ମସିହା ସୁଦ୍ଧା ୫ଟି ଗୁରୁତ୍ୱପୂର୍ଣ୍ଣ ଫ୍ଲୁରୋ କାର୍ବୋନ୍ ଓ ହାଲୋନଗୁଡ଼ିକର ବ୍ୟବହାର ସମ୍ପୂର୍ଣ୍ଣ ବନ୍ଦ କରିଦେବାକୁ ଏବଂ ଅନ୍ୟାନ୍ୟ ସାମାନ୍ୟ ଧରଣର କ୍ଲୋରୋଫ୍ଲୁରୋ କାର୍ବୋନର ବ୍ୟବହାର କ୍ରମେ କମାଇ ଦେଇ ଶେଷରେ ପୁରାପୁରି ବନ୍ଦ କରିଦେବାକୁ ଏ ସମ୍ମିଳନୀରେ ନିଷ୍ପତ୍ତି ହୋଇଥିଲା ।

## ଭାରତର ଭୂମିକା ଓ କର୍ତ୍ତବ୍ୟ

ଭାରତ ୧୯୯୨ରେ ମିଣ୍ଟ୍ରିଲ ରାଜିନାମାରେ ସ୍ୱାକ୍ଷର କରିଥିଲା । ଭାରତର ସ୍ୱପକ୍ଷେ ଏହି ରାଜିନାମାରେ ଏକ ନୂତନ ଧାରା ଯୋଗ କରାଯାଇଥିଲା । ପଞ୍ଚମ ଧାରା ଅନୁଯାୟୀ ଯେଉଁସବୁ ଦେଶରେ ମୁଣ୍ଡପିଛା ୩୦୦ ଗ୍ରାମରୁ କମ୍ ଓଜୋନ ଧ୍ୱଂସକାରୀ ଦ୍ରବ୍ୟ ଉତ୍ପାଦନ ହେଉଛି ସେ ସବୁ ଦେଶରେ ଏ ସମସ୍ତ ରାସାୟନିକ ଦ୍ରବ୍ୟର ଉତ୍ପାଦନ ବନ୍ଦ କରିବା ଓ ସେ ସଂପର୍କ ବୈଷୟିକ ଜ୍ଞାନ ଯୋଗାଇ ଦେବାର ସମସ୍ତ ଖର୍ଚ୍ଚ ଶିଳ୍ପୋନ୍ନତ ଧନୀ ଦେଶମାନେ ବହନ କରିବେ । ଏକ ବହୁ ପାକ୍ଷିକ ପାଣ୍ଠି ଜରିଆରେ ଏ ଯୋଜନା ଏ କାର୍ଯ୍ୟକାରୀ କରାଯିବ । ଓଜୋନ ବାଷ୍ପ ବିଲୋପକାରୀ ରାସାୟନିକ ଦ୍ରବ୍ୟ ଉତ୍ପାଦନ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଏ ସବୁ ଦେଶମାନଙ୍କୁ ୧୦ ବର୍ଷ ଅଧିକ ସମୟ ଦିଆଯିବ । ଯଦି ଏହି ସମୟ ମଧ୍ୟରେ ଏହା ସମ୍ଭବ ନହୁଏ ତେବେ ଏହି ସବୁ ଦ୍ରବ୍ୟର ଉତ୍ପାଦନ ହ୍ରାସର ଶେଷରେ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ମଣ୍ଟ୍ରିଲ ରାଜିନାମାରେ ୫ମ ଧାରା ଅନୁଯାୟୀ ଅଧିକ କିଛି ସମୟ ନିମନ୍ତେ ଏସବୁ ଦେଶ ଆବେଦନ କରିପାରିବେ ।

ମଣ୍ଟ୍ରିଲ ରାଜିନାମାର ସର୍ତ୍ତାବଳୀ ପୂରଣ ଲକ୍ଷ୍ୟରେ ଦେଶରୁ ଓଜୋନ ସ୍ତର ଲୋପ କରୁଥିବା ପଦାର୍ଥର ଉତ୍ପାଦନ ପର୍ଯ୍ୟାୟକ୍ରମେ ବନ୍ଦ କରିବାକୁ ଏବଂ ଏହାର ବିକଳ୍ପ ବ୍ୟବସ୍ଥା ଗ୍ରହଣ ନିମନ୍ତେ ନୂତନ

ବୈଷୟିକ ଜ୍ଞାନ ଆହରଣ ପାଇଁ ଭାରତରେ ୧୯୯୦ ମସିହା ମେ ମାସରେ ପ୍ରଥମ ଟାସ୍କଫୋର୍ସ ଗଠନ କରାଯାଇଥିଲା । ଏ ଗୋଷ୍ଠୀର ଚୂଡ଼ାନ୍ତ ରିପୋର୍ଟ ଓ ସୁପାରିଶମାନ ୧୯୯୩ ମସିହା ମାର୍ଚ୍ଚ ମାସରେ ସରକାରଙ୍କଠାରେ ଦାଖଲ କରାଯାଇଥିଲା । ଦେଶରେ ଓଜୋନ ସ୍ତର ହ୍ରାସ କରୁଥିବା ବିଭିନ୍ନ ପ୍ରକାର ବାଷ୍ପ ଓ ରାସାୟନିକ ଦ୍ରବ୍ୟର ଉତ୍ପାଦନ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଭାରତ ୬୫୦୦ କୋଟି ଟଙ୍କାର ଏକ ଯୋଜନା ପ୍ରସ୍ତୁତ କରିଛି ।

ଦେଶରୁ ଓଜୋନ ଲୋପକାରୀ ଦ୍ରବ୍ୟର ଉତ୍ପାଦନ ବନ୍ଦ ପାଇଁ ଯେଉଁ ନୀତି ନିର୍ଦ୍ଧାରଣ କରାଯାଇଛି ତା ଭାରତ ସରକାରଙ୍କ ଶିଳ୍ପ ନୀତି, ଅର୍ଥନୀତି ତଥା ଜାତୀୟ ନୀତି ଉପରେ ଆଧାରିତ । ଏହି ସବୁ ରାସାୟନିକ ଦ୍ରବ୍ୟ ଉତ୍ପାଦନ ବନ୍ଦ କରିବାକୁ ଆଇନ ପ୍ରଣୟନ, ନିୟନ୍ତ୍ରଣ ମୂଳକ ପଦକ୍ଷେପ ସହିତ ଆର୍ଥିକ ସହାୟତା, ବୈଜ୍ଞାନିକ ଶିକ୍ଷାଦାନ ଓ ଏ ସଂକ୍ରାନ୍ତ ତଥ୍ୟ ପ୍ରଦାନର ବ୍ୟବସ୍ଥା କରିବାକୁ ସ୍ଥିର ହୋଇଛି । ତାଛଡ଼ା ଶିଳ୍ପ ସଂସ୍ଥାମାନଙ୍କ ସହିତ ସେମାନଙ୍କ ପକ୍ଷରୁ ସ୍ୱେଚ୍ଛାରେ ରାଜିନାମା ପାଇଁ ବ୍ୟବସ୍ଥା କରାଯିବ । ଓଜୋନ ବିଲୋପକାରୀ ପଦାର୍ଥ ଉତ୍ପାଦନ ବନ୍ଦ ନିମନ୍ତେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ସମନ୍ୱୟ ରକ୍ଷାକାରୀ ସଂସ୍ଥା କେନ୍ଦ୍ର ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ପକ୍ଷରୁ ଏକ ଷ୍ଟିୟରିଂ କମିଟି ଗଠନ କରାଯାଇଛି । ଏହି କମିଟିକୁ ଏକ ବୈଷୟିକ ଓ ଅର୍ଥନୈତିକ ସବ୍‌କମିଟି ସହାୟତା କରୁଛନ୍ତି । କେନ୍ଦ୍ର ସରକାରଙ୍କ ଦ୍ୱାରା ଅନୁମୋଦନ ଲାଭ କରିଥିବା ଏ ସଂକ୍ରାନ୍ତ ପ୍ରକଳ୍ପଗୁଡ଼ିକୁ ବହୁପାକ୍ଷିକ ପାଣ୍ଠିରୁ ଆର୍ଥିକ ସହାୟତା ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି ।

(ପିଃ ଆରଃ ବିଃ ସୌନ୍ଦର୍ଯ୍ୟ)



ଇସ୍ରାଏଲ୍ ଗସ୍ତରୁ ଫେରିବା ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କୁ ଉଡ଼ାଜାହାଜ ପଡ଼ିଆଠାରେ ମନ୍ତ୍ରୀ, ସରକାରୀ ଉଚ୍ଚ ପଦାଧିକାରୀ ଓ ଦଳର କର୍ମୀମାନେ ପାଛୋଟି ନେଉଛନ୍ତି ।

# ମହାତ୍ମା ଗାନ୍ଧୀଙ୍କର ୧୨୫ ତମ ରାଜ୍ୟସ୍ତରୀୟ ଜନ୍ମ ବାର୍ଷିକୀ ଉତ୍ସବ

ଅକ୍ଟୋବର ମାସ ୨ ତାରିଖ ସକାଳ ୮ ଘଣ୍ଟା ୩୦ ମିନିଟ୍‌ରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କର ୧୨୫ ତମ ଜନ୍ମ ବାର୍ଷିକୀ ଉତ୍ସବ ରାଜ୍ୟ ବିଧାନ ସଭା ପରିସର ମଧ୍ୟରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ ମହା ସମାରୋହରେ ପାଳିତ ହୋଇ ଯାଇଛି । ଓଡ଼ିଶାର ରାଜ୍ୟପାଳ ଶ୍ରୀଯୁକ୍ତ ଗୋପାଳ ରାମାନୁଜମ୍ ଏହି ଉତ୍ସବରେ ଯୋଗ ଦେଇ ମହାତ୍ମା ଗାନ୍ଧୀଙ୍କର ଅହିଂସା, ସତ୍ୟ, କର୍ତ୍ତବ୍ୟନିଷ୍ଠ ଓ ସେବା ମନୋଭାବ ନୀତିକୁ ଦେଶବାସୀ ଗ୍ରହଣ କରି ବାସ୍ତବ ଜୀବନ କ୍ଷେତ୍ରରେ ପ୍ରୟୋଗ କରିପାରିଲେ, ସମାଜ ତଥା ଦେଶର ଅଶେଷ ମଙ୍ଗଳ ସାଧିତ ହେବା ସଙ୍ଗେ ସଙ୍ଗେ ଏହାହିଁ ତାଙ୍କ ପ୍ରତି ଉପଯୁକ୍ତ ଶ୍ରଦ୍ଧାଞ୍ଜଳି ହେବ ବୋଲି ପ୍ରକାଶ କରିଥିଲେ । ବିଶ୍ୱର ସାମ୍ପ୍ରତିକ ପରିସ୍ଥିତିରେ ମାନବ ସମାଜକୁ ତିଷ୍ଠି ରହିବାକୁ ହେଲେ, ତାଙ୍କର ଦର୍ଶନ ଶାସ୍ତ୍ର ହିଁ ଏକମାତ୍ର ସମାଧାନର ପନ୍ଥା ବୋଲି ରାଜ୍ୟପାଳ ଶ୍ରୀ ରାମାନୁଜମ୍ ମଧ୍ୟ ସୂଚନା ଦେଇଥିଲେ ।



ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଏହି ଉତ୍ସବରେ ଯୋଗ ଦେଇ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି
ଅର୍ପଣ କରିବା ସଙ୍ଗେ ସଙ୍ଗେ ଦେଶକୁ ସ୍ୱାବଲମ୍ବୀ କରିବା ନିମନ୍ତେ ଜନସାଧାରଣଙ୍କର ସକ୍ରିୟ ସହଯୋଗ କାମନା କରିଥିଲେ । ଦେଶରୁ
ଦାରିଦ୍ର୍ୟ ଦୂର ନହେଲେ ମହାତ୍ମା ଗାନ୍ଧୀଙ୍କର ସ୍ୱପ୍ନ ପୂରଣ ହୋଇ ପାରିବ ନାହିଁ ବୋଲି ଉଲ୍ଲେଖ କରିବା ସଙ୍ଗେ ସଙ୍ଗେ ବର୍ତ୍ତମାନ ମିଳିଥିବା
ସୁଯୋଗକୁ ଉପଯୁକ୍ତ ଭାବେ ବିନିଯୋଗ କରି ଦେଶ ତଥା ଜାତିର ହିତ ପାଇଁ କାର୍ଯ୍ୟ କରିବା ଉଚିତ୍ ବୋଲି ସେ ପ୍ରକାଶ
କରିଥିଲେ ।

ସୂଚନା ଓ ଲୋକ ସମ୍ପର୍କ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ନେତ୍ରାନନ୍ଦ ମଲ୍ଲିକ ସ୍ୱାଗତ ଭାଷଣ ଦେଇ, ଗରିବ, ଖଟିଖିଆ, ହରିଜନ ଏବଂ ସାମାଜିକ ତଥା
ଆର୍ଥିକ କ୍ଷେତ୍ରରେ ଦୁର୍ବଳ ଲୋକଙ୍କୁ ଉଠାଇବା ସଙ୍ଗେ ସଙ୍ଗେ ଜାତି ଜାତି ମଧ୍ୟରେ ସଦ୍‌ଭାବ ଓ ଜାତୀୟ ସଂହତି ବୃଦ୍ଧି ସହିତ ବିଶ୍ୱରେ ଶାନ୍ତି
ପ୍ରତିଷ୍ଠା କରାଯାଇ ପାରିଲେ, ଗାନ୍ଧୀଙ୍କ ପ୍ରତି ଉପଯୁକ୍ତ ସମ୍ମାନ ହେବ ବୋଲି ସେ ପ୍ରକାଶ କରିଥିଲେ ।

ଉତ୍ସବ ପ୍ରାରମ୍ଭରେ ମହାତ୍ମା ଗାନ୍ଧୀଙ୍କର ପ୍ରତିମୂର୍ତ୍ତିରେ ରାଜ୍ୟପାଳ ଶ୍ରୀଯୁକ୍ତ ଗୋପାଳ ରାମାନୁଜମ୍, ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ
ପଟ୍ଟନାୟକ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସେକ୍ ମତଲୁବ୍ ଅଲ୍ଲୀ, ସୂଚନା ଓ ଲୋକ ସମ୍ପର୍କ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ନେତ୍ରାନନ୍ଦ ମଲ୍ଲିକ, ଶିଶୁ ଓ ମହିଳା
ବିକାଶ ରାଷ୍ଟ୍ରମନ୍ତ୍ରୀ ଶ୍ରୀମତୀ ବିଜୟ ଲକ୍ଷ୍ମୀ ସାହୁ, କ୍ରୀଡ଼ା ଓ ଯୁବ କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ସୁରେଶ କୁମାର ରାଉତରାୟ, ସମବାୟ ରାଷ୍ଟ୍ରମନ୍ତ୍ରୀ
ଶ୍ରୀ ରବିନ୍ଦ୍ର କୁମାର ସେଠୀ, ପୂର୍ବତନ ବାଚସ୍ପତି ଶ୍ରୀ ଯୁଧିଷ୍ଠିର ଦାସ, ଶାସନ ସଚିବ ଶ୍ରୀ ଅଜିତ କୁମାର ତ୍ରିପାଠୀ ଓ ଶ୍ରୀ ଧୀରେନ୍ଦ୍ର ନାଥ
ପାଢ଼ୀଙ୍କ ସମେତ ବହୁ ସ୍ୱାଧୀନତା ସଂଗ୍ରାମୀ ଓ ବିଶିଷ୍ଟ ବ୍ୟକ୍ତିମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ।

# ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ଆଲୋଚନାଚକ୍ର

ଗାନ୍ଧିଜୀଙ୍କ ଆଦର୍ଶକୁ ଲୋକଲୋଚନକୁ ଆଣିବା ପାଇଁ ପ୍ରଚେଷ୍ଟା ସର୍ବଦୌ ବିଧେୟ । ସେଥିପାଇଁ ଗାନ୍ଧିଜୀଙ୍କ ବାଣୀ–ସତ୍ୟ, ଅହିଂସା, ତ୍ୟାଗ ସେବା ଏବଂ ଦେଶପ୍ରେମ ପ୍ରାଥମିକ ଶିକ୍ଷାରେ ସ୍ଥାନ ପାଇବା ଉଚିତ ବୋଲି ଓଡ଼ିଶାର ରାଜ୍ୟପାଳ ଶ୍ରୀ ଗୋପାଳ ରାମାନୁଜମ୍ ଗତ ୩୦ ତାରିଖରେ ସୂଚନା ଭବନଠାରେ ରାଜ୍ୟ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆୟୋଜିତ "ଗାନ୍ଧିଜୀଙ୍କ ଦୃଷ୍ଟିରେ ମଣିଷ, ଶିକ୍ଷାରେ ସାମ୍ପ୍ରତିକ ପରିବ୍ୟାପ୍ତି" ଶୀର୍ଷକ ଏକ ଆଲୋଚନା ଚକ୍ରକୁ ଉଦ୍‌ଘାଟନ କରି ମତ ବ୍ୟକ୍ତ କରିଛନ୍ତି । ମଣିଷ, ମଣିଷ ପାଖରେ ପହଞ୍ଚିବା ପାଇଁ ଶିକ୍ଷା ଏକ ମାଧ୍ୟମ ଏବଂ ଶିକ୍ଷା କ୍ଷେତ୍ରରେ ଥିବା ତାରତମ୍ୟ ଦୂରକରି ଶିକ୍ଷାର ମାନ ବୃଦ୍ଧି କରିପାରିଲେ, ସାମାଜିକ ସ୍ଥିତି ସୁଦୃଢ଼ ହୋଇପାରିବ ବୋଲି ମତବ୍ୟକ୍ତ କରି ରାଜ୍ୟପାଳ ଶିକ୍ଷାକୁ ବ୍ୟବସାୟରେ ପରିଣତ ନକରିବାକୁ ପରାମର୍ଶ ଦେଇଥିଲେ । ବ୍ୟାବହାରିକ ଜୀବନରେ ଗାନ୍ଧିଜୀଙ୍କ ଆଦର୍ଶ ପ୍ରତିଫଳିତ କରିବା ପାଇଁ ଜନ ସଚେତନତା ସୃଷ୍ଟି କରିବାକୁ ରାଜ୍ୟପାଳ ଆହ୍ୱାନ ଦେବା ସଙ୍ଗେ ସଙ୍ଗେ ଆଲୋଚନାଚକ୍ରକୁ କେବଳ ଆଲୋଚନାରେ ସୀମାବଦ୍ଧ ନକରି ଗାନ୍ଧିଜୀଙ୍କ ବାଣୀ ଏବଂ ଆଦର୍ଶକୁ ଗାନ୍ଧିଜୀଙ୍କୁ ଦେଖି ନଥିବା ମଣିଷମାନଙ୍କ ନିକଟରେ ପହଞ୍ଚାଇ ତାଙ୍କ ଆଦର୍ଶରେ ଅନୁପ୍ରାଣିତ କରାଇ ପାରିଲେ, ତାହା ଗାନ୍ଧିଜୀଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ମତବ୍ୟକ୍ତ କରିଥିଲେ । ପ୍ରତ୍ୟେକ ମଣିଷ ଅନ୍ୟକୁ ସାହାଯ୍ୟ କରିବା ମନୋବୃତ୍ତି ପୋଷଣ କରିପାରିଲେ ସମାଜ ନିଶ୍ଚିତ ଏକ ସ୍ୱର୍ଗରେ ପରିଣତ ହେବ ବୋଲି ଆଶା ପ୍ରକାଶ କରି ରାଜ୍ୟପାଳ, ଏଥିପାଇଁ ସମସ୍ତେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ ।




ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସଂସ୍କୃତି ମନ୍ତ୍ରୀ ଶ୍ରୀ ଭୁପିନ୍ଦର ସିଂ ଏବଂ ସଂସ୍କୃତି ସଚିବ ଶ୍ରୀ ରାଜେନ୍ଦ୍ର କିଶୋର ପଣ୍ଡା ପ୍ରମୁଖ ଉଦ୍‌ବୋଧନ ଦେଇ ଆଲୋଚନା ଚକ୍ରର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିବା ସଙ୍ଗେ ସଙ୍ଗେ ଗାନ୍ଧିଜୀଙ୍କ ଆଦର୍ଶକୁ ପ୍ରଚାର ଏବଂ ପ୍ରସାର ନିମନ୍ତେ ୧୨୫ ତମ ଗାନ୍ଧୀ ଜନ୍ମ ବାର୍ଷିକୀ ପାଳନ ଅବସରରେ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ଜନସହଯୋଗ କାମନା କରିଥିଲେ । ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଡଃ ବିମଳେନ୍ଦୁ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଜ୍ୟସ୍ତରୀୟ ସମ୍ମାନ ଉତ୍ସବ

ଜାତିର ପିତା ମହାତ୍ମା ଗାନ୍ଧୀଙ୍କର ସନ୍ତାନ ଭାବରେ ଆମେ ଭାରତବାସୀ, ତାଙ୍କ ଦ୍ୱାରା ପ୍ରଦର୍ଶିତ ସତ୍ୟ ଓ ଅହିଂସାର ମାର୍ଗରେ ନିଜକୁ ପରିଚାଳିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ପରାମର୍ଶ ଦେଇଛନ୍ତି ।

ସ୍ଥାନୀୟ ସୂଚନା ଭବନଠାରେ ରାଜ୍ୟ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ମହାତ୍ମା ଗାନ୍ଧୀଙ୍କର ୧୨୫ ତମ ପୁଣ୍ୟ ଜନ୍ମବାର୍ଷିକୀ ଉପଲକ୍ଷେ ଆୟୋଜିତ ରାଜ୍ୟସ୍ତରୀୟ ସମ୍ମାନ ଉତ୍ସବରେ ମୁଖ୍ୟ ଅତିଥିରୂପେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ, ମହାତ୍ମା ଗାନ୍ଧୀ ସାଧାରଣ ନଥିଲେ । ତାଙ୍କର ଆଦର୍ଶ ଓ ବାଣୀ ସମସ୍ତାତୀତ ଥିଲା । ଭାରତବାସୀଙ୍କ ବିଶ୍ୱାସ ଉପରେ ଆଧାରିତ ଅହିଂସାର ମହାନ୍ ଶକ୍ତିକୁ ଗାନ୍ଧିଜୀ ଆୟୁଧ ରୂପେ ବ୍ୟବହାର କରି ଦୁର୍ଦ୍ଧର୍ଷ ଇଂରେଜି ଜାତିକୁ ଭାରତ ଭୂମିରୁ ତଡ଼ି ପାରିଥିଲେ । ଦେଶ ସ୍ୱାଧୀନ ହୋଇଥିଲା ଓ ଭାରତୀୟ ମହାଜାତି ଜନ୍ମ ନେଇଥିଲା । ଆମେ ସମସ୍ତେ ଭାରତୀୟ ବା ହିନ୍ଦୁସ୍ଥାନୀ, ଏହି ଜାତୀୟତାର ଭାବକୁ ମହାତ୍ମା ଗାନ୍ଧୀ ସମସ୍ତଙ୍କ ମନରେ ଫୁଟାଇ ପାରିଥିଲେ ।

ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ, ବାପୁଜୀ ଈଶ୍ୱର ଏକ ଓ ଅଭିନ୍ନବୋଲି ଭାବୁଥିଲେ। ଯେ ରାମ, ସେ ରହିମ୍ ସେ ବୁଦ୍ଧ, ସେ ମହାବୀର ଓ ସେ ହିଁ ତା'ଙ୍କ ଈଶ୍ୱର ସର୍ବତ୍ର ବିଦ୍ୟମାନ। ବିବେକର ବାଣୀ, ଅନ୍ତଃକରଣର କଥା ହିଁ ମାନି ଚଳିଲେ ମଣିଷ ଖରାପ ବାଟରେ ପରିଚାଳିତ ହେବ ନାହିଁ। ବାପୁଜୀଙ୍କ ଲକ୍ଷ୍ୟ ଓ ଆଦର୍ଶକୁ ସାକାର କରିବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ।





ଏହି ଉତ୍ସବରେ ସମ୍ମାନିତ ଅତିଥି ରୂପେ ଯୋଗଦେଇ ସଂସ୍କୃତି ମନ୍ତ୍ରୀ ଶ୍ରୀ ଭୁପିନ୍ଦର ସିଂ ବାପୁଜୀଙ୍କ ଉପଦେଶାବଳୀର ପ୍ରାସଙ୍ଗିକତା ଆଜି ମଧ୍ୟ ରହିଛି ବୋଲି ପ୍ରକାଶ କରିଥିଲେ। ପ୍ରାଚୀନ ଭାରତୀୟ କଳା ଓ ସଂସ୍କୃତି ପ୍ରତି ମହାତ୍ମା ଗାନ୍ଧୀଙ୍କର ଅସୀମ ଅନୁରାଗ ରହିଥିଲା। ପାଶ୍ଚାତ୍ୟ ସଂସ୍କୃତିର ଅନୁକରଣ ନକରି ଭାରତୀୟ ସଂସ୍କୃତି, ଐତିହ୍ୟ ଓ କଳାକୁ ପୁନଃ ଋଦ୍ଧିମନ୍ତ କରିବା ପାଇଁ ପ୍ରୟାସ ଜାରି ରଖିବା ଆଜି ନିତାନ୍ତ ଜରୁରୀ ହୋଇ ପଡ଼ିଛି ବୋଲି ସେ ପ୍ରକାଶ କରିଥିଲେ।

ଓଡ଼ିଶା ସାହିତ୍ୟ ଏକାଡେମୀ, ଲଳିତ କଳା ଏକାଡେମୀ ଓ ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ରାଜ୍ୟ ଓ ଜିଲ୍ଲା ସ୍ତରରେ ପ୍ରବନ୍ଧ ଆୟୋଜିତ ଚିତ୍ରାଙ୍କନ ଆଦି ପ୍ରତିଯୋଗିତାରେ ବିଜୟୀ ହୋଇଥିବା ପିଲାମାନଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କାର ବିତରଣ କରିଥିଲେ।

# ପ୍ରଗତି ପ୍ରସଙ୍ଗ

## ରାଜ୍ୟରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା

ବର୍ତ୍ତମାନ ସରକାର ଶିକ୍ଷାର ପ୍ରସାର କରାଇ ନିରକ୍ଷରତା ରୂପକ ସାମାଜିକ ବ୍ୟାଧିର ବିଲୋପ ସାଧନ ନିମନ୍ତେ କେତେକ ସୁଚିନ୍ତିତ ପଦକ୍ଷେପ ଗ୍ରହଣ କରିଛନ୍ତି ।

ଓଡ଼ିଶା ଭଳି ଏକ ପ୍ରଗତିଶୀଳ ରାଜ୍ୟରେ ଗରିବ ଲୋକଙ୍କ ସଂଖ୍ୟା ଅଧିକ ଏବଂ ସେମାନଙ୍କ ଶିକ୍ଷା ଲୋକର ଆଢୁଆଳରେ ରହିଯାଇଛନ୍ତି । ସେମାନଙ୍କ ପିଲାମାନେ ଖାଦ୍ୟାଭାବ ଯୋଗୁଁ ପାଠପଢ଼ାରୁ ବିରତ ହୋଇଥିବା ଅଥବା ଅଧାରୁ ପାଠପଢ଼ା ଛାଡୁଥିବା ଅନୁଭବ କରି ସରକାର ଗତ ଜୁଲାଇ ପହିଲାରୁ ରାଜ୍ୟର ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ପ୍ରଚଳନ କରିଛନ୍ତି । ଏହା ଫଳରେ ଗରିବ, ଖଟିଖିଆ, ମୂଲିଆ ଶ୍ରେଣୀର ଲୋକମାନଙ୍କର ପିଲାମାନେ ନିଶ୍ଚିତ ଭାବରେ ଉପକୃତ ହେବେ, ଏଥିରେ ସନ୍ଦେହର ଅବକାଶ ନାହିଁ । ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ଆରମ୍ଭ ହେବା ପରଠାରୁ ଯେଉଁ ପିଲାମାନେ ଖାଇବାକୁ ନପାଇ ଶିକ୍ଷା ଲାଭରୁ ବଞ୍ଚିତ ହେଉଥିଲେ, ସେମାନେ ପାଠପଢ଼ା ପ୍ରତି ଆକୃଷ୍ଟ ହେବା ସହ ବିଦ୍ୟାଳୟଗୁଡ଼ିକରେ ଛାତ୍ର ଛାତ୍ରୀମାନଙ୍କର ଉପସ୍ଥାନ ବୃଦ୍ଧି ପାଇଛି । ଖାଦ୍ୟାଭାବ ହେତୁ ପିତାମାତାଙ୍କୁ ଅର୍ଥ ଉପାର୍ଜନରେ ସାହାଯ୍ୟ କରିବାକୁ ଯାଇ ଅଧାରୁ ପାଠପଢ଼ା ଛାଡୁଥିବା ପିଲାଙ୍କ ସଂଖ୍ୟା କ୍ରମଶ ହ୍ରାସ ପାଇବା ସଙ୍ଗେ ସଙ୍ଗେ ବିଦ୍ୟାଳୟ ପ୍ରତି ପିଲାମାନେ ଆକୃଷ୍ଟ ହୋଇ ଅଧିକ ସଂଖ୍ୟାରେ ଆସୁଥିବାର ପରିଲକ୍ଷିତ ହେଉଛି । ଏଣୁ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ମାଧ୍ୟମରେ ସମସ୍ତଙ୍କୁ ଶିକ୍ଷା ସୁବିଧା ଯୋଗାଇ ଦେବା ନିଶ୍ଚିତ ଭାବରେ ସରକାରଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ । ରାଜ୍ୟର ଗରିବ ତଥା ସଂଖ୍ୟାଧିକ ଲୋକଙ୍କୁ ଶିକ୍ଷିତ କରି ପ୍ରଗତି ପ୍ରକ୍ରିୟାରେ ସାମିଲ କରିବା ସଙ୍ଗେ ସଙ୍ଗେ ଓଡ଼ିଶାକୁ ଏକ ଆଦର୍ଶ ରାଜ୍ୟରେ ପରିଣତ କରିବା ପାଇଁ ସରକାର ସଙ୍କଳ୍ପବଦ୍ଧ । ଏହି ମହତ୍ ଉଦ୍ଦେଶ୍ୟ ସାଧନ ନିମନ୍ତେ ସଚେତନ ଜନସାଧାରଣ ମଧ୍ୟାହ୍ନ ଭୋଜନର ସୁପରିଚାଳନା ନିମନ୍ତେ ସହଯୋଗ କରିବା ଦରକାର ।

ଏହା ବ୍ୟତୀତ ଗତ ଛଅମାସ ମଧ୍ୟରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଶିକ୍ଷାର ଅଭିବୃଦ୍ଧି ଲାଗି ସୁଚିନ୍ତିତ ପଦକ୍ଷେପମାନ ଗ୍ରହଣ କରାଯାଇଛି । ରାଜ୍ୟର ୪୮୮ଟି ବେସରକାରୀ ହାଇସ୍କୁଲ ସମେତ ମୋଟ୍ ୭୫୦ଟି ବେସରକାରୀ ଶିକ୍ଷାନୁଷ୍ଠାନକୁ ୧୯୯୪ ମସିହା ଜୁନ୍ ପହିଲାରୁ ସରକାରୀ ଅନୁଦାନ ଦେବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି । ସେଥିମଧ୍ୟରୁ ୨୮୦ଟି ପ୍ରାଥମିକ ବିଦ୍ୟାଳୟ, ୩ଟି ସଂସ୍କୃତ ବିଦ୍ୟାଳୟ ଓ ୬ଟି ମାଦ୍ରାସା ବିଦ୍ୟାଳୟ ଅନ୍ତର୍ଭୁକ୍ତ ।

କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଦୃଷ୍ଟିରୁ ସେହି ଅନୁପାତରେ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରାଯିବାର ଆବଶ୍ୟକତା ଉପଲବ୍ଧି କରି ୧୯୯୫-୯୬ ଶିକ୍ଷାବର୍ଷରେ ରାଜ୍ୟରେ ୫୦୦ଟି ନୂତନ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ କରିବା ସଙ୍ଗେ ସଙ୍ଗେ ୨୦୦ଟି ପ୍ରାଥମିକ ବିଦ୍ୟାଳୟକୁ ଉନ୍ନୀତ କରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି । ଫଳରେ ଶିକ୍ଷାନୁଷ୍ଠାନଗୁଡ଼ିକରେ ଅଧିକ ସଂଖ୍ୟକ ଶିଶୁ ନାମ ଲେଖାଇ ଶିକ୍ଷାଲାଭର ସୁଯୋଗ ପାଇପାରିବେ ।

ପ୍ରାଥମିକ ଶିକ୍ଷାର ସାମୂହିକ ବିକାଶ ନିମନ୍ତେ ଶିକ୍ଷା କ୍ଷେତ୍ରରେ ଗ୍ରାମବାସୀଙ୍କ ସହଯୋଗର ଆବଶ୍ୟକତା ଅନୁଭବ କରି ପ୍ରତି ଗ୍ରାମରେ ଗୋଟିଏ ଲେଖାଏଁ "ଗ୍ରାମ୍ୟ ଶିକ୍ଷା କମିଟି" ଗଠନ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି । ଉକ୍ତ କମିଟିରେ ସ୍ଥାନୀୟ ସରପଞ୍ଚ, ମହିଳା ସମିତି, ଯୁବକ ସଙ୍ଘ, ସ୍ୱେଚ୍ଛାସେବୀ ସଂସ୍ଥା ଆଦିର ସଦସ୍ୟ, ତଫସିଲଭୁକ୍ତ ଜାତି ଓ ଉପଜାତିର ପ୍ରତିନିଧି ଏବଂ ଛାତ୍ରଛାତ୍ରୀଙ୍କ ଅଭିଭାବକମାନେ ସଭ୍ୟ ରହିଛନ୍ତି । କମିଟିର ସଭ୍ୟମାନେ ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟ ଓ ଅଣ-ଆନୁଷ୍ଠାନିକ ଶିକ୍ଷା କେନ୍ଦ୍ରଗୁଡ଼ିକର ରକ୍ଷଣାବେକ୍ଷଣ ତଦାରଖ ସ୍କୁଲର ଟି: ଭି: ଓ ରେଡ଼ିଓ ସୁରକ୍ଷା କରିବା ଏବଂ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ବୃଦ୍ଧି କରିବା ନିମନ୍ତେ କାର୍ଯ୍ୟ କରିବେ । ଗ୍ରାମ୍ୟ ଶିକ୍ଷା କମିଟି ଲୋକମାନଙ୍କୁ ଶିକ୍ଷା ପ୍ରତି ସଚେତନ କରିବା ସହ ପ୍ରାଥମିକ ଶିକ୍ଷାର ପ୍ରସାର ଦିଗରେ ନିଶ୍ଚିତ ଭାବେ ସହାୟକ ହେବ । ତେବେ ଏଥିପାଇଁ ଆନ୍ତରିକତାର ଆବଶ୍ୟକତା ରହିଛି ।

ଶିକ୍ଷକମାନଙ୍କର କଲ୍ୟାଣ ତଥା ସାମୂହିକ ବିକାଶ ଏବଂ ଦକ୍ଷତା ନିମନ୍ତେ ଭୁବନେଶ୍ୱରସ୍ଥ ଜାତୀୟ ଶିକ୍ଷକ ଶିକ୍ଷା ପରିଷଦର ପୂର୍ବାଞ୍ଚଳ ଆଞ୍ଚଳିକ କମିଟି କାର୍ଯ୍ୟାଳୟ ଇଂରାଜୀ ଭାଷା ଶିକ୍ଷା ପ୍ରତିଷ୍ଠାନର ଏକ ଅଂଶରେ ଚଳିତ ବର୍ଷ ଅସ୍ଥାୟୀ ଭାବେ ଆରମ୍ଭ କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି । ସେହିପରି ଚଳିତ ବର୍ଷ ଅନୁଗୁଳ ଓ ନୂଆପଡ଼ା ଜିଲ୍ଲାରେ ଗୋଟିଏ କରି ନବୋଦୟ ବିଦ୍ୟାଳୟ ଖୋଲିବା ନିମନ୍ତେ କେନ୍ଦ୍ର ସରକାର ମଞ୍ଜୁରୀ ପ୍ରଦାନ କରିଛନ୍ତି ।

ରାଜ୍ୟରେ ଇଂରାଜୀ ଶିକ୍ଷାର ପ୍ରସାର ତଥା ମାନବୃଦ୍ଧି ପାଇଁ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇ ଇଂରାଜୀ ଭାଷାର ଗୁରୁତ୍ୱ

ପଦ୍ଧତି ସ  ର୍କରେ ଶିକ୍ଷକମାନଙ୍କୁ ବିଭିନ୍ନ ପ୍ରଶିକ୍ଷଣ ଶିବିର ମାଧ୍ୟମରେ ତାଲିମ ଦିଆଯାଉଛି । ଗତ ତିନିମାସ ମଧ୍ୟରେ ୨୫୦ ଜଣ ଶିକ୍ଷକଙ୍କୁ ଇଂରାଜୀ ଭାଷା ତାଲିମ ଦିଆଯାଇଛି ।

ଶିକ୍ଷକମାନଙ୍କୁ ଦକ୍ଷତାଭିତ୍ତିକ ଶିକ୍ଷାଦାନ ନିମନ୍ତେ ପ୍ରଶିକ୍ଷଣ ବ୍ୟବସ୍ଥା କରାଯିବା ସହ ପିଲାମାନଙ୍କୁ ଆକୃଷ୍ଟ କଲା ଭଳି ଉପଯୁକ୍ତ ପାଠ୍ୟପୁସ୍ତକ ପ୍ରଚଳନ ପାଇଁ ଉଦ୍ୟମ ଅବ୍ୟାହତ ରହିଛି । ଫଳରେ ପିଲାମାନେ ବାସ୍ତବ ଜୀବନରେ ଶିକ୍ଷାର ସଦୁପଯୋଗ କରିପାରିବେ ।

ସରକାର ମହତ୍ ଉଦ୍ଦେଶ୍ୟ ରଖି ଯୋଜନାର ସଫଳ ରୂପାୟନ ନିମନ୍ତେ ଯେତେ ଚେଷ୍ଟା କଲେ ମଧ୍ୟ ଜନ ସହଯୋଗ ବିନା ଆଶାନୁରୂପ ସଫଳତା ମିଳେନାହିଁ । ଏଣୁ ସମସ୍ତଙ୍କୁ ଶିକ୍ଷିତ କରି ପ୍ରଗତିର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ସଚେତନଶୀଳ ଶିକ୍ଷାପ୍ରେମୀ ନାଗରିକ ଆଗେଇ ଆସିବା ଉଚିତ ଏବଂ ଶିକ୍ଷା କ୍ଷେତ୍ରରେ ଯେପରି କେହି ପଛେଇ ନଯାଆନ୍ତି, ସେଥିପ୍ରତି ସତର୍କ ଦୃଷ୍ଟି ରଖିବା ଆବଶ୍ୟକ ।

## ବିଂଶସୂତ୍ରୀ କାର୍ଯ୍ୟକ୍ରମର ଅଗ୍ରଗତି

ଚଳିତ ଆର୍ଥିକ ବର୍ଷ ରାଜ୍ୟରେ ବିଂଶସୂତ୍ରୀ କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି । ସେଥିମଧ୍ୟରୁ ଗତ ଅଗଷ୍ଟ ମାସ ସୁଦ୍ଧା ବିଂଶସୂତ୍ରୀ ଅନ୍ତର୍ଭୁକ୍ତ କେତେକ କାର୍ଯ୍ୟକ୍ରମରେ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହୋଇଥିବା ବେଳେ ଆଉ କେତେକ କାର୍ଯ୍ୟକ୍ରମରେ ଧାର୍ଯ୍ୟ ଲକ୍ଷ୍ୟର ଅର୍ଦ୍ଧାଧିକ ପୂରଣ ହୋଇପାରିଛି ।

ଚଳିତ ଆର୍ଥିକ ବର୍ଷ (୧୯୯୫–୯୬)ରେ ରାଜ୍ୟରେ ୨୮୮ଟି ବ୍ଲକ୍‌କୁ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ କରିବା ପାଇଁ ଲକ୍ଷ୍ୟ ଥିବା ବେଳେ ଗତ ଅଗଷ୍ଟ ମାସ ସୁଦ୍ଧା ଶହେ ପ୍ରତିଶତ ଲକ୍ଷ୍ୟ ହାସଲ ହୋଇପାରିଛି, ଅର୍ଥାତ୍ ୨୮୮ଟି ବ୍ଲକ୍‌କୁ ଏହି କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇଛି । ସେହିପରି ୧୮,୦୭୩ଟି ଅଙ୍ଗନବାଡ଼ି କେନ୍ଦ୍ର ଖୋଲିବା ନିମନ୍ତେ ଲକ୍ଷ୍ୟ ଥିବା ବେଳେ ଉକ୍ତ ସମୟ ମଧ୍ୟରେ ୨୦,୮୨୮ଟି କେନ୍ଦ୍ର ଖୋଲାଯାଇ ଶତକଡ଼ା ୧୧୫·୨୪ ଭାଗ ସଫଳତା ହାସଲ କରାଯାଇ ପାରିଛି ।

ଗ୍ରାମାଞ୍ଚଳ ପାନୀୟ ଜଳ ଯୋଗାଣ କାର୍ଯ୍ୟକ୍ରମରେ ଧାର୍ଯ୍ୟ ଲକ୍ଷ୍ୟ ୫,୨୦୬ ଥିବା ବେଳେ ୨୮୦ଟି ଗ୍ରାମକୁ ଏହି କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ କରାଯାଇ ୩·୭୪ ଲକ୍ଷ ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦିଆଯାଇ ପାରିଛି । ଉକ୍ତ ସମୟ ମଧ୍ୟରେ ଭୂମିହୀନ ପରିବାରଙ୍କୁ ୧୩୩·୨୯୬ ଏକର ସିଲିଂ ବହିର୍ଭୂତ ଜମି ବଣ୍ଟନ କରାଯାଇଛି । ଏହା ବ୍ୟତୀତ ୫୨୬୬ଟି ବାସହୀନ ପରିବାରଙ୍କୁ ଘରଡିହ ଯୋଗାଇ ଦିଆଯିବା ସଙ୍ଗେ ସଙ୍ଗେ ଇନ୍ଦିରା ଆବାସ ଯୋଜନାରେ ୮୩୮୫ ଜଣ ଆଦିବାସୀ ଓ ହରିଜନ ଶ୍ରେଣୀର ଲୋକଙ୍କୁ ଘର ଯୋଗାଇ ଦିଆଯାଇଛି ।

ସେହିପରି ଉକ୍ତ ସମୟ ମଧ୍ୟରେ ୨୦·୦୩୦ ଜଣ ବ୍ୟକ୍ତିଙ୍କର ପରିବାର କଲ୍ୟାଣ ଅସ୍ତ୍ରୋପଚାର କରାଯାଇଥିବା ବେଳେ ୬୨,୯୫୧ ଜଣ ଆଇ.ୟୁ.ଡି., ୧,୫୦,୭୮୧ ଜଣ ସି.ସି. ଓ ୩୧,୮୬୬ ଜଣ ଓରାଲ୍ ପିଲ୍ ବ୍ୟବହାର କରିଛନ୍ତି । ଏହା ବ୍ୟତୀତ ୨୨୪·୨୮୬ ହଜାର ଜଣଙ୍କୁ ଡି.ପି.ଟି., ୨୭୨·୪୮୦ ହଜାର ଶିଶୁଙ୍କୁ ପୋଲିଓ ଏବଂ ୨୯୭·୮୮୪ ହଜାର ଶିଶୁଙ୍କୁ ବି.ସି.ଜି. ପ୍ରତିଷେଧକ ଟିକା ପ୍ରଦାନ କରାଯାଇଛି ।

ବୃକ୍ଷ ରୋପଣ କାର୍ଯ୍ୟକ୍ରମ ମାଧ୍ୟମରେ ୯,୨୦୦ ହେକ୍ଟର ଜମିରେ ୩୩୦ ଲକ୍ଷ ବୃକ୍ଷ ରୋପଣ ନିମନ୍ତେ ଲକ୍ଷ୍ୟ ଥିବା ବେଳେ ଗତ ଅଗଷ୍ଟ ମାସ ସୁଦ୍ଧା ୫୧,୯୧୯ ହେକ୍ଟର ଜମିରେ ୨୨୪·୨୦୩ ଲକ୍ଷ ବୃକ୍ଷ ରୋପଣ କରାଯାଇଛି । ସେହିପରି ରାଜ୍ୟରେ ୩୬,୬୭୩ଟି ଉନ୍ନତ ଚୁଲା ଓ ୨୦୯ଟି ବାୟୋଗ୍ୟାସ୍ ପ୍ଲାଣ୍ଟ ସ୍ଥାପିତ ହୋଇଛି ।

ସମନ୍ୱିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମ ଓ ଅନ୍ୟାନ୍ୟ ଯୋଜନା ମାଧ୍ୟମରେ ୬,୫୬୮ଟି ହରିଜନ ଓ ୧୦,୭୩୭ଟି ଆଦିବାସୀ ପରିବାରଙ୍କୁ ସାମାଜିକ ନ୍ୟାୟ ପ୍ରଦାନ କରାଯାଇଛି ।

ସମନ୍ୱିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମରେ ୧୪,୨୪୪ଟି ପରିବାରଙ୍କୁ ଉତ୍ଥାନ କରାଯିବା ସଙ୍ଗେ ସଙ୍ଗେ ଜବାହର ରୋଜଗାର ଯୋଜନାରେ ୧୧୫·୪୯ ହଜାର ଓ ସମନ୍ୱିତ ଜବାହର ରୋଜଗାର ଯୋଜନାରେ ୪୧·୯୦ ହଜାର ଶ୍ରମ ଦିବସ ସୃଷ୍ଟି କରାଯାଇ ଗରିବ ଲୋକମାନଙ୍କୁ କାମଧନ୍ଦା ଯୋଗାଇ ଦିଆଯାଇ ପାରିଛି ।

## ଭଦ୍ରକ ଜିଲ୍ଲାରେ ବିଂଶସୂତ୍ରୀ କାର୍ଯ୍ୟକ୍ରମ

ଭଦ୍ରକଠାରେ ଅନୁଷ୍ଠିତ ଜିଲ୍ଲାର ବିଂଶସୂତ୍ରୀ କାର୍ଯ୍ୟକ୍ରମ ଅଗ୍ରଗତି ସ କିତ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଶ୍ରୀ ଶ୍ରୀହରି ନାୟକ ବ୍ଲକ୍ ଓ ବିଭିନ୍ନ ବିଭାଗ ମାଧ୍ୟମରେ ଗ୍ରାମାଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ । ବିଶେଷ କରି ଗ୍ରାମ୍ୟ ଅର୍ଥନୀତି କୃଷି ଉପରେ ନିର୍ଭର କରୁଥିବାରୁ କୃଷି ଉପରେ ଅଗ୍ରାଧିକାର ଦେବା ଏବଂ ରାଜସ୍ୱ କ୍ଷେତ୍ରରେ ସିଲିଂ ବହିର୍ଭୂତ ଜମି ଯୋଗାଣ ପାଇଁ ଥିବା ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରାଯିବା ଉପରେ ଜିଲ୍ଲାପାଳ ଗୁରୁତ୍ୱ ଆରୋପ କରି କମାଣ୍ଡ ଏରିଆ ଡେଭଲପମେଣ୍ଟ ଓ ପଶୁ ଚିକିତ୍ସା ସହାୟକ କେନ୍ଦ୍ରମାନଙ୍କରେ କୃତ୍ରିମ ପ୍ରଜନନ ଦ୍ୱାରା ଉନ୍ନତ ଗୋ-ସ ଦ ସୃଷ୍ଟି ସହ ଉତ୍ପାଦନ ବୃଦ୍ଧି କରିବାକୁ ସ ୍କ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ ।

ଗ୍ରାମାଞ୍ଚଳ ଶ୍ରମିକମାନଙ୍କର ଉନ୍ନତି, ଗ୍ରାମାଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ପୌଢ଼ଶିକ୍ଷା, ଗ୍ରାମାଞ୍ଚଳରେ ବି.ସି.ଜି. ଓ ପୋଲିଓ ଟିକା ସହ ଔଷଧ ଯୋଗାଣ ଆଦି ବିଷୟରେ ବୈଠକରେ ସମୀକ୍ଷା କରାଯାଇଥିଲା । ଏହା ବ୍ୟତୀତ ଗ୍ରାମାଞ୍ଚଳରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ମହିଳାମାନଙ୍କୁ ପୁରୁଷମାନଙ୍କ ସହ ସମାନ ମଜୁରି ଓ ସମାନ ଅଧିକାର ପ୍ରଦାନ, ଯୁବତୀଙ୍କ ପାଇଁ ନୂତନ ସୁବିଧା ସୃଷ୍ଟି, ବସ୍ତି ଅଞ୍ଚଳରେ ଉନ୍ନତି, ସହରାଞ୍ଚଳରେ ଉନ୍ନତ ବାସଗୃହର ବ୍ୟବସ୍ଥା ଆଦି ବିଷୟରେ ବୈଠକରେ ଆଲୋଚନା କରାଯାଇଥିଲା ।

ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ଅଧିକାରୀ ଶ୍ରୀ ଶରତ କୁମାର ଶତପଥୀଙ୍କ ସମେତ କୃଷି, ଶି ., ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଓ ସମସ୍ତ ବି.ଡି.ଓ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ଓଡ଼ିଶା ପର୍ଯ୍ୟଟନ ବିକାଶର କେନ୍ଦ୍ରବିନ୍ଦୁ ହେଉ

—ସଂସ୍କୃତି ମନ୍ତ୍ରୀ ଶ୍ରୀ ଭୂପିନ୍ଦର ସିଂହ

ବିଶ୍ୱ ପର୍ଯ୍ୟଟନ ଦିବସ ଉପଲକ୍ଷେ ଓଡ଼ିଶାର ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ଭୂପିନ୍ଦର ସିଂହ ଏକ ବାର୍ତ୍ତାରେ କହିଛନ୍ତି –

ଏହି ଦିବସର ଆଭିମୁଖ୍ୟ ହେଲା–ସମଗ୍ର ବିଶ୍ୱରେ ପର୍ଯ୍ୟଟନର ଅବାଧ ବିକାଶ ସାଧନ କରି ବିଶ୍ୱ ଏକତା ସୃଷ୍ଟି କରିବା । ପର୍ଯ୍ୟଟନର ବିକାଶରେ ସ୍ଥାନୀୟ ଅର୍ଥନୀତିର ବିକାଶ ଘଟୁଥିବାରୁ ବିଶ୍ୱ ଅର୍ଥନୀତିରେ ପର୍ଯ୍ୟଟନର ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ।

ବର୍ତ୍ତମାନ ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ଭାରତ ଏକ ମର୍ଯ୍ୟାଦାପୂର୍ଣ୍ଣ ସ୍ଥାନ ହାସଲ କରିପାରିଛି । ସେହିପରି ପୂର୍ବ ଉପକୂଳରେ ଅବସ୍ଥିତ ଓଡ଼ିଶା ଭାରତର ପର୍ଯ୍ୟଟନର ବିକାଶରେ ସକ୍ରିୟ ସହଯୋଗ ଦେଇଆସୁଛି । ରାଜ୍ୟର ଅପୂର୍ବ ବେଳାଭୂମି, ପ୍ରାଚୀନ କୀର୍ତ୍ତିରାଜି, ବନ୍ୟଜନ୍ତୁ ପରିପୂର୍ଣ୍ଣ ସବୁଜ ବନାନୀ, ବିହଙ୍ଗପୂର୍ଣ୍ଣ ଚିଲିକା ହ୍ରଦ, କମନୀୟ ହସ୍ତଶିଳ୍ପ ସାମଗ୍ରୀ ଇତ୍ୟାଦି ଓଡ଼ିଶାକୁ ଏକ ଦର୍ଶନୀୟ ରାଜ୍ୟରେ ପରିଣତ କରିଛି ।

ଆଜି ଓଡ଼ିଶା ଭ୍ରମଣ କ୍ଷେତ୍ରରେ ବହୁ ଅସୁବିଧା ଦୂର ହୋଇପାରିଛି ! ବର୍ତ୍ତମାନ ବିଭିନ୍ନ ପ୍ରକାରର ବିମାନ ଓ ଦ୍ରୁତଗାମୀ ରେଳ ଦ୍ୱାରା ଓଡ଼ିଶାର ବିଭିନ୍ନ ସହର, ଭାରତର ବଡ଼ ବଡ଼ ସହର ଓ ନଗରମାନଙ୍କ ସହିତ ସଂଯୁକ୍ତ । ଓଡ଼ିଶା ଭିତରେ ଭ୍ରମଣ କରିବା ପାଇଁ ଆରାମଦାୟକ ବସ୍ କାର୍‌ର ବ୍ୟବସ୍ଥା ରହିଛି । ରାତିଯାପନ ପାଇଁ ଉତ୍ତମ ହୋଟେଲ, ପାନ୍ଥନିବାସ, ପାନ୍ଥଶାଳା, ଯାତ୍ରୀ ନିବାସ ଇତ୍ୟାଦି ସୁବିଧା କରାଯାଇଛି । ପର୍ଯ୍ୟଟକମାନଙ୍କୁ ଆବଶ୍ୟକ ସାହାଯ୍ୟ ଓ ସୂଚନା ଯୋଗାଇ ଦେବା ପାଇଁ ପର୍ଯ୍ୟଟନ କାର୍ଯ୍ୟାଳୟ ଓ ପର୍ଯ୍ୟଟନ ସୂଚନା କେନ୍ଦ୍ରମାନ ରେଳ ଷ୍ଟେସନ୍, ବିମାନ ବନ୍ଦର ଓ ଅନ୍ୟାନ୍ୟ ସ୍ଥାନମାନଙ୍କରେ ଖୋଲାଯାଇଛି । ପର୍ଯ୍ୟଟନ ବିଭାଗ ଓ ଓଡ଼ିଶା ପର୍ଯ୍ୟଟନ ନିଗମ ଦ୍ୱାରା ରାଜ୍ୟର ପର୍ଯ୍ୟଟନ ବ୍ୟବସ୍ଥାର ଉନ୍ନତିକରଣ କରାଯାଇଛି ଯଦ୍ୱାରା ବିଗତ କେତେ ବର୍ଷ ମଧ୍ୟରେ ରାଜ୍ୟକୁ ପର୍ଯ୍ୟଟନ ଆଗମନ ସଂଖ୍ୟା ଆଶାତୀତ ଭାବରେ ବୃଦ୍ଧି ପାଇଛି । ଏହାକୁ ଅଧିକରୁ ଅଧିକ ଲୋକପ୍ରିୟ କରିବା ପାଇଁ ସମସ୍ତ ପ୍ରକାର ପ୍ରଚେଷ୍ଟା କରାଯାଇଛି ।

ପର୍ଯ୍ୟଟକମାନେ ଆମର ସମ୍ମାନିତ ଅତିଥି । ଆମର ଅମାୟିକ ବ୍ୟବହାର ଆତିଥ୍ୟ ସେମାନଙ୍କର ଭ୍ରମଣକୁ ଅଧିକ ସ୍ମରଣୀୟ କରିବ । ତେଣୁ ଓଡ଼ିଶା ଭ୍ରମଣରେ ଆସୁଥିବା ପ୍ରତ୍ୟେକ ପର୍ଯ୍ୟଟକଙ୍କୁ ଆତିଥ୍ୟ ଡୋରିରେ ବାନ୍ଧି ରଖିବା ଆମର ଆଭିମୁଖ୍ୟ । ଓଡ଼ିଶା ଭାରତବର୍ଷର ପର୍ଯ୍ୟଟନ ବିକାଶର କେନ୍ଦ୍ରବିନ୍ଦୁ ହେଉ, ଏହା ମଧ୍ୟ ଆମ ସମସ୍ତଙ୍କର ଲକ୍ଷ୍ୟ ।



ବ୍ରହ୍ମଗିରିଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଏକ ଜନ ସମାବେଶରେ ଉଦ୍‌ବୋଧନ ଦେଉଛନ୍ତି ।

OGP-MP-PTS (I&PR) 45-10,000-16-11-1995



ସୂଚନା ଭବନଠାରେ ଓଡ଼ିଶା ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ମାନ୍ୟବର ରାଜ୍ୟପାଳ ଶ୍ରୀ ଗୋପାଳ ରାମାନୁଜମ ଓଡ଼ିଆ ସାହିତ୍ୟର ଜଣେ ପ୍ରଖ୍ୟାତ ସମାଲୋଚକ ଡକ୍ଟର ନଟବର ସାମନ୍ତରାୟଙ୍କୁ ଅତିବଡ଼ୀ ଜଗନ୍ନାଥ ପୁରସ୍କାର-୯୫ ପ୍ରଦାନ କରୁଛନ୍ତି ।



ସୂଚନା ଭବନଠାରେ ଆୟୋଜିତ ଏକ ଉତ୍ସବରେ ସଂସ୍କୃତି ମନ୍ତ୍ରୀ ଶ୍ରୀ ଭୂପିନ୍ଦର ସିଂହ ଶ୍ରୀପତି ବିପ୍ରଚରଣ ମହାନ୍ତିଙ୍କୁ ଧର୍ମପଦ ପୁରସ୍କାର ପ୍ରଦାନ କରି ସମ୍ବର୍ଦ୍ଧିତ କରୁଛନ୍ତି ।

Licence No. BNPPP—01/95—Licensed to post without Pre-payment



ରବୀନ୍ଦ୍ର ମଣ୍ଡପଠାରେ ତାମିଲ ସଙ୍ଗମ ଆନୁକୂଲ୍ୟରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ମାନ୍ୟବର ରାଜ୍ୟପାଳ ଶ୍ରୀ ଗୋପାଳ ରାମାନୁଜମ୍ ଓ ତାଙ୍କ ସହଧର୍ମିଣୀ ଶ୍ରୀମତୀ ବି. ଆର୍. କାନନ୍‌ମାଲ ଉପଭୋଗ କରୁଛନ୍ତି ।



ସଚିବାଳୟ ସମ୍ମିଳନୀ କକ୍ଷରେ ଆହୂତ ରାଜ୍ୟସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଅଧ୍ୟକ୍ଷତା କରୁଛନ୍ତି ।

# ଉତ୍କଳ ପ୍ରସଙ୍ଗ

ନଭେମ୍ବର ୧୯୯୪

